# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୭/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, February 17/2026 | Page 14 | ₹ 7.00

୫୨ଶ ଭାଗ ୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 85 | ମୂଲ୍ୟ ₹୭/-







## ୮ରେ ସୁଭଦ୍ରା ଟଙ୍କା

**କାକଟପୁର/ଅସ୍ତରଙ୍ଗ,୧୬।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

ମହିଳାଙ୍କ ପାଇଁ ଖୁସି ଖବର। ଆସନ୍ତା ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଟଙ୍କା ପ୍ରଦାନ କରାଯିବ। ସରକାର ଏକାଥରେ କୋଟିଏ ମହିଳାଙ୍କ ଖାତାକୁ ୫ ହଜାର ଟଙ୍କା ଲେଖାଏ ପଠାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର କାକଟପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଟଙ୍କା ଦିଆଯାଇଥିଲା। ସେମାନେ ଏକସଙ୍ଗେ ଦୁଇଟି କିସ୍ତି ପାଇଛନ୍ତି। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆଯାଇଥିଲା।



ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପୁର୍ଲା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟ ଫାଟକରେ ସୋମବାର ତାଲା ପଡ଼ିଥିବାରୁ ଛାତ୍ରୀଛାତ୍ର ରାସ୍ତାରେ ବସି ପାଠ ପଢୁଛନ୍ତି। **(ରିପୋର୍ଟ: ପୃଷ୍ଠା-୭)**

## ଭବେଶ ପାତ୍ର ଓଡ଼ିଶା ଟପ୍ପର

### ପ୍ରକାଶ ପାଇଲା ଜେଇଇ ମେନ୍ ରେଜଲ୍ଟ

### ଦିଲ୍ଲୀ (ଏନ୍‌ସିଟି)ର ଶ୍ରେୟାସ ମିଶ୍ର ସର୍ବଭାରତୀୟ ଟପ୍ପର

**ଭୁବନେଶ୍ୱର,୧୬।୨ (ସୁଚିସ୍ମିତା ସାହୁ)**



ଭବେଶ ପାତ୍ର

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ୨୦୨୬ ପ୍ରଥମ ସେସନର ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଜେଇଇ ପେପର-୧ (ବିଇ/ବିଟେକ) ପରୀକ୍ଷାରେ ୧୨ଜଣ ଛାତ୍ରୀଛାତ୍ର ଶତ ପ୍ରତିଶତ ମାର୍କ ରଖିଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଆ ପୁଅ ଭବେଶ ପାତ୍ର ସର୍ବଭାରତୀୟସ୍ତରରେ ୬ ନମ୍ବର ସ୍ଥାନରେ ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି। ଦିଲ୍ଲୀ (ଏନ୍‌ସିଟି)ର ଶ୍ରେୟାସ ମିଶ୍ର ପ୍ରଥମ ସ୍ଥାନରେ ରହିଥିବା ବେଳେ ଆନ୍ଧ୍ରପ୍ରଦେଶର ନରେନ୍ଦ୍ରବାବୁ ଗାରୀ ମାହିଥ ଦ୍ୱିତୀୟ, ବିହାରର ଶୁଭମ କୁମାର ତୃତୀୟ, ରାଜସ୍ଥାନର କବୀର ଛିଲ୍ଲାର ଚତୁର୍ଥ, ରାଜସ୍ଥାନର ଚିରଞ୍ଜୀବ କର ପଞ୍ଚମ, ହରିୟାଣାର ଅନୟ ଜୈନ ସପ୍ତମ, ରାଜସ୍ଥାନର ଅର୍ଣ୍ଣବ ଗୌତମ ଅଷ୍ଟମ, ଆନ୍ଧ୍ରପ୍ରଦେଶର ପସାଲ ମୋହିଥ ନବମ, ମହାରାଷ୍ଟ୍ରର ମାଧବ ଭିରାଦିଆ ଦଶମ, ଗୁଜରାଟର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଗାଈ ସଂଗ୍ରହାଳୟ

# ସିବିଏସ୍‌ଇ ଦଶମ: ପ୍ରଥମ ବୋର୍ଡ ପରୀକ୍ଷା ବାଧ୍ୟତାମୂଳକ

**ଆଜିଠୁ ଆରମ୍ଭ ହେଉଛି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ)୧୦ମ ଶ୍ରେଣୀ ପରୀକ୍ଷା । ନୂଆ ନୀତି ଅନୁସାରେ ଚଳିତ ବର୍ଷଠାରୁ ଦୁଇଟି ବୋର୍ଡ ପରୀକ୍ଷା ହେବ । ଯେଉଁ ପରୀକ୍ଷାର୍ଥୀ ପ୍ରଥମ ବୋର୍ଡ ପରୀକ୍ଷା ଦେଇଥିବେ ସେମାନଙ୍କୁ କେବଳ ଦ୍ୱିତୀୟ ବୋର୍ଡ ପରୀକ୍ଷା ଲାଗି ଅନୁମତି ମିଳିବ । ଅର୍ଥାତ୍ ଅଧିକ ନମ୍ବର ପାଇଁ ପ୍ରଥମ ବୋର୍ଡ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଲାଙ୍ଗୁଏଜ (ଭାଷା)ପେପର ମଧ୍ୟରୁ ଯେକୌଣସିରୁ ୩ଟି ବିଷୟରେ ଦ୍ୱିତୀୟ ବୋର୍ଡ ପରୀକ୍ଷା ଦେଇପାରିବେ । ପ୍ରଥମ ବୋର୍ଡ ପରୀକ୍ଷା ଦେଇ ନ ଥିବା ପରୀକ୍ଷାର୍ଥୀଙ୍କୁ 'ଏସେନସିଆଲ ରିପିଟ୍' ବର୍ଗରେ ରହିବାକୁ ପଡ଼ିବ । ଏମାନଙ୍କୁ ଚଳିତ ବର୍ଷ ଦ୍ୱିତୀୟ ବୋର୍ଡ ପରୀକ୍ଷା ବଦଳରେ ଆସନ୍ତା ବର୍ଷ ପ୍ରଥମ ବୋର୍ଡ ପରୀକ୍ଷା ଲାଗି ଅନୁମତି ମିଳିବ ବୋଲି ସିବିଏସ୍‌ଇ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି ।**

## ଚଳିତ ବର୍ଷରୁ ୨ଟି ବୋର୍ଡ ପରୀକ୍ଷା



**ଭୁବନେଶ୍ୱର,୧୬।୨(ସୁଚିସ୍ମିତା ସାହୁ)**

ଚଳିତ ଶିକ୍ଷାବର୍ଷଠାରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ପକ୍ଷରୁ ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦୁଇଥର କରାଯିବ। ଏଥିସହ ପ୍ରଥମ ବୋର୍ଡ ପରୀକ୍ଷା ବାଧ୍ୟତାମୂଳକ ରହିବ ଓ ଏହାକୁ ମୁଖ୍ୟ ପରୀକ୍ଷା ଭାବେ ବିବେଚନା କରାଯିବ। ଏ ସଂକ୍ରାନ୍ତରେ ସିବିଏସ୍‌ଇ ପକ୍ଷରୁ ନୋଟିଫିକେଶନ ସହ ସ୍ପଷ୍ଟୀକରଣ ଦିଆଯାଇଛି। ମଙ୍ଗଳବାର ୧୭ ତାରିଖରୁ ଆରମ୍ଭ ହେଉଥିବା ପ୍ରଥମ ଦଶମ ବୋର୍ଡ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ପ୍ରଥମ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ବୋର୍ଡ ପରୀକ୍ଷା ଦେବାକୁ ଅନୁମତି ମିଳିବ। ସେମାନେ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଲାଙ୍ଗୁଏଜ (ଭାଷା) ପେପର ଭିତରୁ ଯେକୌଣସି ୩ଟି ବିଷୟରେ ଅଧିକ ନମ୍ବର ପାଇଁ ପରୀକ୍ଷା ଦେଇପାରିବେ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ବୋର୍ଡରେ ୩ଟି କିମ୍ବା ତା'ଠାରୁ ଅଧିକ ବିଷୟରେ ପରୀକ୍ଷା ଦେଇ ନ ଥିବେ, ସେମାନଙ୍କୁ ଦ୍ୱିତୀୟ ବୋର୍ଡ ପରୀକ୍ଷା ପାଇଁ ଅନୁମତି ଦିଆଯିବ ନାହିଁ। ପ୍ରଥମ ବୋର୍ଡ ☞ପୃଷ୍ଠା-୪

### ଆଜିଠୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ଚଳିତବର୍ଷ ଉଭୟ ଶ୍ରେଣୀରେ ପ୍ରାୟ ୪୩ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଦଶମ ଶ୍ରେଣୀରେ ୨୫ ଲକ୍ଷ ୮ ହଜାରରୁ ଅଧିକ ପରୀକ୍ଷାର୍ଥୀ ରହିଥିବାବେଳେ ଦ୍ୱାଦଶରେ ୧୮ଲକ୍ଷ ୫୯ ହଜାରରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଛନ୍ତି। ପୂର୍ବାହ୍ନ ସାଢ଼େ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ସାଢ଼େ ୧ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ଆରମ୍ଭର ୧୫ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ଦିଆଯିବ। ଛାତ୍ରୀଛାତ୍ରମାନେ ୩୦ ମିନିଟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ସିବିଏସ୍‌ଇ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଖୁବ୍‌ଶୀଘ୍ର ରତ୍ନଭଣ୍ଡାର ଗଣତିମଣତି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)**



ମୋହନ ଚରଣ ମାଝୀ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକ୍ୟର ଗଣତିମଣତି ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୋମବାର ରତ୍ନଭଣ୍ଡାର ଗଣତିମଣତି ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଛନ୍ତି। ସୂଚନାଯୋଗ୍ୟ, ଗଣତିମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷ ହୋଇସାରିଛି। ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଇତିମଧ୍ୟରେ ସରିଛି। ସମଗ୍ର ପ୍ରକ୍ରିୟା ୯୫ ଦିନରେ ଓ ୩୩୩ ଘଣ୍ଟାର କାମରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଛି। ବର୍ତ୍ତମାନ ଗଣତିମଣତି ପାଇଁ ଶ୍ରୀମନ୍ଦିର ☞ପୃଷ୍ଠା-୪






## କାହାରିକୁ ଭରସା କରନାହିଁ

### ବିବାହ ପୂର୍ବ ଶାରୀରିକ ସମ୍ପର୍କ ନେଇ ସୁପ୍ରିମକୋର୍ଟଙ୍କ ସତର୍କତା

**ନୂଆଦିଲ୍ଲୀ,୧୬।୨**

ବିବାହ ପୂର୍ବରୁ ନାରୀ ଓ ପୁରୁଷଙ୍କ ଶାରୀରିକ ସମ୍ପର୍କକୁ ନେଇ ସୁପ୍ରିମକୋର୍ଟ ସୋମବାର ବଡ଼ ଟିପ୍ପଣୀ ଦେଇଛନ୍ତି। ପୁରୁଷ ହୁଅନ୍ତୁ କି ନାରୀ, ବିବାହ ବନ୍ଧନରେ ଆବଦ୍ଧ ହେବା ପୂର୍ବରୁ ସବୁକିଛିକୁ ଅନ୍ଧ ଭାବେ ବିଶ୍ୱାସ ନ କରିବା ଉଚିତ। ବିବାହ ପୂର୍ବରୁ ପୁରୁଷ ଓ ନାରୀ ପରସ୍ପରକୁ ଜାଣି ନ ଥିଲାବେଳେ ସେମାନେ କିଭଳି ଶାରୀରିକ ସମ୍ପର୍କ ରଖିପାରିବେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ବିବାହ ପ୍ରତିଶ୍ରୁତି ପାଇ ଜଣେ ମହିଳା ସମ୍ପୃକ୍ତ ପୁରୁଷଙ୍କ ସହ ଶାରୀରିକ ସମ୍ପର୍କ ରଖି ପରେ ଠକାମିରେ ପଡ଼ିବା ସମ୍ବନ୍ଧୀୟ ଏକ ମାମଲାର ଶୁଣାଣି କରିବା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଏହି ଟିପ୍ପଣୀ କରିଛନ୍ତି। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ଏକ ବଳାତ୍କାର ମାମଲାର ଶୁଣାଣି କରି କହିଛନ୍ତି, ଆମେ ପୁରୁଣା କାଳର ମାନସିକତାରେ ଚାଲିଥାଇପାରୁ। କିନ୍ତୁ ବିବାହ ପୂର୍ବରୁ ଜଣେ ନାରୀ ଏବଂ ପୁରୁଷ କିଭଳି ଶାରୀରିକ ସମ୍ପର୍କ ରଖିପାରିବେ, ତାହା ବିଶ୍ୱାସ କରିପାରୁ ନାହୁଁ । ନାରୀ ହୁଅନ୍ତୁ କିମ୍ବା ପୁରୁଷ, ବିବାହ ପୂର୍ବରୁ ଉଭୟଙ୍କ ମଧ୍ୟରେ ଯେତେ ନିବିଡ଼ତା ବଢୁ ନା କାହିଁକି, କେହି ବି କାହାରିକୁ ଅନ୍ଧ ଭାବେ ବିଶ୍ୱାସ ନ କରିବା ଉଚିତ ବୋଲି ସମ୍ପୃକ୍ତ ଖଣ୍ଡପୀଠ ସତର୍କ କରାଇ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜଣେ ପୁରୁଷ ଏବଂ ଜଣେ ମହିଳାଙ୍କ ମଧ୍ୟରେ ୨୦୨୨ରେ ଏକ ମାଟ୍ରିମୋନିଆଲ ୱେବ୍‌ସାଇଟ୍‌ରେ ପରିଚୟ ହୋଇଥିଲା। ଏହାପରେ ସେମାନେ ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ପରେ ସେମାନଙ୍କ ମଧ୍ୟରେ ନିବିଡ଼ତା ବଢ଼ିବା ସହିତ ସେମାନେ ଦିଲ୍ଲୀ ଏବଂ ଦୁବାଇ ବୁଲିବା ବାହାନାରେ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ଏହି ସମୟରେ ପୁରୁଷ ଜଣକ ମହିଳାଙ୍କ ଅଗୋଚରରେ ସବୁ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ପରବର୍ତ୍ତୀ ☞ପୃଷ୍ଠା-୪




**ଚାଇନାରେ ବିସ୍ଫୋରଣ, ୮ ମୃତ**

ପୂର୍ବ ଚାଇନାରେ ଆତସବାଜି ପ୍ରଦର୍ଶନ ବେଳେ ବିସ୍ଫୋରଣ ଘଟିବାରୁ ୮ ଜଣଙ୍କ ମୃତ୍ୟୁ ହେବା ସହିତ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଫେବୃଆରୀ ୧୭ ତାରିଖରେ 'ଲୁନାର ନ୍ୟୁ ଇୟର' ପାଳନ ପୂର୍ବରୁ ଆତସବାଜି କାର୍ଯ୍ୟକ୍ରମ କରାଯାଇଥିଲା। କିନ୍ତୁ ଏହି ସମୟରେ ପ୍ରଚଣ୍ଡ ବିସ୍ଫୋରଣ ଘଟି ନିଆଁ ଦୁଇଟି ଗାଁକୁ ବ୍ୟାପି ଯାଇଥିଲା। ଏହି ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲା।



**ତଥ୍ୟ ସୁରକ୍ଷା ଆଇନକୁ ଚ୍ୟାଲେଞ୍ଜ**

## କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ,୧୬।୨

ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା (ଡିପିଡିପି) ଆଇନ, ୨୦୨୩ର ବିଭିନ୍ନ ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଅନେକ ପିଟିଶନ ଦାଏର ହୋଇଥିବାବେଳେ ସୁପ୍ରିମକୋର୍ଟ ସେଗୁଡ଼ିକୁ ଅନୁଧ୍ୟାନ କରିବା ପାଇଁ ସୋମବାର ରାଜି ହୋଇଛନ୍ତି। ଏଥିସହିତ ଅଦାଲତ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ତେବେ ଆଇନର ବିବାଦୀୟ ବ୍ୟବସ୍ଥା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଶୁଣାଣି ନ କରିବା ପର୍ଯ୍ୟନ୍ତ ଆମେ ଅନ୍ତରୀଣ ଆଦେଶ ବଳରେ ପାର୍ଲାମେଣ୍ଟ ଦ୍ୱାରା ପ୍ରଣିତ ଆଇନ ବ୍ୟବସ୍ଥାକୁ ଅଟକାଇବୁ ନାହିଁ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍. ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି।

ଡିଜିଟାଲ ନ୍ୟୁଜ୍ ପ୍ଲାଟ୍‌ଫର୍ମ 'ଦି ରିପୋର୍ଟ୍ସ କଲେକ୍ଟିଭ୍' ତରଫରୁ ଭେଙ୍କଟେଶ ନାୟକ, ଖବରଦାତା ନୀତିନ ସେଠୀ ଏବଂ ନ୍ୟାଶନାଲ କ୍ୟାମ୍ପେନ୍ ଫର୍ ପିପୁଲ୍ସ ରାଇଟ୍ ଟୁ ଇନ୍‌ଫର୍ମେଶନ (ଏନ୍‌ସିପିଆର୍‌ଆଇ) ଦାଏର କରିଥିବା ପିଟିଶନଗୁଡ଼ିକୁ ଅଦାଲତ ବୃହତ୍ତର ପୀଠକୁ ପଠାଇଦେଇଛନ୍ତି।

## ଭାରତରେ ଶୋ' କରିବେ ଗ୍ଲୋବାଲ ମ୍ୟୁଜିକ୍ ଆଇକନ୍ କାନିଏ ୱେଷ୍ଟ



ନୂଆଦିଲ୍ଲୀ,୧୬।୨

ଗ୍ଲୋବାଲ ମ୍ୟୁଜିକ୍ ଆଇକନ୍ କାନିଏ ୱେଷ୍ଟ ଆସନ୍ତା ମାର୍ଚ୍ଚରେ ଭାରତରେ ଶୋ' କରିବେ। ଏଥିନେଇ ସବୁକିଛି ଚୂଡ଼ାନ୍ତ ହେବା ସହିତ ଭାରତରେ ତାଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୋମବାର ଘୋଷଣା କରାଯାଇଛି। ୨୪ଥର ପ୍ରସିଦ୍ଧ ଗ୍ରାମି ଆୱାର୍ଡରେ ସମ୍ମାନିତ ଏବଂ ବର୍ତ୍ତମାନ ରାପର୍ ୟେ ଭାବେ ବିଶ୍ୱବ୍ୟାପୀ ପରିଚିତ କାନିଏ ମାର୍ଚ୍ଚ ୨୯ରେ ଦିଲ୍ଲୀର ଜବାହାରଲାଲ ନେହରୁ ଷ୍ଟାଡିୟମରେ ତାଙ୍କ ଶୋ' କରିବେ। ଏହି ଘୋଷଣା ପରେ ଭାରତରେ ତାଙ୍କର ଅନେକ ଲକ୍ଷ ପ୍ରଶଂସକ ଏବଂ ସଙ୍ଗୀତପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ହ୍ୱାଇଟ୍ ଫକ୍ସ, ପ୍ଲସ୍ ଏଣ୍ଟରଟେନ୍‌ମେଣ୍ଟ ଏବଂ ୱିଜ୍‌କ୍ରାଫ୍ଟ ଭଳି ପ୍ରମୁଖ ୩ ଆୟୋଜକ ସଂସ୍ଥା ଦିଲ୍ଲୀରେ କାନିଏଙ୍କ ଶୋ' ଆୟୋଜନ କରିଛନ୍ତି। ଏହି ଶୋ' ପାଇଁ ଚଳିତ ମାସ ୧୮ ତାରିଖରୁ ଜମାଟୋରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଏଭଳି କୌଣସି ପ୍ରସିଦ୍ଧ ସଙ୍ଗୀତକାର ଏବଂ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭାରତରେ ପ୍ରଥମଥର ପାଇଁ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାରୁ ସବୁ ମହଲରେ ଉତ୍ସାହ ବୃଦ୍ଧିପାଇଛି।

## ରାଜପାଲ ଯାଦବଙ୍କୁ ଅନ୍ତରୀଣ ଜାମିନ



ନୂଆଦିଲ୍ଲୀ,୧୬।୨

ଚେକ୍ ବାଉନ୍ସ ମାମଲାରେ ତିହାର ଜେଲରେ ଥିବା ବଲିଉଡ ହାସ୍ୟାଭିନେତା ରାଜପାଲ ଯାଦବ ୧.୫ କୋଟି ଟଙ୍କା ଜମା କରିବା ପରେ ଦିଲ୍ଲୀ ହାଇକୋର୍ଟ ସୋମବାର ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ପାରିବାରିକ ବିବାହ ଥିବା ଦର୍ଶାଇ ସେ ଜାମିନ ପାଇଁ ଆବେଦନ କରିଥିଲେ। ସୋମବାର ଅପରାହ୍ନ ୩ଟା ସୁଦ୍ଧା ୧.୫ କୋଟି ଟଙ୍କା ଜମା କରିବାକୁ କୋର୍ଟ ରାଜପାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ପ୍ରତିବାଦୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବା ପରେ ଜାମିନ ପାଇଛନ୍ତି। ଏଥିସହିତ ତାଙ୍କୁ ୧ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବଣ୍ଡ୍ ଏବଂ ସମପରିମାଣର ସିଓରିଟି ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତରୀଣ ଜାମିନ ଫଳରେ ଅଭିନେତା ମାର୍ଚ୍ଚ ୧୮ ପର୍ଯ୍ୟନ୍ତ ଜେଲ ବାହାରେ ରହିବେ।



ନୂଆଦିଲ୍ଲୀରେ ଆୟୋଜିତ ଜନସଂସଦରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅସ୍ଥାୟୀ କର୍ମଚାରୀମାନଙ୍କ ପ୍ରତିନିଧିଙ୍କ ସହ ବୈଠକ କରୁଛନ୍ତି।

# 'କୃତ୍ରିମ ବୁଦ୍ଧିମତ୍ତା: ପରିବର୍ତ୍ତନ ଧାରାରେ ଭାରତ ଅଗ୍ରଣୀ'

**ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ**

ନୂଆଦିଲ୍ଲୀ,୧୬।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଷ୍ଟଲ୍ ବୁଲିବା ସହ ପ୍ରଦର୍ଶନୀରେ ଭାଗ ନେଇଥିବା କମ୍ପାନୀଗୁଡ଼ିକ ସହ କଥା ହୋଇଛନ୍ତି। ଷ୍ଟାର୍ଟଅପ୍‌ଗୁଡ଼ିକ ସହିତ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି। ବିଭିନ୍ନ ଦେଶ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ସେମାନଙ୍କ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରିବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲାବେଳେ ଫେବୃଆରୀ ୧୬ରୁ ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ନୀତି ପ୍ରଣୟନକାରୀ, ଶିଳ୍ପ ନେତୃବୃନ୍ଦ ଏବଂ ପ୍ରଯୁକ୍ତି ନବପ୍ରବର୍ତ୍ତନକାରୀମାନଙ୍କୁ ଏକାଠି କରିଛି।

ଏକ୍ସପୋରେ ଉଚ୍ଚ ସମ୍ଭାବନା ଥିବା ୬୦୦ରୁ ଉର୍ଦ୍ଧ୍ୱ ଷ୍ଟାର୍ଟଅପ୍ ଏବଂ ୧୩ଟି ଦେଶର ମଞ୍ଚ ଏଆଇ ଇକୋସିଷ୍ଟମ୍‌ରେ ଅନ୍ତର୍ଜାତୀୟ ସହଯୋଗ ପ୍ରଦର୍ଶନ କରିଛନ୍ତି। ୭୦ ହଜାର ବର୍ଗମିଟରରୁ ଉର୍ଦ୍ଧ୍ୱ ସ୍ଥାନରେ ଆୟୋଜିତ ଏହି ପ୍ରଦର୍ଶନୀରେ ଅଷ୍ଟ୍ରେଲିଆ, ଜାପାନ, ରୁଷିଆ, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲାଣ୍ଡସ୍, ସୁଇଜରଲାଣ୍ଡ, ସର୍ବିୟା, ଇଷ୍ଟୋନିଆ, ତାଜିକିସ୍ତାନ ଏବଂ ଆଫ୍ରିକାର ମଞ୍ଚ ରହିଛି। ପ୍ରଦର୍ଶନୀ ବୈଶ୍ୱିକ ପ୍ରଯୁକ୍ତି ଶିଳ୍ପ, ଷ୍ଟାର୍ଟଅପ୍, ଶିକ୍ଷାବିତ୍ ଏବଂ ଗବେଷଣା ପ୍ରତିଷ୍ଠାନ, କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କୁ ଏକାଠି କରିଛି। ପ୍ରଧାନମନ୍ତ୍ରୀଙ୍କ ଆମନ୍ତ୍ରଣକ୍ରମେ ବହୁ ବିଶ୍ୱ ନେତା ଏଆଇ ଇମ୍ପାକ୍ଟ ସମିଟ୍‌ରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା ରହିଛନ୍ତି। ୪୫ରୁ ଉର୍ଦ୍ଧ୍ୱ ଦେଶରୁ ମନ୍ତ୍ରୀସ୍ତରୀୟ ପ୍ରତିନିଧି ସମିଟ୍‌ରେ ଯୋଗଦେବେ। ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ସମେତ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଭାଗନେବେ। ପ୍ରଧାନମନ୍ତ୍ରୀ ସମିଟ୍‌କୁ ଉଦ୍‌ବୋଧନ ଦେବା ସହ ସିଇଓମାନଙ୍କ ସହ ଆଲୋଚନା କରିବେ।

ପ୍ରଦର୍ଶନୀ ଉଦ୍‌ଘାଟନ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଥିଲେ, କୃତ୍ରିମ ବୁଦ୍ଧିମତ୍ତାର ପରିବର୍ତ୍ତନ କ୍ଷେତ୍ରରେ ଭାରତ ସର୍ବାଗ୍ରେ ରହିଛି। ଏଆଇ କ୍ଷେତ୍ରରେ ଭାରତର ଅଗ୍ରଗତି ଏହାର ଉଚ୍ଚାକାଂକ୍ଷା ଓ ଦାୟିତ୍ୱବୋଧକୁ ପ୍ରତିଫଳିତ କରୁଛି। ଏଆଇ ଉପରେ ଆଲୋଚନା ପାଇଁ ସାରା ବିଶ୍ୱ ଏକାଠି ହୋଇଛନ୍ତି। ବିଶ୍ୱନେତା, ଶିଳ୍ପପତି, ନବପ୍ରବର୍ତ୍ତକ, ନୀତି ନିର୍ଦ୍ଧାରକ, ଗବେଷକ ଏବଂ ପ୍ରଯୁକ୍ତି ପ୍ରତି ଆଗ୍ରହୀ ବ୍ୟକ୍ତିମାନଙ୍କୁ ସମିଟ୍‌କୁ ସ୍ୱାଗତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସମିଟ୍‌ର ବିଷୟବସ୍ତୁ ରହିଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ଅର୍ଥାତ୍ ସମସ୍ତଙ୍କ ମଙ୍ଗଳ ଏବଂ ସୁଖ, ଯାହା ମାନବ କୈନ୍ଦ୍ରିକ ବିକଶ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରିବା ଲାଗି ଏକ ମିଳିତ ପ୍ରତିଶ୍ରୁତିବଦ୍ଧତା ବୋଲି ସେ କହିଛନ୍ତି।

ବିଶ୍ୱର ଏହି ସର୍ବବୃହତ୍ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ଉଦ୍‌ଘାଟନ ପୂର୍ବରୁ ସୋମବାର ଲୋକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଛି। ସହରରେ ଲଗାଯାଇଥିବା ବିଶାଳ ବିଲ୍‌ବୋର୍ଡଗୁଡ଼ିକ ଏଆଇ ଇମ୍ପାକ୍ଟ ସମିଟ୍‌କୁ ଅତିଥି, ପ୍ରତିନିଧି ଓ ବକ୍ତାମାନଙ୍କୁ ସ୍ୱାଗତ କରୁଛି। ଆଲଫାବେଟ୍‌ର ସୁନ୍ଦର ପିଚାଇଙ୍କଠାରୁ ଆରମ୍ଭ କରି ଓପନ୍ ଏଆଇର ସାମ୍ ଅଲ୍ଟମାନ୍ ଏବଂ ଆନ୍ଥ୍ରୋପିକ୍‌ର ଡାରିଓ ଆମୋଡେଇଙ୍କ ପର୍ଯ୍ୟନ୍ତ ବକ୍ତାମାନେ ଉଦ୍‌ବୋଧନ ଦେବାକୁ ଥିବାରୁ ଲୋକମାନଙ୍କ ମଧ୍ୟରେ ଆଗ୍ରହ ଲାଗିରହିଛି। ସମିଟ୍‌ର ଶେଷ ଦୁଇଦିନ ୧୯ ଓ ୨୦ରେ ୨୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରମୁଖ୍ୟ ଓ ସରକାରୀ ମୁଖ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି।



ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ଉଦ୍‌ଘାଟନ କରିବା ଅବସରରେ।

## ଆଜି ଶପଥ ନେବେ ରହମାନ

**ମନ୍ତ୍ରୀ ହୋଇପାରନ୍ତି ହିନ୍ଦୁ ଏମ୍‌ପି , ଇସ୍ତଫା ଦେଲେ ୟୁନୁସ୍**

ଢାକା,୧୬।୨

ବାଂଲାଦେଶରେ ମଙ୍ଗଳବାର ବିଏନ୍‌ପି (ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି) ସରକାର ଶପଥ ନେବ। ଦଳୀୟ ଅଧ୍ୟକ୍ଷ ତାରିକ୍ ରହମାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ସହିତ ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ମଧ୍ୟ ଶପଥ ନେବେ। ଏଥିପାଇଁ ସରକାରୀ ସ୍ତରରେ ବିଜ୍ଞପ୍ତି ଜାରି କରାଯାଇଛି। ରହମାନଙ୍କ ମନ୍ତ୍ରିମଣ୍ଡଳରେ ହିନ୍ଦୁ ଏମ୍‌ପି ଗୋଏଶ୍ୱର ଚନ୍ଦ୍ର ରୟ ସ୍ଥାନ ପାଇବାକୁ ଯାଉଛନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ନିର୍ବାଚନରେ ବିଏନ୍‌ପିର ୩ ହିନ୍ଦୁ ପ୍ରାର୍ଥୀ ବିଜୟୀ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗୋଏଶ୍ୱର ଢାକା-୩ ଆସନରୁ ଏମ୍‌ପି ହୋଇଥିଲେ। ଗୋଏଶ୍ୱର ଖାଲିଦା ଜିଆଙ୍କ ସରକାର ସମୟରେ ମନ୍ତ୍ରୀ ରହିଥିଲା ବେଳେ ଏବେ ବିଏନ୍‌ପିରେ ତାଙ୍କର ପ୍ରଭାବ ରହିଛି। ବିଏନ୍‌ପି ସରକାର ଶପଥ ନେବା ପୂର୍ବରୁ ସୋମବାର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।



ତାରିକ୍ ରହମାନ

## ଭାରତରେ ଶସ୍ୟକ୍ଷେତ୍ରରୁ ସବୁଜଗୃହ ବାଷ୍ପ ଉତ୍ସର୍ଜନ ଅଧିକ

ନୂଆଦିଲ୍ଲୀ,୧୬।୨(ପି.ଟି.)

ସାରା ବିଶ୍ୱରେ ଶସ୍ୟକ୍ଷେତ୍ରରୁ ସବୁଜଗୃହ ବାଷ୍ପ ଯେତିକି ଉତ୍ସର୍ଜନ ହେଉଛି, ତାହାର ୬୧ ପ୍ରତିଶତ ଭାରତ ସମେତ ୬ଟି ଦେଶରୁ ସୃଷ୍ଟି ହେଉଥିବା ଏକ ନୂଆ ଅଧ୍ୟୟନରେ ଆକଳନ କରାଯାଇଛି। ଅନ୍ୟ ଦେଶଗୁଡ଼ିକ ହେଲେ ଚାଇନା, ଇଣ୍ଡୋନେସିଆ, ଆମେରିକା, ଥାଇଲାଣ୍ଡ ଏବଂ ବ୍ରାଜିଲ। ନେଚର କ୍ଲାଇମେଟ୍ ଚେଞ୍ଜ୍ ପତ୍ରିକାରେ ପ୍ରକାଶିତ ଉକ୍ତ ଅଧ୍ୟୟନରେ କୃଷି ଉତ୍ସର୍ଜନକୁ ଫସଲ ଓ ଉତ୍ସ ଅନୁଯାୟୀ ବିଭାଜିତ କରାଯାଇଛି। ଉତ୍ସର୍ଜନର ହଟ୍‌ସ୍ପଟଗୁଡ଼ିକୁ ଚିହ୍ନଟ କରାଯିବା ସହ ଏହାକୁ କମାଇବାର ମାର୍ଗ ଦର୍ଶାଯାଇଥିବା ଗବେଷକମାନେ କହିଛନ୍ତି। ଅଧିକ ଖାଦ୍ୟ ଉତ୍ପାଦନକାରୀ ଅଞ୍ଚଳ ଅଧିକ ସବୁଜଗୃହ ବାଷ୍ପ ଉତ୍ସର୍ଜନ କରିଥାନ୍ତି। ଶସ୍ୟକ୍ଷେତ୍ର ଉତ୍ସର୍ଜନର ୪୩ ପ୍ରତିଶତ କେବଳ ଧାନଚାଷରୁ ହୋଇଥାଏ ବୋଲି ଅଧ୍ୟୟନରୁ ଜଣାପଡ଼ିଛି।

## ଜାନୁଆରୀରେ ବେରୋଜଗାରି ୫%କୁ ବଢ଼ିଛି

**ସର୍ଭେ ରିପୋର୍ଟ**

ନୂଆଦିଲ୍ଲୀ,୧୬।୨(ପି.ଟି.)

ଦେଶରେ ୧୫ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କ ମଧ୍ୟରେ ବେରୋଜଗାରି ହାର ଗତବର୍ଷ ଡିସେମ୍ବରରେ ୪.୮ ପ୍ରତିଶତ ଥିବାବେଳେ ଜାନୁଆରୀରେ ତାହା ୫ ପ୍ରତିଶତକୁ ବୃଦ୍ଧି ପାଇଥିବା ସୋମବାର ପ୍ରକାଶିତ ଏକ ସରକାରୀ ସର୍ଭେରୁ ଜଣାପଡ଼ିଛି। ଗତ ମାସରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବେରୋଜଗାରିରେ ସାମାନ୍ୟ ବୃଦ୍ଧି ଘଟିଥିବା ପିରିଅଡିକ୍ ଲେବର ଫୋର୍ସ୍ ସର୍ଭେ(ପିଏଲ୍‌ଏଫ୍‌ଏସ୍)ରେ କୁହାଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଶ୍ରମଶକ୍ତି ଅଂଶଗ୍ରହଣ ହାର(ଏଲ୍‌ଏଫ୍‌ପିଆର୍) ଏବଂ ଶ୍ରମିକ ଜନସଂଖ୍ୟା ଅନୁପାତ (ଡବ୍ଲୁପିଆର୍) ମଧ୍ୟ ତଥ୍ୟରୁ ଜଣାପଡ଼ିଛି। ଏଲ୍‌ଏଫ୍‌ପିଆର୍ ଏବଂ ଡବ୍ଲୁପିଆର୍ ହ୍ରାସ ପାଉଥିବାବେଳେ ଜାନୁଆରୀରେ ବେରୋଜଗାରି ହାର ବୃଦ୍ଧି ପାଇଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ କହିଛି। ଋତୁକାଳୀନ କାରଣ, ଅମଳ ପରେ ଲୋକଙ୍କ ହାତରେ କାମଧନ୍ଦା ନ ରହିବା ଏବଂ ନିରୁତ୍ସାହିତାର ପ୍ରଭାବ ଯୋଗୁ ନିଯୁକ୍ତି ହାର କମିଥିବା ସର୍ଭେରେ ଉଲ୍ଲେଖ କରାଯାଇଛି। ଶୀତଦିନରେ ଗ୍ରାମାଞ୍ଚଳରେ ନିର୍ମାଣ, କୃଷି ଆନୁଷଙ୍ଗିକ କାର୍ଯ୍ୟ, ପରିବହନ, କ୍ଷୁଦ୍ର ବ୍ୟବସାୟୀ ଇତ୍ୟାଦି ମାନ୍ଦା ପଡୁଥିବାବେଳେ ସହରାଞ୍ଚଳରେ ସ୍ଥିର ରହିଥାଏ।

ଗ୍ରାମାଞ୍ଚଳରେ ବେରୋଜଗାରି ହାର ଡିସେମ୍ବରରେ ୩.୯ ପ୍ରତିଶତ ଥିବାବେଳେ ଜାନୁଆରୀରେ ଏହା ୪.୨ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ସହରାଞ୍ଚଳରେ ୬.୭ ପ୍ରତିଶତରୁ ୭.୦ ପ୍ରତିଶତକୁ ବଢ଼ିଛି। ତେବେ ୧୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ପୁରୁଷଙ୍କ ମଧ୍ୟରେ ବେରୋଜଗାରି ହାର ଜାନୁଆରୀରେ ସ୍ଥିର ରହିଥିବାବେଳେ ସେହି ବୟସର ମହିଳାମାନଙ୍କ କ୍ଷେତ୍ରରେ ବେରୋଜଗାରି ହାର ଅଧିକ ରହିଛି। ମୋଟାମୋଟି ଭାବେ କମ୍ ଶ୍ରମଶକ୍ତି ଅଂଶଗ୍ରହଣ ହାର(ଏଲ୍‌ଏଫ୍‌ପିଆର୍) ଗତବର୍ଷ ଡିସେମ୍ବରରେ ୫୬.୧ ପ୍ରତିଶତ ଥିବାବେଳେ ଜାନୁଆରୀରେ ତାହା ୫୫.୯ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ଏହି ହାର ୫୯.୦%ରୁ ୫୮.୭%କୁ କମିଥିବାବେଳେ ସହରାଞ୍ଚଳରେ ୫୦.୨%ରୁ ୫୦.୩%କୁ ବୃଦ୍ଧି ପାଇଛି। ଜାନୁଆରୀରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ୩୫.୧% ରହିଛି। ଗ୍ରାମାଞ୍ଚଳରେ ମହିଳା ଏଲ୍‌ଏଫ୍‌ପିଆର୍ ୩୯.୭% ଥିବାବେଳେ ସହରାଞ୍ଚଳରେ ୨୫.୫% ଥିବା ଜଣାପଡ଼ିଛି।

## କଂଗ୍ରେସକୁ ପୁଣି ଅଡୁଆରେ ପକାଇଲେ ମଣିଶଙ୍କର

ନୂଆଦିଲ୍ଲୀ,୧୬।୨

କଂଗ୍ରେସର ବର୍ଷୀୟାନ ନେତା ମଣିଶଙ୍କର ଆୟାର ପୁଣିଥରେ ଦଳକୁ ଅଡୁଆରେ ପକାଇଛନ୍ତି। ସେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତ୍‌କାରରେ ଦଳର ଆଭ୍ୟନ୍ତରୀଣ ବ୍ୟାପାର ଏବଂ କିଛି ନେତାଙ୍କୁ ନେଇ ଯାହା କହିଛନ୍ତି, ସେଥିରେ ଦଳକୁ ଲଜ୍ଜିତ ହେବାକୁ ପଡ଼ିଛି। ଆଗକୁ କେରଳ ସମେତ ଅନ୍ୟ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ କଂଗ୍ରେସ ଏବେଠାରୁ ସତର୍କ ରହିବା ସହିତ ଦଳୀୟ ସଂହତିକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। କିନ୍ତୁ ମଣିଶଙ୍କର ଗତ ରବିବାର କେରଳରେ ଏକ ସାଧାରଣ ସଭାରେ ପିନାରୟୀ ବିଜୟନ୍‌ଙ୍କୁ ପ୍ରଶଂସା କରି ତାଙ୍କ ସରକାର ପୁଣି କ୍ଷମତାକୁ ଫେରିବ ବୋଲି କହିବା କଂଗ୍ରେସ ପ୍ରତି କୁଠାରାଘାତ ହୋଇଛି। କେବଳ ସେତିକି ନୁହେଁ, ମଣିଶଙ୍କର ଜୟରାମ ରମେଶ, ପଓ୍ୱନ ଖେଡ଼ା,ଶଶୀ ଥରୁର୍ ଏବଂ ରାହୁଲଙ୍କ ପ୍ରତି ମଧ୍ୟ ଶକ୍ତ ଟିପ୍ପଣୀ ଦେଇଛନ୍ତି। ପଓ୍ୱନ ଖେଡ଼ା ଦଳର ପ୍ରବକ୍ତା ନୁହନ୍ତି ବରଂ ଏକ ଶୁଆ ଭଳି କାର୍ଯ୍ୟ କରୁଛନ୍ତି। ଜୟରାମ ଯାହା କହୁଛନ୍ତି ତାହାକୁ ସେ କେବଳ ଦୋହରାଉଛନ୍ତି। ଯଦି ଖେଡ଼ା ତାଙ୍କୁ ଦଳରୁ ନିଲମ୍ବନ କରନ୍ତି ,ତେବେ ସେ ଖୁସିରେ ବାହାରିଯିବେ। କିନ୍ତୁ ଦଳରୁ ଯିବା ପରେ ଖେଡ଼ାଙ୍କ ପିଠିରେ ଆଘାତ କରିବାକୁ ପଛାଇବେ ନାହିଁ ବୋଲି ମଣିଶଙ୍କର କହିଛନ୍ତି। ସେହିପରି ଦଳୀୟ ନେତୃତ୍ୱକୁ ନେଇ ସେ ରାହୁଲଙ୍କ ପ୍ରତି କଟାକ୍ଷ କରିବା ସହିତ ' ମୁଁ ଗାନ୍ଧିବାଦୀ, ନେହେରୁବାଦୀ, ରାଜୀବବାଦୀ କିନ୍ତୁ ରାହୁଲବାଦୀ ନୁହେଁ ' ବୋଲି କହିଛନ୍ତି। ତେବେ ଏହା ମଣିଶଙ୍କରଙ୍କ ବ୍ୟକ୍ତିଗତ ମନ୍ତବ୍ୟ ବୋଲି କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟାରେ କୁହାଯାଇଛି।



## ଇସ୍ତଫା ଫେରାଇନେଲେ କଂଗ୍ରେସ ନେତା ଭୁପେନ୍ ବୋରା



ନୂଆଦିଲ୍ଲୀ,୧୬।୨

ଆସାମର କଂଗ୍ରେସ ଏମ୍‌ପି ତଥା ରାଜ୍ୟ କଂଗ୍ରେସର ପୂର୍ବତନ ସଭାପତି ଭୁପେନ୍ ବୋରା ସୋମବାର ଦଳରୁ ଇସ୍ତଫା ଦେବାର କିଛି ଘଣ୍ଟା ପରେ ଏହାକୁ ପ୍ରତ୍ୟାହାର କରିନେଇଛନ୍ତି। ରାହୁଲ ଗାନ୍ଧୀଙ୍କ ସମେତ ଦଳର କେନ୍ଦ୍ରୀୟ ନେତୃତ୍ୱ ସହ ଦୀର୍ଘ ସମୟ ଆଲୋଚନା ପରେ ଭୁପେନ୍ ତାଙ୍କ ନିଷ୍ପତ୍ତି ବଦଳାଇଥିବା ଜଣାପଡ଼ିଛି। ଏନେଇ ଆସାମ କଂଗ୍ରେସ ପ୍ରଭାରୀ ଭନଓ୍ୱର ଜିତେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ଆଲୋଚନା ଜରିଆରେ ଆଭ୍ୟନ୍ତରୀଣ ମତଭେଦ ଦୂର ହୋଇଥିବା ସେ କହିଛନ୍ତି। ଦଳୀୟ ନେତୃତ୍ୱ ଭୁପେନ୍‌ଙ୍କ ଇସ୍ତଫାକୁ ଗ୍ରହଣ କରି ନ ଥିଲା। ଭୁପେନ୍ ତାଙ୍କ ଇସ୍ତଫା ଫେରାଇ ନେଇଥିବାରୁ ଧନ୍ୟବାଦ ଜଣାଉଛି ବୋଲି ସିଂ କହିଛନ୍ତି। କଂଗ୍ରେସ ପରିବାରରେ ଭୁପେନ୍ ଜଣେ ଗୁରୁତ୍ୱପର୍ଣ୍ଣ ସଦସ୍ୟ। ବେଳେବେଳେ ମତଭେଦ ଦେଖାଦେଇଥାଏ। ଆଲୋଚନା ଜରିଆରେ ତାହାର ସମାଧାନ ହୋଇଛି ବୋଲି ସିଂ ଗଣମାଧ୍ୟମକୁ କହିଛନ୍ତି।

## ନ୍ୟୁଜ୍ କ୍ଲିକ୍ ପୋର୍ଟାଲକୁ ୧୨୦ କୋଟି ଜରିମାନା

**ପୁରକାୟସ୍ଥଙ୍କୁ ୬୪ କୋଟିର ଅର୍ଥଦଣ୍ଡ**

ନୂଆଦିଲ୍ଲୀ,୧୬।୨

ବହୁ ଚର୍ଚ୍ଚିତ ନ୍ୟୁଜ୍ କ୍ଲିକ୍ ପୋର୍ଟାଲ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୧୨୦ କୋଟି ଟଙ୍କା ଜରିମାନା କରିଛି। ଏଥିସହିତ ଏହି ପୋର୍ଟାଲର ପ୍ରତିଷ୍ଠାତା ପ୍ରବୀର ପୁରକାୟସ୍ଥଙ୍କ ଉପରେ ମଧ୍ୟ ଇଡି ୬୪ କୋଟି ଟଙ୍କାର ଜରିମାନା ଲଗାଇଛି। ବିଦେଶୀ ପୁଞ୍ଜି କାରବାରରେ ଅନିୟମିତତା କରାଯାଇଥିବା ଦର୍ଶାଇ 'ଫେମା (ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜ୍‌ମେଣ୍ଟ ଆକ୍ଟ)' ଅଧୀନରେ ଏହି ଜରିମାନା କରାଯାଇଛି ବୋଲି ଇଡି ପକ୍ଷରୁ କୁହାଯାଇଛି। ପ୍ରବୀର ତାଙ୍କ ପୋର୍ଟାଲ ମାଧ୍ୟମରେ ବିଦେଶରୁ ବିଭିନ୍ନ ସୂତ୍ରରେ ବେଆଇନ ଭାବେ ଅର୍ଥ ସଂଗ୍ରହ କରି ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତ ରହିଥିବା ଜଣାପଡ଼ିବା ପରେ ୨୦୨୩ରେ ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିଥିଲା। ଏବେ ସେ ଜାମିନରେ ଆସିଥିଲେ ହେଁ ଦିଲ୍ଲୀ ପୋଲିସଠାରୁ ଆରମ୍ଭ କରି ଇଡି, ସିବିଆଇ, ଆୟକର ବିଭାଗ ତାଙ୍କର ବିଭିନ୍ନ କାର୍ଯ୍ୟକଳାପ ସମେତ ବେଆଇନ ଅର୍ଥ କାରବାର ଉପରେ ଯାଞ୍ଚ କରୁଛନ୍ତି। ଇତିମଧ୍ୟରେ ଇଡି ପକ୍ଷରୁ ପ୍ରବୀରଙ୍କ ସମେତ ତାଙ୍କ ପୋର୍ଟାଲ ନ୍ୟୁଜ୍ କ୍ଲିକ୍ ଉପରେ ଉପରୋକ୍ତ ପରିମାଣର ଜରିମାନା କରାଯାଇଛି।



ପ୍ରବୀର ପୁରକାୟସ୍ଥ

## ଭାରତ ସମେତ ବହୁ ଦେଶରେ 'X' ଡାଉନ୍

ନୂଆଦିଲ୍ଲୀ,୧୬।୨

ଭାରତ ସମେତ ଆମେରିକା, ବ୍ରଟେନ ଆଦି ବିଭିନ୍ନ ଦେଶରେ ସୋମବାର ସନ୍ଧ୍ୟାରେ ସୋସିଆଲ ମିଡିଆ 'X' ଡାଉନ୍ ହେବାରୁ ହଜାର ହଜାର ୟୁଜର୍ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କେବଳ ଭାରତରେ ୨୫ ହଜାରରୁ ଅଧିକ ୟୁଜର୍ ଆଉଟେଜ୍ ଅଭିଯୋଗ ଆଣିଥିଲାବେଳେ ସେମାନେ 'X' ଆକାଉଣ୍ଟ ଖୋଲିପାରି ନ ଥିଲେ କି ଏହାକୁ ଆକ୍ସେସ୍ କରିପାରି ନ ଥିଲେ ବୋଲି କହିଛନ୍ତି। ତେବେ ସେମାନଙ୍କ ଅଭିଯୋଗକୁ ନେଇ କମ୍ପାନୀ ପକ୍ଷରୁ କିଛି କୁହାଯାଇ ନ ଥିଲା ବେଳେ ଆଉଟେଜ୍ କାରଣ ସମ୍ପର୍କରେ ମଧ୍ୟ ସ୍ପଷ୍ଟୀକରଣ ଦିଆଯାଇ ନାହିଁ।




## ୨୬ରେ ରଶ୍ମିକା– ବିଜୟଙ୍କ ବିବାହ

ମୁମ୍ବାଇ

ଶେଷରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ହାତକୁ ଦି'ହାତ ହେବାକୁ ଯାଉଛନ୍ତି ସାଉଥ୍ ଇଣ୍ଡଷ୍ଟ୍ରିର ୨ ଚର୍ଚ୍ଚିତ ଯୋଡ଼ି ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡା। ବେଶ୍ କିଛିଦିନର ଚର୍ଚ୍ଚା ପରେ ଦୁହେଁ ଫେବୃଆରୀ ୨୬ରେ ସାତଜନ୍ମର ସାଥୀ ହେବାକୁ ଯାଉଛନ୍ତି। ବିଜୟ– ରଶ୍ମିକା ୨୬ ଫେବୃଆରୀରେ ସାତଫେରା ନେବେ ବୋଲି କୁହାଯାଉଛି। ଉଭୟଙ୍କ ବିବାହ କାର୍ଡ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ବିବାହରେ କେବଳ ଉଭୟଙ୍କ ପରିବାର ଲୋକ ଏବଂ ନିକଟତମ ବନ୍ଧୁମାନେ ଯୋଗଦେବେ। ବିବାହ ପରେ ମାର୍ଚ୍ଚ ୪ରେ ହାଇଦ୍ରାବାଦର ଏକ ତାରକା ହୋଟେଲରେ ରିସେପ୍ସନ ଆୟୋଜନ କରାଯିବ। ଗତ ବର୍ଷ ଦୁହେଁ ଗୋପନୀୟ ଭାବେ ନିର୍ବନ୍ଧ ମଧ୍ୟ କରିଥିଲେ। ତେବେ ଦୁହେଁ ଫେବୃଆରୀ ୨ରେ ଉଦୟପୁରରେ ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ତାହା ଗୁଜବ ପ୍ରମାଣିତ ହୋଇଥିଲା।



ବିଧାନସଭାସ୍ଥିତ ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରକୋଷ୍ଠରେ ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକ।

# ଗୋଲ୍ଡ ଲୋନ୍ ନାଁରେ କ୍ୟାଶିୟର ଠକିନେଲେ ୫.୨୧କୋଟି

ଭୁବନେଶ୍ୱର,୧୬।୨(ତ୍ରିନାଥ ମହାନ୍ତି)

ବ୍ୟାଙ୍କରେ କ୍ୟାଶ୍ ଇନ୍‌ଚାର୍ଜ ଭାବେ କାମ କରୁଥିଲେ। ଆଉ ସୁଯୋଗ ଦେଖି ଗୋଲ୍ଡ ଲୋନ୍ ନାଁରେ ଜାଲ ଦସ୍ତାବିଜ୍ ଏବଂ ନକଲି ସୁନା ମାଧ୍ୟମରେ ୫ କୋଟି ୨୧ ଲକ୍ଷ ୪୨ ହଜାର ଟଙ୍କାର ଠକେଇ କରିଛନ୍ତି। ଏଭଳି ଠକେଇ ହୋଇଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଏସ୍‌ବିଆଇ ବ୍ରାଞ୍ଚରେ। ବ୍ୟାଙ୍କ୍‌ର ଇଣ୍ଟରନାଲ କମିଟି ଜାଲିଆତି ଧରିବା ପରେ ପାରାଦୀପ ରିଜିଓନାଲ ମ୍ୟାନେଜର ପୀୟୂଷ ରଞ୍ଜନ ସ୍ୱାଇଁ ଏନେଇ ଇଓଡବ୍ଲ୍ୟୁ(ଅର୍ଥ ନୈତିକ ଅପରାଧ ଶାଖା)ରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଗତ ୧୦ତାରିଖରେ ବିଏନ୍‌ଏସ୍ ଦଫା ୩୧୬(୫), ୩୧୮(୪), ୩୩୬(୩), ୩୩୮, ୩୪୦(୨), ୩୪୪ ଏବଂ ୬୧(୨)ରେ ଏକ ମାମଲା(ଇଓଡବ୍ଲ୍ୟୁ କେସ୍‌ନଂ.୩/୨୬) ରୁଜୁକରାଯାଇଛି। ବ୍ୟାଙ୍କ କର୍ମଚାରୀ ପ୍ରଶାନ୍ତ କୁମାର ମଲ୍ଲିକ ଏହି ଠକେଇ ପଛର ମାଷ୍ଟରମାଇଣ୍ଡ ବୋଲି ଅଭିଯୋଗ ହୋଇଛି। ସେ ବାଲିଚନ୍ଦ୍ରପୁର ଏସ୍‌ବିଆଇ ବ୍ରାଞ୍ଚରେ ସିନିୟର ଆସୋସିଏଟ୍ ଏବଂ କ୍ୟାଶ୍ ଇନ୍‌ଚାର୍ଜ ଭାବେ କାମ କରୁଥିବା ସମୟରେ ଏହି ଗୋଲ୍ଡ ଲୋନ୍ ସ୍କାମ୍ କରିଥିବା ତଦନ୍ତରୁ ଜଣାପଡ଼ିଛି। ତାଙ୍କୁ ଧରିବା ପାଇଁ ଇଓଡବ୍ଲ୍ୟୁର ଏକ ଟିମ୍ ବିଭିନ୍ନ ସ୍ଥାନରେ ଛାନ୍‌ଭିନ କରୁଛନ୍ତି। ବ୍ୟାଙ୍କ୍‌ର ସମସ୍ତ ଗୋଲ୍ଡ ଲୋନ୍ ଦସ୍ତାବିଜ୍ ଏବଂ ଟଙ୍କା ଟ୍ରାନ୍ସଫର ହୋଇଥିବା ଆକାଉଣ୍ଟକୁ ଇଓଡବ୍ଲ୍ୟୁ ଛାନ୍‌ଭିନ କରିବା ସହ ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ୨୦୨୫ ଜୁଲାଇ ୧୪ ତାରିଖରେ ଏସ୍‌ବିଆଇ ବାଲେଶ୍ୱରର ଚିଫ୍ ମ୍ୟାନେଜର ମନୋରମା ରାଉତ ବାଲିଚନ୍ଦ୍ରପୁର ଏସ୍‌ବିଆଇ ବ୍ରାଞ୍ଚକୁ ଗୋଲ୍ଡ ଲୋନ୍ ଯାଞ୍ଚ କରିବାକୁ ଯାଇଥିଲେ। ସେଠାରେ ସେ କ୍ୟାଶ୍ ଇନ୍‌ଚାର୍ଜ ପ୍ରଶାନ୍ତ କୁମାରଙ୍କୁ ଗୋଲ୍ଡ ଲୋନ ଫାଇଲ ମାଗିଥିଲେ। ହେଲେ ସେ ଜାଣିଶୁଣି ବିଭିନ୍ନ ବାହାନା ଦେଖାଇ ଫାଇଲ୍ ଦେଖାଇ ନ ଥିଲେ। ପରେ ପ୍ରଶାନ୍ତ ହଠାତ୍ ବ୍ୟାଙ୍କ୍‌ରୁ ନିଖୋଜ ହୋଇଯାଇଥିଲେ। ଫଳରେ ମନୋରମାଙ୍କ ସନ୍ଦେହ ବଢ଼ିବାରୁ ସେ ତୁରନ୍ତ ସ୍ପଟ୍ ଅଡିଟ୍ କରିଥିଲେ। ଅଡିଟ୍‌ରୁ ପ୍ରଶାନ୍ତଙ୍କ ସବୁ କିଛି ଜାଲିଆତି ଧରାପଡ଼ି ଯାଇଥିଲା। ୨୦୨୨ ଜୁନ୍ ୧ରୁ ପ୍ରଶାନ୍ତ ☞ପୃଷ୍ଠା-୪

**ଆଜିଠୁ ବିଧାନସଭା ବଜେଟ ଅଧିବେଶନ**

# ସବୁ ଦଳର ସହଯୋଗ ଲୋଡ଼ିଲେ ବାଚସ୍ପତି

## ଶୁକ୍ରବାର ୨୦୨୬-୨୭ ବର୍ଷ ପାଇଁ ବଜେଟ ଆଗତ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୨(ସୁନିତ୍ ମିଶ୍ର)

୧୭ଦଶ ବିଧାନସଭାର ଷଷ୍ଠ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ଅଧିବେଶନରେ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣକାଳୀନ ବଜେଟ ଗୃହରେ ଆଗତ କରିବେ। ବିଧାନସଭାର ପ୍ରଥମ ଦିନ ରାଜ୍ୟପାଳ ହରିବାବୁ କମ୍ଭମପାଟି ତାଙ୍କ ଅଭିଭାଷଣ ରଖିବେ। ଏହାପରେ ଗୁରୁବାର ପର୍ଯ୍ୟନ୍ତ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗୃହରେ ବଜେଟ ଉପସ୍ଥାପନ କରିବେ। ତେଣୁ ସବୁ ଦୃଷ୍ଟିରୁ ଦେଖିଲେ ଚଳିତ ଅଧିବେଶନ ଉଭୟ ଶାସକ, ବିରୋଧୀ ଏବଂ ଜନସାଧାରଣଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ଗୃହ କିପରି ସୁରୁଖୁରୁରେ ଚାଲିବ ତାକୁ ନେଇ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ସର୍ବଦଳୀୟ ବୈଠକରେ ବାଚସ୍ପତି ଉଭୟ ଶାସକ ଏବଂ ବିରୋଧୀ ଦଳର ସହଯୋଗ ଲୋଡ଼ିଛନ୍ତି। ଏହି ଅବସରରେ ଗୃହରେ ପ୍ରଶ୍ନକାଳ, ଶୂନ୍ୟକାଳ ଏବଂ ମୁଲତବୀ ପ୍ରସ୍ତାବ ଉପରେ କିପରି ଆଲୋଚନା ହେବ ସେନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି। ଏହାସହିତ ଗୃହର କାର୍ଯ୍ୟଦିବସଗୁଡ଼ିକ ମଧ୍ୟ କିଭଳି ଠିକ୍ ଭାବେ ଚାଲିବ ସେନେଇ ମଧ୍ୟ ଆଲୋଚନା ହୋଇଛି।

ସୋମବାର ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବରିଷ୍ଠ ଭାଜପା ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକର ଆଲୋଚନା ସମ୍ପର୍କରେ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବାଚସ୍ପତି ଗୃହ କିପରି ଶାନ୍ତିଶୃଙ୍ଖଳାରେ ଚାଲିବ ସେନେଇ ସମସ୍ତଙ୍କ ସହଯୋଗ ଲୋଡ଼ିଲେ। ବିରୋଧୀ ଦଳ ଭାବେ ବାଚସ୍ପତିଙ୍କୁ କୁହାଗଲା, ଯଦି ସେ ଶାସକ ଏବଂ ବିରୋଧୀ ଉଭୟଙ୍କ କଥାକୁ ଗୁରୁତ୍ୱ ଦେବେ ତା'ହାଲେ ଗୃହ ଚାଲିବାରେ କିଛି ଅସୁବିଧା ନାହିଁ। ଏହାସହ ବହୁତ ଦିନ ତଳେ ବାଚସ୍ପତିଙ୍କ ପକ୍ଷରୁ ☞ପୃଷ୍ଠା-୪

# ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକ

ସମ୍ବଲପୁର,୧୬।୨ (ପ୍ରମୋଦ ବହିଦାର)

ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ଚିକିତ୍ସକ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଶାନ୍ତିନଗରସ୍ଥିତ ତାଙ୍କ ବାସଭବନରେ ସୋମବାର ରାତି ୮ଟା ୫୦ମିନିଟ୍‌ରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ବର୍ଷ ହୋଇଥିଲା। ସେ ସ୍ନାୟବିକ ଓ ଫୁସ୍‌ଫୁସ୍ ସଂକ୍ରମଣଜନିତ ରୋଗରେ ଆକ୍ରାନ୍ତ ଥିଲେ। ସକାଳେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଅକ୍ସିଜେନ ଦିଆଯାଇ ବାସଭବନରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲା। ସେ ଅବିବାହିତା ଥିଲେ। ତାଙ୍କ



ଡା. ରାସେଶ୍ୱରୀ ପାଣିଗ୍ରାହୀ

**ମୁଖ୍ୟମନ୍ତ୍ରୀଙ୍କ ଶୋକ**

ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଜଣେ ବିଧାୟିକା ଭାବେ ସେ ସମ୍ବଲପୁରର ଅନେକ ବିକାଶମୂଳକ କାର୍ଯ୍ୟ କରିଯାଇଛନ୍ତି। ଏଥିସହ ଜଣେ ଡାକ୍ତର ଓ ସମାଜସେବୀ ହିସାବରେ ତାଙ୍କର କାର୍ଯ୍ୟ ସବୁଦିନ ମନେରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାସେଶ୍ୱରୀ ୧୯୪୬ ଅକ୍ଟୋବର ୨୮ରେ ସମ୍ବଲପୁର ☞ପୃଷ୍ଠା-୪

# ଭିନ୍ନ ସମ୍ପ୍ରଦାୟର ପ୍ରେମୀଯୁଗଳଙ୍କୁ ନେଇ ଗଣ୍ଡଗୋଳ

- **କଟକ-ପୁରୀଘାଟ ଥାନା ପରିସରରେ ଉତ୍ତେଜନା**
- **ପୋଲିସ ଭ୍ୟାନ୍ ଅଟକାଇଲେ ଲୋକେ**

କଟକ,୧୬।୨(କାର୍ତ୍ତିକ ସାହୁ)

ଭିନ୍ନ ସମ୍ପ୍ରଦାୟର ଯୁବତୀଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ନେଇ କଟକ ପୁରୀଘାଟ ଥାନାରେ ସୋମବାର ରାତି ପ୍ରାୟ ୯ଟାରେ ଉତ୍ତେଜନା ସୃଷ୍ଟି ହୋଇଛି। ଉଭୟଙ୍କ ପରିବାର ଲୋକେ ଥାନା ପରିସରରେ ଧସ୍ତାଧସ୍ତି ହେବା ସହ ପୋଲିସ ଭ୍ୟାନ୍ ଆଗରେ ବସି ଅଟକାଇଥିଲେ। ଗଣ୍ଡଗୋଳକୁ ସମ୍ଭାଳିବା ପାଇଁ ଥାନା ପରିସରରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ଦୀର୍ଘ ସମୟ ଧରି ଥାନା ପରିସରରେ ଉତ୍ତେଜନା ଲାଗି ରହିଥିଲା। ସ୍ଥିତିକୁ ଦେଖି ପ୍ରେମୀଯୁଗଳଙ୍କ ମଧ୍ୟରୁ ଯୁବତୀଙ୍କୁ ଶର୍ଟଷ୍ଟେ ହୋମ୍‌ରେ ରଖାଯାଇଥିବାବେଳେ ଯୁବକଙ୍କୁ ଥାନାରେ ଅଟକ ରଖାଯାଇଛି ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି। ତେବେ ଥାନା ପରିସରରେ ଗଣ୍ଡଗୋଳ କରିଥିବା ଲୋକଙ୍କ ନାମରେ ପୋଲିସ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ସୂଚନାନୁସାରେ, ପ୍ରେମୀଯୁଗଳ ସ୍ଥାନୀୟ ଏକ କଲେଜରେ ଅଧ୍ୟୟନ କରନ୍ତି। ଯୁବକ ଜଣକ ଯୁକ୍ତ ୩ ଶେଷ ବର୍ଷ ଓ ଯୁବତୀ ଯୁକ୍ତ ୩ ପ୍ରଥମ ବର୍ଷରେ ପଢ଼ନ୍ତି। ଉଭୟେ ସାବାଳିକାସାବଳକ ହୋଇଥିବାବେଳେ ଯୁବକଙ୍କ ଘର ମଙ୍ଗଳାବାଗ ଥାନା ଅନ୍ତର୍ଗତ ପ୍ରଫେସରପଡ଼ା ଏବଂ ଯୁବତୀଙ୍କ ଘର ପୁରୀଘାଟ ଥାନା ଅଞ୍ଚଳରେ। କିଛିଦିନ ତଳେ ଯୁବତୀଙ୍କ ବିବାହ ପାଇଁ ପରିବାର ଲୋକେ ଅନ୍ୟତ୍ର ନିର୍ବନ୍ଧ କରିସାରିଥିଲେ। ମାତ୍ର ଯୁବତୀ ଜଣକ ନିଜ ଘର ଛାଡ଼ି ପ୍ରେମିକଙ୍କ ଘରକୁ ପଳାଇ ଆସିଥିଲେ। ଉଭୟେ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ଯୁବତୀଙ୍କ ଘର ଲୋକେ ମଙ୍ଗଳାବାଗ ପୋଲିସକୁ ଜଣାଇବା ସହ ସୋମବାର ସନ୍ଧ୍ୟାରେ ଯୁବକଙ୍କ ଘରକୁ ଆସି ପାଟିତୁଣ୍ଡ କରିଥିଲେ। ଗଣ୍ଡଗୋଳ ଆଶଙ୍କା କରି ମଙ୍ଗଳବାଗ ପୋଲିସ ତୁରନ୍ତ ଯୁବତୀଯୁବକଙ୍କୁ ସେଠାରୁ ପୁରୀଘାଟ ଥାନାକୁ ନେଇ ଆସିଥିଲା। ଏହାପରେ ଉଭୟ ପରିବାର ଲୋକେ ପୁରୀଘାଟ ଥାନାରେ ପହଞ୍ଚି ଲଙ୍କାକାଣ୍ଡ ଘଟାଇଥିଲେ। ପରସ୍ପର ମଧ୍ୟରେ କଥା କଟାକଟି ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲେ। ପୋଲିସ ପ୍ରେମୀଯୁଗଳଙ୍କ ସହ ଆଲୋଚନା କରିବା ପରେ ସେମାନେ ପରସ୍ପରକୁ ବିବାହ କରିବେ ବୋଲି ଜିଦ୍ ଧରିଥିଲେ। ଅନ୍ୟପକ୍ଷରେ ଥାନା ପରିସରରେ ପ୍ରବଳ ☞ପୃଷ୍ଠା-୪

# ସୀମାନ୍ତ ଗ୍ରାମରେ ଆନ୍ଧ୍ର ନେତାଙ୍କ ବୈଠକ

## ଓଡ଼ିଶା ନ କଲେ ଆନ୍ଧ୍ର କରିବ ଲୋକଙ୍କ ପାଇଁ ରାସ୍ତା

ନନ୍ଦପୁର,୧୬।୨ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତ ଆନ୍ଧ୍ର ସୀମାନ୍ତ ଗ୍ରାମାଞ୍ଚଳରେ ଆନ୍ଧ୍ର ନେତାମାନେ ବୈଠକ କରି ଲୋକଙ୍କୁ ଭ୍ରମିତ କରୁଥିବା ରବିବାର ଦେଖିବାକୁ ମିଳିଛି। ଆନ୍ଧ୍ର ଆଦିବାସୀ ଗିରିଜନ ସମାଜ ନେତା ଟି. ସୂର୍ଯ୍ୟନାରାୟଣ, କୋରା ଦାସୁବାବୁ, ପି.ଡମ୍ବୁ, ପି.ମୋହନ ଦାସ ଓ ପି.କେଶବ ପ୍ରମୁଖ ଗୋଲୁର ପଞ୍ଚାୟତର ପ୍ରଧାନିପୁଟରୁ ଆନ୍ଧ୍ର ସୀମାନ୍ତ ନାକଟିଘାଟି ଯାଏ ରାସ୍ତା ନିର୍ମାଣକୁ ନେଇ ସଭା ସମିତିର ଆୟୋଜନ ସହ ରାଜନୀତି କରୁଥିବା ଦେଖିବାକୁ ମିଳିଛି। ଓଡ଼ିଶା ସରକାର ତୁରନ୍ତ ରାସ୍ତା ନିର୍ମାଣ କରନ୍ତୁ ନ ହେଲେ ଓଡ଼ିଶା ଅଧୀନ ସୀମାନ୍ତ ଗ୍ରାମବାସୀ ଆନ୍ଧ୍ର ମୁହାଁ ହେବେ। ଆମେ ଆନ୍ଧ୍ର ସରକାରଙ୍କ ଦ୍ୱାରା ରାସ୍ତା ନିର୍ମାଣ କରାଇବୁ ବୋଲି ଓଡ଼ିଶା ସୀମାନ୍ତ ସୂଚନା ଫଳକ ନିକଟରେ ଠିଆ ହୋଇ ନାରା ଦେଉଥିବା ଦେଖିବାକୁ ମିଳିଛି। ଆନ୍ଧ୍ର ନେତାଙ୍କ ଏଭଳି କାର୍ଯ୍ୟକଳାପ ପଞ୍ଚାୟତ ଅଞ୍ଚଳକୁ ଅଶାନ୍ତ କରୁଥିବା ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ଓଡ଼ିଶା ପ୍ରଶାସନ ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ କରିବାକୁ ପ୍ରକ୍ରିୟା ଜାରି ରଖିଛନ୍ତି। ଆନ୍ଧ୍ର ନେତା ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ୨ ରାଜ୍ୟର ଭୋଟର କାର୍ଡଧାରୀ ସୀମାନ୍ତ ଗ୍ରାମବାସୀଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି। ଏହାକୁ ପ୍ରଶ୍ରୟ ଦିଆଯିବ ନାହିଁ। ସୀମାନ୍ତବାସୀ ସଜାଗ ରହିବାକୁ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଓ ତହସିଲଦାର ଦେବବ୍ରତ ମହାରଣା ପରାମର୍ଶ ଦେଇଛନ୍ତି।

ସୂଚନାନୁଯାୟୀ, କିଛି ଦିନ ପୂର୍ବରୁ ଆନ୍ଧ୍ରର କେତେକ ନେତା ଗୋଲୁର ପଞ୍ଚାୟତ ରାଇପାହାଡ଼ ଓ ଗନ୍ଦିଗୁଡ଼ା ଗ୍ରାମବାସୀଙ୍କୁ ବିଭିନ୍ନ ଆଳ ଦେଖାଇ ପ୍ରଲୋଭିତ କରୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ରବିବାର ଏହି ଘଟଣାର ପୁନରାବୃତ୍ତି କରି ଓଡ଼ିଶା ସୀମାନ୍ତ ସୂଚନା ଫଳକ ନିକଟରେ ଗ୍ରାମବାସୀଙ୍କୁ ଡକାଇ ଆଲୋଚନା କରିବା ସହ ଆନ୍ଧ୍ର ଗଣମାଧ୍ୟମ ଆଗରେ ଓଡ଼ିଶା ସରକାର ପ୍ରଧାନୀପୁଟ-ନାକିଟି ☞ପୃଷ୍ଠା-୪

# ବାଣ କାରଖାନାରେ ନିଆଁ ଲାଗି ୭ ମୃତ

ଜୟପୁର,୧୬।୨(ପି.ଟି.)

ରାଜସ୍ଥାନର ଖୈରଥାଲ-ତିଜାରା ଜିଲା ଅନ୍ତର୍ଗତ ଭିୱଡ଼ି ସହରରେ ଥିବା ଏକ ବେଆଇନ ବାଣ କାରଖାନାରେ ସୋମବାର ନିଆଁ ଲାଗି ୭ ଜଣ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଖୁଶଖେରା-କାରେଲି ଶିଳ୍ପାଞ୍ଚଳରେ ପୂର୍ବାହ୍ନ ୯ଟା ୩୦ରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ସେଠାରେ ପ୍ରାୟ ୨୫ କର୍ମଚାରୀ ଉପସ୍ଥିତ ଥିଲେ। ଅଗ୍ନିକାଣ୍ଡ ଘଟିଥିବା କାରଖାନା ପୂର୍ବରୁ ଏକ ପୋଷାକ ଫ୍ୟାକ୍ଟ୍ରି ଥିବାବେଳେ ସେଠାରେ ବେଆଇନ ଭାବେ ବାଣ ତିଆରି କରାଯାଉଥିଲା ବୋଲି ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ସୁମିତ୍ରା ପାରିକ୍ କହିଛନ୍ତି। ଫ୍ୟାକ୍ଟ୍ରିରେ ଫସିଥିବା ୨ ଜଣଙ୍କୁ ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏକ ରାସାୟନିକ କାରଖାନାରେ ନିଆଁ ଲାଗିଥିବା ପୂର୍ବରୁ କର୍ତ୍ତୃପକ୍ଷ କହିଥିବାବେଳେ ଉକ୍ତ ସ୍ଥାନକୁ ପୋଷାକ କାରଖାନା ପାଇଁ ଲିଜ୍ ନିଆଯାଇ ସେଠାରେ ବେଆଇନ ବାଣ ତିଆରି ହେଉଥିବା ପ୍ରାରମ୍ଭିକ ରିପୋର୍ଟରୁ ☞ପୃଷ୍ଠା-୪

# ୩୬ ଡିଗ୍ରୀ ଛୁଇଁଲା ଝାରସୁଗୁଡ଼ା

## ଜି.ଉଦୟଗିରିରେ ସର୍ବନିମ୍ନ ୭.୧ ଡିଗ୍ରୀ

ଭୁବନେଶ୍ୱର, ୧୬।୨ (ବନ୍ଦନା ସେଠୀ)

ରାଜ୍ୟ ପାଣିପାଗ ଏବେ ଧୀରେ ଧୀରେ ବଦଳୁଛି। ରାତିରେ ଶୀତ, ଭୋର୍ ସମୟରେ କୁହୁଡ଼ି ଓ ଦିନରେ ଖରାତାତି ଅନୁଭବ କରୁଛନ୍ତି ଲୋକେ। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୭.୧ ଡିଗ୍ରୀ ରହିଥିବାବେଳେ ସମତଳ ଅଞ୍ଚଳ ଭାବେ ଫୁଲବାଣୀରେ ୧୧ ଡିଗ୍ରୀ ରେକର୍ଡ ହୋଇଥିଲା। ତେବେ ଝାରସୁଗୁଡାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ଛୁଇଁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଦକ୍ଷିଣ ଉପକୂଳ ଓଡ଼ିଶାର ଜିଲାଗୁଡ଼ିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇଛି। ଉତ୍ତର ଉପକୂଳ ଜିଲାଗୁଡ଼ିକରେ ପ୍ରାୟ ୩ ଡିଗ୍ରୀ ବୃଦ୍ଧି ପାଇଥିବାବେଳେ ଉତ୍ତର ଆଭ୍ୟନ୍ତରୀଣ ଜିଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ଡିଗ୍ରୀ ତାପମାତ୍ରା ☞ପୃଷ୍ଠା-୪







# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ହନୁମାନ ଚାଳିଶା ଓ ସୁନ୍ଦରକାଣ୍ଡ ପାଠ, ସ୍ଥାନ: ୟୁନିଟ୍ ୯, ବିଏମ୍‌ସି ପାର୍କ, ସମୟ: ସକାଳ ୬ଟା ୩୦।
- ସ୍ମୃତି ସାଉଣ୍ଟା ପତ୍ରିକାର ପଞ୍ଚଦଶ ବାର୍ଷିକ ରାଜ୍ୟସ୍ତରୀୟ ଲେଖକ ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ଗୁହର ଶାଳେଶ୍ୱର ଗ୍ରାମ ପାଲାମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

### ପୁରୀ
- ପୁରୀ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିଶେଷ ଶୋଭାଯାତ୍ରା ଓ ପ୍ରତିବାଦ ସଭା, ସ୍ଥାନ: ନିମାପଡ଼ା ଟାଉନ ହଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ବୈଠକ, ସ୍ଥାନ: ବେଙ୍ଗଲ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଜୁ ହୋମ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଅନନ୍ତପୁର ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।

### ଖୋର୍ଦ୍ଧା
- ଜାଗରଯାତ୍ରା ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁକେଶ୍ୱର ଦେବ ମନ୍ଦିର, ସ୍ଥାନ: ପୁଞ୍ଚିଆ, ସମୟ: ସକାଳ ୬ଟା।
- ଜାଗରଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲୁକେଶ୍ୱର ଦେବ ମନ୍ଦିର, ସାଲେପାଲ, ସମୟ: ସନ୍ଧ୍ୟା ୬ଟା।
- ଜାଗର ମହୋତ୍ସବ, ସ୍ଥାନ: ବଡ଼ପଦର, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ବାଦିପାଲା, ସ୍ଥାନ: ଲୋକେଶ୍ୱର ଦେବ ମନ୍ଦିର, ସ୍ଥାନ: ସୁଆଁଳ, ସମୟ: ସନ୍ଧ୍ୟା ୬ଟା।

### ବାଲେଶ୍ୱର
- ଗାମାଲୋଇ ଭିକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ହିମାଂଶୁ ଦାସ ମେମୋରିଆଲ ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।

### ଭଦ୍ରକ
- ଶ୍ରୀରାମ ବିଜୟ ଦଶମୀ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଭଦ୍ରକାଳୀ ଷ୍ଟାଡ଼ିୟମ, ଧାମନଗର, ସମୟ: ଅପରାହ୍ନ ୪ଟା।
- ଅନନ୍ତ ବଳିଆ ଆଶ୍ରମର ୧୦୮ ବାର୍ଷିକ ଉତ୍ସବ, ସ୍ଥାନ: ରୁଦ୍ରାଣି ପଞ୍ଚୁଲିଙ୍ଗ ଆଶ୍ରମ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

### କେନ୍ଦୁଝର
- ଆଦିବାସୀ ସଂସ୍କୃତି ଓ ବିହନ ମେଳା, ସ୍ଥାନ: କାଟକେଳ, ବାଂଶପାଳ, ସମୟ: ସକାଳ ୮ଟା।
- କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଛେନାପଦି, ହାଟଡ଼ିହି, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀମଦ୍‌ଭାଗବତ କଥା ଜ୍ଞାନ ଯଜ୍ଞ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ଅପରାହ୍ନ ୩ଟା।
- ସୁରେସନା ଏବଂ ଭଜନ ସଙ୍କୀର୍ତ୍ତନ, ସ୍ଥାନ: ଛେନାପଦି, ହାଟଡ଼ିହି, ସମୟ: ଅପରାହ୍ନ ୫ଟା।
- ଜାଗର ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସଡ଼ା, ହାଟଡ଼ିହି, ସମୟ: ସନ୍ଧ୍ୟା ୬ ଟା।

### ମୟୂରଭଞ୍ଜ
- ଉତ୍ତରଭଞ୍ଜିଶର ପ୍ରସିଦ୍ଧ ମହାଶିବରାତ୍ରି ଜାଗରମେଳା, ସ୍ଥାନ: ମାଣତ୍ରୀ ବଉସାହି ବ୍ଲକ, ସମୟ: ସକାଳ ୮ଟା।
- ଗୋଶାଳା କପ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ଗୁଡ଼ଙ୍ଗପଡ଼ା ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର
- ବାର୍ଷିକ ଉତ୍ସବ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ କର୍ମଶାଳା, ସ୍ଥାନ: ବିଜେଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

### ଗଞ୍ଜାମ
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ, ସ୍ଥାନ: ଭଞ୍ଜନଗର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ସମୟ: ସକାଳ ୭ ଟା।
- କୃଷକ ଏବଂ ବୈଜ୍ଞାନିକ ପରାମର୍ଶଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ ଟା।

### ଜଗତ୍‌ସିଂହପୁର
- ନଦୀବନ୍ଧ ସୁରକ୍ଷା ଉପରେ ଆଲୋଚନା, ସ୍ଥାନ: ଏରଡ଼ା (୨), ନାଉଗାଁ, ସମୟ:ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ଜିଲ୍ଲା ପ୍ରଶାସନ ପକ୍ଷରୁ ଭିବି ଜି ରାମ ଜି ସମ୍ପର୍କୀତ ସଚତନତା କାର୍ଯ୍ୟକ୍ରମ, ସ୍ଥାନ: ଡିଆରଡିଏ ସଭାଗୃହ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଳବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

### ଯାଜପୁର
- ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ବିଭାଗର ଭିଡିଓ କନଫରେନ୍ସ ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ସରକାରୀ ରଗଡ଼ି ପଲିଟେକ୍ନିକର ଜେନେରାଲ ବଡି ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ପ୍ରଧାନମନ୍ତ୍ରୀ ଆଦର୍ଶ ଗୃହ ଯୋଜନା ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼
- ଜାମାଲାଗି ବେଶର ୨୬ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଜିଲ୍ଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ସନ୍ଧାନର ୨ୟ ଦିବସ, ସ୍ଥାନ: ନୟାଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ରଣପୁର ବ୍ଲକ ରାଜସୁନାଖଳା,ସମୟ: ପୂର୍ବାହ୍ନ ୧୦ରୁ ୪ ଟା।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜାଗର ଯାତ୍ରା ୩ ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ବାଙ୍କନାଥ ମହାଦେବ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ମହାଶିବରାତ୍ରି ଅବସରରେ ଜାଗରଯାତ୍ରାର ୩ୟ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା।

### ସମ୍ବଲପୁର
- କଲମ ଟ୍ରଷ୍ଟ ପରିବାର ପକ୍ଷରୁ ପାନ ଦିବସ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସେଲେବ୍ରିଟି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ଜିଲ୍ଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

### ବଲାଙ୍ଗୀର
- ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ରାଉରକେଲା
- ଜାଗର ମେଳା, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଫଗୁଣ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ମଧୁସୂଦନପାଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ, ସ୍ଥାନ: ବେଦବ୍ୟାସ ମେଳା ଗ୍ରାଉଣ୍ଡ, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼
- ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ପଦ୍ମପୁର ଲିଓ ସ୍କୁଲ, ରଜାପଡ଼ା, ସମୟ: ସକାଳ ୯ଟା।
- ସୁଭଦ୍ରା ଶକ୍ତି ମେଳା,ସ୍ଥାନ: ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି
- ୟୁଜିସି ଉପରେ ଜିଲ୍ଲାପାଳଙ୍କ ଅଫିସ ଘେରାଉ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଇଂରାଜୀ ବିଭାଗର ଦ୍ୱିଦିବସୀୟ ଜାତୀୟ ସମ୍ମାନ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ମା' ଯୋଗମାୟା ଶକ୍ତିପୀଠରେ ଚଣ୍ଡୀପୂଜା, ସ୍ଥାନ: କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡାସ୍ଥିତ ମା'ଙ୍କ ପୀଠ, ସମୟ: ସକାଳ ୯ଟା।

### ବୌଦ୍ଧ
- ଜିଲ୍ଲା ସଂଗ୍ରହାଳୟ ଉନ୍ନତୀକରଣ ବୈଠକ, ସ୍ଥାନ: ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ସୁବର୍ଣ୍ଣପୁର
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମାଚ୍, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

### ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ସକାଳ ୯ଟା।
- ମହାଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ରଜନା ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।

### ଝାରସୁଗୁଡ଼ା
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସି କାର୍ଯ୍ୟକ୍ରମ, ସ୍ଥାନ: ଜିଲ୍ଲାପାଳଙ୍କ ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

**ପ୍ରଥମ ପୃଷ୍ଠାରୁ...**

## ଭବେଶ ପାତ୍ର...

ପୁରୋହିତ ନିମୟ ଏକାଦଶ ଏବଂ ତେଲଙ୍ଗାନାର ଭିଭାନ ସାରଦ ମାହିଶ୍ୱରୀ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଚଳିତବର୍ଷ ପେପର-୧ ପରୀକ୍ଷା ପାଇଁ ମୋଟ୍ ୧୩ ଲକ୍ଷ ୫୫ ହଜାର ୨୯୩ ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୯୬.୨୬ ପ୍ରତିଶତ ବା ୧୩ ଲକ୍ଷ ୪ ହଜାର ୬୫୩ଜଣ ପରୀକ୍ଷା ଦେଇଥିଲେ। ଓଡ଼ିଆ ସମେତ ୧୩ଟି ଭାଷାରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଦେଶର ୩୦୦ ସହର ସମେତ ବିଦେଶର ୧୫ଟି ସହରରେ ଆୟୋଜିତ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ର କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମାଧ୍ୟମରେ ପରୀକ୍ଷା ଦେଇଥିଲେ।

## ସିବିଏସ୍‌ଇ ଦଶମ...

ପରୀକ୍ଷା ଦେଇ ନ ଥିବାରୁ ସେମାନଙ୍କୁ ଏସେନ୍‌ସିଆଲ ରିପିଟ୍ ବର୍ଗରେ ରହିବାକୁ ପଡ଼ିବ ଓ ସେମାନେ ପରବର୍ତ୍ତୀ ବର୍ଷରେ ପ୍ରଥମ ବୋର୍ଡ ପରୀକ୍ଷା ଦେବେ। ସେହିପରି ପ୍ରଥମ ପରୀକ୍ଷାରେ କମ୍ପାର୍ଟମେଣ୍ଟ ଫଳାଫଳ ପାଇଥିବା ଛାତ୍ରୀଛାତ୍ର ଦ୍ୱିତୀୟ ପରୀକ୍ଷାରେ ହିଁ କମ୍ପାର୍ଟମେଣ୍ଟ ବର୍ଗରେ ପରୀକ୍ଷା ଦେବାକୁ ଅନୁମତି ମିଳିବ। ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଅତିରିକ୍ତ ବିଷୟ କିମ୍ବା ଅଲଗା ବିଷୟରେ ପରୀକ୍ଷା ଦେବାକୁ ଅନୁମତି ମିଳିବ ନାହିଁ। ଅନ୍ୟ ଯେକୌଣସି କାରଣରୁ ଯଦି କୌଣସି ଛାତ୍ରୀଛାତ୍ର ବୋର୍ଡର ଉପରୋକ୍ତ ନୀତି ଅନୁସାରେ ମୁଖ୍ୟ ବା ପ୍ରଥମ ପରୀକ୍ଷା ଦେଇ ନ ଥିବେ, ତେବେ ସେମାନଙ୍କର କୌଣସି ଅନୁରୋଧ ଗ୍ରହଣ କରାଯିବ ନାହିଁ ବୋଲି ସିବିଏସ୍‌ଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଖୁବ୍‌ଶୀଘ୍ର ରତ୍ନଭଣ୍ଡାର...

ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ପାଢ଼ୀ ଜଣାଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡ଼ିଛି, ଗଣତିମଣତି ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର) ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ ହୋଇଛି। ସରକାରଙ୍କ ଅନୁମୋଦନ ପରେ ଏହା ଆରମ୍ଭ କରାଯିବ। କଡ଼ା ସୁରକ୍ଷା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ। ଶେଷ ଗଣତିମଣତି ପ୍ରକ୍ରିୟା ୧୯୭୮ରେ ହୋଇଥିଲା। ବର୍ତ୍ତମାନର ପ୍ରକ୍ରିୟାରେ ସମ୍ପତ୍ତିର ଗଣତି ସମୟରେ ଏହାକୁ ୧୯୭୮ର ତାଲିକା ସହିତ ମେଳ କରାଯାଇ ବୃତାନ୍ତ ତାଲିକା ପ୍ରସ୍ତୁତ କରାଯିବ। ସମ୍ପୂର୍ଣ୍ଣ ଘଟଣାର ଫଟୋଗ୍ରାଫି ସହିତ ଡିଜିଟାଲ କାଟାଲଗ୍ ପ୍ରସ୍ତୁତ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି।

ବୈଠକରେ ଚଳିତ ବର୍ଷର ରଥଯାତ୍ରା ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଫାଶୀ ଓ ଚନ୍ଦନ କାଠର ବ୍ୟାପକ ଆବଶ୍ୟକତା ରହିଥିବାରୁ ଏଥିପାଇଁ ବନପ୍ରକଳ୍ପ ଜରିଆରେ ଏହି ଗଛଗୁଡ଼ିକ ଲଗାଇବା ପାଇଁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରତ୍ନଭଣ୍ଡାର ଗଣତିମଣତି ହେବା ପୂର୍ବରୁ ବିଭାଗୀୟ ମନ୍ତ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଦେବାକୁ ଥିବା ରିପୋର୍ଟର ପ୍ରସ୍ତୁତି ବିଷୟରେ ବ୍ୟାପକ ଆଲୋଚନା କରିଥିବା ଜଣାପଡ଼ିଛି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଭା ମୁଠି, ଆଉ ଦି'ମୁଠି**
**କିଆରି ମଝିରେ ପୋତିବୁ କାଠି,**
**ବିଲରେ ରଖିବୁ ପାଣି ସମାନ,**
**ଯେବେ ନୋହିବ ତହିଁରେ ଧାନ,**
**ତେବେ କାଟିବୁ ଡାକର କାନ ।**

ଧାନ ଫସଲ ସମ୍ପର୍କରେ ସୂଚନା। ଉପରୋକ୍ତ ପ୍ରଣାଳୀରେ ଚାଷ କଲେ ଧାନ ଅମଳ ଭଲ ହୁଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଉପୁରି ଲାଭରେ ନ ପୂରେ ପେଟ,**
**ଯେଉଁ ନିଅଣ୍ଟକୁ ସେହି ନିଅଣ୍ଟ।**

ସାଧାରଣତଃ ଅସତ୍ ଉପାୟରେ ଅର୍ଥ ଉପାର୍ଜନ କରିବା ବା ଉତ୍କୋଚ ନେବା ଅନୁଚିତ ହୋଇଥାଏ। ଉତ୍କୋଚ ନେବା ଲୋକର ଅଭାବ କେବେ ମେଣ୍ଟିପାରେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କାହାରିକୁ ଭରସା...

ସମୟରେ ମହିଳାଙ୍କୁ ବ୍ଲାକ୍‌ମେଲ୍ କରିବାକୁ ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ, ସମ୍ପୃକ୍ତ ପୁରୁଷ ଜଣକ ବହୁପୂର୍ବରୁ ବିବାହ କରିଥିଲାବେଳେ ୨୦୨୪ରେ ପଞ୍ଜାବରେ ଆଉ ଜଣେ ମହିଳାଙ୍କୁ ମଧ୍ୟ ବିବାହ କରିଥିବା ପୀଡ଼ିତା ମହିଳା ଜଣକ ଜାଣିବାକୁ ପାଇଥିଲେ। ଏହାପରେ ସେ ସମ୍ପୃକ୍ତ ପୁରୁଷଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ କରିଥିଲାବେଳେ ଟ୍ରାଏଲ୍ ଏବଂ ହାଇକୋର୍ଟରେ ପୁରୁଷ ଜଣକ ଜାମିନ ପାଇ ନଥିଲେ। ପରେ ପରେ ଜାମିନ ପାଇଁ ସେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ତାଙ୍କ ଆବେଦନର ଶୁଣାଣି କରି ସମ୍ପୃକ୍ତ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

## ଗୋଲ୍ଡ ଲୋନ୍ ନାଁରେ...

ବାଲିଚନ୍ଦ୍ରପୁର ବ୍ରାଞ୍ଚରେ ଯୋଗ ଦେବାପରେ କ୍ୟାଶ୍ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ତୁଲାଉଥିଲେ। ସୁନାକୁ ଯାଞ୍ଚ ସହ ବିଭିନ୍ନ ଡକ୍ୟୁମେଣ୍ଟ ଯାଞ୍ଚ କରି ଋଣ ମଞ୍ଜୁରୀ କରିବା ତାଙ୍କ କାମ ଥିଲା। ଏପରି କି ବିଭିନ୍ନ ସମୟରେ ଗୋଲ୍ଡ ଲୋନ୍‌ର ଡକ୍ୟୁମେଣ୍ଟ ମେଣ୍ଟେନ୍ କରିବା ସହ ଲୋନ୍ ନେଇଥିବା ବ୍ୟକ୍ତିଙ୍କୁ ଋଣ ପରିଶୋଧ କରିବାକୁ ନୋଟିସ୍ କରିବାର ଦାୟିତ୍ୱ ମଧ୍ୟ ତାଙ୍କର ରହିଥିଲା। ହେଲେ ପ୍ରଶାନ୍ତ କ୍ଷମତାର ଦୁରୁପଯୋଗ କରି ଜାଲିଆତି କରିଥିଲେ। ୨୦୨୪ ଅକ୍ଟୋବରରୁ ୨୦୨୫ ଜୁଲାଇ ପର୍ଯ୍ୟନ୍ତ ୧୦୫ ଗୋଲ୍ଡ ଲୋନ୍ ଆକାଉଣ୍ଟରେ ପ୍ରଶାନ୍ତ ଜାଲିଆତି କରି ୫ କୋଟି ୨୧ ଲକ୍ଷରୁ ଅଧିକ ଗୋଲ୍ଡ ଲୋନ୍ ଜାଲିଆତି କରିଥିଲେ। ୩୧ଟି ଆକାଉଣ୍ଟରେ ନକଲି ସୁନା ରଖି ଲୋନ୍ ମଞ୍ଜୁର କରିଥିବା ବେଳେ ୭୪ଟି ଆକାଉଣ୍ଟରେ ଫେକ୍ ଡକ୍ୟୁମେଣ୍ଟ ରଖି ଲୋନ୍ ମଞ୍ଜୁର କରିଥିଲେ। ଏଥିସହିତ ୧୦୫ ଗୋଲ୍ଡ ଲୋନ୍ ଆକାଉଣ୍ଟର ଡକ୍ୟୁମେଣ୍ଟ ଗାଏବ ହୋଇଥିବାବେଳେ ଏକାଧିକ ଦସ୍ତଖତ ମଧ୍ୟ ଜାଲ୍ କରାଯାଇଥିବା ବ୍ୟାଙ୍କର ଇଣ୍ଟରନାଲ କମିଟି ଯାଞ୍ଚ କରିବା ପରେ ଜଣାପଡ଼ିଥିଲା। ବଡ଼ କଥା ହେଲା ପ୍ରଶାନ୍ତ ତାଙ୍କ ଆକାଉଣ୍ଟ ସମେତ ୯ଟି ଆକାଉଣ୍ଟକୁ ଏହି ୫.୨୧ କୋଟି ଟଙ୍କା ଟ୍ରାନ୍ସଫର କରିଥିବା ତଦନ୍ତରୁ ଜଣାପଡ଼ିଛି। ଏକାଧିକ ଥର ସେ ବ୍ୟାଙ୍କର ଅନ୍ୟ ଅଧିକାରୀଙ୍କ ଆଇଡି ବ୍ୟବହାର କରି ଲୋନ୍ ପାସ୍ କରିଥିବା ସ୍ପଷ୍ଟ ହୋଇଛି।

## ସବୁ ଦଳର...

କଲିଂ ଆଟେନଶନ୍ ମୋଶନ ୨ଟା ଦିଆଯାଉଥିଲା। ଅନେକ ଦିନ ହେବ ଗୋଟିଏ ବନ୍ଦ କରିଦିଆଯାଇଛି। ତେଣୁ ପୂର୍ବଭଳି ୨ଟି କଲିଂ ଆଟେନଶନ୍ ମୋଶନ ବାଚସ୍ପତି ଆଣନ୍ତୁ ବୋଲି ଦାବି କରାଯାଇଛି। ଏହା ଉପରେ ନିଷ୍ପତ୍ତି ହୋଇନାହିଁ ବୋଲି ପ୍ରସନ୍ନ କହିଛନ୍ତି।

ସୂଚନାଯୋଗ୍ୟ, ଦୁଇଟି ପର୍ଯ୍ୟାୟରେ ଏଥର ବିଧାନସଭାର ବଜେଟ ଅଧିବେଶନ ଚାଲିବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ଗୃହରେ ୬ଟି କାର୍ଯ୍ୟ ଦିବସ ରହିଛି। ଆସନ୍ତା ୨୫ ତାରିଖରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଦିବସ ନାହିଁ। ଦ୍ୱିତୀୟ ପର୍ଯ୍ୟାୟରେ ପୁଣିଥରେ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୮ ପର୍ଯ୍ୟନ୍ତ ବିଧାନସଭା କାର୍ଯ୍ୟ ଦିବସ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ମୋଟ୍ ୨୧ଟି କାର୍ଯ୍ୟଦିବସ ରହିଛି। ମାର୍ଚ୍ଚ ୩୧ରେ ବଜେଟ ବିନିଯୋଗ ବିଲ୍ ଗୃହରେ ଆସିବ।

ଚଳିତ ଥର ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ୍ ୩.୧୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ବଜେଟ ଗୃହରେ ଆଗତ କରିବେ ବୋଲି ଜଣାପଡ଼ିଛି। ଚଳିତ ଥରର ବଜେଟ ଚିଠା ପ୍ରସ୍ତାବକୁ ନିକଟରେ ଅନୁଷ୍ଠିତ ହୋଇଥିବା ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳିସାରିଛି। ଆସନ୍ତା ବର୍ଷ ଆରମ୍ଭରୁ ପଞ୍ଚାୟତ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ନୂଆ ଏନ୍‌ଏସି, ମ୍ୟୁନିସିପାଲିଟିରେ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ତୃଣମୂଳସ୍ତରର ଲୋକଙ୍କ ଦ୍ୱାରା ଗ୍ରହଣୀୟ ହେବାଭଳି ଯୋଜନାକୁ ଦୃଷ୍ଟିରେ ରଖି ବଜେଟ ପ୍ରସ୍ତୁତ ହୋଇଥିବା ଚର୍ଚ୍ଚା ହେଉଛି। ସେହି ଦୃଷ୍ଟିରୁ ଚଳିତ ଅଧିବେଶନ ସରକାରୀ ଦଳ ପାଇଁ ବେଶ୍ ଗୁରୁତ୍ୱ କରିବ।

## ଭିନ୍ନ ସମ୍ପ୍ରଦାୟର...

ଉତ୍ତେଜନା ଦେଖାଦେବାରୁ ଅନ୍ୟ ଥାନାରୁ ପୋଲିସ ସେଠାରେ ପହଞ୍ଚିଥିଲେ। ସ୍ଥିତି ସମ୍ଭାଳିବା ପାଇଁ ଯେତେପ୍ରକାର ଚେଷ୍ଟା କଲେ ବି ଉତ୍ତ୍ୟକ୍ତ ଲୋକେ ପୋଲିସ କଥା ଶୁଣି ନ ଥିଲେ। ଯୁବତୀଙ୍କୁ ପୋଲିସ ଭ୍ୟାନ୍‌ରେ ବସାଇ ଶର୍ଟଷ୍ଟେ ହୋମ୍‌କୁ ନେବାବେଳେ ଭ୍ୟାନ୍ ଆଗରେ ପରିବାର ଲୋକେ ବସିରହିଥିଲେ। ଯେତେ ବୁଝାଇଥିଲେ ବି ସେମାନେ ଆଦୌ ଶୁଣି ନ ଥିଲେ। ଫଳରେ ପୋଲିସକୁ ବଳପ୍ରୟୋଗ କରିବାକୁ ପଡ଼ିଥିଲା।

## ବାଣ କାରଖାନାରେ...

ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା ତୁରନ୍ତ ଉଦ୍ଧାର ଓ ସହାୟତା କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଭିୱାଦି ଶିଳ୍ପାଞ୍ଚଳର ସମସ୍ତ ଶିଳ୍ପ ସଂସ୍ଥାକୁ ଯାଞ୍ଚ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପୂର୍ବତନ ବିଧାୟିକା...

ଜିଲ୍ଲା ମାନେଶ୍ୱର ବ୍ଲକ ବରଗାଁରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ପାଣିଗ୍ରାହୀ ଓ ସତ୍ରାବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କର ୭ ଭଉଣୀ ଓ ଭାଇଙ୍କ ମଧ୍ୟରେ ସେ ଥିଲେ ଷଷ୍ଠ ସନ୍ତାନ। ତାଙ୍କ ବଡ଼ଭାଇ ଶ୍ରୀବଲ୍ଲଭ ପାଣିଗ୍ରାହୀ କଂଗ୍ରେସ ଦଳରୁ ସମ୍ବଲପୁର ବିଧାନସଭା ଓ ଦେବଗଡ଼ ଲୋକ ସଭା କ୍ଷେତ୍ରରୁ ନିର୍ବାଚିତ ହୋଇଥିଲେ। ଡା. ପାଣିଗ୍ରାହୀ ୨୦୧୪ ସାଧାରଣ ନିର୍ବାଚନରେ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ହେଲେ ୨୦୧୯ ନିର୍ବାଚନରେ ସେ ହାରିଯାଇ ଥିଲେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜେଡି ଛାଡ଼ି ସକ୍ରିୟ ରାଜନୀତିରୁ ଏକରକମ ଦୂରେଇ ଯାଇଥିଲେ। ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଭାବେ ତାଙ୍କର ବିଶେଷ ସୁନାମ ରହିଥିଲା। ନିଃସ୍ୱାର୍ଥପର ସେବା ପାଇଁ ୨୦୧୦ରେ ସେ ଜାତୀୟସ୍ତରରେ ପ୍ରତିଷ୍ଠିତ 'ଇନ୍ଦିରା ପ୍ରିୟଦର୍ଶିନୀ ସମ୍ମାନ' ଏବଂ ୨୦୧୪ରେ ଶ୍ରେଷ୍ଠ ବିଧାୟିକା ଭାବେ 'ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରତିଭା ସମ୍ମାନ'ରେ ସମ୍ମାନିତ ହୋଇଥିଲେ। ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ଗରିବ ରୋଗୀଙ୍କୁ ସେ ବିନାମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେବା ସହ ଅନେକ ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି। 'ଓଡ଼ିଶା ମେଡିକାଲ ଖବର' ଭଳି ପ୍ରଥମ ମେଡିକାଲ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦିକା ଭାବେ ସେ ଚିକିତ୍ସା ବିଜ୍ଞାନର ପ୍ରସାରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମଙ୍ଗଳବାର ରାସେଶ୍ୱରୀଙ୍କ ଅନ୍ତିମ ସତ୍କାର ସମ୍ବଲପୁରସ୍ଥିତ ରାଜଘାଟଠାରେ ପୂର୍ବାହ୍ନ ୧୦ଟାରେ କରାଯିବ ବୋଲି ତାଙ୍କ ସାନଭାଇ ସୁବାସ ପାଣିଗ୍ରାହୀ ସୂଚିତ କରିଛନ୍ତି।

## ୩୬ ଡିଗ୍ରୀ ଛୁଇଁଲା...

ହ୍ରାସ ପାଇଛି। କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୫ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମ୍ ରହିଛି। ତେବେ ଆସନ୍ତା ୨ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ସେହିପରି ୨ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କୁହୁଡି ନେଇ ଆଲର୍ଟ ଜାରି କରାଯାଇଛି। ମଙ୍ଗଳବାର ଖୋର୍ଦ୍ଧା, କଟକ, ପୁରୀ, ଢେଙ୍କାନାଳ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲ୍ଲାକୁ କୁହୁଡି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବୁଧବାର ଖୋର୍ଦ୍ଧା, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ୱାର୍ନିଂ ଦିଆଯାଇଛି।

## ସୀମାନ୍ତ ଗ୍ରାମରେ...

ଘାଟି ରାସ୍ତା ନିର୍ମାଣ କରୁନାହାନ୍ତି କାହିଁକି ବୋଲି ପ୍ରଶ୍ନ କରିଥିଲେ। ଶୀଘ୍ର ରାସ୍ତା ନିର୍ମାଣ ନ କଲେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ କରାଯିବ ବୋଲି କହିଥିବା ଦେଖିବାକୁ ମିଳିଛି। ଏହାକୁ ସାଧାରଣରେ ନିନ୍ଦା କରାଯାଇଛି। ଏଭଳି ବୟାନବାଜି ଆନ୍ଧ୍ରରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ନିର୍ବାଚନ(ମାର୍ଚ୍ଚ-ଏପ୍ରିଲ)କୁ ଆଖି ଆଗରେ ରଖି ଗୋଲୁର ପଞ୍ଚାୟତରେ ରହୁଥିବା ୨ ରାଜ୍ୟର(ଦୈତ୍ୟ) ଭୋଟର କାର୍ଡଧାରୀଙ୍କୁ ନିଜ ଆଡକୁ ଆକର୍ଷିତ କରିବାକୁ ଷଡ଼ଯନ୍ତ୍ର ବୋଲି ବୁଦ୍ଧିଜୀବୀ କହିଛନ୍ତି। ବିଡିଓ ଦୋରା, ତହସିଲଦାର ମହାରଣା ଓ ଆରଡି ବିଭାଗ ଯନ୍ତ୍ରୀ ଜୟନ୍ତ କୁମାର ସାହୁ ପ୍ରଧାନିପୁଟ-ନାକଟି ରାସ୍ତା ନିର୍ମାଣ ନେଇ ଅଗଷ୍ଟ ମାସରେ ଜିଲ୍ଲାସ୍ତରୀୟ ପିଏଲ୍‌ସି ବୈଠକରେ ୨୦୨୬-୨୭ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପାଇଁ ପ୍ରସ୍ତୁତ କାର୍ଯ୍ୟ ଖସଡ଼ାରେ ଏହି ରାସ୍ତା ଭାୟା ପଡାଲପୁଟ, ଡି.ଖୁଡୁବ, ଓ ଗନ୍ଦିଗୁଡ଼ା ରାସ୍ତା ନିର୍ମାଣ ନିମନ୍ତେ ପ୍ରସ୍ତାବ ପାରିତ ହୋଇ ରାଜ୍ୟ ସ୍ତରକୁ ଅନୁମୋଦନ ପାଇଁ ପଠା ଯାଇଥିବା ସୂଚନା ଦେଇଛନ୍ତି। ଲୋକେ କୌଣସି ପ୍ରଲୋଭାନରେ ପଡ଼ି ଭ୍ରମିତ ନ ହୋଇ ଓଡ଼ିଶା ସରକାର, ନନ୍ଦପୁର ବ୍ଲକ ଓ କୋରାପୁଟ ଜିଲ୍ଲା ପ୍ରଶାସନ ଉପରେ ଆସ୍ଥା ରଖିବାକୁ ପରାମର୍ଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଏକାଦଶସ୍ଥ ଗ୍ରହ ସ୍ଥିତି ପ୍ରଭାବରେ ପରୀକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ଉନ୍ନତି ସାଙ୍ଗକୁ ଆର୍ଥିକକ୍ଷେତ୍ର ଭଲ ରହିବ। କର୍ମମୁଖର ରହିବା ସହ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ବିବାଦୀୟ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।

**ବୃଷ**
ରବିଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ସାଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। ଆଲୋଚନା ଅବସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇରହିବା ଭଲ। ପରିବାରରେ ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମିଥୁନ**
ଧନାଧିପ ଧନ ସ୍ଥାନକୁ ଦୃଷ୍ଟିଦେଉଥିବାରୁ ଅର୍ଥପ୍ରାପ୍ତିରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବନାହିଁ। ବନ୍ଧୁଙ୍କ ସହ ଭ୍ରମଣ ସାଙ୍ଗକୁ ଆଜି ମନୋରଞ୍ଜନ ପ୍ରୀତିପ୍ରଦ ହେବ। ଆପଣଙ୍କ କାର୍ଯ୍ୟଶୈଳୀର ପ୍ରଶଂସାକରି ମିତ୍ରମାନେ ପ୍ରଶଂସା ଗାଇବୁଲିପାରନ୍ତି। କଳା, କାରିଗରି ସାଙ୍ଗକୁ ସାହିତ୍ୟ, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିପାରେ।

**କର୍କଟ**
ଚନ୍ଦ୍ର ଏବଂ ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ରାଶି ପ୍ରତି ରହିଥିବାରୁ ଶାରୀରିକ ସୁସ୍ଥତା ସହ କର୍ମକ୍ଷେତ୍ର ମଧ୍ୟ ସମ୍ମାନଜନକ ରହିବ। ଦୀର୍ଘଦିନରୁ ଅର୍ଥ ପ୍ରଦାନ କରିଥିଲେ ମଧ୍ୟ ପାଇବା ଜିନିଷର ଅନିଶ୍ଚିତତା ଆଲୋଡ଼ନ ସୃଷ୍ଟିକରିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ କଷ୍ଟ ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**ସିଂହ**
ଭୁଲ୍ ବୁଝାମଣାରୁ ମତାନ୍ତରଜନିତ ପରିବାରରେ ଏବଂ କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହେବ। ସପ୍ତମସ୍ଥ ଉଚ୍ଚାରୋହୀ ରବିଙ୍କ ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ସହ ଭ୍ରମଣ ସୁଯୋଗ ମିଳିବ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ନୂତନ ଦାୟିତ୍ୱ ହାତକୁ ନେବେ।

**କନ୍ୟା**
ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତିରେ ରହିବେ। ଈର୍ଷା ଓ ଅସୂୟାଜନିତ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ଗମ୍ଭୀର ରହିବ, କିନ୍ତୁ ଉତ୍ତେଜିତ ହୋଇ କୌଣସି ପଦକ୍ଷେପ ନେବା ପୂର୍ବରୁ ପୁନର୍ବାର ବିଚାର କରିବା ଭଲ। କଥା ଦେଇଥିବା ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଆସିବେ।

**ତୁଳା**
ଆଜିର ଯାତ୍ରା,ବାଣିଜ୍ୟ କ୍ଷେତ୍ର ସମସ୍ୟା ବହୁଳ ହେବ। ଚତୁର୍ଥଭାବସ୍ଥ ଚନ୍ଦ୍ର ଓ ମଙ୍ଗଳ ହେତୁ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧିପାଇବ । ସହକର୍ମୀଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସଭାସମିତିରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ସହଯୋଗରୁ ଉପକୃତ ହେବେ।

**ବିଛା**
ତୃତୀୟ ଏବଂ ଚତୁର୍ଥଭାବ ଶୁଭଯୁକ୍ତ ଯୋଗୁ ଆନୁଷ୍ଠାନିକ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ଦର୍ଶନୀୟ ସ୍ଥାନ ଭ୍ରମଣ ସମୟରେ ପୁରୁଣା ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କରିବେ। ଛୋଟ କଥାକୁ ନେଇ ତର୍କ କରିବା ଠିକ୍ ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ପ୍ଲଟିଂ ବ୍ୟବସାୟ, ଶେୟାରବଜାର, ରାଜନୀତି ପାଇଁ ଦିନଟି ଭଲ।

**ଧନୁ**
ଶନିଙ୍କ କୁପ୍ରଭାବରୁ ପାରିବାରିକ ସମସ୍ୟା ଲାଗି ରହୁଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ପରିସ୍ଥିତି ଯେତେ ଗମ୍ଭୀର ହେଉନା କାହିଁକି ମନର ବଳ ଖୁବ୍ ଟାଣ ରହିବ। ବ୍ୟବସାୟ, ପରିବହନ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂରେଇଯିବ।

**ମକର**
ଚତୁର୍ଥ ଲାଭାଧିପତି ରାଶିରେ ଅବସ୍ଥାନ କରିଥିବାରୁ ସାମାଜିକ ସ୍ତରରେ ସମ୍ମାନିତ ହେବେ। କର୍ମକ୍ଷେତ୍ରସ୍ଥ ବନ୍ଧୁଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବେ। କୃତି ଓ କୃତିତ୍ୱ କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଯୋଗ ରହିଛି। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟାକରି ଉପହସିତ ହୋଇପାରନ୍ତି।

**କୁମ୍ଭ**
ମୁଖଭାବସ୍ଥ ଶନି ନୀରବଦର୍ଶକ ସଜାଇ କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରିନେବାରେ ସାହାଯ୍ୟ କରିବେ। ସରଳବିଶ୍ୱାସ ଜନ୍ମାଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପାରିବାରିକ ଅସ୍ଥିରତା ଯୋଗୁ ମନୋବଳ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟ, ପରିବହନ, ବନ୍ଧୁସମ୍ପର୍କ ଏବଂ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରେ।

**ମୀନ**
ପାପଗ୍ରହ ମଧ୍ୟସ୍ଥ ବୃହସ୍ପତି ଯୋଗୁ ଆଜି ଆପଣଙ୍କୁ ସଫଳତାର ଝଲକ ଦେଖିବାକୁ ମିଳିବ ନାହିଁ। ପୂର୍ବରୁ ଲାଗି ରହିଥିବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ଯେକୌଣସି କ୍ଷେତ୍ର ହେଉନା କାହିଁକି ଆପଣ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁମେଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଫେବୃଆରୀ ୧୭ତାରିଖ, ଫାଲ୍‌ଗୁନ ଅମାବାସ୍ୟା ମଙ୍ଗଳବାର, ପଞ୍ଚଗ୍ରହକୂଟ ଆରମ୍ଭ। ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୦୯।୦୪ ମି. ଗତେ କୁମ୍ଭଚନ୍ଦ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୦୯ ଗତେ ଘ.୧୦।୫୨ ମଧ୍ୟେ, ଘ.୦୧।୦୯ ଗତେ ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ. ୦୨।୫୧ ଗତେ ଘ.୦୪। ୧୭ ମଧ୍ୟେ ରାହୁକାଳ ।





ମଙ୍ଗଳବାରଠାରୁ ବିଧାନସଭା ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ସୋମବାର ବିଧାନସଭାର ୫୪ ନଂ. ପ୍ରକୋଷ୍ଠରେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ, ଶଙ୍ଖ ଭବନରେ ବିଜେଡି ବିଧାୟକ ଦଳ ବୈଠକ ଏବଂ ବିଧାନସଭାସ୍ଥିତ ରାମଚନ୍ଦ୍ର କାଡ଼ାମଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକ।

# ଚାଷୀ ସମସ୍ୟା: ଗୃହ ଚଳାଇ ଦେବନି ବିଜେଡି

ଭୁବନେଶ୍ୱର, ୧୬।୨(ସୁନିତ୍ ମିଶ୍ର)

## ଚାଷୀ, ମହିଳା, ଶିଶୁ ଏବଂ ଓଡ଼ିଆ ଅସ୍ମିତା ପାଇଁ ଜୋରଦାର ଲଢ଼ାଯିବ: ନବୀନ

ବିଧାନସଭାର ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇ ୨ଟି ପର୍ଯ୍ୟାୟରେ ଚାଲିବ। ରାଜ୍ୟ ସରକାର ଏହି ଅଧିବେଶନରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗୃହରେ ବଜେଟ ଆଗତ କରିବେ। ଏହି ଦୃଷ୍ଟିରୁ ଦେଖିଲେ ଶାସକ ଦଳ ପାଇଁ ଏହି ଅଧିବେଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ହେଲେ ବିଭିନ୍ନ ପ୍ରସଙ୍ଗରେ ସରକାର ବିଫଳ ହେଉଥିବା କଥାକୁ ପ୍ରସଙ୍ଗ କରି ବିରୋଧୀ ଦଳ ପକ୍ଷରୁ ଶାସକ ଦଳକୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ମୁଖ୍ୟତଃ ରାଜ୍ୟରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ଉପଯୁକ୍ତ ଭାବେ ନ ହେବା, ୩୧୦୦ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନରେ ଅବ୍ୟବସ୍ଥା, ମଣ୍ଡି ନ ଖୋଲିବା, କଟ୍‌ନି ଛଟ୍‌ନି ଆଦି ବିଷୟକୁ ନେଇ ସରକାରଙ୍କୁ ଘେରିବା ସହିତ ଗୃହ ଚଳାଇ ନ ଦେବାକୁ ବିଜେଡି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହୋଇଥିବା ଶୁଣିବାକୁ ମିଳିଛି। ବୈଠକରେ ଉପସ୍ଥିତ ଜଣେ ବିଧାୟକଙ୍କ ସୂଚନା ମୁତାବକ, ଏଥର ଗୃହରେ ଚାଷୀ ସମସ୍ୟା ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିଷୟ ଉଠାଇ ଗୃହ ଚଳାଇ ନ ଦେବାକୁ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କୁଆଡ଼େ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଗୃହରେ ବିରୋଧୀ ଯେତେ ହୋହଲ୍ଲା କରି ହଙ୍ଗାମା କରିବେ ତାହା ଶାସକ ଦଳକୁ ସୁହାଇବ। ଏ ଅନୁଭୂତି ଦଳର ସଭାପତିଙ୍କ ପାଖରେ ରହିଛି। ନବୀନ କିନ୍ତୁ ଗୃହ ଚଳାଇ ନ ଦେବାକୁ କହିବା ସହିତ ଆଲୋଚନାରେ ମଧ୍ୟ ଭଲ ଭାବେ ଭାଗ ନେବା ପାଇଁ କହିଥିଲେ ବୋଲି ବିଧାୟକ ଜଣକ କହିଛନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବୈଠକ ସମୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ଯଦି ଆମେ ଗୃହରେ ହଟ୍ଟଗୋଳ କରିବା, ତେବେ ଆଲୋଚନାରେ କେମିତି ଭାଗ ନେବା। ଅନ୍ୟ ବରିଷ୍ଠ ନେତା ତଥା ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ମତାମତ ରଖିବା ପାଇଁ ସୁଯୋଗ ପାଇଥିବା ଜଣାପଡ଼ିଛି।

ବୈଠକରେ ନବୀନ କହିଛନ୍ତି, ମଙ୍ଗଳବାରଠାରୁ ବଜେଟ ଅଧିବେଶନ ଆରମ୍ଭ ହେଉଛି। ଏହାକୁ ଗୁରୁତ୍ୱର ସହ ନେବା ଦରକାର। ସରକାରଙ୍କ ଦୁର୍ବଳତା ଲୋକଲୋଚନକୁ ଆଣିବା ଦରକାର। ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଡବଲ ଇଞ୍ଜିନ ସରକାର ସ୍ଲୋଗାନ ଦେବାରେ ବ୍ୟସ୍ତ। ମଣ୍ଡିରେ ଖୋଲା ଆକାଶ ତଳେ ଚାଷୀଭାଇମାନେ ରାତି ବିତାଉଛନ୍ତି। ବିଜେଡି ସବୁବେଳେ ଚାଷୀମାନଙ୍କ ସହିତ ରହିଛି। ସରକାରଙ୍କ ଚାଷୀ ବିରୋଧୀ କାର୍ଯ୍ୟକଳାପକୁ ଦଳ ବିରୋଧ କରୁଛି। ଚାଷୀମାନଙ୍କ ପାଇଁ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରୁଛି। ଗତ ୯ ତାରିଖରେ କଟ୍‌ନି ଛଟ୍‌ନି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ବୋଲି ନବୀନ କହିଛନ୍ତି। ମଣ୍ଡିରୁ ଚାଷୀଙ୍କ ସ୍ୱର ସରକାରଙ୍କୁ ଶୁଣାଯାଉନି, କିନ୍ତୁ ବିଧାନସଭାରେ ଏହି ବିଷୟରେ ବିରୋଧ କରି ଚାଷୀଙ୍କ କଣ୍ଠ ହୁଅ। ସରକାର କେବଳ ଚାଷୀଙ୍କର କ୍ଷତି କରିନାହାନ୍ତି, ବରଂ ରାଜ୍ୟର ଅର୍ଥନୀତିକୁ ପ୍ରଭାବିତ କରିଛନ୍ତି। ଡିସେମ୍ବର ପର୍ଯ୍ୟନ୍ତ ସରକାର ବଜେଟ ଅର୍ଥର ମାତ୍ର ୪୭% ଖର୍ଚ୍ଚ କରିପାରିଛନ୍ତି। କେତେଗୁଡ଼ିଏ ବିଭାଗ ମାତ୍ର ୧୫% ଖର୍ଚ୍ଚ କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ଗଲାଣି। ରାଜ୍ୟରେ ଶିଶୁ, ମହିଳା କେହି ସୁରକ୍ଷିତ ନୁହନ୍ତି। ମହାନଦୀ ପ୍ରସଙ୍ଗରେ ସରକାର ଏଯାଏ କିଛି କଲେନାହିଁ। ଛତିଶଗଡ଼ ସରକାର କାର୍ଯ୍ୟ ବିରୋଧରେ ରାଜ୍ୟ ସରକାର ପୂରା ଚୁପ୍ ହୋଇଯାଇଛନ୍ତି। ସରକାର କେବଳ ମିଛ ପ୍ରଚାର ଛାଡ଼ିଦେଲେ, ସବୁଥିରେ ଫେଲ୍ ହେଉଛନ୍ତି। ରାଜ୍ୟର ଚାଷୀ, ମହିଳା, ଶିଶୁ ଏବଂ ଓଡ଼ିଆ ଅସ୍ମିତା ପାଇଁ ବିଜେଡି ଜୋର୍‌ଦାର ଲଢ଼େଇ କରିବ ବୋଲି ନବୀନ କହିଛନ୍ତି।

# 'ବିରୋଧୀ ଯେଉଁ ପ୍ରସଙ୍ଗ ଉଠାଇବେ ସବୁ ଆଲୋଚନା ହେବ'

ଭୁବନେଶ୍ୱର, ୧୬।୨(ସୁନିତ୍ ମିଶ୍ର)

## ଭାଜପା ବିଧାୟକ ଦଳ ବୈଠକ

ବିଧାନସଭାକୁ ବିରୋଧୀ ଚଳାଇ ନ ଦେବା ପାଇଁ ଯୋଜନା କରୁଛନ୍ତି। ରାଜ୍ୟର ବହୁତ ମଣ୍ଡି ନ ଖୋଲିବା, ମଣ୍ଡିରେ ଚାଷୀମାନେ ଦୀର୍ଘଦିନ ଧରି ନିଜ ଧାନ ପକାଇ ରାତି ରାତି ଧରି ଜଗି ରହିବା, ୧୦ରୁ ୧୫ କେଜି ପର୍ଯ୍ୟନ୍ତ କଟ୍‌ନି ଛଟ୍‌ନି ଆଦି ବିଷୟକୁ ନେଇ ସରକାରୀ ଦଳକୁ ଘେରିବା ପାଇଁ ବିଜେଡି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହାସହ ରାଜ୍ୟର ଆଇନଶୃଙ୍ଖଳା ଏବଂ ମହାନଦୀ ପ୍ରସଙ୍ଗକୁ ଉଭୟ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର କରାଯିବ ବୋଲି ସେମାନଙ୍କ ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ହେଲେ ଏସବୁ ବିଷୟ ଉପରେ କଡ଼ା ଜବାବ ଦେବା ପାଇଁ ଶାସକ ଦଳ ସଦସ୍ୟମାନେ ମଧ୍ୟ ନିଜର ପ୍ରସ୍ତୁତି କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ଶାସକ ଦଳ ପକ୍ଷରୁ କୁହାଯାଇଛି, ବିରୋଧୀ ଦଳ ପକ୍ଷରୁ ଯେଉଁ ପ୍ରସଙ୍ଗ ଉପସ୍ଥାପନ କରାଯିବ ସେସବୁ ବିଷୟରେ ଆଲୋଚନା କରିବାକୁ ଆମେ ପ୍ରସ୍ତୁତ ଅଛୁ। ଏହାସହ ୧୯ ମାସର ଭାଜପା ସରକାରର ସମସ୍ତ ଉପଲବ୍ଧିକୁ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବିରୋଧୀଙ୍କୁ ସେମାନଙ୍କ ପ୍ରଶ୍ନର ଉତ୍ତର କଡ଼ାକଡ଼ି ଭାବେ ରଖିବା ପାଇଁ ବିଧାୟକ ଦଳ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡିଙ୍କ ସମେତ ସମସ୍ତ ମନ୍ତ୍ରୀ ଓ ବିଧାୟକ ଯୋଗଦେଇ ବିଧାନସଭାରେ ବିରୋଧୀଙ୍କୁ ମୁକାବିଲା ଲାଗି ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି।

# ମହିଳା, କୃଷକ, ଦୁର୍ନୀତିକୁ ନେଇ ସରକାରଙ୍କୁ ଘେରିବୁ: କାଡାମ

ଭୁବନେଶ୍ୱର, ୧୬।୨(ରବିନାରାୟଣ ଜେନା)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ବିଧାନସଭାସ୍ଥିତ ନିଜସ୍ୱ ପ୍ରକୋଷ୍ଠରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକ ପରେ କାଡାମ କହିଛନ୍ତି, ଏଥର ବିଧାନସଭାରେ କଂଗ୍ରେସ ରାଜ୍ୟବାସୀଙ୍କ ସ୍ୱରକୁ ଶାଣିତ କରିବ। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପାଇଁ ମହିଳାମାନେ ଅସୁରକ୍ଷିତ ମଣୁଛନ୍ତି। ପ୍ରତ୍ୟେକ ଦିନ ବଳାତ୍କାର ଏବଂ ଗଣବଳାତ୍କାର ଭଳି ସମ୍ବେଦନଶୀଳ ଘଟଣାମାନ ଘଟୁଥିଲେ ହେଁ ସରକାର ନାଚାର ଅଛନ୍ତି। ଏହାକୁ ନେଇ ସରକାରଙ୍କୁ ଜବାବ ଲୋଡ଼ିବୁ।

ସେ କହିଥିଲେ, ରାଜ୍ୟ ସରକାର ଚାଷୀମାନଙ୍କୁ ନାହିଁ ନ ଥିବା ହଇରାଣ ହରକତ କରୁଛନ୍ତି। ଯାହା ପ୍ରତିଶ୍ରୁତି ଦେଇଥିଲେ ସେହି ଅନୁସାରେ ଗୋଟିଏ ବି କାର୍ଯ୍ୟ କରୁନାହାନ୍ତି। ଚାଷୀଙ୍କୁ ୮ ଶହ ଟଙ୍କାର ଇନ୍‌ପୁଟ ସବ୍‌ସିଡ କେବଳ ଧୂଆଁବାଣ। ଲକ୍ଷାଧିକ ଚାଷୀଙ୍କ ଧାନ ଏପର୍ଯ୍ୟନ୍ତ ଉଠିପାରୁ ନାହିଁ। ଏହାକୁ ନେଇ ଏଥର ଗୃହରେ କମ୍ପମାନ ହେବ। ଏହାସହିତ ବିଭିନ୍ନ ଟେଣ୍ଡରରେ ଦୁର୍ନୀତି, ପେସା ଆଇନ କାର୍ଯ୍ୟକାରୀ କରିବା ଏବଂ ବାଲି,ଖଣି ଚୋରି ସହିତ ଯୋଜନାବୋର୍ଡ ଗଠନ ନ ହେବା ନେଇ ସରକାରଙ୍କୁ ଘେରିବୁ ବୋଲି କାଡାମ କହିଛନ୍ତି।

ଏହି ଅବସରରେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ରାଜ୍ୟରେ ଏବେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି। ସତେ ଯେମିତି କେହି କାହା କଥା ଶୁଣିବାକୁ ନାହିଁ। ପିୟୁସିସି ନିୟମ ଲାଗୁ ହେବାଠାରୁ ଆରମ୍ଭ କରି ଗୁଟ୍‌ଖା ପର୍ଯ୍ୟନ୍ତ ସବୁଥିରେ ସରକାର ୟୁଟର୍ନ ମାରୁଛନ୍ତି। ପୂର୍ବ ସରକାର ଯେଉଁ ପରିମାଣରେ ଦୁର୍ନୀତି କରୁଥିଲେ ତା'ଠାରୁ ଭାଜପା ସରକାରରେ ଶହେଗୁଣ ବଢ଼ି ଯାଇଛି। ଏସବୁ ପ୍ରସଙ୍ଗକୁ ଗୃହରେ ଉଠାଇବୁ ବୋଲି ଆଲୋଚନା ହୋଇଥିବା ଫିର୍ଦ୍ଦୋସ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ାରେ ଦଳିତ ପ୍ରସଙ୍ଗକୁ ନେଇ ଜାତୀୟ ସ୍ତରରେ ଯେଉଁ ଚର୍ଚ୍ଚା ହେଉଛି ସେ ପ୍ରସଙ୍ଗ ମଧ୍ୟ ଉଠାଇବୁ ବୋଲି ବିଧାୟିକା କହିଛନ୍ତି। ଏହି ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ, ବିଧାୟକ ଅଶୋକ ଦାସ, ମଙ୍ଗୁ ଖିଲ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆରେ ହେବ ସରକାରୀ କାର୍ଯ୍ୟ

ଭୁବନେଶ୍ୱର, ୧୬।୨(ରବିନାରାୟଣ ଜେନା)

## କର୍ମଚାରୀଙ୍କ ପ୍ରଶିକ୍ଷଣ ପ୍ରକ୍ରିୟା ଆରମ୍ଭ

ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟ କିଭଳି ଓଡ଼ିଆରେ ସମ୍ପାଦନ ହେବ ସେନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ସମ୍ପର୍କରେ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଲାଗି ପତ୍ର ଲେଖାଯାଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଫେବୃଆରୀ ୧୧ରେ ନିର୍ଦ୍ଦେଶକ ପତ୍ର ଲେଖି ଦର୍ଶାଇଛନ୍ତି, କେଉଁସବୁ ଅଧିକାରୀମାନେ ପ୍ରଶିକ୍ଷଣ ନେବେ ତା'ର ତାଲିକା ପ୍ରଦାନ କରନ୍ତୁ। ଏହାକୁ ନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୧୦ଜଣ ସହକାରୀ ଉପବିଭାଗ ଅଧିକାରୀଙ୍କ ନାମ ପଠାଯାଇଛି।

ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ସଚିବ ସୌଦାମିନୀ ସେଠୀ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ସରକାରୀ କାର୍ଯ୍ୟ ଓଡ଼ିଆରେ କରିବା ପାଇଁ ସମ୍ପୃକ୍ତ ୧୦ ସହକାରୀ ଉପବିଭାଗ ଅଧିକାରୀଙ୍କୁ ଆସନ୍ତା ୧୯ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦେବା ଲାଗି ବିଭାଗ ପକ୍ଷରୁ ସ୍ୱୀକୃତି ମିଳିଛି।

ସୂଚନାଯୋଗ୍ୟ, ରାଜ୍ୟରେ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆରେ କରିବା ପାଇଁ ପୂର୍ବ ସରକାର ଉଦ୍ୟମ କରିଥିଲେ ହେଁ ତାହା ସଫଳ ହୋଇ ନ ଥିଲା। ଏହାକୁ ନେଇ ଭାଜପା ସରକାରଙ୍କ ପକ୍ଷରୁ ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରି କି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଜାନୁଆରୀ ପହିଲାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ନିର୍ଦ୍ଦେଶ ପରେ ବିଭାଗ ପକ୍ଷରୁ ଏହି ତତ୍ପରତା ପ୍ରକାଶ ପାଇଛି।

# ୮୮ ଦିନ ପରେ ଖୋଲିଲା ନୂଆଗାଁ ଅଙ୍ଗନୱାଡି କେନ୍ଦ୍ର

ରାଜନଗର, ୧୬।୨(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଜାତିଗତ ଭେଦଭାବ ପ୍ରସଙ୍ଗରେ ସୋମବାର ପୂର୍ଣ୍ଣଚ୍ଛେଦ ପଡିଛି। ଦୀର୍ଘ ୮୮ ଦିନ ପରେ ସ୍ୱାଭାବିକ ହୋଇଛି କେନ୍ଦ୍ର। ୨୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୬ ଜଣ ଆସିବା ସହିତ ପାଠ ପଢି ଖାଦ୍ୟ ଖାଇଛନ୍ତି। ସକାଳେ ରାଜନଗର ବିଧାୟକ ଧ୍ରୁବ ସାହୁ ଗାଁରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କଲାବେଳେ ଅଙ୍ଗନୱାଡି ଘର ନ ଥିବା ବେଳେ ଗାଁକୁ ରାସ୍ତା ନାହିଁ ପିଲା କିପରି ପଢିବାକୁ ଆସିବେ ବୋଲି ଲୋକେ କହିଥିଲେ। ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଅଙ୍ଗନୱାଡି ଘର ପାଇଁ ୫ ଲକ୍ଷ ଟଙ୍କା ଓ ଗାଁ ରାସ୍ତା ପାଇଁ ୨ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରି ସଙ୍ଗେ ସଙ୍ଗେ ଦୁଇଟି ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ।

# ପ୍ରାଣୀ ଔଷଧି କେନ୍ଦ୍ର: ଗୋଟିଏ ବି ଆବେଦନ ପଡ଼ିନି

ଭୁବନେଶ୍ୱର, ୧୬।୨
(ରବିନାରାୟଣ ଜେନା)

## ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲା ମନ୍ତ୍ରଣାଳୟ

ରାଜ୍ୟରେ ଗ୍ରାମୀଣ ଓ ଦୁର୍ଗମ ଅଞ୍ଚଳରେ ଶସ୍ତା ଓ ଉତ୍ତମଗୁଣବତ୍ତା ପ୍ରାଣୀ ଚିକିତ୍ସା ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହାକୁ ନେଇ ୮ମାସ ତଳୁ ରାଜ୍ୟ ସରକାରଙ୍କୁ ପ୍ରାଣୀ ଔଷଧି ବିକ୍ରୟ କେନ୍ଦ୍ର(ପିଏଭିକେ) ଖୋଲିବା ପାଇଁ ଟାର୍ଗେଟ ଦିଆଗଲାଣି। ହେଲେ ଏପର୍ଯ୍ୟନ୍ତ ଓଡ଼ିଶାରୁ ଗୋଟିଏ ହେଲେ ବି ଆବେଦନପତ୍ର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରଣାଳୟର ଏହି ସ୍ୱତନ୍ତ୍ର ଆବେଦନ ପୋର୍ଟାଲରେ ପଡ଼ିନାହିଁ। ଏହାକୁ ନେଇ ମନ୍ତ୍ରଣାଳୟ ପକ୍ଷରୁ ପୁନର୍ବାର ମୁଖ୍ୟଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ ସଚିବ ନରେଶପାଲ ଗଙ୍ଗୱାର ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଗ୍ରାମୀଣ ଏବଂ ଦୁର୍ଗମ ଅଞ୍ଚଳରେ ଶସ୍ତା ଏବଂ ଉତ୍ତମ ପ୍ରାଣୀ ଚିକିତ୍ସା ଔଷଧ ଯୋଗାଇବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି; ଯଦ୍ୱାରା ପ୍ରାଣୀ ସମ୍ପଦର ସ୍ୱାସ୍ଥ୍ୟ ଓ ଉତ୍ପାଦନ କ୍ଷମତା ବୃଦ୍ଧିରେ ଏହା ସହାୟକ ହୋଇପାରିବ। ଫଳରେ ଚାଷୀଙ୍କ ଆୟ ବୃଦ୍ଧି ହେବା ସହିତ ପ୍ରାଣୀ ସମ୍ପଦ ସମଗ୍ର ବିକାଶ ସମ୍ଭବ ହୋଇପାରିବ। ତେବେ ଏବେ ବି ରାଜ୍ୟର ବହୁ ଅଞ୍ଚଳ ରହିଛି, ଯେଉଁଠାରେ ଶସ୍ତା ଓ ଗୁଣବତ୍ତାଯୁକ୍ତ ପ୍ରାଣୀ ଔଷଧ ପହଞ୍ଚି ପାରିନାହିଁ। ଏହି ତାରତମ୍ୟକୁ ପୂରଣ କରିବା ପାଇଁ ପ୍ରାଣୀ ପାଳନ ଓ ଡେଏରି ବିଭାଗ ପ୍ରାଣୀ ଔଷଧିକୁ ପ୍ରାଣୀ ସମ୍ପଦ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଏକ ମୁଖ୍ୟ ଉଦ୍ୟମ ଭାବେ ଆରମ୍ଭ କରିଛି। ଏହା ଅଧୀନରେ ପିଏମ୍-କିଷାନ ସମୃଦ୍ଧି କେନ୍ଦ୍ର ଓ ସହକାରୀ ସମିତିମାନଙ୍କ ମାଧ୍ୟମରେ ଶସ୍ତା ଦରରେ ଜେନେରିକ ପ୍ରାଣୀ ଔଷଧ ବିକ୍ରୟ କରାଯିବ। ପ୍ରାଣୀ ଔଷଧି ବିକ୍ରୟ କେନ୍ଦ୍ର ରାଜ୍ୟ, ଜିଲା ଓ ବ୍ଲକ୍ ସ୍ତରରେ ଖୋଲିବା ଆବଶ୍ୟକ। ଆବଶ୍ୟକସ୍ଥଳେ ପ୍ରାଣୀ ଚିକିତ୍ସାଳୟ ପରିସରରେ ମଧ୍ୟ ସ୍ଥାପନ କରାଯାଇପାରିବ। ଏହାକୁ ନେଇ ୨୨ ଜୁଲାଇ ୨୦୨୫ରେ ପୂର୍ବରୁ ଇ-ମେଲ୍ ଜରିଆରେ ପ୍ରଦାନ କରାଯାଇଛି; ଯେଉଁଥିରେ ପ୍ରାଣୀ ଔଷଧି କେନ୍ଦ୍ର ଲାଗି ମାର୍ଜିନ ଓ ପ୍ରୋତ୍ସାହନର ସମ୍ପୂର୍ଣ୍ଣ ବିବରଣୀ ରହିଛି। ପିଏଭିକେ ସ୍ଥାପନ ପାଇଁ ଅନ୍‌ଲାଇନ ଆବେଦନ ସୁବିଧା ବିଭାଗର ୱେବ୍‌ସାଇଟରେ ପ୍ରାଣୀ ଔଷଧି ଶୀର୍ଷକ ଅଧୀନରେ ଉପଲବ୍ଧ ରହିଛି। କିନ୍ତୁ ରାଜ୍ୟରେ ମୋଟ ୩୪୪ଟି ପିଏଭିକେ ସ୍ଥାପନ କରିବାକୁ ଲକ୍ଷ୍ୟ ରହିଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଆବେଦନ ମନ୍ତ୍ରଣାଳୟକୁ ମିଳିନାହିଁ। ସେହିପରି ଓଡ଼ିଶା ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅନୁଯାୟୀ ପିଏଭିକେ ଖୋଲିବା ପାଇଁ ଚିହ୍ନଟ ପିଏମ୍-କେଏସ୍‌କେ ସହକାରୀ ସମିତିମାନଙ୍କ ଦ୍ୱାରା ଡିଏଏଚ୍‌ଡି ପୋର୍ଟାଲରେ ଆବେଦନ ଦାଖଲ କରାଇବାକୁ ପଦକ୍ଷେପ ନେବାକୁ ମୁଖ୍ୟଶାସନ ସଚିବଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ଗଙ୍ଗୱାର ଅନୁରୋଧ କରିଛନ୍ତି।


NARESH PAL GANGWAR, IAS
SECRETARY TO GOVT.
Government of India
Ministry of Fisheries, Animal Husbandry & Dairying
Department of Animal Husbandry & Dairying
New Delhi-110001

D.O. No. K-12052-1/31/2023-LH (E-25043)
23rd January, 2026

Respected Madam,

Availability of affordable and quality veterinary medicines in rural and remote areas is critical for improving livestock health and productivity, thereby enhancing farmers' income and overall growth of the livestock sector. Despite sustained efforts, access to affordable and quality veterinary medicines continues to remain a challenge in several regions.

To address this gap, the Department of Animal Husbandry and Dairying has introduced "Pashu Aushadhi" as a key component under the Livestock Health and Disease Control Programme (LHDCP), envisaging the sale of Generic Veterinary Medicines at affordable rates through PM-Kisan Samriddhi Kendras (PM-KSKs) and Co-operative Societies. Pashu Aushadhi Vikray Kendras (PAVKs) are to be established at the State, District, and Block levels preferably in the premises of Veterinary hospitals.

The Operational Guidelines, including details of margins and incentives, were circulated earlier in email dated 22nd July 2025 (enclosed). An online application facility for establishment of PAVKs is available on the Department's website (www.dahd.gov.in) under the caption "Pashu Aushadhi."

However, out of the total 344 PAVKs targeted in the State, no application has been received so far (target enclosed). I, therefore, request your kind intervention with Department of Animal Husbandry and the Department of Cooperation for submission of applications on DAHD's portal by the identified PM-KSK/ Co-operative Societies for opening of PAVKs in accordance with the target allocated to your State.

With Regards,

Yours sincerely,
(Naresh Pal Gangwar)

Encl.: as above

Ms. Anu Garg
Chief Secretary
Government of Odisha
Bhubaneswar

ପ୍ରାଣୀ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦତ୍ତ ପତ୍ରର ନକଲ।




# ବିବାହର ୨ ଦିନ ପୂର୍ବରୁ ଦୁର୍ଘଟଣାରେ ଯୁବକ ମୃତ

ରାୟଗଡ଼ା, ୧୬।୨(ଆଶିଷ ରଞ୍ଜନ ପଣ୍ଡା)

୨ ଦିନ ପରେ ବର ସାଜି ବିବାହ ବେଦୀରେ ବସିଥାନ୍ତେ। ହେଲେ ରବିବାର ମହାଶିବରାତ୍ରିରେ କୌଣସି କାମ ପାଇଁ ବାଇକ୍ ଯୋଗେ ରାୟଗଡ଼ା ସହରକୁ ଆସି ଫେରିବାବେଳେ ରାତି ପ୍ରାୟ ୧୦ଟାରେ ଗାଁ ନିକଟସ୍ଥ କଲଭର୍ଟରେ ଧକ୍କା ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡ଼ା ବ୍ଲକ ଶେଷଖାଲ ଥାନା ଅର୍ନ୍ତଗତ ବାଇସିଂ ଗ୍ରାମର ସିଦ୍ଧାନ୍ତ ଗାଂଟା (୨୪)। ଚାଷ ଜମିରେ ସିଦ୍ଧାନ୍ତଙ୍କ ମୃତଦେହ ପଡ଼ିଥିବା ସୋମବାର ସକାଳୁ ଗାଁର କିଛି ଲୋକ ଦେଖି ତାଙ୍କ ପରିବାର ଲୋକେ ଓ ବାଇସିଂ ପଞ୍ଚାୟତ ସରପଞ୍ଚଙ୍କୁ ଜଣାଇଥିଲେ। ଖବରପାଇ ଶେଷଖାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ କିଛି ଦୂରରେ ପଡ଼ିଥିବା ତାଙ୍କ ମୋଟରସାଇକେଲକୁ ଜବତ କରି ଘଟଣାର ତଦନ୍ତ କରିଛନ୍ତି। ପରିବାରବର୍ଗଙ୍କ ସୂଚନା ମୁତାବକ ରବିବାର ସିଦ୍ଧାନ୍ତ କୌଣସି ଏକ କାମରେ ରାୟଗଡା ସହରକୁ ଯାଇଥିଲେ। ହେଲେ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ସୋମବାର ସକାଳୁ ଗ୍ରାମ ନିକଟ ଚାଷ ଜମିରେ ତାଙ୍କ ମୃତଦେହ ପଡିଥିବା ଗ୍ରାମବାସୀ ଦେଖି ତାଙ୍କୁ ଖବର ଦେଇଥିଲେ।

# ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଡିଇଓଙ୍କୁ ନିର୍ଦ୍ଦେଶ

## ବେସରକାରୀ ସ୍କୁଲରେ ଶିକ୍ଷାରୁ ବଞ୍ଚିତ ଦୁର୍ବଳ ଶ୍ରେଣୀର ପିଲା

ଯାଜପୁର, ୧୬।୨(ହର୍ଷବର୍ଦ୍ଧନ ବେହେରା)

## ଓଏଚ୍‌ଆର୍‌ସିରେ ମାମଲା ପରେ ବିଭାଗୀୟ ପଦକ୍ଷେପ

ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ)-୨୦୦୯ ଅନ୍ତର୍ଗତ ଧାରା ୧୨(୧)(ଗ) ଅନୁଯାୟୀ ଗରିବ ଓ ଅବହେଳିତ ଶ୍ରେଣୀର ୩ରୁ ୭ ବର୍ଷର ପିଲାମାନେ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିଃଶୁଳ୍କ ଶିକ୍ଷା ପାଇ ପାରିବେ। ଏଥିପାଇଁ ଆର୍‌ଟିଇ ପାରଦର୍ଶୀ ପୋର୍ଟାଲରେ ଆବେଦନ କରିବାର ବ୍ୟବସ୍ଥା ରହିଛି। ହେଲେ ଶିକ୍ଷା ବିଭାଗର ଅବହେଳା ଏବଂ ସଚେତନତା ଅଭାବରୁ ଅଧିକାଂଶ ଗରିବ ପରିବାରବର୍ଗ ଏହି ବ୍ୟବସ୍ଥା ସମ୍ପର୍କରେ ସଚେତନ ହୋଇପାରିନାହାନ୍ତି। ଫଳରେ ୨୦୧୮ରୁ ୨୦୨୩ ମଧ୍ୟରେ କେବଳ ୬ ଜିଲାରେ ଗରିବ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ୨୫ ପ୍ରତିଶତ ସଂରକ୍ଷିତ ଆସନ ମଧ୍ୟରୁ ୧୨,୮୬୦ ସିଟ୍ ପୂରଣ ହୋଇପାରିନାହିଁ। ଏନେଇ ୯।୧୨।୨୦୨୫ରେ ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟରେ ଜଣାପଡ଼ିଥିଲା। ଏହାର ସବିଶେଷ ତଥ୍ୟ ଉପରେ ୧୦।୧୨।୨୦୨୫ରେ ଧରିତ୍ରୀରେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଦୁର୍ବଳ, ଅବହେଳିତ ବର୍ଗର ପିଲା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଆଧାର କରି ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ରାଜ୍ୟ ମାନବିକ ଅଧିକାର କମିଶନ(ଓଏଚ୍‌ଆର୍‌ସି)ରେ ୪୬୮୯/୨୦୨୫ରେ ଏକ ମାମଲା ରୁଜୁ କରିଥିଲେ। ଉକ୍ତ ମାମଲା ଉପରେ ଓଏଚ୍‌ଆରସି ୨୩।୧୨।୨୦୨୫ରେ ବିଦ୍ୟାଳୟ ଓ ଗଣଶିକ୍ଷା(ଏସ୍‌ଏମ୍‌ଇ) ବିଭାଗର ସଚିବଙ୍କୁ ପରବର୍ତ୍ତୀ ଶୁଣାଣି ୧୨।୩।୨୦୨୬ ମଧ୍ୟରେ ତଥ୍ୟମୂଳକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଉକ୍ତ ନିର୍ଦ୍ଦେଶ ଉପରେ ପ୍ରାଥମିକ ଶିକ୍ଷା ବିଭାଗ ପକ୍ଷରୁ ଗତ ୨୮ତାରିଖରେ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ(ଡିଇ)ଙ୍କୁ ଏସମ୍ପର୍କିତ ବିସ୍ତୃତ ତଥ୍ୟ ୭ଦିନ ମଧ୍ୟରେ ପ୍ରଦାନ କରିବାକୁ କୁହାଯାଇଛି। ଇତିମଧ୍ୟରେ ଡିଇର ଯୁଗ୍ମ ନିର୍ଦ୍ଦେଶକ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ଅଭିଯୋଗ ଉପରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଓଏଚ୍‌ଆର୍‌ସିରେ ହୋଇଥିବା ଅଭିଯୋଗ ଅନୁସାରେ, ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ରାଜ୍ୟରେ ୪,୩୪୪ ବେସରକାରୀ ବିଦ୍ୟାଳୟ ଚାଲିଥିଲା। ଏହି ସମସ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ନାମଲେଖା କ୍ଷମତା ୭୮,୦୬୦ ରହିଥିଲା। ଶିକ୍ଷା ଅଧିକାର ଆଇନ ଅନୁସାରେ ଏଥିରୁ ଦୁର୍ବଳ ଓ ଅବହେଳିତ ବର୍ଗ ପାଇଁ ୨୫% ଅନୁସାରେ ୧୯,୫୧୫ ସିଟ ରହିଥିଲାବେଳେ ୧୩,୧୧୨ ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲେ। ଫଳରେ ଗରିବ ଶ୍ରେଣୀଙ୍କ ପାଇଁ ଉଦ୍ଦିଷ୍ଟ ୬,୪୦୩ ସିଟ୍ ଖାଲି ପଡ଼ିଥିଲା। ଏହାବାଦ ୨୦୧୮ରୁ ୨୦୨୩ ମଧ୍ୟରେ ସିଏଜିର ନମୁନାଭୁକ୍ତ ତଦନ୍ତରେ ୬ ଜିଲାକୁ ନିଆଯାଇଥିଲା। ଉକ୍ତ ଜିଲାଗୁଡ଼ିକରେ ୭୨୧ଟି ବେସରକାରୀ ବିଦ୍ୟାଳୟ ରହିଥିବାବେଳେ ସେଥିରେ ୮୨,୬୨୭ ପିଲାଙ୍କ ନାମଲେଖା କ୍ଷମତା ରହିଥିଲା। ଏଥିରେ ଆର୍‌ଟିଇ ମାନଦଣ୍ଡ ଅନୁଯାୟୀ, ଦୁର୍ବଳ ଓ ଅବହେଳିତ ବର୍ଗର ୨୦,୬୫୭ ପିଲାଙ୍କ ନାମଲେଖା ବ୍ୟବସ୍ଥା ରହିଥିଲାବେଳେ ମାତ୍ର ୭,୭୯୭ ପିଲା ନାମ ଲେଖାଇଥିଲେ। ଫଳରେ ୧୨,୮୬୦ ଜଣ ପିଲା ନାମ ଲେଖାଇବାରୁ ବଞ୍ଚିତ ରହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ସଚେତନତା ଅଭିଯାନ କରି ନ ଥିବାରୁ ଗରିବ ଓ ଦୁର୍ବଳ ଶ୍ରେଣୀର ପିଲା ସେମାନଙ୍କ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ରହିଛନ୍ତି ବୋଲି ଓଏଚ୍‌ଆର୍‌ସିରେ ଅଭିଯୋଗ ହୋଇଛି।

# ଇଗ୍ନୁ ନାମଲେଖା ଅବଧି ୨୮କୁ ବୃଦ୍ଧି

ଭୁବନେଶ୍ୱର, ୧୬।୨(ସୁଚିସ୍ମିତା ସାହୁ)

ଇଗ୍ନୁର ଜାନୁଆରୀ ୨୦୨୬ ଶିକ୍ଷା ସତ୍ର ନାମଲେଖା ଅବଧି ଏବଂ ପୁନଃ ପଞ୍ଜୀକରଣକୁ ୨୮ ତାରିଖକୁ ବୃଦ୍ଧି କରାଯାଇଛି। ପୁନଃ ପଞ୍ଜୀକରଣ ପାଇଁ ବିଦ୍ୟାର୍ଥୀଙ୍କୁ ଅତିରିକ୍ତ ୨୦୦ ଟଙ୍କା ବିଳମ୍ବ ଶୁଳ୍କ ଦେବାକୁ ପଡ଼ିବ। ଆଗ୍ରହୀ ଛାତ୍ରୀଛାତ୍ର ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଇଗ୍ନୁର ୱେବ୍‌ସାଇଟ www.ignou.ac.inକୁ ଅନୁସରଣ କରିପାରିବେ। ନାମ ଲେଖାଇବା ପାଇଁ https://ignouadmission.samarth.edu.inରେ ଆବେଦନ କରିପାରିବେ। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ନାମଲେଖା ଓ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି ବୋଲି ଇଗ୍ନୁର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ସିଙ୍ଗରେନି କର୍ମଚାରୀ ୩ ଘଣ୍ଟା ଅଟକ

ଛେଣ୍ଡିପଦା, ୧୬।୨ (ଅଜିତ ଧଳ)

କୋଇଲା ପରିବହନ ପାଇଁ ସିଙ୍ଗରେନି କମ୍ପାନୀ ପକ୍ଷରୁ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଚାଙ୍ଗୁଡ଼ିଆ ଗ୍ରାମରେ ସୋମବାର ରାସ୍ତା ସର୍ଭେ କରାଯାଉଥିବାବେଳେ ସ୍ଥାନୀୟ ଗ୍ରାମବାସୀ କମ୍ପାନୀର ୪ କର୍ମଚାରୀଙ୍କୁ ଗାଁ କୋଠଘରେ ୩ଘଣ୍ଟା ଧରି ଅଟକ ରଖିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲା। ଗ୍ରାମବାସୀଙ୍କୁ ନ ଜଣାଇ ଗାଁରେ ପଶିବେ ନାହିଁ ବୋଲି କମ୍ପାନୀ କର୍ମଚାରୀମାନେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଅଟକଙ୍କୁ ଛାଡ଼ିଦେଇଥିଲେ।

ସୂଚନାଯୋଗ୍ୟ, ନୟନୀ କୋଇଲା ଖଣିରୁ କୋଇଲା ଉତ୍ତୋଳନ କରି ଗଚ୍ଛିତ ରଖାଯାଇଥିବା ବେଳେ ପରିବହନ ହୋଇପାରୁ ନ ଥିବାରୁ ଏହାକୁ ନେଇ ସିଙ୍ଗରେନୀ କମ୍ପାନୀର ଚିନ୍ତା ବଢୁଛି। କୋଇଲା ପରିବହନ ପାଇଁ କମ୍ପାନୀ ପକ୍ଷରୁ ଯେଉଁ ଯୋଜନା କରାଯାଉଛି, ତାହାକୁ ସ୍ଥାନୀୟ ଗ୍ରାମବାସୀ ତୀବ୍ର ବିରୋଧ କରୁଛନ୍ତି। ଏ ନେଇ ଖଣି କର୍ତ୍ତୃପକ୍ଷଙ୍କ ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ସମାଧାନର ରାସ୍ତା ବାହାରି ପାରୁନାହିଁ। କିଛି ଦିନ ତଳେ ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ବୈଠକ ବସିଥିଲା। ହେଲେ ସେଥିରୁ ସମାଧାନର କୌଣସି ରାସ୍ତା ବାହାରିପାରିନ ଥିଲା। ତଥାପି କମ୍ପାନୀ ପକ୍ଷରୁ ୪ ଜଣ କର୍ମଚାରୀ ଚାଙ୍ଗୁଡ଼ିଆ ଗ୍ରାମରେ ଗ୍ରାମବାସୀଙ୍କ ଅଗୋଚରରେ ରାସ୍ତା ପାଇଁ ସର୍ଭେ ଚଳାଇଥିବା ଖବରପାଇ ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ଗାଁ କୋଠଘରେ ଅଟକ ରଖିଥିଲେ।

# ଗାଈ ସଂଗ୍ରହାଳୟ

ଉତ୍ତର ପ୍ରଦେଶର ଏକ ସରକାରୀ ସଂସ୍ଥା 'ଉତ୍ତର ପ୍ରଦେଶ ବ୍ରଜ ତୀର୍ଥ ବିକାଶ ପରିଷଦ' ମଥୁରାଠାରେ ଭାରତର ପ୍ରଥମ 'କାଓ କଲଚର ମ୍ୟୁଜିୟମ୍' ବା ଗାଈ ସଂସ୍କୃତି ସଂଗ୍ରହାଳୟ ପ୍ରତିଷ୍ଠା କରିବ ବୋଲି ନିକଟରେ ଘୋଷଣା କରିଛି। ଏହା ଗାଈମାନଙ୍କ ଧର୍ମୀୟ, ସାଂସ୍କୃତିକ ଏବଂ ଆଧାତ୍ମିକ ଗୁରୁତ୍ୱ ବହନ କରିବା ସହ ସାଧାରଣ ଲୋକଙ୍କ ସକାଶେ ବୈଜ୍ଞାନିକ ଉପଯୋଗିତା ଆଣିବ ବୋଲି କୁହାଯାଉଛି। ବ୍ୟବହାରିକ ଦୃଷ୍ଟିରୁ ଦେଖିଲେ କ୍ଷୀରଜାତୀୟ ପଦାର୍ଥର ଅନ୍ୟତମ ଉତ୍ସ ହେଉଛନ୍ତି ଗାଈ। ଆଜିର ସ୍ଥିତିରେ ଦେଶୀ ଗାଈ ଆଉ ମିଳୁନାହାନ୍ତି। ସବୁଠି ହାଇବ୍ରିଡ୍ ବା ସଙ୍କରଜାତୀୟ ଗାଈ। ଜନସଂଖ୍ୟାକୁ ଲକ୍ଷ୍ୟ କରି ସେମାନଙ୍କ ସଂଖ୍ୟାକୁ ବଢ଼ାଇ ଦିଆଯାଉଛି। ବିଶାଳ ଜନସଂଖ୍ୟାବିଶିଷ୍ଟ ଦେଶରେ ଲୋକଙ୍କ ଖାଦ୍ୟ ଚାହିଦାକୁ ପୂରଣ କରିବା ଲକ୍ଷ୍ୟରେ ଦୁଗ୍ଧଜାତ ଖାଦ୍ୟର ଆବଶ୍ୟକତା ବଢ଼ୁଛି। ଅବଶ୍ୟ ଏବେକାର ବୈଜ୍ଞାନିକମାନଙ୍କ ମତରେ ଗାଈ କ୍ଷୀର ପିଇବା ମଣିଷ ପାଇଁ ସ୍ୱାସ୍ଥ୍ୟକର। ଏହା ବ୍ୟତୀତ ମନେରଖିବାକୁ ହେବ ଯେ, ଜନ୍ମ କରିବା ପରେ ଗାଈ କ୍ଷୀର କେବଳ ତାହାରି ବାଛୁରି ପାଇଁ ଉଦ୍ଦିଷ୍ଟ। ସେହି ଦୁଗ୍ଧକୁ ମଣିଷ ଦୁର୍ଗ୍ରହିକେବାଟା କୌଣସି ଭାବେ ଆଧାତ୍ମିକ ମାନଦଣ୍ଡ ପୂରଣ କରେନାହିଁ। ଆଧୁନିକ ପୃଥିବୀରେ 'ଭେଗାନ୍' ଖାଦ୍ୟ ପ୍ରତି ଅନେକେ ଆକୃଷ୍ଟ ହେଉଛନ୍ତି। ଏହାର ଅର୍ଥ ହେଲା ମଣିଷ ଖାଦ୍ୟରେ ପଶୁ ମାଂସ, ଗୋରସର ବ୍ୟବହାର କୌଣସି ଭାବେ ସ୍ୱାସ୍ଥ୍ୟପ୍ରଦ ନୁହେଁ। ତେଣୁ ଗୋମାଂସ ଖାଇବା ଯେତିକି ପାପ, ସେହିଭଳି ଗୋରସ ପିଇବା ମଧ୍ୟ ଅନୁରୂପ ଦୃଷ୍ଟିରେ ଦେଖିବା ଉଚିତ। ତେବେ ମଣିଷ ନିଜ ସୁବିଧା ପାଇଁ ସବୁ ବିଷୟରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି କରିପାରେ। ଭାରତ ଭଳି ଗ୍ରୀଷ୍ମମଣ୍ଡଳୀୟ ଦେଶରେ ପୂର୍ବରୁ ଅନେକ ଜଙ୍ଗଲ ଥିଲା। ସେହିଭଳି ଜନସଂଖ୍ୟା ମଧ୍ୟ ଆଜିଭଳି ଭରପୂର ନ ଥିଲା। ସ୍ୱାଧୀନତା ବେଳେ ଜନସଂଖ୍ୟା ପ୍ରାୟ ୩୫ କୋଟି ଥିଲା। ସେତେବେଳେ ଗୋରୁଙ୍କ ସଂଖ୍ୟା ତଦନୁଯାୟୀ ଥିବ ବୋଲି କୁହାଯାଇପାରେ। ଯେହେତୁ ଅଧିକ ଗାଈ ଗ୍ରାମାଞ୍ଚଳରେ ରହୁଥିଲେ, ସେଥିପାଇଁ ଜଙ୍ଗଲୀ ଜନ୍ତୁଙ୍କର ଶିକାର ମଧ୍ୟ ପାଲଟୁଥିଲେ। ସମ୍ଭବତଃ ସେଥିପାଇଁ ଗାଈଙ୍କୁ ମାତାର ରୂପ ଦିଆଯାଉଛି। ସୁରକ୍ଷିତ ରଖିବାର ଉଦ୍ୟମ ମଧ୍ୟ କରାଯାଉଥିଲା। ପ୍ରକୃତି ହିସାବରେ ସବୁ ଜନ୍ତୁଙ୍କର ଏକ ବିଶେଷ ଭୂମିକା ରହିଛି। ଖାଦ୍ୟଶୃଙ୍ଖଳରେ ଗାଈର ସ୍ଥାନ ଅତି ତଳେ। ତେଣୁ ହିନ୍ଦୁ ଧର୍ମରେ ଗୋମାତାଙ୍କୁ ଗୁରୁତ୍ୱ ଦିଆଯାଉଥିଲା, କାରଣ ସେତେବେଳେ ତା'ର ଅର୍ଥନୈତିକ ଉଦ୍ଦେଶ୍ୟ ରହିଥିବ। ଆଜି ମଧ୍ୟ ସେହି ପ୍ରାଣୀର ଅର୍ଥନୈତିକ ମୂଲ୍ୟ ବଜାୟ ରହିଛି। ୨୦୨୪ରେ ପ୍ରକାଶିତ ଏକ ପରିସଂଖ୍ୟାନ ଅନୁଯାୟୀ ଭାରତରେ ୩୦ କୋଟିରୁ ଊର୍ଦ୍ଧ୍ୱ ଗୋରୁ ଥିଲେ। ଇତିମଧ୍ୟରେ ସେମାନଙ୍କ ସଂଖ୍ୟା ନିଶ୍ଚୟ ବଢ଼ିଥିବ। ହେଲେ ସେଥିରୁ କ୍ୱଚିତ ପ୍ରାକୃତିକ ଉପାୟରେ ବଢ଼ୁଥିବା ଗାଈ ମିଳିବେ। ଗୋଟିଏ ପଟେ ଗାଈଙ୍କୁ ଭାରତରେ ପବିତ୍ର ଆଖ୍ୟା ଦିଆଯାଇ ହିନ୍ଦୁ ପୁରାଣ ଶାସ୍ତ୍ରରେ ଉଚ୍ଚସ୍ଥାନ ଦିଆଯାଉଛି। ଅନ୍ୟପଟେ ହୋଲଷ୍ଟିନ୍ ଭଳି ହାଇବ୍ରିଡ୍ ଗାଈକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏପରି ପରିସ୍ଥିତିରେ ଗାଈକୁ ପ୍ରାଣୀ ସ୍ତରରେ ରଖା ନ ଯାଇ ଧର୍ମ ଓ ରାଜନୀତି ସ୍ତରକୁ ନିଆଯାଉଥିବାରୁ ସାମାଜିକ ବିଶୃଙ୍ଖଳା ମଧ୍ୟ ସୃଷ୍ଟି ହେଉଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତିମାନେ ଗୋରୁଙ୍କୁ କଂସେଇଖାନାକୁ ନେଉଥାଆନ୍ତି। ହିନ୍ଦୁ କୃଷକମାନେ ଗାଈଙ୍କୁ ବିକ୍ରି କରିଥାନ୍ତି। ଏବର ଅସୁବିଧା ହେଲା ଗୋରୁଙ୍କୁ ନେଇ ଯାଉଥିବା ଲୋକଙ୍କୁ ପିଟି ମାରିଦିଆଯାଉଛି। କଂସେଇଖାନାକୁ ନେବା ପାଇଁ ଲୋକ ଆଗ୍ରହୁ ନ ଥିବାରୁ ଗ୍ରାମାଞ୍ଚଳରେ ଅଦରକାରୀ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏ ସମ୍ପର୍କରେ ଉତ୍ତରପ୍ରଦେଶରୁ ଅନେକ ରିପୋର୍ଟ ମଧ୍ୟ ପ୍ରକାଶ ପାଉଛି। ଜୈବ ବିବିଧତା ବଜାୟ ରଖିବା ଲାଗି ସନ୍ତୁଳନତାର ଆବଶ୍ୟକତା ରହିଛି। ଆଜିର ସମୟରେ ପ୍ରାଣୀମାନଙ୍କ ମଧ୍ୟରେ ସନ୍ତୁଳନ ନ ରହିବାରୁ ଗୋଟେ ଗୋଟେ ପ୍ରଜାତି ବିଲୁପ୍ତପ୍ରାୟ ହେଉଥିବା ବେଳେ କେତେ ପ୍ରାଣୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ଏହା ପ୍ରକୃତିର ଭାରସାମ୍ୟକୁ ଅସନ୍ତୁଳନ କରୁଛି। ଅନ୍ୟ ଦେଶରେ ଅବାଞ୍ଛିତ ଭାବେ ବଢ଼ିଯାଉଥିବା ପ୍ରାଣୀଙ୍କ 'କଲିଂ' କରାଯାଉଛି। ତେଣୁ ଜୈବ ସନ୍ତୁଳନ ବଜାୟ ରଖିବା ପାଇଁ ସବୁ ପ୍ରାଣୀଙ୍କ ଉପସ୍ଥିତି ରହିବା ନିହାତି ଦରକାର। ହାତୀ ବଞ୍ଚିବା ଦରକାର ଓ ବାଘ ମଧ୍ୟ। ଏହା ଗାଈ ରଖୁଥିବା ଶୁଷ୍କ ବଢ଼ାଇ ଡାଳପତ୍ର ଖାଇବାରେ ତଳେ ଅନ୍ୟ ଗଛଗୁଡ଼ିକ ବଢ଼ିବାରେ ସହାୟକ ହୋଇଥାଏ। ସେହିପରି ହରିଣ ଶିକାର କରି ବାଘ ବଞ୍ଚେ। ବାଘ ସଂଖ୍ୟା ଲୋପ ପାଇଗଲେ ହରିଣ ବଢ଼ିଯିବେ।

କେବଳ ଗାଈଙ୍କ ସୁରକ୍ଷା ଓ ସେମାନଙ୍କ ବିଷୟରେ ସର୍ବବ୍ୟାପୀ କାର୍ଯ୍ୟ ହେଲେ ଅନ୍ୟ ପ୍ରାଣୀମାନେ ଅବହେଳା ହୋଇଯିବେ। ଧର୍ମୀୟ, ସାଂସ୍କୃତିକ ଓ ଆଧାତ୍ମିକ ଚିନ୍ତାଧାରା ରଖାଯାଇ ଗାଈଙ୍କୁ ଯେଭଳି ଗୁରୁତ୍ୱ ଦିଆଯାଉଛି, ସମାନ ପ୍ରକାର ପ୍ରାଧାନ୍ୟ ଅନ୍ୟ ଜୀବ ପ୍ରତି ଦିଆଯିବା ଦରକାର। କାରଣ ଉତ୍ତମ ପ୍ରାଣୀମଣ୍ଡଳ ଲାଗି ସର୍ବଙ୍କ ଉପସ୍ଥିତି କେବଳ ଆବଶ୍ୟକ ନୁହେଁ, ଅତ୍ୟନ୍ତ ଜରୁରୀ। ଏ ଦିଗରେ ନୀତି ପ୍ରଣେତାମାନେ ଚିନ୍ତାର ପରିସରକୁ ସର୍ବବ୍ୟାପୀ କରିବା ଲୋଡ଼ା ପଡ଼ିଲାଣି।

> **ଧର୍ମୀୟ, ସାଂସ୍କୃତିକ ଓ ଆଧାତ୍ମିକ ଚିନ୍ତାଧାରା ରଖାଯାଇ ଗାଈଙ୍କୁ ଯେଭଳି ଗୁରୁତ୍ୱ ଦିଆଯାଉଛି, ସମାନ ପ୍ରକାର ପ୍ରାଧାନ୍ୟ ଅନ୍ୟ ଜୀବ ପ୍ରତି ଦିଆଯିବା ଦରକାର। କାରଣ ଉତ୍ତମ ପ୍ରାଣୀମଣ୍ଡଳ ଲାଗି ସର୍ବଙ୍କ ଉପସ୍ଥିତି କେବଳ ଆବଶ୍ୟକ ନୁହେଁ, ଅତ୍ୟନ୍ତ ଜରୁରୀ। ଏ ଦିଗରେ ନୀତି ପ୍ରଣେତାମାନେ ଚିନ୍ତାର ପରିସରକୁ ସର୍ବବ୍ୟାପୀ କରିବା ଲୋଡ଼ା ପଡ଼ିଲାଣି।**



# ପରୀକ୍ଷା ପାଇଁ ପ୍ରସ୍ତୁତି

ଡ. ସତ୍ୟକାମ ମହାପାତ୍ର

ଚଳିତ ବର୍ଷ ଫେବୃଆରୀଠାରୁ ଆମ ରାଜ୍ୟରେ ବିଭିନ୍ନ ପରୀକ୍ଷା ଆରମ୍ଭ ହେଉଛି। ଏଥି ନିମନ୍ତେ ପ୍ରତ୍ୟେକ ପରୀକ୍ଷାର୍ଥୀ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ପରୀକ୍ଷାର୍ଥୀମାନେ ପରୀକ୍ଷା ପାଇଁ ଯେତିକି ବ୍ୟସ୍ତ ସେମାନଙ୍କର ଅଭିଭାବକ ମଧ୍ୟ ସେତିକି ବ୍ୟସ୍ତ ଓ ଚିନ୍ତିତ। କାରଣ ପରୀକ୍ଷାର ଫଳାଫଳ ଉପରେ ଭବିଷ୍ୟତର ପାଠପଢ଼ା ଓ ଚାକିରି ବହୁତ ପରିମାଣରେ ନିର୍ଭର କରିଥାଏ। ପରୀକ୍ଷାରେ ସଫଳହେବା ପାଇଁ ଠିକ୍ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ଏହି ପ୍ରସ୍ତୁତି ପ୍ରକ୍ରିୟା ପାଇଁ ପରୀକ୍ଷାର୍ଥୀଙ୍କ ସହ ଅଭିଭାବକଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

ପରୀକ୍ଷାର୍ଥୀଙ୍କ ପାଇଁ ପରାମର୍ଶ: ପରୀକ୍ଷା ପାଇଁ ପ୍ରସ୍ତୁତି ସମୟରେ ପାଠ ପଢ଼ିବା ନିମନ୍ତେ କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ନିଜର ଶିକ୍ଷକ, ମାତାପିତା ଓ ବଡ଼ ଭାଇଭଉଣୀଙ୍କ ସହ ଆଲୋଚନାକରି ନିଜ ପାଠ ପଢ଼ିବାର ଯୋଜନା ପ୍ରସ୍ତୁତ କରନ୍ତୁ। ସେହି କାର୍ଯ୍ୟସୂଚୀ ଅନୁଯାୟୀ ସଂଗଠିତ ଓ ଯୋଜନା ମୁତାବକ ପାଠ ପଢ଼ନ୍ତୁ। ଯେଉଁ ବିଷୟ କଷ୍ଟ ଲାଗୁଥିବ ତାକୁ ଅଧିକ ସମୟ ଦିଅନ୍ତୁ। ତାକୁ ବାରମ୍ବାର ଅଭ୍ୟାସ (ରିଭିଜନ) କରନ୍ତୁ। ପାଠକୁ ଭାଗ ଭାଗ କରି ପଢ଼ନ୍ତୁ। ଫଳରେ ପାଠ ଅଧିକ ମାତ୍ରାରେ ମନେରହିବ। ନିଜ ସହପାଠୀଙ୍କ ସହ ବିଭିନ୍ନ ବିଷୟ ଆଲୋଚନାକରି ପଢ଼ିଲେ ପାଠ ବୁଝିବା ଓ ମନେରଖିବାରେ ସୁବିଧା ହୋଇ ଥାଏ। କୌଣସି ବିଷୟରେ କିଛି ବୁଝାପଡ଼ୁ ନ ଥିଲେ ତାକୁ ହେୟଜ୍ଞାନ ନ କରି ନିଜ ଶିକ୍ଷକ , ମାତାପିତା କିମ୍ବା ସହପାଠୀଙ୍କର ସାହାଯ୍ୟ ନିଅନ୍ତୁ। ଲଗାତର ଘଣ୍ଟା ଘଣ୍ଟା ଧରି ପାଠ ପଢ଼ନ୍ତୁ ନାହିଁ। ଏହାଦ୍ୱାରା ପାଠରେ ଏକାଗ୍ରତା ରହେ ନାହିଁ। ତେଣୁ ୪୫ ମିନିଟ୍‌ରୁ ୧ ଘଣ୍ଟା ପାଠ ପଢ଼ିଲା ପରେ କିଛି ସମୟ ବିରତି ନିଅନ୍ତୁ। ଏହି ସମୟରେ ମନକୁ ଶାନ୍ତି ଦେଲା ଭଳି କିଛି କାମ କରନ୍ତୁ। ଯଥା ମଧୁର ସଙ୍ଗୀତ ଶୁଣନ୍ତୁ, ପରିବାର ଲୋକଙ୍କ ସହ କଥା ହୁଅନ୍ତୁ। ପାଠକୁ ଘୋଷି ପଢ଼ିବା ପରିବର୍ତ୍ତେ ବୁଝିକରି ପଢ଼ିଲେ ସହଜରେ ମନେରହେ। ରାତିରେ ଡେରି ପର୍ଯ୍ୟନ୍ତ ପଢ଼ନ୍ତୁ ନାହିଁ। ରାତିରେ ଶୀଘ୍ର ଶୋଇ ସକାଳୁ ଜଲ୍‌ଦି ଉଠନ୍ତୁ। ସକାଳୁ ମନ ସ୍ଥିର ଓ ଶାନ୍ତ ଥାଏ। ଏହି ସମୟରେ ପାଠ ପଢ଼ିଲେ ମନେରଖିବାର ସମ୍ଭାବନା ଅଧିକ ଥାଏ। ମଧ୍ୟାହ୍ନ ଓ ରାତ୍ରିଭୋଜନର ୩୦ ମିନିଟ୍ ପର ପର୍ଯ୍ୟନ୍ତ ପାଠ ପଢ଼ନ୍ତୁ ନାହିଁ। ଏହି ସମୟରେ ବିଶ୍ରାମ ନିଅନ୍ତୁ। କାରଣ ଏହି ସମୟରେ ମସ୍ତିଷ୍କକୁ ରକ୍ତ ସଂଚାଳନ କମିଯାଇଥାଏ ଓ ପାକସ୍ଥଳୀକୁ ରକ୍ତ ସଂଚାଳନ ବଢ଼ିଯାଇଥାଏ। ଫଳରେ ପାଠ ପଢ଼ିଲେ ଠିକ୍ ମନେ ରହେନାହିଁ। ପାଠ ପଢ଼ୁଥିଲା ବେଳେ ଅନେକ



ପିଲାଙ୍କୁ ଲାଗିଥାଏ ଯେ ଏତେ ପଢ଼ିଲା ପରେ ମଧ୍ୟ କିଛି ମନେ ରହୁନାହିଁ। ମାତ୍ର ଏହା ଏକ ସାଧାରଣ ଅନୁଭୂତି। ଏପରି ପ୍ରାୟ ସମସ୍ତଙ୍କୁ ଲାଗିଥାଏ। ଏହା ପାଇଁ ବ୍ୟସ୍ତ ନ ହୋଇ ଧୈର୍ଯ୍ୟ ଧରନ୍ତୁ। ପ୍ରତ୍ୟେକ ବିଷୟକୁ ବାରମ୍ବାର ରିଭିଜନ୍(ପୁନର୍ଭ୍ୟାସ) କରନ୍ତୁ। ଗୋଟିଏ କଥା ଜାଣିରଖିବାକୁ ହେବ ଯେ କୌଣସି ଔଷଧ ଦ୍ୱାରା ସ୍ମରଣ ଶକ୍ତି ବଢ଼ାଇ ହେବନାହିଁ। ପାଠ ମନେରଖିବା ପାଇଁ ଅଧିକ ପରିଶ୍ରମ ହିଁ ଏକ ମାତ୍ର ବାଟ। ପାଠ ପଢ଼ିଲା ବେଳେ ଅନେକ ପିଲାଙ୍କ ମନରେ ଚିନ୍ତା ଆସିଥାଏ ଯେ ପରୀକ୍ଷା କେମିତି ହେବ, କେତେ ନମ୍ବର ରହିବ, ଏସବୁକୁ ନେଇ ମନରେ ଆଶଙ୍କା ଓ ଏକ ପ୍ରକାର ଭୟ ଆସିଥାଏ, ଯାହାକୁ ସାଧାରଣ ଭାଷାରେ ଆଙ୍ଗଜାଇଟି ବା ଟେନ୍‌ସନ ବୋଲି କୁହାଯାଇଥାଏ। ଏସବୁ ମନରେ ଆସିଲେ ବ୍ୟସ୍ତ ହୁଅନ୍ତୁ ନାହିଁ। ବରଂ ଏହା ଦ୍ୱାରା ପରୀକ୍ଷାରେ ପ୍ରଦର୍ଶନ ବଢ଼ିଥାଏ।

ପରୀକ୍ଷାରେ ସମୟର ଠିକ୍‌ପରିଚାଳନାକରିବା ନିମନ୍ତେ ପୂର୍ବରୁ ଯୋଜନା ପ୍ରସ୍ତୁତ କରନ୍ତୁ। କେଉଁ ପ୍ରଶ୍ନକୁ କେତେ ସମୟ ଦେବେ ତାହା ପୂର୍ବରୁ ସ୍ଥିର କରି ରଖନ୍ତୁ। ମଡେଲ ପ୍ରଶ୍ନପତ୍ର କଲା ବେଳେ ଏସବୁ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ। ପୂର୍ବ ବର୍ଷର ପ୍ରଶ୍ନପତ୍ରକୁ ପ୍ରଦତ୍ତ ସମୟ ମଧ୍ୟରେ କରିବାର ଅଭ୍ୟାସ କରନ୍ତୁ। ପରୀକ୍ଷା ପ୍ରସ୍ତୁତି ସମୟରେ ମୋବାଇଲ ଫୋନ, କମ୍ପ୍ୟୁଟର ଓ ସୋସିଆଲ ମିଡିଆ (ଫେସ୍‌ବୁକ୍, ହ୍ୱାଟ୍‌ସଆପ୍) ଓ ଭିଡିଓ ଗେମ୍‌ଠାରୁ ଦୂରେଇ ରୁହନ୍ତୁ। ଏସବୁ ମନକୁ ବିଚଳିତ କରିଥାଏ ,ପାଠ ପଢ଼ାରେ ଏକାଗ୍ରତା କମିଥାଏ ଓ ରାତିରେ ଭଲ ନିଦ ହୋଇ ନ ହୋଇଥାଏ। ମନରେ କୌଣସି ନକାରାତ୍ମକ ଚିନ୍ତା ଆସିଲେ ନିଜ ଆତ୍ମୀୟ ଲୋକଙ୍କୁ ଏ ବିଷୟରେ ଜଣାନ୍ତୁ। ନିଜ ମନର କଥାକୁ ନିଜ ମାତାପିତାଙ୍କ ସହ ଆଲୋଚନା କରନ୍ତୁ। ନିୟମିତ ଭାବରେ ପ୍ରତିଦିନ ୨୦ରୁ ୧୫ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଦୀର୍ଘ ଓ ଗଭୀର ନିଃଶ୍ୱାସ ପ୍ରଶ୍ୱାସ (ଡିପ୍ ବ୍ରିଦିଙ୍ଗ୍ ଏକ୍ସରସାଇଜ) ନିଅନ୍ତୁ। ଏହାଦ୍ୱାରା ମସ୍ତିଷ୍କକୁ ରକ୍ତ ସଂଚାଳନ ବଢ଼ିଥାଏ ଓ ଏକାଗ୍ରତା ବୃଦ୍ଧି ପାଇଥାଏ। ସମୟ ମିଳିଲେ ଯୋଗ ଅଭ୍ୟାସ ମଧ୍ୟ କରନ୍ତୁ। ପରୀକ୍ଷା ପୂର୍ବ ଦିନ ରାତିରେ ଅନିଦ୍ରା ହୋଇ ପଢ଼ନ୍ତୁ ନାହିଁ। ଫଳରେ ପରୀକ୍ଷା ସମୟରେ ଥକ୍କା ଓ ନିଦ ମଧ୍ୟ ଲାଗିପାରେ। ତେଣୁ ପରୀକ୍ଷା ପୂର୍ବ ରାତିରେ ଶୀଘ୍ର ଶୋଇପଡ଼ନ୍ତୁ। ଅତି କମ୍‌ରେ ୬ ଘଣ୍ଟା ଶୁଅନ୍ତୁ। ନିଜ ମନକୁ ଦୃଢ଼ ରଖନ୍ତୁ। ନିଜ ଉପରେ ଆତ୍ମବିଶ୍ୱାସ ରଖନ୍ତୁ।

ଅଭିଭାବକଙ୍କୁ ପରାମର୍ଶ : ନିଜ ପିଲାର ମାନସିକ ଦକ୍ଷତା ଅନୁସାରେ ହିଁ ତା'ଠାରୁ ଫଳ ଆଶା କରନ୍ତୁ। ପରୀକ୍ଷାରେ କେତେ ପ୍ରତିଶତ ନମ୍ବର ଆଣିବ ସେଥି ନିମନ୍ତେ ପରୀକ୍ଷା ପୂର୍ବରୁ ପିଲା ଉପରେ ଅତ୍ୟଧିକ ଚାପ ପକାନ୍ତୁ ନାହିଁ। ଏହାଦ୍ୱାରା ପିଲା ସବୁବେଳେ ମାନସିକ ରୂପରେ ଚାପଗ୍ରସ୍ତ ରହିବ ଓ ପରୀକ୍ଷାରେ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରିବ ନାହିଁ। ପିଲାର ଖରାପ ପ୍ରଦର୍ଶନକୁ ନେଇ ତାକୁ ଉପହାସ କିମ୍ବା ହତୋସାହିତ କରନ୍ତୁ ନାହିଁ। ଏହାଦ୍ୱାରା ପିଲାର ମନୋବଳ ଭାଙ୍ଗିଯାଇଥାଏ। ପିଲାଙ୍କୁ ସବୁବେଳେ ଉତ୍ସାହିତ କରନ୍ତୁ, ସକାରାତ୍ମକ ମନୋଭାବ ସୃଷ୍ଟି ପାଇଁ ଚେଷ୍ଟା କରନ୍ତୁ। ପିଲାକୁ ପ୍ରତ୍ୟେକ ଦିନ ଯଥେଷ୍ଟ ଶୋଇବାକୁ ଦିଅନ୍ତୁ। ଅତିକମ୍‌ରେ ୬ ରୁ ୮ ଘଣ୍ଟା ଶୋଇବାକୁ ଦିଅନ୍ତୁ। ମସ୍ତିଷ୍କକୁ ଉପଯୁକ୍ତ ଆରାମ ନ ମିଳିଲେ ସ୍ମରଣ ଶକ୍ତି ଓ ଏକାଗ୍ରତା କମିଯାଇଥାଏ। ପିଲାକୁ ସୁଷମ ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ଠିକ୍ ସମୟରେ ଖାଇବାକୁ ଦିଅନ୍ତୁ। ଖାଦ୍ୟ ଖାଇବାରେ ବିଳମ୍ବ ହେଲେ ରକ୍ତରେ ଶର୍କରାର ମାତ୍ରା କମିଯାଇଥାଏ (ହାଇପୋଗ୍ଲାଇସେମିଆ)। ଫଳରେ ମଧ୍ୟ ସ୍ମରଣ ଶକ୍ତି କମିଯାଇଥାଏ।

ପିଲାକୁ ପାଠ ସହ କିଛି ସମୟ ଖେଳ କିମ୍ବା ହାଲ୍‌କା ଶାରୀରିକ ପରିଶ୍ରମ ଓ ଅନ୍ୟ କିଛି ମନୋରଞ୍ଜକ କାମ କରିବାକୁ ଦିଅନ୍ତୁ। ଫଳରେ ମସ୍ତିଷ୍କକୁ କିଛି ସମୟ ଆରାମ ମିଳିଥାଏ। ପୁଣି ପାଠ ପଢ଼ିଲେ ଏକାଗ୍ରତା ବଢ଼ିଥାଏ। ନିଜ ପିଲାକୁ ଅନ୍ୟ କୌଣସି ପିଲା ସହ ତୁଳନା କରନ୍ତୁ ନାହିଁ। ଏହା ଫଳରେ ପିଲା ଉପରେ ଅଯଥା ମାନସିକ ଚାପ ପଡ଼ିଥାଏ ଓ ତାହାର ପାଠ ଉପରୁ ଏକାଗ୍ରତା କମିଯାଇଥାଏ। ପିଲା ଯଦି ମାତାପିତାଙ୍କୁ କିଛି କହିବାକୁ ଚାହୁଁଥାଏ, ତେବେ ତା' ମନର କଥାକୁ ଧୈର୍ଯ୍ୟର ସହ ଶୁଣନ୍ତୁ। ପରୀକ୍ଷା ଚାଲିଥିବା ସମୟରେ ଘରେ ଶାନ୍ତ ଓ ସକାରାତ୍ମକ ପରିବେଶ ରଖନ୍ତୁ। ଅଭିଭାବକମାନେ ପିଲାର ପରୀକ୍ଷା ସମୟରେ ନିଜେ ଅତ୍ୟଧିକ ମାନସିକ ଚାପଗ୍ରସ୍ତ ବା ଚିନ୍ତିତ ହୁଅନ୍ତୁ ନାହିଁ। କାରଣ ପିଲା ଆପଣଙ୍କୁ ଚିନ୍ତିତ ଦେଖିଲେ ସେ ମଧ୍ୟ ଦୁଃଖ ଅନୁଭବ କରିବ। କଠିନ ପରିଶ୍ରମ, ଗଭୀର ଅଧ୍ୟବସାୟ, ଠିକ୍ ଯୋଜନା ମୁତାବକ ପ୍ରସ୍ତୁତି ଓ ଅଭିଭାବକଙ୍କ ସହଯୋଗ ଦ୍ୱାରା ପ୍ରତ୍ୟେକ ପରୀକ୍ଷାର୍ଥୀ ନିଶ୍ଚିତ ଭାବରେ ସଫଳତା ହାସଲ କରିପାରିବେ।

ମାନସିକରୋଗବିଶେଷଜ୍ଞ
ମୋ: ୮୪୫୬୯୧୯୫୫୦୬



# ବିଷାକ୍ତ ଶିଳ୍ପର ଯାତ୍ରା

ଅସିତ୍ ମହାନ୍ତି

ମାନବ ସଭ୍ୟତାର ସବୁଠାରୁ ବଡ଼ ଦୁଃଖଦ ଘଟଣା ମଧ୍ୟରୁ ଗୋଟିଏ ହେଉଛି, ଯେତେବେଳେ ଶିଳ୍ପ ଏବଂ ଲାଭ ପାଇଁ ଭୋକ ବୃଦ୍ଧି ପାଇଛି, ସେତେବେଳେ ପ୍ରଥମେ ମାନବ ଜୀବନ ବଳି ପଡ଼ିଛି। ଏହାର ପ୍ରମୁଖ ଉଦାହରଣ ହେଉଛି ଇଟାଲୀୟ କମ୍ପାନୀ ମିଟେନି, ଯାହା ପିଏଫ୍ଏଏସ୍ (ପେର୍-ଆଣ୍ଡ ପଲିଫ୍ଲୋରାଲ୍‌କିଲ୍ ସବ୍‌ଷ୍ଟାନ୍ସେସ୍) ନାମକ ଏକ ରାସାୟନିକ ପଦାର୍ଥ ଉତ୍ପାଦନ କରିଥିଲା। ଏହି ରାସାୟନିକ ପଦାର୍ଥକୁ 'ସର୍ବକାଳୀନ ରାସାୟନିକ ପଦାର୍ଥ' କୁହାଯାଏ କାରଣ ଏହା ପରିବେଶ ଏବଂ ଶରୀରରେ ଦୀର୍ଘ ସମୟ ଧରି ରହିଥାଏ ଏବଂ ସହଜରେ ନଷ୍ଟ ହୁଏ ନାହିଁ। ୨୦୧୮ରେ ମିଟେନି କାରଖାନା ବନ୍ଦହେବା ବେଳକୁ ଶ୍ରମିକଙ୍କ ଶରୀରରେ ପିଏଫ୍ଏଏସ୍ ସ୍ତର ସାଧାରଣ ୮ ନାନୋଗ୍ରାମ ତୁଳନାରେ ପ୍ରତି ମିଲିଲିଟରରେ ୯୧,୯୦୦ ନାନୋଗ୍ରାମରେ ପହଞ୍ଚିଥିଲା। ଏହି ବିଷାକ୍ତନ ସଂଖ୍ୟା ୩,୦୦,୦୦୦ ରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଥିଲା। ଏହି ଘଟଣା କେବଳ ଏକ କାରଖାନା ବନ୍ଦହେବାର କାହାଣୀ ନୁହେଁ, ବରଂ ଶିଳ୍ପ ନିୟନ୍ତ୍ରଣ ଏବଂ ତଦାରଖ ଦୁର୍ବଳ ହେଲେ ମାନବ ଜୀବନ କିପରି ବିପଦରେ ପଡ଼ିଥାଏ ତାହା ସ୍ମରଣ କରାଇ ଦେଉଛି। ପିଏଫ୍ଏଏସ୍ ହେଉଛି ମାନବ ନିର୍ମିତ ରାସାୟନିକ ପଦାର୍ଥ। ଦୁଃଖର ବିଷୟ, ଆଜି ଭାରତରେ ସମାନ କାହାଣୀ ପୁନରାବୃତ୍ତି ହେଉଛି। ଲକ୍ଷ୍ମୀ ଅର୍ଗାନିକ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ବନ୍ଦ ହୋଇଯାଇଥିବା କମ୍ପାନୀରୁ ସାମଗ୍ରୀ କିଣିଛି ଏବଂ ମହାରାଷ୍ଟ୍ରରେ ସମାନ କାରଖାନା ସ୍ଥାପନ କରିବାକୁ ଯୋଜନା କରୁଛି। ଏହି ପଦକ୍ଷେପ ଉଚ୍ଚ ସତର୍କକୁ ସ୍ପଷ୍ଟକରେ ଯେ ଆମ ଦେଶରେ ଏପରି ବିଷାକ୍ତ ରାସାୟନିକ ପଦାର୍ଥକୁ ନିଷେଧ କରିବା ପାଇଁ ପର୍ଯ୍ୟାପ୍ତ ଆଇନର ଅଭାବ ଅଛି। ଯେତେବେଳେ ୟୁରୋପ ଭଳି ବିକଶିତ ଦେଶ ପିଏଫ୍ଏଏସ୍ କୁ ଅସୁରକ୍ଷିତ ମନେକରି ଉତ୍ପାଦନ ବନ୍ଦ କରିଦେଲେ, ସେତେବେଳେ ଭାରତରେ ସେଗୁଡ଼ିକୁ ସୁରକ୍ଷିତ ବୋଲି ଭାବିବାର କୌଣସି ଯଥାର୍ଥତା ନାହିଁ। ଏହିଭଳି ସମାନ ମାନସିକତା ଆମକୁ ଅତୀତରେ ଦୁଃଖଦ ଘଟଣା ଆଡ଼କୁ ନେଇଛି। ଭୋପାଳ ଗ୍ୟାସ୍ ଟ୍ରାଜେଡି ଏକ ପ୍ରମୁଖ ଉଦାହରଣ। ସେହି ସମୟରେ ମଧ୍ୟ ପ୍ରଶ୍ନ ଥିଲା କି ଲାଭ ପାଇଁ ମାନବ ଜୀବନକୁ ଏତେ ତୁଚ୍ଛ ବୋଲି ବିବେଚନା କରାଯାଇପାରିବ। ପିଏଫ୍ଏଏସ୍ ଭଳି ରାସାୟନିକ ପଦାର୍ଥ କେବଳ ଶ୍ରମିକଙ୍କ ଶରୀରକୁ ନୁହେଁ ବରଂ ସମଗ୍ର ଇକୋସିଷ୍ଟମ୍‌କୁ ପ୍ରଭାବିତ କରେ। ସେମାନେ ଦୀର୍ଘ ସମୟ ଧରି ପାଣି, ମାଟି ଏବଂ ବାୟୁରେ ରହି ଧୀରେ ଧୀରେ ସମାଜକୁ ବିଷାକ୍ତ କରିଦିଏ। ବୈଜ୍ଞାନିକ ଏବଂ ବିଶେଷଜ୍ଞମାନେ ବାରମ୍ବାର ଚେତାବନୀ ଦେଇଛନ୍ତି, ଏହି ରାସାୟନିକ ପଦାର୍ଥଗୁଡ଼ିକ କର୍କଟ, ହରମୋନ ଅସନ୍ତୁଳନ ଏବଂ ଅନେକ ଗମ୍ଭୀର ରୋଗ ସୃଷ୍ଟି କରିପାରେ। ତଥାପି ଯେତେବେଳେ କମ୍ପାନୀଗୁଡ଼ିକ ଏହାକୁ ଉପେକ୍ଷା କରନ୍ତି ଏବଂ ସରକାର ଚୁପ୍ ରହନ୍ତି, ସେତେବେଳେ ଶିଳ୍ପ କେବଳ ସେମାନଙ୍କର ଲାଭ ଦେଖନ୍ତି। ଶିଳ୍ପ ଚାପରେ ସରକାର ମଧ୍ୟ ପ୍ରାୟତଃ ନୀରବ ରହନ୍ତି।

ଏହି ପରିସ୍ଥିତି ଆମକୁ ଚିନ୍ତା କରିବାକୁ ବାଧ୍ୟ କରେ ଯେ ଆମେ ଇତିହାସରୁ କୌଣସି ଶିକ୍ଷା ଗ୍ରହଣ କରୁନାହୁଁ କି? ଭୋପାଳ ଗ୍ୟାସ୍ ଦୁର୍ଘଟଣା ପରେ ଆଶା କରାଯାଇଥିଲା ଯେ ଭାରତରେ ଶିଳ୍ପ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। କିନ୍ତୁ ଦଶନ୍ଧି ପରେ ମଧ୍ୟ ଆମେ ସମାନ ଭୁଲକୁ ଦୋହରାଉଛୁ। ୟୁରୋପ ଏବଂ ଆମେରିକା ଭଳି ଦେଶଗୁଡ଼ିକ ସେମାନଙ୍କର ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ କଠୋର ପଦକ୍ଷେପ ନେଉଥିବା ବେଳେ ଭାରତରେ ଶିଳ୍ପଗୁଡ଼ିକୁ ମୁକ୍ତ ଲଗାମ ଦେବା କେବଳ ଦର୍ଶାଏ ଯେ ଏଠାରେ ମାନବ ଜୀବନର ମୂଲ୍ୟ କେତେ କମ୍। ବିଡ଼ମ୍ବନା ହେଉଛି ଯେ ବିକାଶ ଏବଂ ନିଯୁକ୍ତି ନାମରେ ଆମେ ଏପରି ଶିଳ୍ପକୁ ପ୍ରୋତ୍ସାହିତ କରୁ ଯାହା ଶେଷରେ ବିନାଶ ଆଡ଼କୁ ନେଇଯାଏ। ବିକାଶର ଅର୍ଥ କେବଳ କାରଖାନାର ସଂଖ୍ୟା ବୃଦ୍ଧି କରିବା ନୁହେଁ, ବରଂ ମଣିଷ ଏବଂ ପରିବେଶର ସୁରକ୍ଷା ସୁନିଶ୍ଚିତ କରିବା। ଯଦି କୌଣସି ଶିଳ୍ପ ଏହା କରିବାରେ ବିଫଳ ହୁଏ, ତେବେ ଏହାକୁ ବିକାଶ କୁହାଯାଇପାରିବ ନାହିଁ। ଲକ୍ଷ୍ମୀ ଅର୍ଗାନିକ ଭଳି କମ୍ପାନୀଗୁଡ଼ିକୁ ବୁଝିବା ଉଚିତ ଯେ ସେମାନଙ୍କର ଲାଭ ଅନେକ ଲକ୍ଷ ଲୋକଙ୍କ ଜୀବନକୁ ପଛରେ ପକାଇପାରିବ ନାହିଁ। ସରକାରଙ୍କୁ ମଧ୍ୟ ଏହିପରି ବିଷାକ୍ତ ରାସାୟନିକ ପଦାର୍ଥକୁ ତୁରନ୍ତ ନିଷିଦ୍ଧ କରିବାକୁ ପଡ଼ିବ। ଆଜି ଯେତେବେଳେ ଆମେ ମିଟେନି ଏବଂ ଭୋପାଳ ଦୁଃଖଦ ଘଟଣାର କାହାଣୀକୁ ମନେପକାଉଛୁ, ଏହା ସ୍ପଷ୍ଟ ହୋଇଯାଏ ଯେ ଇତିହାସ ଆମକୁ ବାରମ୍ବାର ସତର୍କ କରାଉଛି। କିନ୍ତୁ ଯଦି ଆମେ ଏହି ଚେତାବନୀକୁ ଅଣଦେଖା କରୁ, ତେବେ ଭବିଷ୍ୟତ ପିଢ଼ି କେବଳ ବିଷାକ୍ତ ବାୟୁ, ଦୂଷିତ ପାଣି ଏବଂ ଅସୁସ୍ଥ ଶରୀର ପାଇବ। ଏହା କେବଳ ଏକ ଶିଳ୍ପ ସମସ୍ୟା ନୁହେଁ, ବରଂ ମାନବତାର ପ୍ରଶ୍ନ। ଆମକୁ ନିଷ୍ପତ୍ତି କରିବାକୁ ପଡ଼ିବ ଯେ ଆମେ ଲାଭକୁ ପ୍ରାଥମିକତା ଦେବୁ ନା ମାନବ ଜୀବନକୁ। ଯଦି ଆମେ ଭୁଲ୍ ପଥ ବାଛୁ, ତେବେ ପରିଣାମ ପୂର୍ବ ପରି ହେବ - ଲକ୍ଷ ଲକ୍ଷ ମୃତ୍ୟୁ, ନଷ୍ଟ ପରିବାର ଏବଂ ଏକ ବିଷାକ୍ତ ଭବିଷ୍ୟତ। ତେଣୁ ଆଜି ଆମକୁ ଆମର ସ୍ୱର ଉଠାଇବାକୁ, ଆଇନ ପ୍ରଣୟନ କରିବାକୁ ଏବଂ ନିଶ୍ଚିତ କରିବାକୁ ପଡ଼ିବ ଯେ କୌଣସି କମ୍ପାନୀ ମାନବ ଜୀବନ ସହ ଖେଳିପାରିବ ନାହିଁ। ଏହା ଆମର ଦାୟିତ୍ୱ ଏବଂ ଆମର ମାନବତାର ପ୍ରକୃତ ପରୀକ୍ଷା।



ଏହାକୁ ପୁଞ୍ଜିବାଦ କୁହାଯାଏ। ପୁଞ୍ଜିବାଦ କେବଳ ଲାଭ ପାଇଁ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଲେ ମଧ୍ୟ କିଛି ଫରକ ପଡ଼େନାହିଁ। ୧୯୮୪ରେ ଘଟିଥିବା ଦୁଃଖଦ ଘଟଣାରୁ ବଞ୍ଚିଥିବା ଭୋପାଳର ଲୋକମାନେ ଏପର୍ଯ୍ୟନ୍ତ ସୁସ୍ଥ ହୋଇନାହାନ୍ତି। ତଥାପି ଏହି ବିପଦପୂର୍ଣ୍ଣ ଜିନିଷକୁ ପ୍ରୋତ୍ସାହିତ କରାଯାଉଛି। ସରକାର ପୁଞ୍ଜିପତିମାନଙ୍କ ସମ୍ମୁଖରେ ନୀରବ। ସମସ୍ତେ ଜାଣନ୍ତି କାହିଁକି। ଯଦି ଆମ ସମ୍ମୁଖରେ ଏକ ଉଦାହରଣ ଅଛି, କିନ୍ତୁ ଆମେ ପୁଣି ଥରେ ସମାନ ଭୁଲ କରିବାକୁ ଯାଉଛୁ, ତେବେ ଏହାର ଅର୍ଥ ହେଉଛି ଯେ ଯଦି କୌଣସି ଦୁର୍ଘଟଣା ଘଟେ, ତେବେ ବୁଝିବାକୁ ପଡ଼ିବ ଯେ, ଏହା ମଣିଷକୃତ। ଏହା ମଧ୍ୟ ସତ୍ୟ ଯେ ଯଦି ଆଜି ପୃଥିବୀ ଧ୍ୱଂସ ଦ୍ୱାରରେ ଅଛି, ତେବେ ମଣିଷ ନିଜେ ଏଥିପାଇଁ ଦାୟୀ। ମଣିଷ ଭୂମି, ଆକାଶ, ଜଳ, ବାୟୁ ଏପରିକି ପାତାଳକୁ ମଧ୍ୟ ଛାଡ଼ି ନାହିଁ। ଏବେ ପୃଥିବୀ ବିଷାକ୍ତ ହୋଇଗଲାଣି, ଏଥିପାଇଁ କିଏ ଦାୟୀ?

ମୋ: ୯୪୩୭୨୮୮୦୨୮

## ଏଇ ଭାରତରେ

ପକ୍ଷୀ ଜୀବନ ଏବେ ସଙ୍କଟରେ। ଜଳବାୟୁ ପରିବର୍ତ୍ତନ,ସହରୀକରଣରେ ବାସସ୍ଥାନ ଓ ଖାଦ୍ୟ ଅଭାବ ଯୋଗୁ ବଂଶବୃଦ୍ଧି ନ ହୋଇ ବହୁ ପ୍ରଜାତିର ପକ୍ଷୀ ଏବେ ବିଲୁପ୍ତିର ଦ୍ୱାରଦେଶରେ। ଏଭଳି ଏକ ସଙ୍କଟଜନକ ସ୍ଥିତିକୁ ଭଲ ଭାବେ ଉପଲବ୍ଧିକରି ଆସାମ ଗୋଲାଘାଟ ଜିଲାର ସ୍କୁଲ ଛାତ୍ରମାନେ ନିଆରା ପଦକ୍ଷେପ ନେଇଛନ୍ତି। ପକ୍ଷୀମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ନିଶ୍ଚିତ କରିବାରେ ସ୍ଥାନୀୟ ଲୋକଙ୍କୁ ଜଡ଼ିତ କରିପାରିଛନ୍ତି। ଏହି ଅଭିଯାନ ଛୋଟା ହାଇସ୍କୁଲର ୫୦୦ ଛାତ୍ରଛାତ୍ରୀ ଗଛ ଲଗାଇବା ସହ ପକ୍ଷୀ ଅଣ୍ଡାଦେବା ସକାଶେ ଟେରାକୋଟା ବସା ତିଆରି କରୁଛନ୍ତି। ଏହି ବସାକୁ ଯତ୍ନର ସହ ବିଭିନ୍ନ ଗଛରେ ଏବଂ ଛାତ ଉପରେ ଲଗାଉଛନ୍ତି। ପକ୍ଷୀମାନେ ସେଠାରେ ଅଣ୍ଡା ଦେଉଛନ୍ତି। ପିଲାମାନେ ବିଶେଷକରି ଦେଶୀ ପ୍ରଜାତିର ଗଛ ଲଗାଉଛନ୍ତି, କାରଣ ଏହାର ଶାଖାରେ ପକ୍ଷୀମାନେ ସୁରକ୍ଷିତ ରହିବା ସହ ଖାଦ୍ୟ ପାଇପାରିବେ। ଏତିକିରେ ପିଲାଙ୍କର କାର୍ଯ୍ୟ ଅଟକି ଯାଇନାହିଁ, ସେମାନେ ପକ୍ଷୀ ଜୀବନକୁ ନେଇ ବିଭିନ୍ନ ପ୍ରଦର୍ଶନୀ ଆୟୋଜନ କରୁଛନ୍ତି। ଏଠାରୁ ସ୍ଥାନୀୟ ଲୋକଙ୍କୁ ଆମନ୍ତ୍ରଣକରି ସଙ୍କଟଜନକ ସ୍ଥିତିରେ ଥିବା ପକ୍ଷୀଙ୍କ ସମ୍ପର୍କରେ ସଚେତନ କରିପାରୁଛନ୍ତି। ଏପରିକି ସେମାନଙ୍କୁ ମଧ୍ୟ ଅଭିଯାନରେ ଜଡ଼ିତ କରିପାରୁଛନ୍ତି। ପକ୍ଷୀଜୀବନ ବଞ୍ଚାଇବା ଲାଗି ବୋକାଖାତ ହାଇସ୍କୁଲର ପିଲାଙ୍କ ଅଭିଯାନ ଏବେ ପାଖ ଗାଁଗୁଡ଼ିକର ସ୍କୁଲ ପିଲାଙ୍କୁ ପ୍ରେରିତ କରିପାରିଛି।

## ଚିରନ୍ତନୀ

ମୁଖେ ନାହିଁ କଥା ନାହିଁ କି ତୋର
ମଥାରେ କିଛି
ଚିକୁର ଶୋଭାରେ ସେ ଖାଲି ଚିର
ରହିବ ଛିଛି।
ପୀରତି ନାମରେ କିପାଇଁ ଭୟ
କହ ଗୋ ଆଜ
ସେ ନୁହେ ଜନ୍ମକୁ ଆକାଶବାଣୀ
ସେ ନୁହେ ଲାଜ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 9 | | | | | 4 | |
| 4 | 2 | | 5 | | | 7 | 6 | 3 |
| 1 | 6 | | | | 4 | | | 2 |
| | 9 | | 1 | | 5 | 2 | | |
| | | | | 3 | 6 | 4 | | 7 |
| 6 | | | 2 | 7 | | 3 | | |
| 8 | | 2 | | 9 | 1 | 6 | | 5 |
| | 1 | | | 8 | 6 | | | |
| 9 | 3 | | | 5 | 7 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 6 | 4 | 8 | 2 | 5 | 7 | 1 |
| 5 | 4 | 8 | 3 | 1 | 7 | 6 | 2 | 9 |
| 7 | 2 | 1 | 9 | 5 | 6 | 4 | 8 | 3 |
| 9 | 7 | 4 | 8 | 3 | 5 | 1 | 6 | 2 |
| 8 | 6 | 3 | 2 | 7 | 1 | 9 | 5 | 4 |
| 2 | 1 | 5 | 6 | 9 | 4 | 8 | 3 | 7 |
| 1 | 5 | 2 | 7 | 6 | 9 | 3 | 4 | 8 |
| 6 | 8 | 7 | 1 | 4 | 3 | 2 | 9 | 5 |
| 4 | 3 | 9 | 5 | 2 | 8 | 7 | 1 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନେତା ଲୋକଙ୍କ ବିଶ୍ୱାସଭାଜନ ହୁଅନ୍ତୁ

ମହାଶୟ,

ଗଣତନ୍ତ୍ରର ମୁଖ୍ୟ ଲକ୍ଷ୍ୟ-ଜାତି ଧର୍ମ ବର୍ଣ୍ଣ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ସାମାଜିକ ନ୍ୟାୟ ଓ ଅଧିକାର ପ୍ରଦାନ କରିବା। ସମାନତା ଉପଭୋଗ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧର ବାର୍ତ୍ତାକୁ ଭାରତବର୍ଷରେ ବାଞ୍ଛିଲେ ଯଥେଷ୍ଟ ନୁହେଁ, ଏହାକୁ ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିବା ଉଚିତ। ଗଣତନ୍ତ୍ରର ସଂଜ୍ଞା ଓ ସ୍ୱରୂପ ବିଧି ବ୍ୟବସ୍ଥାରେ ଭାରତକୁ ଏକ ସୁସ୍ଥ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ କରିବାର ପରିବେଶ ସୃଷ୍ଟି କରିବା ଉଚିତ। ବ୍ୟକ୍ତିଗତ ସ୍ୱାର୍ଥ ନିହିତ କୌଣସି ଯୋଜନାକୁ ସକାରାତ୍ମକ ରୂପଦେବା ଓ ତାକୁ ପୂରଣ ପାଇଁ ନିଜ କ୍ଷମତାର ଅପବ୍ୟବହାରକରି ଜନତାଙ୍କ ସାମାଜିକ ଜୀବନର ପଥରୋଧ କରିବା କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରର ମୁଖ୍ୟଙ୍କ କର୍ତ୍ତବ୍ୟ ନୁହେଁ। ନିକଟରେ ରାଷ୍ଟ୍ରପତି ପ୍ରଥମେ ନିଜକୁ ଜଣେ ସାଧାରଣ ନାଗରିକ ଭାବେ ଚିନ୍ତାକରି ଜନତାଙ୍କ ମଧ୍ୟରେ ସାମିଲ ହୋଇପାରିଲେ। ତେବେ ଅନେକ କ୍ଷେତ୍ରରେ ଏହିଭଳି ପ୍ରମୁଖ ବ୍ୟକ୍ତିମାନେ ଯେଉଁସବୁ ସ୍ଥାନକୁ ଯାଆନ୍ତି, ସେଠାରେ ଲୋକମାନେ ରାସ୍ତାଘାଟ ବନ୍ଦଜନିତ ଅସୁବିଧାର ସମ୍ମୁଖୀନ ହେବା ଦୁର୍ଭାଗ୍ୟଜନକ। ସଂକ୍ଷେପରେ ଯେଉଁଦିନ ଆମ ଭାରତରେ ପ୍ରଶାସନିକ ସେବାରେ ନିୟୋଜିତ ଭିଭିଆଇପି , ନେତା,ମନ୍ତ୍ରୀମାନେ ସର୍ବସାଧାରଣ ସ୍ଥାନରେ ଲୋକଙ୍କ ସାଙ୍ଗରେ ମିଶି ଯିବା ଆସିବା କରିବେ, ସେଦିନ ନିଶ୍ଚିତ ନେତାମାନେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବେ।

-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ମଥାନୀ ବାଇପାସ୍ ପେଗରପଡ଼ା ଜଳକା ନଦୀ ବ୍ରିଜରେ ଘନ କୁହୁଡ଼ି ଯୋଗୁ ସୋମବାର ପ୍ରାତଃ ୫ଟା ବେଳେ ଏକ ଅଣ୍ଡା ବୋଝେଇ ଟ୍ରକ ୧୫ ଫୁଟ ତଳକୁ ଖସିପଡ଼ିଛି।

# କୂଅରେ ପଡ଼ି ୨ ବାର୍ହା ମୃତ

**ଚମ୍ପୁଆ,୧୬।୨(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଭଣ୍ଡାଖୁଆ ସେକ୍ସନର ଜୋଡ଼ିପୁର ବିଟ୍ ଅଧୀନ ବାଉଁଶିଆ ପଦା ଗ୍ରାମରେ ପରିତ୍ୟକ୍ତ କୂଅରେ ପଡ଼ି ୨ ବାର୍ହା ମୃତ୍ୟୁବରଣ କରିଛନ୍ତି। ବନ ବିଭାଗ କର୍ମଚାରୀ ପହଞ୍ଚି କୂଅରୁ ମୃତଦେହ କାଢ଼ିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ବାଉଁଶିଆ ପଦା ଗ୍ରାମର ରଞ୍ଜିତ ବେହେରା ପନିପରିବା ଚାଷ କରିଛନ୍ତି। ରବିବାର ରାତିରେ ୨ ଜଙ୍ଗଲୀ ବାର୍ହା ପନିପରିବା ଖାଇବାକୁ ଆସି ଉକ୍ତ କୂଅରେ ପଡ଼ିଯାଇ ପ୍ରାଣ ହରାଇଥିଲେ। ସୋମବାର ଖବରପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ୨ ବାର୍ହା ମୃତଦେହ ଜବତ କରିଥିଲା। ପରେ ବ୍ୟବଚ୍ଛେଦ କରି ଜଙ୍ଗଲରେ ପୋତି ଦିଆଯାଇଥିବା ରେଞ୍ଜର ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।



ଜବତ ବାର୍ହା ମୃତଦେହ।

# ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକଙ୍କ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର,୧୬।୨(ସୁଚିସ୍ମିତା ସାହୁ)**

ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ସଂସ୍କୃତ ଶିକ୍ଷକଙ୍କ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକାରେ ମୋଟ୍ ୬୪୭ ଜଣ ପ୍ରାର୍ଥୀଙ୍କ ନାମ ସ୍ଥାନ ପାଇଛି। ସାଧାରଣ ବର୍ଗର କଟ୍‌ଅଫ୍ ମାର୍କ ୧୨୨.୫ ଯାଇଥିବାବେଳେ ଏସ୍‌ଇବିସି ବର୍ଗର କଟ୍‌ଅଫ୍ ୧୨୧, ଅନୁସୂଚିତ ଜାତି ପୁରୁଷ ବର୍ଗରେ ୭୭ ଓ ମହିଳା ବର୍ଗରେ ୭୫.୫ ଯାଇଛି। ଅନୁସୂଚିତ ଜନଜାତି ପୁରୁଷ ବର୍ଗରେ ସବୁଠାରୁ କମ୍ ଅର୍ଥାତ୍ ମାତ୍ର ୨୦ମାର୍କ କଟ୍‌ଅଫ୍ ଯାଇଥିବାବେଳେ ମହିଳା ବର୍ଗରେ ୨୧.୫ ମାର୍କ ରହିଛି। ସୂଚନାଯୋଗ୍ୟ, ପରୀକ୍ଷା ଫଳ ପ୍ରକାଶ ପାଇବାରେ ବିଳମ୍ବକୁ ନେଇ ଏଲ୍‌ଟିଆର୍ ସଂସ୍କୃତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇବା ସହ ବିଧାନସଭା ଘେରାଉ କରିବାକୁ ଚେତାବନୀ ଦେଇଥିଲେ।

# ହୋଲି ପାଇଁ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)**



ହୋଲି ଏବଂ ଦୋଳପର୍ବ ସମୟରେ ଯାତ୍ରୀଙ୍କ ସୁଗମ, ଆରାମଦାୟକ ଏବଂ ଉତ୍ତମ ଯାତ୍ରା ସୁବିଧା ଜାରି ରଖିବା ପାଇଁ ପୂର୍ବତଟ ରେଳପଥ ଏକାଧିକ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାକୁ ଘୋଷଣା କରିଛି। ଅତିରିକ୍ତ ଯାତ୍ରୀ ଭିଡ଼ ଦୂର କରିବା ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ ସ୍ଥଳଗୁଡ଼ିକ ମଧ୍ୟରେ ଅତିରିକ୍ତ ସଂଯୋଗ ପ୍ରଦାନ କରିବା ଲାଗି ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକୁ ପ୍ରଚଳନ କରାଯାଉଛି। ଭୁବନେଶ୍ୱର, ବିଶାଖାପାଟଣା ଏବଂ ସମ୍ବଲପୁରକୁ ଯଶବନ୍ତପୁର, ଏସ୍.ଏମ୍.ଭି.ବି. ବେଙ୍ଗାଲୁରୁ, ତିରୁପତି, ଚାର୍ଲାପଲ୍ଲୀ, ଶାଳିମାର, ଧାନବାଦ ଏବଂ ଇରୋଡ ସମେତ ଦେଶର ପ୍ରମୁଖ ସହରଗୁଡ଼ିକ ସହିତ ସଂଯୋଗ କରିବାକୁ ପୂର୍ବତଟ ରେଳପଥ ଏହି ସ୍ୱତନ୍ତ୍ର ଟ୍ରେନ ସେବା ଯୋଜନା କରିଛି। ଯାତ୍ରୀମାନେ ଆଇଆର୍‌ସିଟିସି ୱେବ୍‌ସାଇଟ୍ ଅନୁସରଣ କରି କିମ୍ବା ରେଲ୍ ୱାନ୍ ଆପ୍ ମାଧ୍ୟମରେ ଟିକେଟ ବୁକ୍ କରିପାରିବେ। ସେହିପରି ପିଆର୍‌ଏସ୍ କାଉଣ୍ଟର କିମ୍ବା ଅନଲାଇନରେ ଟିକେଟ ବୁକ୍ କରିହେବ ବୋଲି ସୂଚନା ଦିଆଯାଇଛି।

# ରାସ୍ତାରେ ପାଠ ପଢ଼ିଲେ ଛାତ୍ରୀଛାତ୍ର

**ଝରିଗାଁ/ନବରଙ୍ଗପୁର,୧୬।୨ (କିଶୋର ଚନ୍ଦ୍ର ମଣ୍ଡଳ/ସଦାଶିବ ପ୍ରହରାଜ)**

ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ ଆଣି ଆଶାୟୀ ପ୍ରାର୍ଥୀଙ୍କ ସମର୍ଥକମାନେ ସୋମବାର ସ୍କୁଲରେ ତାଲା ପକାଇଦେଲେ। ଫଳରେ ଛାତ୍ରୀଛାତ୍ର ଦୀର୍ଘସମୟ ଅପେକ୍ଷା କରିବାପରେ ରାସ୍ତାରେ ବସି ପାଠ ପଢ଼ିଲେ। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁର୍ଲା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ସୂଚନା ପ୍ରକାରେ ବିଦ୍ୟାଳୟରେ ଡିସେମ୍ବର ୨୦୨୪ରେ ଶିଶୁ ବାଟିକା ପାଇଁ ଶିଶୁ ସେବିକା ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗ୍ରାମର ୬ଜଣ ମହିଳା ଆବେଦନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ୪ କିଲୋମିଟର ଦୂରରେ ରହୁଥିବା ଅନ୍ୟ ଜଣେ ମହିଳାଙ୍କୁ ଚୟନ କରିଥିଲା। ତେବେ ଏହି ଚୟନରେ ଅନିୟମିତତା ଅଭିଯୋଗ କରି ଆଶାୟୀ ସମର୍ଥକମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଆଶାୟୀ ପ୍ରାର୍ଥୀଙ୍କ ସମର୍ଥକମାନଙ୍କୁ ତାଲା ଖୋଲିବା ପାଇଁ ପ୍ରଧାନଶିକ୍ଷକ ତୁଳାରାମ ଭତ୍ରା ଓ ସହକାରୀ ଶିକ୍ଷକମାନେ ବୁଝାଶୁଝା କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ପ୍ରଧାନଶିକ୍ଷକ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଦୀର୍ଘ ସମୟ ପରେ ସିଆର୍‌ସିସି ସଭାଚନ୍ଦ୍ର ପାଣ୍ଡେ ପହଞ୍ଚି ଥିବାବେଳେ ଅନ୍ୟ କାହାରି ଦେଖା ନ ଥିଲା। ଫଳରେ ବାଧ୍ୟ ହୋଇ ଛାତ୍ରୀଛାତ୍ରଙ୍କୁ ରାସ୍ତାରେ ଗଛଛାଇ ତଳେ ପାଠ ପଢ଼ାଯାଇଥିଲା। ପ୍ରାୟ ୩ ଘଣ୍ଟା ପରେ ଅପରାହ୍ନ ୧ଟା ୩୦ରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ମୁଖ୍ୟ ଫାଟକର ତାଲା ଭାଙ୍ଗିବା ପରେ ଛାତ୍ରୀଛାତ୍ର ବିଦ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। ଏହାପରେ ଶ୍ରେଣୀ ଗୃହରେ ପାଠ ପଢ଼ା ହୋଇଥିଲା। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ହୋଇପାରି ନ ଥିଲା। ପୋଲିସ ପହଞ୍ଚି ତାଲା ପକାଇଥିବା କେତେଜଣ ଲୋକଙ୍କ ନାମ ଲେଖି ନେଇଥିଲେ। ଅଭିଭାବକମାନେ ତାଲା ପକାଇଥିବା ଲୋକଙ୍କ ବିରୋଧରେ ଏତଲା ଦେବେ ବୋଲି କହିଛନ୍ତି। ଏନେଇ ଏବିଇଓ ଦଶରଥ ଗଣ୍ଡଙ୍କୁ ପଚାରିବାରୁ ସେବିକା ଚୟନ ବିଦ୍ୟାଳୟ କମିଟି କରିଥାଏ। ଗାଁର ଜଣେ ପ୍ରାର୍ଥୀ ଠିକ୍ ସମୟରେ ତାଙ୍କର ସମସ୍ତ ଆବଶ୍ୟକ କାଗଜପତ୍ର ଦେଇ ନ ଥିଲେ। ଫଳରେ କମିଟି ପାଖ ଗାଁର ଜଣେ ପ୍ରାର୍ଥୀଙ୍କୁ ଚୟନ କରି ତାଲିକା କାର୍ଯ୍ୟାଳୟକୁ ଦେଇଛନ୍ତି। ଏଯାଏ ନିଯୁକ୍ତି ହୋଇନାହିଁ। ତାଲା ପକାଯିବା ଘଟଣାର ତଦନ୍ତ କରିବେ ବୋଲି ସେ କହିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ତଦନ୍ତ ହେବ ବୋଲି କହିଛନ୍ତି।

# ଜଳପ୍ରପାତରେ ଭାସିଯାଇ ଏଏସ୍‌ଆଇ ନିଖୋଜ

**କୋଟପାଡ଼,୧୬।୨(କେ.ରାଜଶେଖର ରାଓ)**

କୋରାପୁଟ ଜିଲା କୋଟପାଡ଼ ଗୁଳୁମୀ ଜଳପ୍ରପାତ ପିକନିକ ସ୍ପଟରେ ଛତିଶଗଡ଼ ନଗରନାର ଥାନା ଏଏସ୍‌ଆଇ କର୍ମଚାରୀ ଜଳସ୍ରୋତରେ ଭାସିଯାଇ ରବିବାରଠାରୁ ନିଖୋଜ ରହିଛନ୍ତି। ନିଖୋଜ କର୍ମଚାରୀ ହେଲେ ଛତିଶଗଡ଼ ନଗରନାର ଥାନାର ଏଏସ୍‌ଆଇ ତଥା ହରିୟାଣା ଫରିଦାବାଦ ଗୁଳି ଲାଡ ଅଞ୍ଚଳର ଅକ୍ଷୟ ଚୌଧୁରୀ। ଖବର ପାଇ କୋଟପାଡ଼ ଓଡ୍ରାଫ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଜାରି ରଖିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ରବିବାର କୋଟପାଡ଼ରୁ ୨୪ କି.ମି. ଦୂର ସୀମାନ୍ତବର୍ତ୍ତୀ ଦେଉଡ଼ା ଶିବ ମନ୍ଦିର ଅଞ୍ଚଳରେ ନିୟୋଜିତ ହୋଇଥିବା ପୋଲିସ କର୍ମଚାରୀଙ୍କ ମଧ୍ୟରୁ ୫ କର୍ମଚାରୀ ନିକଟ ଗୁଳୁମୀ ଜଳପ୍ରପାତ ବୁଲିବାକୁ ଯାଇଥିଲେ। କୌଣସି କାରଣରୁ ତାଙ୍କ ଗୋଡ଼ ଖସିଯିବାରୁ ସେ ଜଳପ୍ରପାତରେ ଭାସିଯାଇଥିଲେ। ଅନ୍ୟ କର୍ମଚାରୀମାନେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଏ ନେଇ କୋଟପାଡ଼ ଓଡ୍ରାଫ ଟିମ୍ ଓ ପୋଲିସକୁ ଖବର ଦେଇଥିଲେ।


## ଭାରତୀୟ କପା ନିଗମ ଲିମିଟେଡ୍
ଭା.କ.ନି. C.C.I. | ମୋବାଇଲ ଆପ୍ | कपास किसान

**ଶାଖା କାର୍ଯ୍ୟାଳୟ, ରାୟଗଡ଼ା**

ପ୍ଲଟ ନଂ. ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା - ୭୬୫୦୦୧ (ଓଡ଼ିଶା)

ସଂଖ୍ୟା: ଭାକନି/ରାୟଗଡ଼ା/୨୦୨୫-୨୬ ତାରିଖ: ୧୬.୦୨.୨୦୨୬

**କପା ଚାଷୀମାନଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ ବର୍ତ୍ତମାନ ଫସଲ ବର୍ଷ ୨୦୨୫-୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।

କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପା ଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ।

ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟ୍ସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./- ଶାଖା ପ୍ରମୁଖ

## ଆବଶ୍ୟକ

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

## OFFICE OF THE DIVISIONAL FOREST OFFICER, RAYAGADA FOREST DIVISION, RAYAGADA
**QUOTATION CALL NOTICE FOR THE FY 2025-26**

**No.8001/77/2526** : Sealed quotations are invited from the original manufacturers or authorized vendors/franchises/suppliers for supply of shoes for forest personnel of Rayagada Forest Division. Interested bidders may submit their quotations along with samples as per the following specifications by postal means or to be dropped at the Tender box available at the office in a sealed envelope. The quotations must reach the office of the undersigned on or before **20.02.2026**.

| Sl. No. | Item | Specifications | Approximate Quantity |
|---|---|---|---|
| 1 | Shoes for Forest Personnel | 1. Suitable for field duty in forest terrain<br>2. Colour : Preferably Brown / Tan / Gray colour<br>3. Sizes : Preferably 5-11 (UK size) or as per requirement<br>4. Brand : Preferably BATA | 60 Nos. |

For further details on procedure of submission, criteria of selection, Specification, product delivery, contact information and other important instructions, please visit the Tender Section of the webpage ***https://rayagada.odisha.gov.in/tender.***

Sd./- Divisional Forest Officer, Rayagada Division

OIPR-8001/8062/1/25-26/0002

## GOVT. OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR
No.25001/180/2526

E-Mail:- eerw_anandapur@yahoo.co.in

**NOTICE INVITING TENDER**
**NATIONAL COMPETITIVE BIDDING THROUGH e-PROCUREMENT NOTICE**
**Online-16 /EE/RW/AND/2025-26**
**Annual Maintenance Plan of Rural Roads under Administrative Expenditure**

No. ______// Date : //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure.** The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the State Government & contractors of equivalent grades / class registered with Central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 16/EE/RW/AND/2025-26 | 17.02.2026 at 10.00 A.M. | 23.02.2026 up to 5.00 P.M. | 21.02.2026 up to 5.00 P.M. | 24.02.2026 at 11.30 A.M. |

Sd./- Executive Engineer, R.W. Division, Anandapur

OIPR-25001/25055/1/25-26/0014

## TP SOUTHERN ODISHA DISTRIBUTION LIMITED (Procurement Department) TPSODL
BPR North Star Building, 2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 17.02.2026

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | RC for House Keeping & Canteen services at Hostel Building, Bidyutpuri, TPSODL | TPSODL/OT/2025-26/2500001137 | 2,00,000/- | 5,000 | 27.02:2026; 18:00 Hrs. |
| 2 | RC for Supply of Outdoor Control & Relay Panel at PAN-TPSODL | TPSODL/OT/2025-26/2500001139 | 2,00,000/- | 5,000 | 02.03:2026; 18:00 Hrs |
| 3 | RC for SITC of Transformer Monitoring Unit | TPSODL/OT/2025-26/2500001140 | 2,00,000/- | 5,000 | 02.03:2026; 18:00 Hrs |

For detailed tender, please visit Tender Section on TPSODL website **https://www.tpsouthernodisha.com**

## OFFICE OF THE EXECUTIVE ENGINEER
**Drinking Water and Sanitation Mechanical Division, Dhanbad**

**Short Notice Inviting e-Quotation**
**Notice No:-05/2025-26**

Government of Jharkhand through its Public Works Department (PWD) is engaged in framing/ revision of Schedule of Rates and as part of this endeavor, quotations through e-tender are invited for "Material" **Supplying, Installation, Testing and Commissioning of Pump Set and allied works at Rural Water Supply Scheme Mairanwatand and Ojhadih-Katania** Works pertaining to drinking water supply from Reputed Manufacturers/Authorized Dealers for respective items conforming to the specifications for inclusion in the Schedule of Rates for Government of Jharkhand to be used in different Civil construction/ infrastructure works and repair works shall be submitted online in the website http://Jharkhandtenders.gov.in. Details and list of materials are available on the above e-tender portal. The quotationer may download the documents from the website and quote their firm item rate excluding taxes for the Materials online from 20.02.2026 at 02:30 hrs. to 06.03.2026 at 05:00 hrs. The quotation will be opened on 07.03.2026 at 05:00Hours.

The quotation is invited to ascertain and assess the Rate of Materials at par with lowest market rate for framing of Schedule of Rate.

**Address for Communication:-**
Office of the Executive Engineer
Drinking Water & Sanitation Mechanical Division, Dhanbad.
Address : Near Kumar Fuels Opp. Water Tower, Dhansar, Dhanbad- 828106.
Landline No : 0326-2308988
e-mail ID :ee.mechdivisiondhanbad003@gmail.com.

Executive Engineer, D.W. & S. Mechanical Division, Dhanbad.

PR 373077 Drinking Water and Sanitation(25-26)#D

## बैंक ऑफ़ बड़ौदा Bank of Baroda
**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**

ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା

**ସାର୍ବଜନୀନ ବିଜ୍ଞପ୍ତି**

**ମେସର୍ସ ସନ୍ଧ୍ୟା ଜୁଏଲର୍ସ, ସ୍ୱତ୍ତ୍ୱାଧିକାରୀ: ବିଶ୍ୱନାଥ ସାହୁଙ୍କ** ଏନ୍‌ପିଏ ଋଣ ଆକାଉଣ୍ଟରେ ବନ୍ଧକ ରଖାଯାଇଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହା **ଶ୍ରୀମତୀ ସନ୍ଧ୍ୟାରାଣୀ ସାହୁଙ୍କ** ନାମରେ ବିଦ୍ୟମାନ ଏବଂ ଯାହାକି ଖାତା ନଂ.: ୫୭୯, ପ୍ଲଟ୍ ନଂ.: ୫୬୫, ହୋଲ୍ଡିଂ ନଂ.: ୨୪୪, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ମୌଜା: କଟକ ସଦର, କାଜି ବଜାର, ଗଙ୍ଗା ମନ୍ଦିର, ୟୁନିଟ୍ ନଂ. ୧୪, ଥାନା: ଲାଲବାଗ, କଟକ ସହର, ଜିଲ୍ଲା: କଟକରେ ଅବସ୍ଥିତ, ତାହାର **ଭୌତିକ ଦଖଲ ତା୨୨.୧୨.୨୦୨୫ରିଖରେ** ନେବା ସମ୍ବନ୍ଧରେ ଏହା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ, ଆଇନର ଯଥାର୍ଥ ପ୍ରକ୍ରିୟା ଅନୁସାରେ, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଏବଂ ପୋଲିସ୍ ଅଧିକାରୀଙ୍କ ଉପସ୍ଥିତିରେ, ସମ୍ପତ୍ତି ପରିସରରେ ପ୍ରବେଶ କରିବା ପରେ, ତାହା ଭିତରେ କିଛି ଘରୋଇ ସାମଗ୍ରୀ ପଡ଼ିଥିବାର ଦେଖିବାକୁ ମିଳିଥିଲା। ଦଖଲ ନେବା ସମୟରେ, ଉକ୍ତ ସାମଗ୍ରୀଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହି ତାରିଖ ସୁଦ୍ଧା, ତାଲିକା ଅନୁଯାୟୀ ଥିବା ଘରୋଇ ସାମଗ୍ରୀଗୁଡ଼ିକ ଏବେ ବି ସୁରକ୍ଷିତ ସମ୍ପତ୍ତି ପରିସରରେ ପଡ଼ିରହିଛି। ଏହା ମଧ୍ୟ ଦେଖାଯାଇଛି ଯେ, ସୁରକ୍ଷିତ ସମ୍ପତ୍ତିର ଅଂଶ ଭାବରେ ଥିବା ଦୋକାନଗୁଡ଼ିକ ମଧ୍ୟରୁ ଗୋଟିଏ ଦୋକାନ ତାଲା ପଡ଼ିଛି। ଏହି ପରିପ୍ରେକ୍ଷୀରେ ଆପଣଙ୍କୁ ଆମନ୍ତ୍ରଣ କରାଯାଉଅଛି ଯେ, ବ୍ୟାଙ୍କକୁ ପୂର୍ବ ସୂଚନା ଦେଇ ଆପଣ ପ୍ରକାଶନ ତାରିଖ ଠାରୁ **୭(ସାତ)** ଦିନ ମଧ୍ୟରେ ଉକ୍ତ ସମ୍ପତ୍ତି ପରିସରରୁ ଆପଣଙ୍କର ସମସ୍ତ ଘରୋଇ ସାମଗ୍ରୀ ସଂଗ୍ରହ କରି ଅପସାରଣ କରନ୍ତୁ ଏବଂ ତାଲା ପଡ଼ିଥିବା ଦୋକାନ ଖାଲି କରନ୍ତୁ। ଦୟାକରି ଧ୍ୟାନ ଦିଅନ୍ତୁ ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ଏହା ପାଳନ ନକଲେ, ବ୍ୟାଙ୍କ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନେବ ଏବଂ ପରବର୍ତ୍ତୀ ସମୟରେ ଉକ୍ତ ସାମଗ୍ରୀର କୌଣସି କ୍ଷୟକ୍ଷତି, ଚୋରି କିମ୍ବା ହାନି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ।

ସ୍ଥାନ: କଟକ, ତାରିଖ: ୧୭.୦୨.୨୦୨୬ କ୍ଷମତାପ୍ରାପ୍ତ ଅଧିକାରୀ

## यूनियन बैंक Union Bank of India
**ମହାନଦୀ ବିହାର ଶାଖା** | **ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

ପ୍ଲଟ୍ ନଂ.: ୧୩୩୭, ମହାନଦୀ ବିହାର, ଜିଲ୍ଲା: କଟକ, ପିନ୍ - ୭୫୩୦୦୪

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** ଆର୍ଥିକ ସହାୟତା ନିମ୍ନଲିଖିତ ଗାଡିକୁ ପ୍ରଦାନ କରାଯାଇଥିଲା ଏବଂ ଋଣ ପ୍ରଦାନ କରିବାରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଖିଲାପ କରିଥିବାରୁ ଏହାକୁ ବ୍ୟାଙ୍କ ପକ୍ଷରୁ ଜବତ କରାଯାଇ ବିକ୍ରୟ ପାଇଁ ଉପଲବ୍ଧ ରହିଛି। କ୍ରୟ କରିବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତି ଗାଡିର ଭୌତିକ ଯାଞ୍ଚ ଏବଂ ସବିଶେଷ ତଥ୍ୟ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରିପାରିବେ। ଆଗ୍ରହୀ କ୍ରେତାମାନେ ପ୍ରସ୍ତାବ ସହ ଅମାନତ ରାଶି ନିମନ୍ତେ **DD/Pay Order/NEFT/RTGS** ମାଧ୍ୟମରେ **ଆକାଉଣ୍ଟ ନଂ.: 302211980050000, IFSC Code: UBIN0830224**ରେ ଭରଣାଯୋଗ୍ୟ / ଫେରସ୍ତଯୋଗ୍ୟ **ଟ.୭୮,୦୦୦/- (ଅଠସ୍ତରୀ ହଜାର ଟଙ୍କା ମାତ୍ର)** ଦାଖଲ କରିବେ।

ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବକୁ ମୁଦ ଲଫାପାରେ ରଖି ଲଫାପା ଉପରେ **"ଗାଡି ନଂ.: OD 02 CY 8170** କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ **ତା.୧୯.୦୨.୨୦୨୬ରିଖ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ପହଞ୍ଚାଇବା ଆବଶ୍ୟକ। ମୁଦ ପ୍ରସ୍ତାବଗୁଡିକ **ତା.୨୦.୦୨.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ ଖୋଲାଯିବ ଏବଂ ପ୍ରସ୍ତାବ ଦାଖଲ କରିଥିବା ଆଗ୍ରହୀ କ୍ରେତାମାନେ ସେହି ସମୟରେ ଉପସ୍ଥିତ ରହିବା ଆବଶ୍ୟକ।

ସଫଳ କ୍ରେତା କୋଟେସନ୍ ଖୋଲାଯିବା ତାରିଖ ଠାରୁ **୧୦ (ଦଶ)**ଟି କାର୍ଯ୍ୟ ଦିବସ ମଧ୍ୟରେ ସମ୍ପୂର୍ଣ୍ଣ ମୂଲ୍ୟ ଦାଖଲ କରିବେ କିମ୍ବା ବ୍ୟାଙ୍କ ଦ୍ୱାରା ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ ଅନ୍ୟଥା ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ଗାଡିକୁ ପରେ ବିକ୍ରୟ କରାଯିବ।

ଗାଡିଟି **"ଯେଉଁଠାରେ ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ଗାଡି ବିକ୍ରୟ କରାଯିବ ନାହିଁ। ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

| କ୍ର. ନଂ. | ଗାଡ଼ିର ବିବରଣୀ | ପଞ୍ଜିକୃତ ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|
| ୧. | Maruti Suzuki ERTIGA VXI (O) CNG | OD 02 CY 8170 | ଟ.୭,୮୦,୦୦୦/- / ଟ.୭୮,୦୦୦/- |

ସ୍ଥାନ: କଟକ
ତାରିଖ: ୧୬.୦୨.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, GAJAPATI, PARLAKHEMUNDI
No.25001/177/2526

e-mail : rwd_gajapati@yahoo.co.in

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender - 15/GJP/2025-26**

1. Name of the work : Road Works
2. Total No. Work : 03 (Three) No. of Road Works
3. Estimated Cost : Rs.6.25 lakhs to Rs.7.65 lakhs
4. Class of Contractor : 'D' & 'C' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 18.02.2026 at 10.00 A.M. to 24.02.2026 up to 5.00 P.M.
7. Date and Time of Opening of Tender : 25.02.2026 at 11.00 A.M.
8. Place of Opening : As per Annexure

Further details can be seen from the Website www.tenderorissa.gov.in

Sd./- EXECUTIVE ENGINEER, R.W. DIVN. GAJAPATI

OIPR-25001/25158/1/25-26/0024

## ODISHA COAL AND POWER LTD. (A GOVT. OF ODISHA COMPANY)
OCPL Odisha Coal and Power Limited

Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**NOTICE INVITING TENDER** Date: 17/02/2026

Bids in prescribed format are invited in www.tendersodisha.gov.in from the Agency for the following work :

| Sl. No. | Name of the work | Cost of Tender Paper | Issue of Tender Document | Last Date of bid Submission | Bid Opening date |
|---|---|---|---|---|---|
| 1 | Development of Road at Village Laikera, Sundargarh. Ref No. OCPL/MCMP/SER-196/2026 | Rs.1000 Incl. of GST | 17.02.2026 3.00 P.M. | 14.03.2026 5.00 P.M. | 16.03.2026 At 03.30 P.M. |
| 2 | Development of Road including Culvert and Drainage Channel at Village Sarbahal, Hemgir, Sundargarh Ref. No. OCPL/MCMP/SER-197/2026 | Rs.1000 Incl. of GST | 17.02.2026 3.00 P.M. | 14.03.2026 5.00 P.M. | 17.03.2026 At 03.30 P.M. |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Sr. Manager (Contract and Commercial)

## Forest, Environment & Climate Change Department, Government of Odisha
## DIVISIONAL FOREST OFFICER, KEONJHAR KENDULEAF DIVISION
Tel. No. : 06766-295389, e-mail : keonjharkldivision@gmail.com

**TENDER NOTICE FOR HIRING OF PRIVATE VEHICLES**
**No.42/176/2026 Date : 13.02.2026**

**No.8001/75/2526** : Sealed tenders are invited from interested Reputed Travel Agencies/ Tour Operators/ Individuals for providing 09 (Nine) Nos. of AC Diesel driven Mahindra Bolero/Neo/ Max Models of vehicles (BS-VI emission complaint Diesel driven AC) vehicles with commercial registration in accordance with the Office Memorandum No- 15836/F dt. 27.05.2025 of the Finance Department, Government of Odisha for official use (as detailed below) on hiring basis under the establishment of Keonjhar Kenduleaf Division. The sealed tenders can be dropped in the Tender Box placed in the office of the Divisional Forest Officer, Keonjhar Kenduleaf Division on or before **25th February 2026 04.00 PM**. The tenders will be opened in the same office on **25th February 05.00 PM**. The Standard Bidding Document and Terms & Conditions can be downloaded from **https://kendujhar.odisha.gov.in/** and can also be obtained from the Office of the DFO, Keonjhar Kenduleaf Division from 16th February 2026 to 25th February 2026 during office hours.

| Sl. No. | Name of the Office/Field Unit | Mahindra Bolero/Neo/Max (equivalent or higher model) Maximum monthly Hiring charges (exclusive of applicable taxes) is ₹ 37,200/- | Period of Engagement |
|---|---|---|---|
| 1 | Assistant Conservator of Forests O/o the Divisional Forest Officer, Keongjar K.L. Division | 01 | For 12 months |
| 2 | Sub-Divisional Forest Officer, Keonjhar K.L. Sub-Division | 01 | For 12 months |
| 3 | Sub-Divisional Forest Officer, Kamakhyanagar K.L. Sub-Division | 01 | For 12 months |
| 4 | In different field units (Range Offices) under the jurisdiction of the Divisional Forest Officer, Keonjhar Kenduleaf Division | 06 | Maximum upto 08 months |

Sd./- Divisional Forest Officer, Keonjhar Kenduleaf Division

OIPR-8001/8154/1/25-26/0001

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଘୋଷଣା**

**No. RDM-LAA-BLS-0009-2023/39378** **R&DM, Dated 22 OCT. 2025**

**No.III-15**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ତମଛଡା**, ଥାନା-ବାଲେଶ୍ୱର ସଦର ନଂ. ୧୦, ତହସିଲ-ରେମୁଣା, ଜିଲ୍ଲା- ବାଲେଶ୍ୱରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ବଙ୍କାତୀର ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୭୦୩, ତା.୨୧.୦୨.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୩୬୭୫୭, ତା.୨୪.୦୯.୨୦୨୫ ରିଖ ଅନୁସାରେ ଅଧିସୂଚନାର ବୈଧତା ତା.୦୭.୦୪.୨୦୨୬ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି । ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ତମଛଡା**, ଥାନା-ବାଲେଶ୍ୱର ସଦର ନଂ.୧୦, ତହସିଲ-ରେମୁଣା, ଜିଲ୍ଲା-ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା-ବାଲେଶ୍ୱର | ତହସିଲ-ରେମୁଣା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତମଛଡା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୨.୪୫ | ଏକର ୦.୬୫ | ଏଥିସହିତ ସଂଲଗ୍ନ |

ତଫସିଲ-ଖ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା-ବାଲେଶ୍ୱର | ତହସିଲ-ରେମୁଣା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୦୭.୦୪.୨୦୨୬ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା-୩୦/୨୦୨୨
ଏ.୦.୬୫ ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରି, ବଙ୍କାତୀର ସବ୍ ମାଇନର, ମୌଜା-ତମଛଡା, ଥାନା-ବାଲେଶ୍ୱର ସଦର ନଂ. ୧୦, ତହସିଲ-ରେମୁଣା, ଜିଲ୍ଲା-ବାଲେଶ୍ୱର

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬୮ | ୧୮୧ | ୦.୧୯ | ୦.୦୬ | ଶାରଦ ତିନି | ଭିକାରି ପ୍ରଧାନ, ପି-ବାମଦେବ ପ୍ରଧାନ, ବସନ୍ତ ପ୍ରଧାନ, ପି:କପିଳ ପ୍ରଧାନ, ଚିନ୍ତାମଣି ପ୍ରଧାନ, ଦିନବନ୍ଧୁ ପ୍ରଧାନ, ପି:ସହଦେବ ପ୍ରଧାନ, ଜା:ଖଣ୍ଡାୟତ, ବା:କଳମା, ଜି:ମୟୂରଭଞ୍ଜ |
| ୭୬ | ୧୮୨ | ୦.୧୧ | ୦.୦୨ | ଶାରଦ ତିନି | ମାୟାଧର ବାରିକ, ପି:ବୀର ବାରିକ, ଜା:ଗୋପାଳ, ବା:ନିଜଗାଁ |
| ୧୩/୩ | ୧୮୭ | ୧.୧୫ | ୦.୨୮ | ଶାରଦ ତିନି | ଶ୍ରୀ ଗୋବିନ୍ଦ ରାମ ଜିଉ ଠାକୁର ବିଜେ ନିଜଗାଁ ମାର୍ଫତ ମାୟାଧର ବାରିକ, ପି:ବିରଭଦ୍ର ବାରିକ, ଜା:ଗୋପାଳ, ବା:ନିଜଗାଁ, ଥା:ସଦର, ଜି:ବାଲେଶ୍ୱର |
| ୧୩/୪ | ୧୮୮ | ୦.୧୦ | ୦.୦୧ | ଶାରଦ ତିନି | ଶ୍ରୀ ଗୋବିନ୍ଦ ରାମ ଜିଉ ଠାକୁର ବିଜେ ନିଜଗାଁ ମାର୍ଫତ ମାୟାଧର ବାରିକ, ପି:ବିରଭଦ୍ର ବାରିକ, ଜା:ଗୋପାଳ, ବା:ନିଜଗାଁ, ଥା:ସଦର, ଜି:ବାଲେଶ୍ୱର |
| ୧୩/୬ | ୧୮୫ | ୦.୯୦ | ୦.୨୮ | ଶାରଦ ତିନି | ଶ୍ରୀ ଗୋବିନ୍ଦ ରାମ ଜିଉ ଠାକୁର ବିଜେ ନିଜଗାଁ ମାର୍ଫତ ଦାମୋଦର ଦାସ, ପି:ଉଦୟ ନାରାୟଣ ଦାସ, ଜା:ଖଣ୍ଡାୟତ, ବା:କଳମା, ଥା:ବୈଶିଙ୍ଗା, ଜି:ମୟୂରଭଞ୍ଜ |
| ମୋଟ | ୫ ପ୍ଲଟ | ଏ. ୨.୪୫ ଡେ.ମି. | ଏ.୦.୬୫ ଡେ.ମି. | | |

Sd./- Amin, Deuli Zone | Sd./- Revenue Inspector, Deuli Zone | Sd./- Zone Officer-cum-L.A. Collector, S.I.P. Deuli Zone | Sd./- Spl. Land Acquisition Officer, S.I.P. Baripada

## ସଂକ୍ଷେପରେ

### ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ବେଗୁନିଆ,୧୬।୨(ସନ୍ଧ୍ୟାରାଣୀ ମିଶ୍ର):** ସିକୋସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚନ୍ଦ୍ରଶେଖରପୁରର ବାର୍ଷିକ ଉତ୍ସବ 'କଳିକା ୨. ୦' ଗତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଅରବିନ୍ଦ ରାୟ ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜ ମୁଖ୍ୟ ବକ୍ତା ଏବଂ ସିଆର୍‌ସିସି ସୁକାନ୍ତ ପାଇକରାୟ, ପଣ୍ଡିତ ଦାଶରଥି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କବିତା ଦତ୍ତ, ସରପଞ୍ଚ ସନ୍ତୋଷୀ ରାୟ, ସମିତିସଭ୍ୟା ଅଞ୍ଜଳି ସାହୁ, ପୂର୍ବତନ ସରପଞ୍ଚ ସୁରେଶ ସାହୁ, ରୂପକାନ୍ତି ସାହୁ, ଶିକ୍ଷକ ପାଣ୍ଡବ ସାହୁ, ପରିଚାଳନା କମିଟି ସଭାପତି ବୈଦ୍ୟନାଥ ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା କୁମାରୀ ମହାପାତ୍ର, ସୁଖଲତା ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଲିଙ୍ଗରାଜ ପରମଗୁରୁ ସଭା ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ମିଶ୍ର ସହଯୋଗ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅହଲ୍ୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇଦେବାକୁ ଦାବି

**ବେଗୁନିଆ,୧୬।୨(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ମିଳୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାର ସୁବିଧା ଅନେକ ଗ୍ରାମର ଜନସାଧାରଣଙ୍କୁ ମିଳୁନାହିଁ। ଏହାର ସ୍ଥାୟୀ ସମାଧାନ ଦିଗରେ ଗୁରୁତ୍ୱ ଦେବାକୁ ଗତ ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲା ଭାଜପାର ପୂର୍ବତନ ସମ୍ପାଦିକା ମୀନା ମାନସିଂହ, ପବିତ୍ର ମୋହନ ବଳିୟାରସିଂହ, ଭଗବାନ୍ ସ୍ୱାଇଁ, ସନ୍ତୋଷ ବେହେରା, ପ୍ରକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶତାଧିକ ଲୋକଙ୍କ ଦସ୍ତଖତ ଥିବା ଅଭିଯୋଗପତ୍ର ଭାଜପାର ପୂର୍ବତନ ବେଗୁନିଆ ମଣ୍ଡଳ ସଭାପତି ସଞ୍ଜୟ ପ୍ରସାଦ ଛୁଆଲସିଂହଙ୍କ ତତ୍ତ୍ୱାବଧାନରେ ପ୍ରଦାନ କରାଯାଇଛି। ଏଥିସହିତ ଖୋର୍ଦ୍ଧା ଜିଲାପାଳ, ପରିବହନ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ, ପରିବହନ ବିଭାଗଙ୍କ ଅବଗତି ନିମନ୍ତେ ଜଣାଯାଇଛି। ସୂଚନାଥାଉ କି, ଦୈନିକ ମୁଖ୍ୟମନ୍ତ୍ରୀ ବସ୍ ବେଗୁନିଆ ବ୍ଲକର ହଜ ପଞ୍ଚାୟତ କାର୍ଯ୍ୟାଳୟର ସିକୋ, ଶଗଡ଼ଭଙ୍ଗା, ଜାଲଭାର, ବୋତଲମା, ମାଣିକପୁରପାଟଣା ହାଟ, ଅଠରାଙ୍ଗ, ଗଡ଼ମାଣତୀର, ରାଉତପଡା, ପରିଛଳ ଛକ, ଡିଙ୍ଗର ଚାରିଛକ ଦେଇ ବେଗୁନିଆ ପର୍ଯ୍ୟନ୍ତ ଯାତାୟାତ କରୁଛି। କିନ୍ତୁ ଉକ୍ତ ବସ୍ ବୋତଲମା ଗାଁମୁଣ୍ଡରୁ ସିଧାସଳଖ ମାଣିକପୁରପାଟଣା ହାଟ ଛକକୁ ନ ଯାଇ ବୋତଲମାରୁ ହୀରାପୁର ପଞ୍ଚାୟତ କାର୍ଯ୍ୟାଳୟ, ସାମନ୍ତରାପୁର, ଲାଠିପଡ଼ା, ମୁକ୍ତାପୁର, ନିଧିପୁର, ବାଲଧାଡ଼ି, ବାଦବାରବାଟୀ, ଛତ୍ରପଡ଼ା ଦେଇ ମାଣିକପୁରପାଟଣା ହାଟଛକଠାରେ ପହଞ୍ଚିବା ପରେ ଯଦି ଭାୟା ଅଠରାଙ୍ଗ, ଗଡ଼ମାଣତୀର, ପରିଛଳ ଛକ, ରାଉତପଡା, ଡିଙ୍ଗର ଦେଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାତାୟାତ କରନ୍ତା ତେବେ ହୀରାପୁରଠାରୁ ଛତ୍ରପଡ଼ା ପର୍ଯ୍ୟନ୍ତ ୮ ମୌଜାର ଜନସାଧାରଣ ଉପକୃତ ହୋଇପାରନ୍ତେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

# 'ବିଡିଓଙ୍କ ବଦଳି ନ ହେଲେ ବ୍ଲକକୁ ଅଚଳ କରିଦିଆଯିବ'



ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ଆଗରେ ଦିଆଯାଇଥିବା ଗଣଧାରଣା।

**ବୋଲଗଡ଼,୧୬।୨(ଦେବବ୍ରତ ହୋତା)**

ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ବଦଳି ଦାବିରେ ଗତ ଏକ ସପ୍ତାହ ଧରି ଚାଲିଥିବା ଗଣଧାରଣାକୁ ବିଭିନ୍ନ ମହଲରୁ ସମର୍ଥନ ବଢ଼ିବାରେ ଲାଗିଛି। ସଧାରଣଜନତାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲା ପରିଷଦ ମେମ୍ବର ଏବଂ ବିଭିନ୍ନ ସଙ୍ଗଠନ ଏଠାରେ ଅହୋରାତ୍ର ବସି ବିଡିଓଙ୍କ ବଦଳି ପାଇଁ ଦାବିକରି ଆସୁଛନ୍ତି। ମହାଶିବରାତ୍ରିରେ ଏଠାରେ ଦୀପ ଜାଳି ସରକାରଙ୍କୁ ସଦ୍‌ବୁଦ୍ଧି ଦେବାକୁ ପ୍ରାର୍ଥନା କରିଥିଲେ। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସମେତ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ବିଭିନ୍ନ ଦିବସରେ ଆନ୍ଦୋଳନସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିବା ବେଳେ ସୋମବାର ଖୋର୍ଦ୍ଧା ଜିଲା ପରିଷଦ ସଭାନେତ୍ରୀ ରୁପଶ୍ରୀ ରାଣୀ ଗୁମାନସିଂହ ଏବଂ ଉପସଭାପତି ଗୋପୀନାଥ ମହାରଣା ପ୍ରମୁଖ ଏଠାରେ ପହଞ୍ଚି ସମର୍ଥନ ଜଣାଇଛନ୍ତି। ଏହି ଗଣଧାରଣା ବ୍ଲକ ସମ୍ମୁଖରେ ଜାରି ରହିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଏପର୍ଯ୍ୟନ୍ତ ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିନାହାନ୍ତି। ଯାହାକୁ ନେଇ ଆନ୍ଦୋଳନରତ ୩୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତି ସଭ୍ୟ ଓ ଜିଲାପରିଷଦ ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଡିଓଙ୍କ ବଦଳି ନ ହେଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ ବୋଲି ବିଧାୟକ ସାହୁ କହିଥିବା ବେଳେ ବିଧାୟକ ଡ.ଅରୁଣ ସାହୁ ଏହି ଘଟଣାକୁ ବିଧାନସଭା ଅଧିବେଶନରେ ଉପସ୍ଥାପନ କରାଯିବ ବୋଲି କହିଛନ୍ତି। ତେବେ ବୋଲଗଡ଼ ଥାନା ପୋଲିସ ଆନ୍ଦୋଳନସ୍ଥଳରେ ମୁତୟନ ଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବା ଆଶଙ୍କାରେ ଅଧିକ ଫୋର୍ସ ମଗାଇଥିବା ସୂଚନା ମିଳିଛି।

# ସାରୁଅରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ବାଘମାରୀ,୧୬।୨(ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଳ୍ପନା ସାସମଲ, ସିଡିପିଓ ବିନୋଦିନୀ ପଣ୍ଡା, ବୋତଲମା ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ପ୍ରଭାସିନୀ ପଣ୍ଡା ଯୋଗଦେଇ ଅଭିଯୋଗ ଶୁଣିଥିଲେ। ୧୫ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିରୁ ୧୦ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଆଉ ୫ଟି ଅଭିଯୋଗ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସ୍ଥାନୀୟ ସରପଞ୍ଚ ରଞ୍ଜିତା ମହାଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆକର୍ଷଣ ସାଜିଲା ଲୋକକଳା ନୃତ୍ୟ


ବଡ଼ପଦର ଜାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବୋଲଗଡ଼,୧୬।୨(ଦେବବ୍ରତ ହୋତା)**

**ବଡ଼ପଦର ଜାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼ପଦର ଗ୍ରାମ ସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠରେ ଯୁବକ ସଂଘ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଜାଗର ମହୋତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ଲୋକକଳା ନୃତ୍ୟ ମନ ମୋହିଥିଲା। ଏହି ଅବସରରେ ଜିତେନ୍ଦ୍ର କୁମାର ବଳିୟାରସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ସାମାଜିକକର୍ମୀ ମନୋଜ କୁମାର ପ୍ରଧାନ ମୁଖ୍ୟ ବକ୍ତା, ସରପଞ୍ଚ ସୁନନ୍ଦା ବରାଳ, ଡ.ଶିଶିର କୁମାର ଆଚାର୍ଯ୍ୟ, ସୁରେନ୍ଦ୍ର କୁମାର ସେଠୀ ଏବଂ ସାଧୁ ଚରଣ ଖୁଣ୍ଟିଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ପାରମ୍ପରିକ କଳାକୁ ପୁନରୁଦ୍ଧାର କରିବାକୁ ସୁଯୋଗ ଦେଇଥାଏ ବୋଲି ମତବ୍ୟକ୍ତ କରିବା ସହ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ପୁରସ୍କାର ବିତରଣ ଉତ୍ସବ

**ବାଘମାରୀ,୧୬।୧ (ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ସିମୋର ବଜାର ନିକଟ ପ୍ରଗତି ଶିଶୁ ମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଡା. ପ୍ରମୋଦ କୁମାର ସାହୁ, ମୁଖ୍ୟ ବକ୍ତା ସ୍ଥାନୀୟ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସିଆର୍‌ସିସି ରଞ୍ଜନ କୁମାର ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇ ପାଠପଢ଼ି ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମନୋଜ ମଞ୍ଜରୀ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷା ମମତା ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ବିଭୁଦତ୍ତ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଭାଜପାରେ ମିଶିଲେ ୧୫ ପରିବାର



**କୃଷ୍ଣପ୍ରସାଦ,୧୬।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗମ୍ଭାରୀ ପଞ୍ଚାୟତ ପୋଡ଼ା ଗ୍ରାମର ବିଜେଡି ସମର୍ଥିତ ୧୫ ପରିବାର ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଛନ୍ତି। ଗମ୍ଭାରୀ ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ବରିଷ୍ଠ ନେତା ନବ କିଶୋର ଜେନା, ମହଲା ସଭ୍ୟ ଯୁବନେତା କାମେଶ୍ୱର ଜେନା, ଅଇଁଠା ପରିଡ଼ା, ନଗେନ୍ଦ୍ର ଜେନାଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ନୀତି ଓ ଆଦର୍ଶ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ପୋଡ଼ା ଗ୍ରାମର ଉଲ୍ଲାସ ମହାନ୍ତି, ପିତାମ୍ବର ମହାନ୍ତି, ପ୍ରତିମା ମହାନ୍ତି, ଶେଷଦେବ ମହାନ୍ତି, କଣ୍ଠ ମହାନ୍ତି, ଚେଲା ମହାନ୍ତି, ଅଭିମନ୍ୟୁ ମହାନ୍ତି, କାଳିଆ ମହାନ୍ତି, ଶମ୍ଭୁ ମହାନ୍ତି, ଟୁକୁନା ମହାନ୍ତି, ଶିବୁ ମହାନ୍ତି, ଉକୁଲୁ ମହାନ୍ତି, ଶୁକ ମହାନ୍ତିଙ୍କ ସହିତ ଗ୍ରାମର ୧୫ ପରିବାର ଭାଜପାରେ ଯୋଗଦେଇଥିଲେ। ବ୍ରହ୍ମଗିରି ବିଧାୟିକା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଭାଜପା ସଙ୍ଗଠନ ଦିନକୁ ଦିନ ମଜଭୁତ ହେବାରେ ଲାଗିଛି।

# ଟାଙ୍ଗୀ ବ୍ଲକ: ୧୧ କେନ୍ଦ୍ରରେ ୨୧୩୦ ଛାତ୍ରୀଛାତ୍ର ଦେବେ ମାଟ୍ରିକ ପରୀକ୍ଷା

**ଟାଙ୍ଗୀ,୧୬।୨(ରଘୁନାଥ ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆନୁକୂଲ୍ୟରେ ଚଳିତ ୨୦୨୬ ଶିକ୍ଷା ବର୍ଷ ପାଇଁ ଆସନ୍ତା ୧୯ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏନେଇ ଟାଙ୍ଗୀ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଯୋରଦାର କରାଯାଇଛି। ଶୃଙ୍ଖଳିତ, ସ୍ୱଚ୍ଛ ଏବଂ ଅବାଧ ମୁକ୍ତ ପରିଚାଳନା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଳରାମଦେବ ବିଦ୍ୟାପୀଠକୁ ନୋଡାଲ ସେଣ୍ଟର କରାଯାଇଛି। ଟାଙ୍ଗୀ ବ୍ଲକରେ ୧୧ଟି ପରୀକ୍ଷା କେନ୍ଦ୍ରରେ ୨୧୩୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ବଳରାମଦେବ ବିଦ୍ୟାପୀଠରେ ୧୯୯ ଜଣ, ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୭୦, ଓଳସିଂ ଦାଶରଥି ଉଚ୍ଚ ବିଦ୍ୟାଳୟରେ ୧୯୮, ବଡ଼ପାରୀ ଉଚ୍ଚ ବିଦ୍ୟାଳୟରେ ୨୧୧, ପଦ୍ମକୁମୁଦ ବିଦ୍ୟାନିକେତନରେ ୧୯୪, କୁହୁଡି ଜନତା ହାଇସ୍କୁଲରେ ୧୪୯, ନିରାକାରପୁର କେବି ଏକାଡେମୀରେ ୧୨୫, ରାମେଶ୍ୱର ହାଇସ୍କୁଲରେ ୧୬୬, କମାଗୁରୁ ହାଇସ୍କୁଲରେ ୧୭୨, କନ୍ତଳବାଇ ଏସଟିୟୁ ଏକାଡେମୀରେ ୩୦୭, ବାଲିପାଟପୁର ରିଫ୍ୟୁଜି ହାଇସ୍କୁଲରେ ୨୩୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ବଳରାମ ଦେବ ବିଦ୍ୟାପୀଠରେ ହୋଇଥିବା ପ୍ରଶ୍ନପତ୍ର ହବର ନୋଡାଲ ଅଫିସର ପ୍ରଧାନ ଶିକ୍ଷକ ଜୋସ୍ନାମଣୀ ମଙ୍ଗରାଜ ଓ ଡେପୁଟି ଅଫିସର ଭାବେ ବରିଷ୍ଠ ଶିକ୍ଷକ ବିଶ୍ୱଜିତ ପଲାଇ ଦାୟିତ୍ୱରେ ରହିଛନ୍ତି।

### ମହାଶିବରାତ୍ରିରେ ଏବିଭିପିର ସେବାକାର୍ଯ୍ୟ

**ଖୋର୍ଦ୍ଧା,୧୬।୨(ପ୍ରଭାତ ପାଣିଗ୍ରାହୀ)**

ମହାଶିବରାତ୍ରି ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଖୋର୍ଦ୍ଧା ପକ୍ଷରୁ ସ୍ଥାନୀୟ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସେବାକାର୍ଯ୍ୟ ହୋଇଥିଲା। ଭକ୍ତଙ୍କୁ ପାନୀୟଜଳ, ଦହିପଣା ବଣ୍ଟନ କରିବା ସହ ପରିବେଶ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଭିପି ନୟାଗଡ଼ ଜିଲା ସଂଯୋଜକ ସୌମ୍ୟରଞ୍ଜନ ସାହୁ, ଜିଲା ସହସଂଯୋଜକ ଦଧିବାମନ ଦାସ, ରାଜ୍ୟ ସହସମ୍ପାଦକ ଉଜ୍ଜ୍ୱଳ ପ୍ରଦୀପ ସାମଲ, ନଗର ସମ୍ପାଦକ ସୁଜଳ ପୁଣ୍ୟଶ୍ଳୋକ ମହାପାତ୍ର, ସହସମ୍ପାଦକ ଅଭିଳାଷ ସାହୁ, ପ୍ରୟାଗ ଜେନା, ବିଶ୍ୱରଞ୍ଜନ ସାହୁ, ଶୋଭନ ଏବଂ ରଞ୍ଜିତ ପଟ୍ଟନାୟକ ସହଯୋଗ କରିଥିଲେ।

# ତ୍ରିନାଥ ଦେବଙ୍କ ୩୩ତମ ବାର୍ଷିକ ମେଳା



**ଜଟଣୀ,୧୬।୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡ଼ା ପଞ୍ଚାୟତର ଗମେଇ ଠାରେ ତ୍ରିନାଥ ଦେବଙ୍କ ୩୩ତମ ବାର୍ଷିକ ମେଳା ଅନୁଷ୍ଠିତ ହୋଇଯାଇଛି। ଗତ ୧୪ତାରିଖ ପ୍ରଥମ ଦିବସରେ ଶୁଭ ଅଧିବାସ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ନାମ ଭଜନ ହୋଇଥିଲା। ସୋମବାର ପ୍ରଭୁଙ୍କ ପୂଜାର୍ଚ୍ଚନା ପରେ ମେଳା ଉଦ୍‌ଯାପିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଉଲ୍ଲାସ ଭୋଇ, ବସନ୍ତ ଭୋଇ, କୁଳମଣି ଭୋଇ, ନରେନ୍ଦ୍ର ଭୋଇ ପ୍ରମୁଖ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

# ଯୁବି ରକ୍‌ଷ୍ଟାର ବିଜୟୀ

**ଯାଁଳା,୧୬।୨(ବୁଲା ବାରିକ):** ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଆର୍‌ସି ବ୍ରହ୍ମପୁରକୁ ୪୪ରନରେ ହରାଇ ଯୁବି ରକ୍‌ଷ୍ଟାର ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ଯୁବି ରକଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୮ଉଇକେଟ ବିନିମୟରେ ୨୨୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଟୁକୁନା ସାହୁ ୫୦, ସୁଜିତ ଲେଙ୍କା ୭୦ରନ କରିଥିଲେ। ବିପକ୍ଷ ଟିମ୍‌ର ସିଦ୍ଧାର୍ଥ ସିନା ୪ଟି ଏବଂ ଭବିଷ୍ୟ ବେହେରା ୨ଟି ଉଇକେଟ ନେଇଥିଲେ। ଆର୍‌ସି ବ୍ରହ୍ମପୁର ଟିମ୍ ୧୯ ଓଭରରେ ୯ଉଇକେଟ ବିନିମୟରେ ୧୭୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ କୃତବିଦ୍ୟା ଦାସ ୧୦୧ ରନ କରିଥିଲେ। ବିପକ୍ଷ ଦଳର ଜୀବନ ଜେନା ୪ଟି ଉଇକେଟ ନେଇଥିଲେ। ତମାଣ୍ଡୋ କ୍ରିକେଟ କ୍ଲବର ସମ୍ପାଦକ ଅମୂଲ୍ୟ କୁମାର ଜେନା ଅତିଥିଭାବେ ଯୋଗଦେଇ ବିଜୟୀ ଟିମ୍‌ର ସୁଜିତ୍ ଲେଙ୍କାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଚୁଡ଼ାମଣି ପାଢ଼ୀ ଏବଂ ବିଭୁ ପ୍ରସାଦ ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ମାଇଟି ୟଙ୍ଗଷ୍ଟାର ଏବଂ ଏମ୍‌ଏମ୍‌ସିସି ସମ୍ବଲପୁର ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।




# ଗୋଲ୍ଡେନ କ୍ଲବ୍ ଅରୁଗୁଲୁ ସେମିଫାଇନାଲରେ


ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ବାଘମାରୀ,୧୬।୨(ମିହିର ରଞ୍ଜନ ମହାପାତ୍ର)**

**ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ସିମୋର ପଞ୍ଚାୟତ କଣ୍ଟାମଲିମ ଜୟଦୁର୍ଗା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଗ୍ରାମ୍ୟ ଖେଳପଡ଼ିଆରେ ସୋମବାର ୩୧ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଭାଜପାର ଯୁବନେତା ରୁଦ୍ର ନାରାୟଣ ବାହିନୀପତି, ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସମିତିସଭ୍ୟା ନଳିନୀ ପଣ୍ଡା, ସାମାଜିକ କର୍ମୀ ସୁଶାନ୍ତ ସାହୁ, ଗ୍ରାମ୍ୟ କମିଟି କୋଷାଧ୍ୟକ୍ଷ ବାଉରି ବନ୍ଧୁ ପାଇକରାୟ, ପୂର୍ବତନ ଗ୍ରାମ୍ୟ କମିଟି ସଭାପତି ସନ୍ତୋଷ କୁମାର ବଳିୟାରସିଂହ, ପୂର୍ବତନ ସମ୍ପାଦକ ମହେନ୍ଦ୍ର ମାର୍ଥା, ପୂର୍ବତନ ଖେଳାଳି ଗୋପାଳ ଚନ୍ଦ୍ର ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଶଙ୍ଖାମାରୀ ବାପୁଜୀ ଫୁଟ୍‌ବଲ କ୍ଲବ୍ ଏବଂ ଅରୁଗୁଲୁ ଗୋଲ୍ଡେନ କ୍ଲବ୍ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଟାଇବ୍ରେକରରେ ୧-୦ ଗୋଲରେ ଅରୁଗୁଲୁ ଗୋଲ୍ଡେନ କ୍ଲବ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଗିରିଶ ଚନ୍ଦ୍ର ଜାନି ରେଫରି ଏବଂ ବିଦେଶୀ ନାୟକ, ପ୍ରଫୁଲ୍ଲ କୁମାର ବେହେରା ଲାଇନରେ ସହାୟତା କରିଥିଲେ। ମ୍ୟାଚ କମିଶନର ଭାବେ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ। ମିହିର ରଞ୍ଜନ ମହାପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଏବଂ ଟାଉନ କ୍ଲବ୍ ଖଣ୍ଡପଡ଼ା ମଧ୍ୟରେ ମ୍ୟାଚ୍ ହେବ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି।

### ସେଭେନ ଟୁ କ୍ଲବ୍ ଠଣାପଲ୍ଲୀ ଚାମ୍ପିୟନ

**ବେଗୁନିଆ,୧୬।୨(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ମା'ତାରିଣୀ ଫୁଟ୍‌ବଲ କ୍ଲବ ପକ୍ଷରୁ ଚାଲିଥିବା ତୃତୀୟ ବାର୍ଷିକ ଟୁର୍ନାମେଣ୍ଟରେ ଠଣାପଲ୍ଲୀ ସେଭେନ ଟୁ କ୍ଲବ୍ ଚାମ୍ପିୟନ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍ ଠଣାପଲ୍ଲୀ ସେଭେନ ଟୁ କ୍ଲବ୍ ଏବଂ ଗୁପ୍ତାପଡ଼ା ମା'ତାରିଣୀ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୨-୦ ଗୋଲରେ ଠଣାପଲ୍ଲୀ ସେଭେନ ଟୁ କ୍ଲବ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସୁଶାନ୍ତ କୁମାର ମିଶ୍ର ରେଫରି ଏବଂ ପ୍ରସନ୍ନ କୁମାର ନାୟକ, ପ୍ରକାଶ କୁମାର ପରିଡ଼ା ଲାଇନରେ ସହଯୋଗ କରିଥିଲେ। ପୁରସ୍କାର ବିତରଣ ସଭାରେ ସାମାଜିକକର୍ମୀ ଲକ୍ଷ୍ମୀପ୍ରିୟା ପଣ୍ଡା ମୁଖ୍ୟ ଅତିଥି, ଖବରଦାତା ଯୋଗେଶ୍ୱର ପଣ୍ଡା ମୁଖ୍ୟ ବକ୍ତା ଓ ଶିକ୍ଷକ ଚିନ୍ତାମଣି ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ୫ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଟିମକୁ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।



## ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ ପରଲୋକ

ଭୁବନେଶ୍ୱର,୧୬। ୨ (ସୌମ୍ୟରଞ୍ଜନ ରାଉତ)

ଜ୍ୟୋତିଷଶାସ୍ତ୍ରୀ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ ହୃଦଘାତରେ ସୋମବାର କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୧ବର୍ଷ ହୋଇଥିଲା। ଶ୍ରୀଧରଙ୍କ ଜନ୍ମସ୍ଥାନ କଟକ ଜିଲା ନରସିଂହପୁର ଅଞ୍ଚଳରେ କିନ୍ତୁ ସେ ଭୁବନେଶ୍ୱରରେ ରହୁଥିଲେ। କ୍ୟାପିଟାଲ ହସ୍ପିଟାଲରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



ବେଦ – ବେଦାନ୍ତ ସହ ଜ୍ୟୋତିଷଶାସ୍ତ୍ର ଓ ବାସ୍ତୁଶାସ୍ତ୍ର ଉପରେ ଶ୍ରୀଧରଙ୍କ ଗଭୀର ଦକ୍ଷତା ଥିଲା। ସେ ବିଭିନ୍ନ ସମୟରେ ରାଜ୍ୟ–ଦେଶ ଓ ନେତାଙ୍କର ମଧ ଭବିଷ୍ୟ ଗଣନା କରି ଚର୍ଚ୍ଚାରେ ରହିଥିଲେ। ତାଙ୍କ ପରଲୋକରେ ଜ୍ୟୋତିଷଶାସ୍ତ୍ରୀ ମହଲରେ ଶୋକର ଛାୟା ଖେଳିଯାଇଛି।

# ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ, ଛାତ୍ରୀଛାତ୍ରଙ୍କ ଧାରଣା

ଭୁବନେଶ୍ୱର,୧୬।୨(ସୁଚିସ୍ମିତା ସାହୁ)

ଭିଏସ୍ଏସ୍ନଗରସ୍ଥିତ ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିର ସମ୍ମୁଖରେ ସୋମବାର ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣା ଦେଇଥିଲେ। ଅଭିଭାବକମାନେ ଅଭିଯୋଗ କରିଛନ୍ତି ଯେ , ବିଦ୍ୟାଳୟରେ ନୂଆ ପରିଚାଳନା କମିଟି ଗଠନ ହେଉନାହିଁ। ପୁରୁଣା କମିଟି ମନଇଚ୍ଛା କାମ କରିବା ସହ ବ୍ୟାପକ ଅନିୟମିତତା କରୁଥିବାରୁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ପୁରୁଣା କମିଟିରେ ରହିଥିବା କେତେଜଣ ଅସାମାଜିକ ଲୋକ ବିଦ୍ୟାଳୟ ଅର୍ଥ ହେରଫେର କରୁଛନ୍ତି। ବିଭିନ୍ନ ପ୍ରକାରର ଯୋଜନା କରି ଅଭିଭାବକଙ୍କଠାରୁ ଟଙ୍କା ଶୋଷଣ କରୁଛନ୍ତି। ମନଇଚ୍ଛା ସ୍କୁଲ ଫି' ଏବଂ ଆଡ୍ମିଶନ ଫି ବୃଦ୍ଧି କରୁଥିବାରୁ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ ପାଠପଢ଼ାଉଥିବା ଶିକ୍ଷକଙ୍କର



ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରେ ବସିଛନ୍ତି।

ବାରମ୍ବାର ବଦଳି କରାଯାଉଥିବାରୁ ପିଲାମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ପାଠପଢ଼ିବାକୁ ଆସୁଥିବା ଛାତ୍ରୀଛାତ୍ରମାନେ ଅସ୍ୱାସ୍ଥ୍ୟକର ପରିବେଶରେ ପଢୁଛନ୍ତି। ବିଦ୍ୟାଳୟର ଶୌଚାଳୟକୁ ସଫା କରାଯାଉ ନ ଥିବାରୁ ପିଲାମାନେ ସଂକ୍ରମଣର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ ନୂତନ କମିଟି ଗଠନ କରିବା ପାଇଁ ବହୁଥର ବିଭାଗୀୟ ଅଧିକାରୀ, ସଚିବ, ଡିଇଓ, ବିଇଓଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଭଳି ବିଭିନ୍ନ ପ୍ରକାର ଅଭିଯୋଗ ଓ ଦାବିକୁ ନେଇ ଅଭିଭାବକମାନେ

### ଶୋଷଣ, ଅନିୟମିତତା ଅଭିଯୋଗ: ନୂତନ କମିଟି ଗଠନ ଦାବି

ପିଲାଙ୍କୁ ଧରି ଧାରଣାରେ ବସିବାକୁ ବାଧହୋଇଛନ୍ତି ବୋଲି କହିଛନ୍ତି।

ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ରାଉତ କହିଛନ୍ତି, ବର୍ତ୍ତମାନ ପରୀକ୍ଷା ସମୟ ଚାଲିଛି। ପରୀକ୍ଷା ସରିବା ପରେ ସୁବିଧା ଦେଖି ନୂତନ କମିଟି ଗଠନ କରିବା ଉପରେ ଆଲୋଚନା କରାଯିବ। ତେବେ ବିଦ୍ୟାଳୟର କୌଣସି ଫି ବୃଦ୍ଧି କରାଯାଉନାହିଁ। କେବଳ ରି ଆଡ୍ମିଶନ ଫି' ବୃଦ୍ଧି କରାଯାଇଛି। ବିଦ୍ୟାଳୟର ଉନ୍ନତିକରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ଶିକ୍ଷକମାନଙ୍କ ଦରମା ମଧ ଦିଆଯାଉଛି। ବିଦ୍ୟାଳୟରେ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି।

# ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ



ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅଧିକାରୀ ଓ ପ୍ରଫୁଲ୍ଲଙ୍କ ପରିବାରବର୍ଗ।

ଭୁବନେଶ୍ୱର,୧୬।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଛି। ପଦ୍ମଶ୍ରୀ କରଙ୍କ ଜୟନ୍ତୀ ଅବସରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, କିମ୍ବଦନ୍ତୀ ସଙ୍ଗୀତଜ୍ଞ ପଦ୍ମଶ୍ରୀ କରଙ୍କ ସଙ୍ଗୀତ ଓଡ଼ିଶାର ସମସ୍ତ ଶ୍ରୋତାଙ୍କ ମଧ୍ୟରେ ଚିରସ୍ମରଣୀୟ। ସଙ୍ଗୀତ ନିର୍ଦ୍ଦେଶନା ମାଧ୍ୟମରେ ପ୍ରଫୁଲ୍ଲ କର ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହ ଓଡ଼ିଆ ସଙ୍ଗୀତ ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ପଦ୍ମଶ୍ରୀ କରଙ୍କ ଅମ୍ଳାନ ପ୍ରତିଭା ଓ ସଙ୍ଗୀତମୟ ଜୀବନ ଯାତ୍ରା ଯୁବପିଢ଼ିଙ୍କ ପାଇଁ ଆଦର୍ଶ ଓ ତାଙ୍କ ସଙ୍ଗୀତ ସଂରଚନା ଯୁବ ସଙ୍ଗୀତଜ୍ଞମାନଙ୍କୁ ନିଶ୍ଚିତ ରୂପେ ଅନୁପ୍ରାଣିତ କରିବ ବୋଲି ସେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ ଏବଂ ପଦ୍ମଶ୍ରୀ କରଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ।

### 'ପ୍ରଫୁଲ୍ଲଙ୍କ ଅମ୍ଳାନ୍ ପ୍ରତିଭା,ସଙ୍ଗୀତମୟ ଯାତ୍ରା ଯୁବପିଢ଼ିଙ୍କ ଆଦର୍ଶ ହେଉ'

# ଉଷା ପାଢ଼ୀଙ୍କୁ ଭେଟିଲା ବିଏମ୍ସି ଅବସରପ୍ରାପ୍ତ କର୍ମଚାରୀ ସଂଘ

ଭୁବନେଶ୍ୱର, ୧୬।୨(ବନ୍ଦନା ସେଠୀ)

ବିଏମ୍ସି କର୍ମଚାରୀଙ୍କୁ ଅବସର ଓ ମୃତ୍ୟୁକାଳୀନ ଗ୍ରାଚ୍ୟୁଇଟି ୮ରୁ ୧୫ଲକ୍ଷ ବୃଦ୍ଧି ପାଇଁ ଭୁବନେଶ୍ୱର ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ଏନେଇ ସୋମବାର ସଂଘର ଏକ ପ୍ରତିନିଧି ମଣ୍ଡଳୀ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀଙ୍କୁ ସାକ୍ଷାତ କରି ସମସ୍ୟା ନେଇ କରିଥିଲେ। ବିଏମ୍ସି ଅବସରପ୍ରାପ୍ତ କର୍ମଚାରୀମାନେ ଓଡ଼ିଶା ମ୍ୟୁନିସିପାଲ ସେବା ଆଇନ ୨୦୧୫ର ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ହେଉଛନ୍ତି। ତେଣୁ ସେମାନେ ଆଇନଗତ ଭାବରେ ସରକାରୀ ଅର୍ଥ ସଂଶୋଧିତ ଦରମା ନିୟମ ୨୦୧୭ ଅନୁଯାୟୀ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅବସରକାଳୀନ ଓ ମୃତ୍ୟୁକାଳୀନ ଗ୍ରାଚ୍ୟୁଇଟି (ଡିସିଆର୍ଜି) ପାଇବା ପାଇଁ ଯୋଗ୍ୟ। ମାତ୍ର ସେମାନଙ୍କୁ ସର୍ବାଧିକ ୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡିସିଆର୍ଜି ପ୍ରଦାନ କରାଯାଉଛି ବୋଲି ଜଣାଇଥିଲେ। ଅର୍ଥ ବିଭାଗ ରିଜୋଲ୍ୟୁଶନ ନଂ.୨୬୩୪୨ ଅନୁଯାୟୀ ଅବସରକାଳୀନ ଓ ମୃତ୍ୟୁକାଳୀନ ଗ୍ରାଚ୍ୟୁଇଟି ୧୫ଲକ୍ଷ ଟଙ୍କାକୁ ବୃଦ୍ଧି ହେବା ନେଇ ସ୍ଥିର ହୋଇଛି। ମାତ୍ର ବିଏମ୍ସି ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଏମ୍ସି ନିଜସ୍ୱ ପାଣ୍ଠିରୁ ଗ୍ରାଚ୍ୟୁଇଟି ପ୍ରଦାନ କରିବ ଏବଂ ବର୍ଦ୍ଧିତ ୧୫ଲକ୍ଷ ଟଙ୍କା ଗ୍ରାଚ୍ୟୁଇଟି ପ୍ରଦାନ ପାଇଁ ବିଏମ୍ସି ପ୍ରସ୍ତୁତ ରହିଛି। କେବଳ ସରକାରୀସ୍ତରରେ ଅନୁମୋଦନ ମିଳିବା ନେଇ ଅପେକ୍ଷା କରାଯାଇଛି। ଏନେଇ ଅବଗତ ହେବା ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ନେଇ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ମାଟ୍ରିକ୍ ପରୀକ୍ଷା ଦେବେ କିସ୍ର ୨୧୦୦ ଛାତ୍ରୀଛାତ୍ର



କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିସ୍ର ମାଟ୍ରିକ ଛାତ୍ରୀଛାତ୍ରଙ୍କୁ କଲମ ଦେଇ ଉତ୍ସାହିତ କରୁଛନ୍ତି।

ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ। ଏଥର କଳିଙ୍ଗ ଇନ୍ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ୍ (କିସ)ରୁ ରେକର୍ଡ ସଂଖ୍ୟକ ୨୧୦୦ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। କୌଣସି ଏକ ବିଦ୍ୟାଳୟରୁ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାରେ କିସ୍ ହେଉଛି ଓଡ଼ିଶା ତଥା ସମଗ୍ର ଭାରତରେ ଏକମାତ୍ର ବିଦ୍ୟାଳୟ ବୋଲି କିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ୧୧୦୦ ଛାତ୍ରୀ ଓ ୧୦୦୦ ଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଏମାନେ ଭୁବନେଶ୍ୱରର ୪ ପରୀକ୍ଷା କେନ୍ଦ୍ର ଆଇଆର୍ସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ–୪ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ଆଇଆର୍ସି ଭିଲେଜ ଏସ୍ବିଜି ବିଦ୍ୟାମନ୍ଦିରରେ ପରୀକ୍ଷା ଦେବେ। ପ୍ରତିବର୍ଷ ଭଳି ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପେନ୍ ବଣ୍ଟନ କରିବା ସହ କିଭଳି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେ ନେଇ ପରାମର୍ଶ ଦେଇଥିଲେ। ସୂଚନାଥାଉକି, ପ୍ରତିଷ୍ଠା ହେବା ଦିନଠାରୁ ଏଯାଏ ପ୍ରତିବର୍ଷ ମାଟ୍ରିକ ପରୀକ୍ଷାରେ କିସ୍ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛି। ପରୀକ୍ଷା କେନ୍ଦ୍ରକୁ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା ନିମନ୍ତେ କିସ୍ ପକ୍ଷରୁ ୮୦ରୁ ଅଧିକ ବସ୍ ବନ୍ଦୋବସ୍ତ କରାଯାଇଥିବା ସୂଚନା ଦିଆଯାଇଛି।

### ସର୍ବଭାରତୀୟ ସ୍ତରରେ ସର୍ବାଧିକ

# ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ

ଭୁବନେଶ୍ୱର,୧୬।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଓ ମହମ୍ମଦ ହନିଫ୍ ମେମୋରିଆଲ ଉର୍ଦ୍ଦୁ ଲାଇବ୍ରେରିର ମିଳିତ ଆନୁକୂଲ୍ୟରେ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ (ମୁଶାଏରା) ସୋମବାର ଭଦ୍ରକ ଜିଲାସ୍ଥିତ ଶହୀଦ୍ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏକାଡେମୀ ଉପସଭାପତି ଜନାବ ନଫିସ୍ ମଞ୍ଜୁର ହସନ ଉର୍ଦ୍ଦୁ ସାହିତ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ (ମୁଶାଏରା) ଯୁବ ସାହିତ୍ୟିକମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରୁଛି ବୋଲି ସେ ମତପ୍ରକାଶ କରିଥିଲେ। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଉର୍ଦ୍ଦୁ କବିମାନେ ଯୋଗଦେଇ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଉର୍ଦ୍ଦୁ କବି ଜନାବ ସମନ୍ ନସିମି, ଉର୍ଦ୍ଦୁ ସାହିତ୍ୟିକ ଓ କବି ଜନାବ୍ ଖାୱର ନକିବ୍ ପ୍ରମୁଖ ଉପସ୍ଥିତ ଥିଲେ।

# 'ସାମୁଦ୍ରିକ ପରିସଂସ୍ଥା, ଜଳବାୟୁ ଆହ୍ୱାନ' ଉପରେ ଜାତୀୟ ସମ୍ମିଳନୀ



ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)

ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଆର୍ଥ ସିଷ୍ଟମ ଆଣ୍ଡ୍ ସଷ୍ଟେନେବିଲିଟି ପକ୍ଷରୁ 'କୋଷ୍ଟାଲ ଇକୋସିଷ୍ଟମ ଆଣ୍ଡ୍ ଇମର୍ଜିଙ୍ଗ ଚ୍ୟାଲେଞ୍ଜେସ' ଉପରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଦ୍ୱାରା ପ୍ରଯୋଜିତ ଏହି କାର୍ଯ୍ୟକ୍ରମରେ ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ବୈଜ୍ଞାନିକ ଡ. ଅନିଲ କୁମାର ବିଜୟନ ଓ ସମ୍ମାନିତ ଅତିଥି ଭାବେ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମିଳନୀରେ ଦେଶରୁ ପ୍ରାୟ ୮୦ ଜଣ ବୈଜ୍ଞାନିକ ଓ ଗବେଷକ ଅଂଶଗ୍ରହଣ କରିଥିଲେ। ସାମୁଦ୍ରିକ ଜୈବ ବିବିଧତା, ମତ୍ସ୍ୟ ସମ୍ପଦର ସ୍ଥାୟୀ ପରିଚାଳନା ଏବଂ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ପରି ୫ଟି ମୁଖ୍ୟ ବିଷୟବସ୍ତୁ ଉପରେ ୧୬ଟି ସ୍ୱତନ୍ତ୍ର ବୈଷୟିକ ଆଲୋଚନା ଓ ପୋଷ୍ଟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସିଭିଲ ଇଞ୍ଜିନିୟରିଂ ବିଭାଗର ଡ. କମଲ ବାରିକ ସମ୍ମିଳନୀର ଆବାହକ ଏବଂ ରସାୟନ ବିଜ୍ଞାନ ବିଭାଗର ଡ. ପ୍ରତାପ କୁମାର ଛୋଟରାୟ ସମ୍ପାଦକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍ଯାପନୀ ଉତ୍ସବରେ ବୈଜ୍ଞାନିକ ଡ. ନୋବି ଏ. ପି. ଏବଂ ପ୍ରୋ–ଭାଇସ ଚାନ୍ସେଲର ପ୍ରଫେସର ବିଶ୍ୱଜିତ ମିଶ୍ର ଯୋଗଦେଇଥିଲେ। ସାଗ୍ରୋ ଟେକ୍ ସଲ୍ୟୁଶନ, ବ୍ଲୁ ଓସେନ, ଇଫ୍କୋ ଏବଂ ସ୍ପନ୍ଦନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା।

# ଆର୍ଟିଇ ନାମଲେଖା ନେଇ ସଚିବଙ୍କ ସହ ଅଭିଭାବକ ମହାସଂଘର ଆଲୋଚନା

ଭୁବନେଶ୍ୱର,୧୬।୨(ସୁଚିସ୍ମିତା ସାହୁ)

ଘରୋଇ ଶିକ୍ଷାନୁଷ୍ଠାନଗୁଡିକରେ ଆର୍ଟିଇ ଅଧୀନରେ ମାଗଣା ନାମଲେଖା ପାଇଁ ଚୟନ ପ୍ରକ୍ରିୟାକୁ ଆହୁରି ସରଳୀକରଣ କରିବା, ଆବେଦନ କରିବାଠାରୁ ଆରମ୍ଭ କରି ଆବଶ୍ୟକ ପ୍ରମାଣପତ୍ର ଦାଖଲ ଓ ଆବେଦନ ଖାରଜର କାରଣ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଯିବା ନେଇ ସୋମବାର ଗଣଶିକ୍ଷା ସଚିବଙ୍କ ସହ ଓଡ଼ିଶା ଅଭିଭାବକ ମହାସଂଘ ଆଲୋଚନା କରିଛି। ଆର୍ଟିଇ ନାମଲେଖା ପାଇଁ ପାରଦର୍ଶୀ ପୋର୍ଟାଲରେ ଥିବା ବିଭିନ୍ନ ସମସ୍ୟା ଓ ସ୍ୱଚ୍ଛତା ସମ୍ପର୍କରେ ମହାସଂଘ ପକ୍ଷରୁ ବିଭାଗୀୟ ସଚିବଙ୍କୁ ଅବଗତ କରାଯାଇଛି। ଗତବର୍ଷ ବିଇଓମାନଙ୍କ ଅବହେଳା ପାଇଁ ୮୫୦୦ଟି ଆବେଦନକୁ କୌଣସି କାରଣ ନ ଦର୍ଶାଇ ଖାରଜ କରି ଦିଆଯାଇଥିଲା। ତେଣୁ ଚଳିତବର୍ଷ ଯେପରି ସ୍ୱଚ୍ଛତା ରହିବ ସେଦିଗରେ ଧ୍ୟାନ ଦେବାକୁ ମହାସଂଘ ଦାବି କରିଛି। ବିଭାଗୀୟ ସଚିବ ଏନ୍. ତିରୁମାଳା ନାଏକ ଦାବି ସମ୍ପର୍କରେ ଅବଗତ ହେବା ପରେ ସ୍ୱଚ୍ଛତା ଆଣିବାକୁ ପଦକ୍ଷେପ ନେଇଛନ୍ତି। ଆର୍ଟିଇ ଆବେଦନର ଯାଞ୍ଚ ବେଳେ ଅଭିଭାବକମାନଙ୍କୁ ସଂଶୋଧନ ପାଇଁ ଅନୁମତି ଦିଆଯିବ। ଏହାସହ ରେଜିଷ୍ଟ୍ରିଭୁକ୍ତ ନମ୍ବରରେ ସମସ୍ୟା ଥିଲେ ମେସେଜ ପଠାଇବାର ବ୍ୟବସ୍ଥା କରାଯିବ। ଏନେଇ ବ୍ଲକ୍ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସଚିବ ନିର୍ଦ୍ଦେଶ ଦେଇଥିବା ମହାସଂଘ ପକ୍ଷରୁ କୁହାଯାଇଛି। ଏହି ଆଲୋଚନାରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁଙ୍କ ସମେତ ଅତିରିକ୍ତ ସଚିବ ଲୋପାମୁଦ୍ରା ମହାନ୍ତି, ଯଦୁମଣି ମହାଲା ଓ ଦୁର୍ଗା ମହାପାତ୍ର ଉପସ୍ଥିତ ଥିବାବେଳେ ମହାସଂଘର ଏକ ଉଚ୍ଚସ୍ତରୀୟ କମିଟି ସଚିବଙ୍କ ସହ ଆଲୋଚନା କରିଥିବା ଏହାର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ସୂଚନା ଦେଇଛନ୍ତି।

### ଆବେଦନ ଯାଞ୍ଚ ବେଳେ ଅଭିଭାବକଙ୍କୁ ସଂଶୋଧନ ଅନୁମତି ଦେବାକୁ ନିର୍ଦ୍ଦେଶ

# ଗିଫ୍ଟ ମହାବିଦ୍ୟାଳୟରେ ଗ୍ରାଜୁଏଶନ ଡେ'



ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)

ଗଙ୍ଗପଡ଼ାସ୍ଥିତ ଗିଫ୍ଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗ୍ରାଜୁଏଶନ ଡେ' ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିପିୟୁଟି ବିଶ୍ୱବିଦ୍ୟାଳୟ କୁଳପତି ଡ. ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଗିଫ୍ଟର ନିର୍ଦ୍ଦେଶକ ଡ. ପତିତପାବନ ପଣ୍ଡା ପରିଚାଳନା କରିଥିଲେ। ପ୍ରିନ୍ସିପାଲ ଡ. ତ୍ରିଲୋଚନ ସାହୁ, ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଓଏସ୍ଡି ଇଂ. ସମୀର ରଞ୍ଜନ ପଣ୍ଡା, ଡିନ୍ ଏକାଡେମିକ ଡ. ଆର୍.ଏନ୍. ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସମ୍ବୋଧନ କରିଥିଲେ। କୁଳପତି ଡ. ଅମୀୟ କୁମାର ରଥ ଏବଂ ନିର୍ଦ୍ଦେଶକ ଡ. ପତିତପାବନ ପଣ୍ଡା ୧୧୯ଜଣ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ରେଜିଷ୍ଟ୍ରାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ପ୍ରଫେସର ସୁରଜିତ ପଟ୍ଟନାୟକ ଓ ପ୍ରଫେସର ସୁଚିତ୍ରା ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ।

# ତବଲା ଗୁରୁ ପ୍ରଦୀପ ଘୋଷଙ୍କୁ 'ପ୍ରଫୁଲ୍ଲ କର ସମ୍ମାନ'

### ସଂସ୍କାର ପକ୍ଷରୁ 'କମଳ ଦେଶ ରାଜକୁମାର'

ଭୁବନେଶ୍ୱର,୧୬।୨ (ସୌମ୍ୟରଞ୍ଜନ ରାଉତ)

ସଂସ୍କାର ପକ୍ଷରୁ କିମ୍ବଦନ୍ତୀ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ୮୮ତମ ଜୟନ୍ତୀ ଅବସରରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'କମଳ ଦେଶ ରାଜକୁମାର' ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭାଜପା ନେତା ଗୋଲକ ମହାପାତ୍ର, ଏମ୍ଜିଏମ୍ ଗ୍ରୁପ୍ର ଚେୟାରମ୍ୟାନ୍ ସୀମା ମହାନ୍ତି, ପଣ୍ଡିତ ରବିନାରାୟଣ ଗୁରୁ, ଦେବଗଡ଼ର ରାଣୀ ଅରୁନ୍ଧତୀ ଦେବୀ ଓ ଅନୁଷ୍ଠାନର ସାଧାରଣ ସମ୍ପାଦକ ମହାଦୀପ କର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ତବଲା ଗୁରୁ ପ୍ରଦୀପ ଘୋଷଙ୍କୁ 'ପ୍ରଫୁଲ୍ଲ କର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ କଣ୍ଠଶିଳ୍ପୀ ମହାପ୍ରସାଦ କର ଭକ୍ତିଭରା କଣ୍ଠରେ ପ୍ରଥମେ ନମସ୍ତେ ପ୍ରଭୁ ଜଗନ୍ନାଥ...ପରିବେଷଣ କରିଥିଲେ। ଏଥିସହ କଣ୍ଠଶିଳ୍ପୀ ସୌରଭ ନାୟକ ଆସିଛି ଏକା ଯିବି ମୁଁ ଏକା..., ରଶ୍ମିତା ଦାସ ନେଇ ଯା'ରେ ମେଘ ମୋତେ..., ରଣଦୀପ ପାଳିତ ମୁଁ ତ ମଣିଷ ମାରିନି... ଭଳି ମନଛୁଆଁ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସେହିପରି କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଅର୍ପିତା ଚୌଧୁରୀ, ସାରିକା ସିଂଙ୍କ ସମେତ ବହୁ କଳାକାର ସଙ୍ଗୀତ ଗାନ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।




ଅତିଥିମାନେ ତବଲା ଗୁରୁ ପ୍ରଦୀପ ଘୋଷଙ୍କୁ 'ପ୍ରଫୁଲ୍ଲ କର ସମ୍ମାନ' ପ୍ରଦାନ କରୁଛନ୍ତି।

# ଦୟାନଦୀରେ ଅନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପର ଭୂମିପୂଜନ

ପୁରୁଣା ଭୁବନେଶ୍ୱର,୧୬।୨(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀ ଟିକରପଡ଼ା ପଞ୍ଚାୟତର ଗଙ୍ଗେଶ୍ୱରପୁର ନିକଟ ଦୟାନଦୀରେ ସୋମବାର ୬୩ କୋଟି ଟଙ୍କାର ଅନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପର ଭୂମି ପୂଜନ ହୋଇଛି। ମୁଖ୍ୟ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଭୁବନେଶ୍ୱର ବ୍ଲକ ଅଧକ୍ଷ ନିରୁପମା ସାହୁ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ, ପ୍ରଗତି ପଥେ ଏକାମ୍ର ନିର୍ବାଚନମଣ୍ଡଳୀ। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ବର୍ଷସାରା ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି, ଜଳସେଚନ, ପାନୀୟଜଳ ଯୋଗାଣ, ଶିଳ୍ପ ଆବଶ୍ୟକତା ଏବଂ ବନ୍ୟା ନିୟନ୍ତ୍ରଣ କରିବା। ଅନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପର ମୁଖ୍ୟ ବିଶେଷତା ହେଉଛି ନଦୀରୁ ବୃଥାରେ ଯାଉଥିବା ଜଳକୁ ସଂରକ୍ଷଣ କରିବା। କୃଷି କ୍ଷେତ୍ରରେ ଜଳସେଚନ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟଜଳ ସୁବିଧା ଏବଂ ମତ୍ସ୍ୟ ବିକାଶ। ଭୂତଳ ଜଳସ୍ତର ବୃଦ୍ଧି କରିବା ଏବଂ ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରିବା। ବର୍ଷସାରା ଜଳପ୍ରବାହ ସଂରକ୍ଷଣ କରି ଭୂତଳ ଜଳସ୍ତରର ପରିବର୍ତ୍ତନକୁ ହ୍ରାସ କରିବା, ପାନୀୟଜଳ, ଜଳସେଚନ, ଶିଳ୍ପ ଏବଂ ମତ୍ସ୍ୟ ବିକାଶ ଆବଶ୍ୟକତା ପୂରଣ କରିବା ଏବଂ ବନ୍ୟା ନିୟନ୍ତ୍ରଣ କରିବା ପାଇଁ ଏହି ଯୋଜନା ଲକ୍ଷ୍ୟ ବୋଲି ବିଧାୟକ ସିଂ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅରୁଣ ପୁରୋହିତ, ବିଭୂତି ପ୍ରଧାନ, ଶ୍ୟାମ ସୁନ୍ଦର ସାହୁ, ପୂର୍ବତନ ମଣ୍ଡଳ ସଭାପତି ସୁଭାଶିଷ ରଥଙ୍କ ସେମତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ, ମଣ୍ଡଳ ସଭାପତି ଉପସ୍ଥିତ ଥିଲେ।



ପ୍ରକଳ୍ପରୁ ଭୂମିପୂଜନ ଅବସରରେ ବିଧାୟକ ବାବୁ ସିଂଙ୍କ ସହ ଅନ୍ୟମାନେ।

**ଖମାରନୂଆଗାଁରେ ଅଷ୍ଟପ୍ରହର ମହାମନ୍ତ୍ର, ନାମଯଜ୍ଞ**

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା: ଆଠଗଡ଼ ବ୍ଲକ ରାଧାକିଶୋରପୁର ପଞ୍ଚାୟତ ଖମାରନୂଆଗାଁ ଗ୍ରାମର ଇଷ୍ଟଦେବ ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ମନ୍ଦିର ପରିସରରେ ୩୮ତମ ବାର୍ଷିକ ଅଷ୍ଟପ୍ରହର ମହାମନ୍ତ୍ର ଓ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟପ୍ରହର ନାମଯଜ୍ଞ ସହ ନଗରକୀର୍ତ୍ତନ, ଦଧିହାଣ୍ଡି ଭଙ୍ଗା ସହିତ ଉଦ୍‌ଯାପିତ ହୋଇଥିଲା। ଆଠଗଡ଼ ରାଧାପତିପୁର ଶିଳାଧାମ ଚିରୁଗୁଡ଼ିଆ ମଠର ସାଧୁ ବିଷ୍ଣୁ ଦାସଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞରେ ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ନାମସଂକୀର୍ତ୍ତନ ପରିବେଷଣ କରିଥିଲେ। ଚଳିତବର୍ଷ କର୍ତ୍ତା ଭାବେ ହରିହର ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ହୃଦାନନ୍ଦ ବେଉରା, ଧରଣୀଧର ରାଉତ ଓ ସୌଭାଗ୍ୟଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କପାଳେଶ୍ୱର ପ୍ରିମିୟର ଲିଗ୍: ଶ୍ରଦ୍ଧା ୱାରିୟର ଚାମ୍ପିୟନ

ଚୌଦ୍ୱାର,୧୬।୨(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ କପାଳେଶ୍ୱର ୟୁଥ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କପାଳେଶ୍ୱର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କପାଳେଶ୍ୱର ଖେଳପଡ଼ିଆରେ ଶ୍ରଦ୍ଧା ୱାରିୟର ଏବଂ ଏଚ୍ ଦି ବୁଲ ଟିମ୍ ମଧ୍ୟରେ ଆୟୋଜିତ ସୀମିତ ଓଭର ଫାଇନାଲ ମ୍ୟାଚ୍‌ରେ ଏଚ୍ ଦି ବୁଲ ଟିମ୍‌କୁ ହରାଇ ଶ୍ରଦ୍ଧା ୱାରିୟର ଚାମ୍ପିୟନ୍ ହୋଇଥିଲା। ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟ ବରିଷ୍ଠ ଆଇନଜୀବୀ ସୌରଭ ଚନ୍ଦ୍ର ମହାପାତ୍ର, କ୍ରିଡ଼ାବିତ୍ ସୁନୀଲ ସ୍ୱାଇଁ, ବିପ୍ଳବ ସାମନ୍ତରାୟ, ଅଶୋକ ତୁଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଶ୍ରଦ୍ଧା ୱାରିୟରକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ୪ଦିନ ଧରି ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଅଞ୍ଚଳର ମୋଟ ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ସନ୍ଦୀପ ପଟ୍ଟନାୟକ, ରାଜୀବ ଦାସ, ଆଶିଷ ମହାନ୍ତି, ଡି. କିଶୋର ସୋନି, ଆଦିତ୍ୟ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

### ଶହୀଦ ଦିବସରେ ଶହୀଦଙ୍କ ପାଇଁ ସାମୂହିକ ପିଣ୍ଡଦାନ

କଣ୍ଟାପଡ଼ା,୧୬।୨(ସୁରନାରାୟଣ ସାହୁ)

ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତିରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆମ ଅଧିକାର ପକ୍ଷରୁ ଶ୍ରାଦ୍ଧଦିବସ, ସାମୂହିକ ପିଣ୍ଡଦାନ, ଶ୍ରଦ୍ଧାଞ୍ଜଳି, ରକ୍ତଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡ଼ା ବ୍ଲକ ରାଜବିଦ୍ୟା କେନ୍ଦ୍ର ରବିନାରାୟଣ ନଗର ସାଇଲୋ ବଡବିଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏକ ଶହରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସେନା ଯବାନ ଯୋଗଦେଇ ଶହୀଦ ଯବାନମାନଙ୍କ ସ୍ମୃତିଚାରଣ କରିଥିଲେ। ଆମ ଅଧିକାର ସଭାପତି ପ୍ରଦୀପ କୁମାର ସାହୁ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ସେନା ଯବାନ ସୁରେନ୍ଦ୍ର ମହାନ୍ତି, ଶ୍ରଦ୍ଧାନନ୍ଦ ଦାସ, ଯତୀନ କୁମାର ନାୟକ, ରାଣା ପ୍ରତାପ ରାୟ ପ୍ରମୁଖଙ୍କ ସମେତ ବହୁ ଅବସରପ୍ରାପ୍ତ ସେନା ଯବାନ ଏବଂ ସମାଜସେବୀ ରମାକାନ୍ତ ସ୍ୱାଇଁ, ନୌସେନାର ବୀରନାରୀ ମିନା କୁମାରୀ ସହିତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଦେଇଥିଲେ। କଟକ ବ୍ଲଡ ବ୍ୟାଙ୍କର ଲବୋରେଟରି ଆସିଷ୍ଟାଣ୍ଟ ପ୍ରସନ୍ନ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ଥିବା ଯବାନ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଖୁଣ୍ଟୁଣୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଶ୍ୱନାଥ ଦାସଙ୍କ ପରଲୋକ

ଖୁଣ୍ଟୁଣୀ,୧୬।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଶତାୟୁ ପୁରୁଷ ବିଶ୍ୱନାଥ ଦାସଙ୍କ ୧୦୨ ବର୍ଷରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଭୁବନେଶ୍ୱରରେ ଥିବା ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟି ସଭାପତି ତଥା ଆଠଗଡ଼ ଉପଖଣ୍ଡ ଟ୍ରକ ମାଲିକ ସଂଘ ସଭାପତି ମନୋଜ କୁମାର ମିଶ୍ର ଖୁଣ୍ଟୁଣୀ ତଥା ଆଠଗଡ଼ ଏକ ଯୋଗ୍ୟ ସନ୍ତାନକୁ ହରାଇଲା ବୋଲି କହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗ୍ରାମ କମିଟି ପକ୍ଷରୁ ସ୍ୱର୍ଗତ ଦାସଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଧାକିଶୋରପୁର ପୂର୍ବତନ ସରପଞ୍ଚ ଭାଗୀରଥି କର, ଭାଜପା ଜିଲା ସଭାପତି ରାମ ନାରାୟଣ ମହାନ୍ତି, ସ୍ଥାନୀୟ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ବିଜେଡିର ବହୁ କର୍ମୀ, ଆଠଗଡ଼ ଅଞ୍ଚଳର ଅନେକ ରାଜନେତା ପହଞ୍ଚି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ଖୁଣ୍ଟୁଣୀରେ ୧୯୬୭, ୧୯୭୫ ଓ ୧୯୮୪ରେ ୩ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ଶାବାଧାରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ଜ୍ୟେଷ୍ଠ ପୁଅ ଅଶୋକ ଦାସ ମୁଖାଗ୍ନି ଦେଇଥିଲେ।

# ୨୦ ଦିନ ପରେ ବି ମିଳୁନି ମୃତ୍ୟୁ ପ୍ରମାଣପତ୍ର

■ ମେଡିକାଲ ଧାଉଁଛନ୍ତି ମୃତକଙ୍କ ପରିବାର ଲୋକ
■ ଏସ୍‌ସିବି ମେଡିକାଲ ନ୍ୟୁ ମେଡିସିନରେ ମନମାନି

କଟକ,୧୬।୨(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲ(ଏସ୍‌ସିବି)ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁ ପ୍ରମାଣପତ୍ର ଦିଆଯାଉନାହିଁ। ଏପରିକି ଏହି ରିପୋର୍ଟ ପାଇଁ ମେଡିକାଲ ଧାଉଁଛନ୍ତି ମୃତକଙ୍କ ପରିବାର ଲୋକ। ଆଜକୁ ୨୦ ଦିନ ବିତିଯାଇଥିଲେ ମଧ୍ୟ ପ୍ରମାଣପତ୍ର ମୃତକଙ୍କ ପରିବାରକୁ ମିଳି ପାରିନାହିଁ ବରଂ ଆଉ ଦୁଇଦିନ ପରେ ଆସିବାକୁ କୁହାଯାଇଛି। ଏଭଳି ଘଟଣା ମେଡିକାଲର ନ୍ୟୁ ମେଡିସିନ ବିଭାଗରେ ସୋମବାର ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ମେଡିକାଲର ନ୍ୟୁ ମେଡିସିନ ବିଭାଗରେ ଢେଙ୍କାନାଳ ଜିଲା କାମାକ୍ଷା ଅଞ୍ଚଳର ରତି ଦେହୁରିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଗତ ଜାନୁଆରୀ ୨୮ରେ ସେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରତିଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ତାଙ୍କୁ ମୃତ ବୋଲି ହାତଲେଖାରେ କେବଳ ଡେଥ୍ ବୋଲି ଦର୍ଶାଇଥିଲେ। ହେଲେ ବିଧିବଦ୍ଧ ଭାବେ ଉକ୍ତ ବିଭାଗରୁ ତାଙ୍କୁ କୌଣସି ମୃତ୍ୟୁ ପ୍ରମାଣପତ୍ର ଦିଆଯାଇ ନ ଥିଲା। ଏହି ରିପୋର୍ଟ ୧୫ ଦିନ ପରେ ଦିଆଯିବ ବୋଲି ବିଭାଗରେ ଥିବା ନର୍ସ କହିଥିଲେ। ହେଲେ ଆଜକୁ ୨୦ ଦିନ ବିତିଥିଲେ ମଧ୍ୟ ଉକ୍ତ ବିଭାଗରୁ ମୃତ୍ୟୁ ପ୍ରମାଣପତ୍ର ମିଳିପାରିନାହିଁ। ନିୟମ ମୁତାବକ, ମେଡିକାଲର କୌଣସି ବିଭାଗରେ ଯଦି କାହାର ମୃତ ଘଟେ ତେବେ କିଛି ସମୟରେ ହିଁ ଡ୍ୟୁଟିରେ ଥିବା ଡାକ୍ତର ମୃତ ବୋଲି ଚିଠାରେ ଉଲ୍ଲେଖ କରିବେ ଏବଂ ତୁରନ୍ତ ମୃତ୍ୟୁ ପ୍ରମାଣପତ୍ର ପରିବାର ଲୋକଙ୍କୁ ହସ୍ତାନ୍ତର କରିବେ। ଏନେଇ ରତି ଦେହୁରିଙ୍କ ପରିବାର ଲୋକ କହିଛନ୍ତି, ଏସ୍‌ସିବିରେ ରୋଗୀ ଜୀବିତ ଥିବାବେଳେ ଯେତିକି ହଇରାଣ ହେବାକୁ ପଡ଼ିଥିଲା ମୃତ୍ୟୁ ପରେ ମଧ୍ୟ ହଇରାଣ ହେବାକୁ ପଡୁଛି। ସମ୍ପୂର୍ଣ୍ଣ ରିପୋର୍ଟ ନ ଦେବାରୁ ଶବଦାହ ସମୟରେ ମଧ୍ୟ ଅସୁବିଧା ହୋଇଥିଲା। ହେଲେ ଏସ୍‌ସିବି ରିପୋର୍ଟ ଦେବାକୁ ଆଜିକାଲି କହି ଦୌଡ଼ାଉଛି। ଏଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଡିପ୍‌ଫ୍ରିଜର କମ୍ପ୍ରେସର ଫାଟି ରେଷ୍ଟୁରାଣ୍ଟରେ ଲାଗିଲା ନିଆଁ


ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁ ଲିଭାଉଛନ୍ତି।

କଟକ,୧୬।୨(କାର୍ତ୍ତିକ ସାହୁ)

ମଧୁପାଟଣା ଥାନା ନିକଟ ଲିଙ୍କରୋଡ୍ ପାର୍ଶ୍ୱ ଏକ ରେଷ୍ଟୁରାଣ୍ଟରେ ସୋମବାର ସନ୍ଧ୍ୟା ପ୍ରାୟ ୫ଟା ୩୦ ମିନିଟ୍ ସମୟରେ ଅଗ୍ନିକାଣ୍ଡ ଘଟିଛି। ଉପର ମହଲାରେ ଥିବା ରେଷ୍ଟୁରାଣ୍ଟର ରୋଷେଇ ଘର ଜଳିଯାଇଛି। ରୋଷେଇ ଘରେ ଥିବା ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ନଷ୍ଟ ହୋଇଥିବା ସମ୍ପତ୍ତିର ମୂଲ୍ୟ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚାଉଳିଆଗଞ୍ଜ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁଙ୍କ ନେତୃତ୍ୱରେ ପ୍ରାୟ ୬ଜଣ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇଥିଲେ। ଅଗ୍ନିଶମ ଅଧିକାରୀ ସାହୁଙ୍କ କହିବାନୁସାରେ, ଏକ ବଡ଼ ଧରଣର ଅଗ୍ନିକାଣ୍ଡକୁ ଏଡ଼ାଯାଇପାରିଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ରୋଷେଇ ଘର ମଧ୍ୟରେ ଥିବା ଡିପ୍‌ଫ୍ରିଜର କମ୍ପ୍ରେସରଟି ସମ୍ପୂର୍ଣ୍ଣ ଜଳିଯାଇଥିବା ଦେଖାଯାଇଥିଲା। ସେଥିରୁ ନିଆଁ ବ୍ୟାପି ନିକଟରେ ଥିବା ଏକ ଗ୍ୟାସ୍ ଟାଙ୍କିରେ ଧରିସାରିଥିଲା। ତାକୁ ଆୟତ୍ତ କରାଯାଇଥିଲା। ପାଣି ମାଡ଼ କରାଯାଇ ରୋଷେଇ ଘର ଭିତରେ ଓ ବାହାରେ ଅନ୍ୟ କୌଣସି ବଡ଼ ଧରଣର କ୍ଷତି ହେବାରୁ ରକ୍ଷା ହୋଇପାରିଛି।

## ମହମବତି ଶୋଭାଯାତ୍ରା କରି ଦାବି ଜଣାଇଲେ ଛାତ୍ରୀ



ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ନେଇ ବାହାରିଥିବା ମହମବତି ଶୋଭାଯାତ୍ରା।

**ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି**
■ ସାମିଲ ହେଲେ ପୁରାତନ ଛାତ୍ରୀ, ମେୟର, ବୁଦ୍ଧିଜୀବୀ

କଟକ,୧୬।୨(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଦୀର୍ଘ ୨୩ ଦିନ ହେଲା ଛାତ୍ରୀଙ୍କ ଧାରଣା ଜାରି ରହିଥିବାବେଳେ ରାଜ୍ୟ ସରକାର ଏଦିଗରେ ହସ୍ତକ୍ଷେପ କରିନାହାନ୍ତି। ଦାବି ପୂରଣ ପାଇଁ ସୋମବାର ଶୈଳବାଳା ପୁରାତନ ଛାତ୍ରୀ ସଂଘ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା କରାଯାଇଛି। ଶହ ଶହ ଛାତ୍ରୀ ହଷ୍ଟେଲ୍‌ରୁ ବାହାରି ଚଣ୍ଡୀ ମନ୍ଦିର ଦେଇ କଲେଜ ପରିସରରେ ପହଞ୍ଚିଥିଲେ। ୨୩ ଦିନ ଧରି ବିଶ୍ୱବିଦ୍ୟାଳୟ ଦାବିରେ ଧାରଣା ଜାରି ରହିଥିଲେ ମଧ୍ୟ କେଉଁ କାରଣ ଯୋଗୁ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଉନାହିଁ ସେନେଇ ରାଜ୍ୟ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଛାତ୍ରୀମାନେ ପ୍ରଶ୍ନ କରିଛନ୍ତି। ସେହିପରି କଟକ ମେୟର ସୁବାସ ସିଂ, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଶିକ୍ଷାବିତ୍ ଡ. ସତ୍ୟକାମ ମିଶ୍ର, ଡ. ନଟବର ଶତପଥୀ, ଐତିହାସିକ ଡ. ଖାରବେଳ ମହାନ୍ତି, ଡା. ରବିରଞ୍ଜନ ସାହୁ, ଗ୍ରେଟର କଟକ ଫୁଭମେର ଆବାହକ ମନୋଜ ପତି, ସୁଭାଷ ସଙ୍ଗଠନ ସମ୍ପାଦକ ସୁରେଶ ମହାନ୍ତି, ବିଜୟ ଘୋଷ, ମଧୁସ୍ମୃତି ସୁରକ୍ଷା ମଞ୍ଚର ସମ୍ପାଦକ ସନ୍ତୋଷ ମହାରଣା, ଦେବୀରଞ୍ଜନ ସେଠୀ, ପ୍ରଦେଶ କୁମାରୀ ମହାରଣା, ସୁଚିତ୍ରା ସେଠୀ, ବିଜୟିନୀ ମିଶ୍ର, ଅକ୍ଷୟ ଆଚାର୍ଯ୍ୟ, ଜ୍ଞାନ ନନ୍ଦ ପ୍ରମୁଖ ଯୋଗଦେଇ ଶୈଳବାଳା ପ୍ରତି ସରକାରଙ୍କ ବୈମାତୃକ ମନୋଭାବର ଦୃଢ଼ ନିନ୍ଦା କରିଥିଲେ। ଏଥିରେ ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ, ସାଧାରଣ ସମ୍ପାଦିକା ପୁଷ୍ପା ସାମଲ, ଉପସଭାନେତ୍ରୀ ପ୍ରଫେସର ରୋସନାରା ବେଗମ୍, ଡ. ମଞ୍ଜୁଶ୍ରୀ ପଟ୍ଟନାୟକ, ଡ. ଶାନ୍ତି ନାୟକ, କୋଷାଧ୍ୟକ୍ଷ ପ୍ରଫେସର ତପତି ଦାସ, ସାଙ୍ଗଠନିକ ସମ୍ପାଦିକା ପ୍ରଫେସର ଇନ୍ଦୁରେଖା ମହାପାତ୍ର, ଯୁଗ୍ମ ସମ୍ପାଦିକା ଡ. ପ୍ରୀତିପ୍ରଜ୍ଞା ରାୟ, କୁମକୁମ ବୋସଙ୍କ ସମେତ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ।

## ସିଡିଏ ସେକ୍ଟର-୯ରେ ଲୁଟ୍: ୨ ଗିରଫ

କଟକ,୧୬।୨(କାର୍ତ୍ତିକ ସାହୁ)

ସିଡିଏ ସେକ୍ଟର-୯ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘର କବାଟ ଭାଙ୍ଗି ସୁନା ଅଳଙ୍କାର ଲୁଟି ନେଇଛନ୍ତି। ମର୍କତନଗର ଥାନା ପୋଲିସ ଏଭଳି ଏକ ମାମଲାରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା ବ୍ରହ୍ମଗିରିର ହଳଦିଆ ବାସିନ୍ଦା ତ୍ରିଲୋଚନ ବେହେରା (୩୨) ଓ ସମୁଦ୍ର କୂଳ ଥାନା ପେଣ୍ଟକଟାର ରାଜା ଦାସ(୨୬)। ଏନେଇ ମାମଲା (ନଂ. ୪୭/୨୦୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସିଡିଏ ସେକ୍ଟର-୯ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଘରେ ରବିବାର ରାତି ପ୍ରାୟ ୧୨ଟା ବେଳେ ଲୁଟେରା ଦଳ ପଶିଥିଲେ। ସେମାନେ ଛେଣି ଓ ମାରତୁଲ ସାହାଯ୍ୟରେ କବାଟ ଭାଙ୍ଗି ଘରେ ପଶି ସୁନା ଅଳଙ୍କାର ଲୁଟି ନେଇଛନ୍ତି। ମର୍କତନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ ଆଧାରରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ସୁନା ମୁଦି, ଛେଣି, ମାରତୁଲ, ବାଇକ ଜବତ ହୋଇଛି। ଉଭୟଙ୍କ ବିରୋଧରେ ୨୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ଜଷ୍ଟିସ ପ୍ରଦୀପ କୁମାର ମହାନ୍ତିଙ୍କୁ ଭେଟିଲେ ମେୟର ସୁବାସ

**ସିଏମ୍‌ସିର ଅଭିଯାନ 'ଆପଣ କେମିତି ଅଛନ୍ତି'**


ମେୟର ଓ ଡେପୁଟି ମେୟର ଜଷ୍ଟିସ ପ୍ରଦୀପ କୁମାର ମହାନ୍ତିଙ୍କୁ ଭେଟୁଛନ୍ତି।

କଟକ,୧୬।୨(କୁମାରଶ୍ରୀ)

ସହରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଭେଟି ସେମାନଙ୍କ ଭଲମନ୍ଦ ବୁଝିବା, ରୌପ୍ୟ ନଗରୀର ବିକାଶମୂଳକ ପନ୍ଥା ବାବଦରେ ଆଲୋଚନା କରିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଅଭିନବ କାର୍ଯ୍ୟକ୍ରମ 'ଆପଣ କେମିତି ଅଛନ୍ତି' ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମେୟର ସୁବାସ ସିଂ ସୋମବାର ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ପ୍ରଦୀପ କୁମାର ମହାନ୍ତିଙ୍କୁ ତାଙ୍କ ସାହେବଜାଦା ବଜାରସ୍ଥିତ ବାସଭବନରେ ଭେଟି ଆଲୋଚନା କରିଛନ୍ତି।

୧୯୫୫ ଜୁନ୍ ୧୦ରେ କଟକ ଚାନ୍ଦିନୀଚୌକ ଅଞ୍ଚଳରେ ଜଷ୍ଟିସ ମହାନ୍ତି ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ସ୍ୱର୍ଗତ ଜଷ୍ଟିସ ଯୁଗଳ କିଶୋର ମହାନ୍ତି ସିକିମ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବରେ କାର୍ଯ୍ୟ ତୁଲାଇଥିଲେ। ଜଷ୍ଟିସ ପ୍ରଦୀପଙ୍କ ବାଲ୍ୟାବସ୍ଥା କଟକରେ ଅତିବାହିତ ହୋଇଥିଲା। ସେ ରେଭେନ୍‌ଶା କଲିଜିଏଟ ସ୍କୁଲରୁ ପ୍ରାଥମିକ ଏବଂ ରେଭେନ୍‌ଶା କଲେଜରୁ ଉଚ୍ଚଶିକ୍ଷା ହାସଲ କରିଥିଲେ। ପରେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଓକିଲାତି ଶିକ୍ଷା ଗ୍ରହଣ କରିଥିଲେ। ସେ ପ୍ରଥମେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ କ୍ରିମିନାଲ ଏବଂ ସିଭିଲ ଓକିଲ ଭାବେ ଓକିଲାତି କରୁଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର୍ କାଉନସିଲର ସମ୍ପାଦକ ଭାବେ ମଧ ସେ ନିର୍ବାଚିତ ହୋଇଥିଲେ। ୨୦୦୨ ମାର୍ଚ୍ଚ ୭ରେ ପ୍ରଥମ କରି ସେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଅତିରିକ୍ତ ବିଚାରପତି ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ୨୦୦୪ରେ ଜଷ୍ଟିସ ମହାନ୍ତି ନିୟମିତ ବିଚାରପତି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ କାର୍ଯ୍ୟାରମ୍ଭ କରିଥିଲେ। ୨୦୧୭ ଅକ୍ଟୋବର ୭ରେ ସେ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବରେ ଶପଥ ଗ୍ରହଣ କରିଥିଲେ। ଜାତୀୟ ସୁରକ୍ଷା ଅଧିନିୟମ, ୧୯୮୦ ଅନୁଯାୟୀ ଗଠିତ ଏନ୍‌ଏସ୍‌ଏ ପରାମର୍ଶଦାତା ବୋର୍ଡ ଅଧ୍ୟକ୍ଷ ଭାବେ ମଧ ଜଷ୍ଟିସ ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ଲୋକପାଳ କମିଟିର ସଦସ୍ୟ ରହିବା ସହିତ ଲୋକପାଳ କମିଟି ଅଧ୍ୟକ୍ଷ ଭାବରେ ମଧ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲେ। ତାଙ୍କୁ ଭେଟିବା ସମୟରେ ନିଗମର ଡେପୁଟି ମେୟର ଦମୟନ୍ତୀ ମାଝୀ, କର୍ପୋରେଟର ଆରତି ସାହୁ, ଜଗନ୍ନାଥ ସ୍ୱାଇଁ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣିଚିରି ବଂଶର ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ



ଛାତ୍ରୀଛାତ୍ର, ଶିକ୍ଷକ ଓ ଅନ୍ୟମାନେ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ଖୁଣ୍ଟୁଣୀ,୧୬।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବ୍ରହ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବ୍ରହ୍ମପୁର ଗ୍ରାମ କମିଟି ମିଳିତ ସହଯୋଗରେ ସୋମବାର ପାଣିଚିରି ବା ଇଣ୍ଡିଆନ ସ୍କିମର ପକ୍ଷୀଙ୍କ ସୁରକ୍ଷା ପାଇଁ ଏକ ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଏସିଏଫ୍ ନୀଳମାଧବ ସାହୁ, ଶ୍ୱେତକାନ୍ତ ବେହେରା, ବିଜୟ କୁମାର ସାମଲ, ବହୁ ଛାତ୍ରୀଛାତ୍ର ଓ ଶିକ୍ଷକ ଏବଂ ଗ୍ରାମ କମିଟି ସଦସ୍ୟମାନେ ଯୋଗଦେଇ ପାଣିଚିରି ସୁରକ୍ଷା ଆମର ଦାବି, ପରିବେଶ ସୁରକ୍ଷା ଆମର ଦାବି ଆଦି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ବାରୁଣୀ ପଡିଆଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏସିଏଫ୍ ସାହୁ ପାଣିଚିରି ବଂଶର ସୁରକ୍ଷାରେ ସରକାରଙ୍କ ଯେତିକି କର୍ତ୍ତବ୍ୟ ତାଠାରୁ ଜନସାଧାରଣଙ୍କର ଅଧିକ କର୍ତ୍ତବ୍ୟ ରହିଛି ବୋଲି କହିଥିଲେ। ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ମହାନଦୀର ବେଳାଭୂମି ବ୍ରହ୍ମପୁର ବାରୁଣୀ ଘାଟ ବାଲୁକା ଶଯ୍ୟାରେ ଏବେ ଶହ ଶହ ବିଦେଶାଗତ ପକ୍ଷୀ ଇଣ୍ଡିଆନ ସ୍କିମର ବା ପାଣିଚିରି ପକ୍ଷୀଙ୍କ ଆଗମନ ହେଉଛି। ସେମାନେ ବାଲୁକା ଶଯ୍ୟାରେ ଦେଉଥିବା ଅଣ୍ଡାରୁ ଛୁଆ ଜନ୍ମ ହୋଇ ଆଗାମୀ ଦିନରେ ଓଡ଼ିଶାରେ ସେମାନଙ୍କ ବଂଶ ବୃଦ୍ଧି ଘଟିବା ସହିତ ପାଣିରୁ ପୋକଜୋକ ଓ ବିଭିନ୍ନ ଦୂଷିତ ପଦାର୍ଥ ଖାଇ ପରିବେଶକୁ ସୁସ୍ଥ ରଖିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ବାହାର ଜୀବଜନ୍ତୁଙ୍କଠାରୁ ସେମାନେ ଦେଉଥିବା ଅଣ୍ଡା ଓ ଛୁଆଙ୍କୁ ସୁରକ୍ଷା ଦେଲେ ସେମାନଙ୍କ ବଂଶ ବୃଦ୍ଧି ଦିଗରେ ସହାୟକ ହେବ ବୋଲି ଏସିଏଫ୍ ସାହୁ କହିଥିଲେ। ଶ୍ୱେତକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

କଟକ,୧୬।୨(କାର୍ତ୍ତିକ ସାହୁ)

କଟକ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ସମୁଦାୟ ୭୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ କମଲଜିତ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଏସ୍‌ସିବିରେ ଡ୍ୟୁଟି ସମୟରେ ଶୋଉଛନ୍ତି କର୍ମଚାରୀ

କଟକ,୧୬।୨ (ଶିଳ୍ପା ପ୍ରିୟଦର୍ଶିନୀ)

**ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ**



ଏସ୍‌ସିବି ମେଡିକାଲରେ ଦିନକୁ ଦିନ ଅବ୍ୟବସ୍ଥା ବଢ଼ିବାରେ ଲାଗିଛି। ରୋଗୀଙ୍କୁ ସୁବିଧା ଯୋଗାଇବା ପାଇଁ ବ୍ୟାଟେରି ଗାଡି ରହିଛି। ହେଲେ ଏହାର ଚାଳକ ଓ କର୍ମଚାରୀଙ୍କ ମନମାନି ଦିନକୁ ଦିନ ବଢିବାରେ ଲାଗିଛି। ଏପରିକି ବ୍ୟାଟେରି ଗାଡି ସହାୟତା ଗୃହରେ କର୍ମଚାରୀ ଡ୍ୟୁଟି ସମୟରେ ଶୋଉଥିବାବେଳେ ଅନ୍ୟପଟେ ବ୍ୟାଟେରି ଗାଡି ପାଇଁ ରୋଗୀଙ୍କ ସମ୍ପର୍କୀୟ ଫୋନ କରି ନୟାନ୍ତ ହେଉଛନ୍ତି, କିନ୍ତୁ କର୍ମଚାରୀ ଫୋନର ଉତ୍ତର ଦେଉନାହାନ୍ତି। କର୍ମଚାରୀ ଜଣକ ଡ୍ୟୁଟି ସମୟରେ ଶୋଇଥିବାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ତେବେ ରୋଗୀ ସମ୍ପର୍କୀୟ ରାତି ସମୟରେ ରୋଗୀଙ୍କୁ ନେବା ଆଣିବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପାଣି ପାଇଁ ହନ୍ତସନ୍ତ ରୋଗୀ, ସମ୍ପର୍କୀୟ

■ ହେଉନି ସଫେଇ, ଜମି ରହିଛି ଶିଉଳି
■ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ପାନୀୟ ଜଳ ସମସ୍ୟା

କଟକ,୧୬।୨(ଶିଳ୍ପା ପ୍ରିୟଦର୍ଶିନୀ)




ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ଅନୁଷ୍ଠାନ ପରିସରରେ ପିଇବା ପାଣିର ସମସ୍ୟା ଦେଖାଦେଇଛି। ମେଡିକାଲ ପରିସରରେ ଥିବା ଫ୍ରିଜରଗୁଡ଼ିକ ଦୂଷିତ ହୋଇଯାଇଥିବାବେଳେ ଟ୍ୟାପ ମଧ୍ୟ ଠିକ୍ ଭାବେ କାମ କରୁନାହିଁ। ଏଭଳି ଦୂଷିତ ସ୍ଥାନରୁ ରୋଗୀ ଓ ସମ୍ପର୍କୀୟ ପାଣି ପିଉଥିବାରୁ ସେମାନଙ୍କ ମଧ୍ୟରେ ସଂକ୍ରମଣ ଭୟ ସୃଷ୍ଟି ହୋଇଛି। ଏଭଳି ସମସ୍ୟା ଦୀର୍ଘ ଦିନ ହେବ ଲାଗି ରହିଥିବାବେଳେ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ନିଘା ନ ଥିବା ସ୍ପଷ୍ଟ ବାରି ହୋଇପଡ଼ିଛି। ସୂଚନାଯୋଗ୍ୟ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ପ୍ରତିଦିନ ଶତାଧିକ ରୋଗୀ କଟକ ସମେତ ଦୂରଦୂରାନ୍ତରରୁ ଚିକିତ୍ସା ପାଇଁ ଆସିଥାନ୍ତି। ରୋଗୀ ଓ ସମ୍ପର୍କୀୟଙ୍କ ନିମନ୍ତେ ମେଡିକାଲରେ ଦୁଇରୁ ତିନୋଟି ସ୍ଥାନରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ହେଲେ ଏଠାରେ ଥିବା ପିଇବା ପାଣି କେନ୍ଦ୍ରଗୁଡ଼ିକୁ ଠିକ୍ ଭାବେ ସଫା କରାଯାଉ ନାହିଁ। ଏପରିକି ଏହାର ରକ୍ଷଣାବେକ୍ଷଣ ମଧ୍ୟ ଠିକ୍ ଭାବେ କରାଯାଉ ନାହିଁ। ଫଳରେ ପିଇବା ପାଣି ଜାଗା ଶିଉଳି ଓ ସମ୍ପୂର୍ଣ୍ଣ ଭାବେ ଅପରିଷ୍କାରରେ ଭରି ରହିଛି। ଉକ୍ତ ସ୍ଥାନରେ ଜଳ ସଞ୍ଚୟ କରନ୍ତୁ ବୋଲି ସୂଚନା ଫଳକ ଲଗାଯାଇଛି। ହେଲେ ଏଠାରେ ପାଣି ଟ୍ୟାପ ଭାଙ୍ଗି ପାଣି ବୋହି ନଷ୍ଟ ହେଉଛି। ତେବେ କର୍କଟ କେନ୍ଦ୍ରରେ ସଫେଇ ପାଇଁ ଏକ ସଂସ୍ଥାର କର୍ମଚାରୀ ନିୟୋଜିତ ରହିଥିବାବେଳେ ପାନୀୟ ଜଳ ସ୍ଥାନକୁ ଠିକ୍ ଭାବେ ସଫା କରୁନାହାନ୍ତି। କର୍କଟ ଭଳି ରୋଗରୁ ମୁକ୍ତି ପାଇବାକୁ ରୋଗୀ ଏଠାକୁ ଆସୁଥିବାବେଳେ ମେଡିକାଲ ପରିସରରେ ଏଭଳି ଅପରିଷ୍କାର ଥିବାରୁ ସଂକ୍ରମଣର ଭୟ ସମସ୍ତଙ୍କ ମନରେ ଘାରିଛି। ଏନେଇ ମେଡିକାଲକୁ ଆସିଥିବା ଜଗତ୍‌ସିଂହପୁର ଅଞ୍ଚଳର ଅନିତା ରାଉତରାୟ ଓ କେନ୍ଦୁଝର ଅଞ୍ଚଳର ବଳିଆ ମାରାଣ୍ଡି କହିଛନ୍ତି, ମେଡିକାଲରେ ପିଇବା ପାଣିର ସମସ୍ୟା ପ୍ରାୟତଃ ରହୁଛି। ଏପରିକି ଉକ୍ତ ସ୍ଥାନଗୁଡ଼ିକୁ ସଫା ହେଉ ନ ଥିବାରୁ ସେଠାରୁ ପାଣି ଆଣି ପିଇବାକୁ ଭୟ ଲାଗୁଛି। ବାଧ୍ୟ ହୋଇ ବାହାରୁ ପାଣି ବୋତଲ କିଣି ପିଉଛୁ। ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ସେମାନେ କହିଛନ୍ତି। ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ସଭ୍ୟତା, ସାହିତ୍ୟକୁ ପ୍ରଭାବିତ କରିଛି ଜଗତୀକରଣ

**ଏସ୍‌ସିଏସ୍ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ**

ପୁରୀ,୧୬।୨(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଦ୍ୱାରା ଦ୍ୱିଦିବସୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ତ୍ରିବେଦୀଙ୍କ ଦ୍ୱାରା ସୋମବାର ଉଦ୍‌ଘାଟିତ ହୋଇଯାଇଛି। 'ଏକବିଂଶ ଶତାବ୍ଦୀ: ପରିବେଶ, ସଭ୍ୟତା ଓ ସାହିତ୍ୟ' ଶୀର୍ଷକ ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷକ, ଅଧ୍ୟାପିକାଅଧ୍ୟାପକ ପ୍ରବନ୍ଧ ପାଠ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ଏହି ସମ୍ମିଳନୀରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଅତିଥିଭାବେ ଯୋଗଦେଇ ଏକବିଂଶ ଶତାବ୍ଦୀର ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ସମସ୍ୟା ସମ୍ପର୍କରେ ଆଲୋଚନା କରି ସାହିତ୍ୟ ସର୍ଜନାରେ ଏସବୁକୁ ଚିତ୍ରଣ କରିବାକୁ ମତବ୍ୟକ୍ତ କରିଥିଲେ। ଅନ୍ତର୍ଜାତୀୟ ଅତିଥି ଭାବେ ଜାପାନରୁ ନାଓସେ ମିୟାହର ଏବଂ ଏରିକୋ ତୋସିମା ଯୋଗଦେଇ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନର ପରିବେଶ, ବିକାଶ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତ-ଜାପାନ ମୈତ୍ରୀ ସଂଘର ସଭାପତି ଶ୍ରୀମନ୍ତ କୁମାର ଦାସ ଯୋଗଦେଇ ଭାରତ ଏବଂ ଜାପାନର ସଭ୍ୟତା ଓ ପରିବେଶ ସମ୍ପର୍କରେ ତୁଳନାତ୍ମକ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ ଭିତ୍ତିପ୍ରବନ୍ଧ ପାଠ କରି ଜଗତୀକରଣ ଓ ଡିଜିଟାଲ ଧ୍ରୁବୀକରଣ କିପରି ଆମର ସଭ୍ୟତା ଓ ସାହିତ୍ୟକୁ ପ୍ରଭାବିତ କରିଛି ସେନେଇ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ପ୍ରାକ୍ତନ ବିଦ୍ୟାର୍ଥୀମାନଙ୍କ ସଂଗଠନ 'ଓଡ୍ରା' ଏବଂ ଓଡ଼ିଆ ବିଭାଗ ମିଳିତ ଭାବେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାଠଚକ୍ର ସଂଯୋଜକ ଡ. ପ୍ରଭାତ କୁମାର ସାହୁ ପାଠଚକ୍ରର ଅଭିମୁଖ୍ୟ, ଡ. ଶଙ୍କର୍ଷଣ ପ୍ରଧାନ ଅତିଥି ପରିଚୟ, ଡ. ହେମେନ୍ଦ୍ରନାଥ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧ୍ୟାପକ ଗିରିଜା ଶଙ୍କର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ମିଳନୀରେ ଜାପାନୀ ବ୍ୟାଣ୍ଡ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତି ଜାପାନୀ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସନ୍ଧ୍ୟାରେ ନାଟକ, କବିତା ଆସର ଆଦି ଅନୁଷ୍ଠିତ ହୋଇଥିଲା। କବି ଦିଲୀପ କୁମାର ସ୍ୱାଇଁଙ୍କ 'ଧାନଫୁଲ କାନଫୁଲ'ର ନାଟ୍ୟାଭିନୟ ସହ ଫକୀରମୋହନ ସେନାପତିଙ୍କ 'ପେଟେଣ୍ଟ ମେଡ଼ିସିନ'ର ନାଟ୍ୟରୂପ ପରିବେଷଣ କରାଯାଇଥିଲା।



ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିବୃନ୍ଦ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଯାତ୍ରା

ପୁରୀ,୧୬।୨(ଅଜିତ୍ କୁମାର ମହାନ୍ତି)

ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ବିହାରର ଏନ୍.କେ. ରାଜା କାନ୍ଧରେ ଗଙ୍ଗାଜଳ ଭାର ରଖି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଯାତ୍ରା କରୁଛନ୍ତି। କାନ୍ଧରେ ୧୬ କଳସ ଗଙ୍ଗାଜଳ ଭାର ବୋହି ଶୈବପୀଠରେ ସେ ଲାଗିକରୁଛନ୍ତି। ବୀର ସୈନିକଙ୍କ ଆତ୍ମାର ସଦ୍‌ଗତି କାମନା ଉଦ୍ଦେଶ୍ୟରେ ରାଜା ବିହାରରୁ ବାହାରିଥିବାବେଳେ ୧୨ ଜ୍ୟୋତିର୍ଲିଙ୍ଗ ସମେତ ଅମରନାଥ ଏବଂ ପଶୁପତିନାଥ ଯିବାକୁ ଲକ୍ଷ୍ୟ ରଖିଛନ୍ତି। ବାବା ବୈଦ୍ୟନାଥଙ୍କ ନିକଟରେ ଜଳଲାଗି ପରେ ସେ ସୋମବାର ପୁରୀରେ ପହଞ୍ଚିଛନ୍ତି। ଏଠାରେ ଦୁଇଦିନ ରହଣି କରିବେ। ମହାପ୍ରଭୁଙ୍କୁ ଦର୍ଶନ କରି ଆନ୍ଧ୍ରପ୍ରଦେଶ ମଲ୍ଲିକାର୍ଜୁନଙ୍କ ପୀଠକୁ ବାହାରିବେ। ଦେଶର ବୀର ଯବାନଙ୍କ ଉଦ୍ଦେଶ୍ୟରେ ତାଙ୍କର ଏହି ଶ୍ରଦ୍ଧାକୁ ଲୋକେ ବେଶ୍ ପ୍ରଶଂସା କରିବା ସହ ସହଯୋଗ ଯୋଗାଇ ଦେଉଛନ୍ତି ବୋଲି ରାଜା କହିଛନ୍ତି। ସେହିପରି ଗୋମାତା ଉଦ୍ଦେଶ୍ୟରେ ଉତ୍ତର ପ୍ରଦେଶରୁ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି ସମର ବାବା(ଗୋବିନ୍ଦ)। 'ଗୋମାତାଙ୍କୁ ରାଷ୍ଟ୍ରମାତା' ଭାବେ ଘୋଷଣା କରିବା ଦାବିରେ ସେ ଗତ ଡିସେମ୍ବର ୨ରେ ସାଇକେଲରେ ଉତ୍ତରପ୍ରଦେଶରୁ ବାହାରି ସୋମବାର ପୁରୀରେ ପହଞ୍ଚିଛନ୍ତି। ଗୋମାତାଙ୍କୁ ରାଷ୍ଟ୍ରମାତା ଦାବି ନେଇ ବାହାରିଥିବା ଗୋବିନ୍ଦ ଏଯାବତ୍ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ କାଶୀ ବିଶ୍ୱନାଥ, ମହାକାଳେଶ୍ୱର, ଭୀମ୍ଭେଶ୍ୱର, ଓଁକାରେଶ୍ୱର ଯାତ୍ରା କରିସାରିଛନ୍ତି। ଏହାପରେ ସେ ଆନ୍ଧ୍ରପ୍ରଦେଶର ମଲ୍ଲିକାର୍ଜୁନ ଓ ରାମେଶ୍ୱରମ୍ ଯାତ୍ରା କରିବେ। ପରେ ଅମରନାଥ ଓ ନେପାଳର ପଶୁପତିନାଥଙ୍କ କ୍ଷେତ୍ରକୁ ସାଇକେଲରେ ଯାତ୍ରା କରିବେ ବୋଲି କହିଛନ୍ତି।

## ବିଳମ୍ବରେ ଉଠିଲା ଶ୍ରୀଲୋକନାଥ ମନ୍ଦିର ମହାଦୀପ

ପୁରୀ,୧୬।୨(ଅଜିତ୍ କୁମାର ମହାନ୍ତି)

ମହାଶିବରାତ୍ରି ପାଇଁ ରବିବାର ପୁରୀର ଶ୍ରୀଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ମନ୍ଦିର ଚାରିପଟେ ଶ୍ରଦ୍ଧାଳୁମାନେ ବସି ରାତି ଉଜାଗର ରହି ଓଁ ନମଃ ଶିବାୟ ମନ୍ତ୍ର ଜପକରି ମହାଦେବଙ୍କ ଉଦ୍ଦେଶ୍ୟରେ ଜାଗର ଦୀପ ଜାଳିଥିଲେ। ଚଳିତବର୍ଷ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ମହାଦୀପ ଉଠିଥିଲା। ଶ୍ରୀଲୋକନାଥ ଟ୍ରଷ୍ଟବୋର୍ଡ ଏବଂ ପ୍ରଶାସନ ମଧ୍ୟରେ ଆଲୋଚନା ଅନୁଯାୟୀ, ହରିହର ଭେଟ ସହ ବିଭିନ୍ନ ନୀତି ସମ୍ପନ୍ନ କରାଯାଇ ଭୋର୍ ୩ଟାରୁ ୪ଟା ମଧ୍ୟରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ନେଇ ସ୍ଥିର ହୋଇଥିଲା। ତେବେ ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଚାଲିଥିଲେ ହେଁ ବହୁ ବିଳମ୍ବ ଅର୍ଥାତ୍ ସୋମବାର ଭୋର୍ ୫ଟା ୧ରେ ମହାଦୀପ ଉଠିଥିଲା। ଯେଉଁମାନେ ଜାଗର ଉପବାସ ରଖିଥିଲେ, ସେମାନେ ଜାଗର ଦୀପ ଜାଳିବା ସହ ମହାଦୀପ ଦର୍ଶନକରି ଉପବାସ ଭଙ୍ଗ କରିଥିଲେ। ଶ୍ରୀଲୋକନାଥ ମନ୍ଦିରରେ ଅନେକ ନୀତି ରହୁଥିବାରୁ ସର୍ବଦା ବିଳମ୍ବିତ ସମୟ ଅର୍ଥାତ୍ ରାତ୍ରର ଶେଷ ପ୍ରହରରେ ମହାଦୀପ ଉଠିଥାଏ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୬।୨।୨୦୨୬

| | |
|---|---|
| ୪,୩୩,୭୧୮ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୦.୮୦୦ ଗ୍ରାମ୍ |

**ସଂକ୍ଷେପରେ**

### ଶ୍ରୀଦାଣ୍ଡରେ ଜଳିଗଲା ଟ୍ରାନ୍ସଫର୍ମର

ପୁରୀ,୧୬।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନିକଟ ଶ୍ରୀଦାଣ୍ଡର ଏକ ଟ୍ରାନ୍ସଫର୍ମରରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ଦୁଇଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରାୟ ଏକଘଣ୍ଟା ଧରି ଟ୍ରାନ୍ସଫର୍ମରରେ ନିଆଁଲାଗି ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଟ୍ରାନ୍ସଫର୍ମରଟି ଜଳି ପାଉଁଶ ହୋଇଯାଇଥିବାବେଳେ ନିଆଁ କୌଣସି ଇଲେକ୍ଟ୍ରି ତାରକୁ କବଳିତ କରିବା ପୂର୍ବରୁ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦୁଇଟି ଅଗ୍ନିଶମ ଗାଡ଼ି ପହଞ୍ଚି ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଆଁକୁ ଆୟତ୍ତ କରିଥିଲା। ଶର୍ଟସର୍କିଟ ଯୋଗୁ ଟ୍ରାନ୍ସଫର୍ମରରେ ନିଆଁ ଲାଗିଥିବା କେହି କହୁଥିବାବେଳେ ଅନ୍ଧାରର ସୁଯୋଗ ନେଇ କେହି ନିଶାସକ୍ତ ବ୍ୟକ୍ତି ଜଳନ୍ତା ସିଗାରେଟ୍ କିମ୍ବା ବିଡ଼ି ଫିଙ୍ଗିବାରୁ ଅଗ୍ନିକାଣ୍ଡ ଘଟିଥିବା ଶୁଣିବାକୁ ମିଳୁଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜାଣିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

### ପୋଲିସ ପକ୍ଷରୁ ନାକା ଚେକିଂ ଅଭିଯାନ

ପୁରୀ,୧୬।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ମୋଟ ୨୬ଟି ଜାଗାରେ ନାକା ଚେକିଂ କରାଯାଇ ନିୟମିତ ଯାନବାହନ ଯାଞ୍ଚ ଚାଲିଛି। ଜିଲାର ସମସ୍ତ ଥାନା ଅଞ୍ଚଳରେ ପୋଲିସ ଟିମ୍ ଦ୍ୱାରା ଦୁଇ ଓ ଚାରିଚକିଆ ଯାନ ଯାଞ୍ଚ କରାଯାଉଛି। ବିଶେଷକରି ଦୁଇଚକିଆ ଯାନରେ ଟ୍ରିପଲ୍ ରାଇଡିଂ, ହେଲମେଟ୍ ବିନା ଚଳାଚଳ, ବିନା କାଗଜପତ୍ର, ମଦ୍ୟପାନ କରି ଗାଡ଼ି ଚଳାଇବା ଏବଂ ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଂଘନ ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଚାରିଚକିଆ ଯାନର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ, ଇନ୍ସ୍ୟୁରାନ୍ସ, ଫିଟ୍‌ନେସ୍ ସହ ଯାତ୍ରୀ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି। ସନ୍ଦେହଜନକ ଯାନ ଓ ବ୍ୟକ୍ତିଙ୍କୁ ଚିହ୍ନଟକରି ପଚରାଉଚରା କରାଯାଉଛି, ଯାହାଫଳରେ ଅପରାଧ ନିୟନ୍ତ୍ରଣ ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ ହେଉଛି। ଏହି ବିଶେଷ ଅଭିଯାନ ଆଗାମୀ ଦିନରେ ମଧ ଜାରି ରହିବ। ପୁରୀ ପୋଲିସ ସମସ୍ତ ଚାଳକଙ୍କୁ ଟ୍ରାଫିକ୍ ନିୟମ ମାନି ଆବଶ୍ୟକ କାଗଜପତ୍ର ସହ ଯାତ୍ରା ଏବଂ ସୁରକ୍ଷିତ ଡ୍ରାଇଭିଂ ପାଇଁ ଅନୁରୋଧ କରିଛି।



କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ ସୋମବାର ସପ୍ତମ ଲୋକକଳା ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ସପ୍ତମ ଲୋକକଳା ମହୋତ୍ସବ ଉଦ୍‌ଯାପିତ

କୋଣାର୍କ,୧୬।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ ତ୍ରିଦିବସୀୟ ସପ୍ତମ ଲୋକକଳା ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କୋଣାର୍କ ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବିଲୁପ୍ତ ଲୋକକଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଲୋକକଳା ମହୋତ୍ସବ ବିଶେଷ ଭୂମିକା ନିର୍ବାହ କରୁଛି ବୋଲି କହିଥିଲେ। ସମ୍ବଲପୁରୀ, ପାଲା, ଘୋଡ଼ାନାଚ ସମେତ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିବାବେଳେ କୋଣାର୍କ ନାଟ୍ୟଦୀପର ସମ୍ପାଦକ ନିତ୍ୟାନନ୍ଦ ମହାରଣା, ମିନତି ସାହୁଙ୍କ ସମେତ ସଂଗଠନ କର୍ମକର୍ତ୍ତା ପରିଚାଳନା କରିଥିଲେ।

### କୋଣାର୍କ କପ୍: ଫାଇନାଲରେ ରାଇଜିଙ୍ଗ ଷ୍ଟୁଡେଣ୍ଟ୍ସ

କୋଣାର୍କ,୧୬।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ସ୍ଥାନୀୟ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଦ୍ୱିତୀୟ କୋଣାର୍କ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ପୁରୀ ଏକାଦଶକୁ ୧୩୩ ରନରେ ହରାଇ କଟକର ରାଇଜିଙ୍ଗ ଷ୍ଟୁଡେଣ୍ଟ୍ସ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ରାଇଜିଙ୍ଗ ଷ୍ଟୁଡେଣ୍ଟସ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୪ ଉଇକେଟ ହରାଇ ୨୫୯ ରନ କରିଥିଲା। ଦଳ ପକ୍ଷରୁ ବିକ୍ରମ ସାମଲ ୮୫, ଅଶ୍ୱିନୀ ଖଟୋଇ ୪୪, ଅବିନାଶ ନାୟକ ୪୦ ଏବଂ ଈଶ୍ୱର ପ୍ରସାଦ ୧୧ ବଲରୁ ୪୦ ରନ ସଂଗ୍ରହ କରିଥିଲେ। ପୁରୀ ଏକାଦଶ ପକ୍ଷରୁ ବିଶ୍ୱରଞ୍ଜନ ମୁଦୁଲି ୨ ଉଇକେଟ ନେଇଥିଲେ। ଜବାବରେ ପୁରୀ ଏକାଦଶ ୨୨.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ ରନ କରି ମ୍ୟାଚ ହାରିଯାଇଥିଲା। ଦଳ ପକ୍ଷରୁ ଦୀପକ ସାହୁ ସର୍ବାଧିକ ୩୭ ରନ କରିଥିଲେ। ରାଇଜିଙ୍ଗ ଷ୍ଟୁଡେଣ୍ଟସ ପକ୍ଷରୁ ଅଙ୍କିତ ବେହେରା ୩ଟି ଓ ପ୍ରଜ୍ୱଲ ଲାହା ୨ ଉଇକେଟ ନେଇଥିଲେ। ରାଇଜିଙ୍ଗ ଷ୍ଟୁଡେଣ୍ଟସ ଦଳର ବିକ୍ରମ ସାମଲ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ପ୍ରମୋଦ ସିହ୍ନା ଏବଂ ଏସ୍. କରୁଣାକର ମ୍ୟାଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ସୁରେଶ ନାୟକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ରଶ୍ମିରଞ୍ଜିତା ସିଂହଙ୍କୁ ପ୍ରିୟପତ୍ର ସମ୍ମାନ

**ପ୍ରିୟପତ୍ରର ୩୯ତମ ସ୍ୱନକ୍ଷତ୍ର ଉତ୍ସବ**

ପୁରୀ,୧୬।୨(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ପ୍ରିୟପତ୍ରର ୩୯ତମ ସ୍ୱନକ୍ଷତ୍ର ଉତ୍ସବ ଡ. ହେମନ୍ତ କୁମାର ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟ ଅତିଥି, ବିଶ୍ୱପ୍ରକାଶ ପଟ୍ଟନାୟକ, ବିଜୟଲକ୍ଷ୍ମୀ ଦାଶ ମିଶ୍ର ଏବଂ ଗୌରାଙ୍ଗ ପରିଡ଼ା, ସନ୍ତୋଷ କୁମାର ସେଠୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସେବାକ୍ଷେତ୍ରରେ ପ୍ରିୟପତ୍ରର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ରେଣୁକା ମିଶ୍ର ଓ ଅବନିଶ ରଥଙ୍କୁ ପ୍ରିୟପତ୍ର ଯୁଗଳବନ୍ଦୀ ସମ୍ମାନ, ରଶ୍ମିରଞ୍ଜିତା ସିଂହଙ୍କୁ ପ୍ରିୟପତ୍ର ସମ୍ମାନ, ଡାକ୍ତର କ୍ଷୀରାବ୍ଧିତନୟା ସାହୁଙ୍କୁ ଅଧ୍ୟାପକ ସରୋଜକାନ୍ତ ତ୍ରିପାଠୀ ସ୍ମୃତି ସମ୍ମାନ, ପୀତାମ୍ବର ମହାପାତ୍ରଙ୍କୁ ରଘୁନାଥ ମହାପାତ୍ର ସ୍ମୃତି ସମ୍ମାନ, ପ୍ରତିଭା ଦାଶଙ୍କୁ ଶକୁନ୍ତଳା ଦଳାଇ ସ୍ମୃତି ସମ୍ମାନ, ରାଧାଶ୍ୟାମ ରାଉଳଙ୍କୁ ରସରାଜ ଏମ୍‌ଆର୍ କେଆର୍ ସ୍ମୃତି ସମ୍ମାନ, ବ୍ରହ୍ମାନନ୍ଦ ପାଣିଗ୍ରାହୀଙ୍କୁ ଶତ୍ରୁଘ୍ନ ମହାନ୍ତି ସ୍ମୃତି ସମ୍ମାନ, ମହେଶ୍ୱର ଜେନାଙ୍କୁ ରାମଚନ୍ଦ୍ର ଦଳାଇ ସ୍ମୃତି ସମ୍ମାନ, ଲିଙ୍ଗରାଜ ଦାସଙ୍କୁ ଅଭିନେତା ସୁବଳ ଦାସ ସ୍ମୃତି ସମ୍ମାନ, ପ୍ରଭାକର ରଥ ଓ ଗଣେଶ୍ୱର ପ୍ରହରାଜଙ୍କୁ ବିଶିଷ୍ଟ ଅନୁବାଦକ ବଳଭଦ୍ର ଦାସ ସ୍ମୃତି ସମ୍ମାନ, ଯୋଗେଶ୍ୱର ନାୟକଙ୍କୁ ମାନବବାଦୀ ପ୍ରଗତିଶୀଳ ଲେଖକ ଗଙ୍ଗାଧର ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ପୀତାମ୍ବର ମହାପାତ୍ରଙ୍କ ରଚିତ ପୁସ୍ତକ 'ଗଣିତ ତରଙ୍ଗ' ବିପିନ ବିହାରୀ ଦଳାଇଙ୍କ ରଚିତ କବିତା ସଙ୍କଳନ 'ଭାବବୋଧିନୀ' ଏବଂ ନୀଳକଣ୍ଠ ମିଶ୍ରଙ୍କ 'କୁସୁମାଞ୍ଜଳି' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ସମ୍ପାଦକ ବିପିନ ବିହାରୀ ଦଳାଇ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବର ପ୍ରାରମ୍ଭିକ ପର୍ଯ୍ୟାୟରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବକୁ ଲକ୍ଷ୍ମୀପ୍ରିୟା ଦାଶ, ପ୍ରବାସିନୀ ମିଶ୍ର, ମଧୁସ୍ମିତା ମିଶ୍ର ସଂଯୋଜନା କରିଥିଲେ। ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ସୁଶ୍ରୀ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ମାଧବ ଶ୍ରୀନନ୍ଦନ ସାହୁ, ଅବିନାଶ ଦଳାଇ, ରଜତ ମହାନ୍ତି, ବିମଳକୃଷ୍ଣ ଦାସ, ଶ୍ରୀମାନ୍ ସର୍ବଗିଳା ଏବଂ ଦେବଦତ୍ତ ବିଶ୍ୱରଞ୍ଜନ ମିଶ୍ର ପରିଚାଳନା କରିଥିଲେ।



ପ୍ରିୟପତ୍ରର ୩୯ତମ ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## 'ଜୀବନର ସର୍ବୋଚ୍ଚ ସ୍ଥାନରେ ପହଞ୍ଚିବା ପାଇଁ ଦକ୍ଷତା ଆବଶ୍ୟକ'


କେ.ଏଲ୍.ବିଶ୍ୱବିଦ୍ୟାଳୟର ମେଧାବୀ ଛାତ୍ରବୃତ୍ତି ପୋଷ୍ଟରକୁ ଅତିଥି ଉନ୍ମୋଚନ କରୁଛନ୍ତି ।

ପୁରୀ,୧୬।୨(ଅଜିତ୍ କୁମାର ମହାନ୍ତି)

ଜୀବନର ସର୍ବୋଚ୍ଚ ସ୍ଥାନରେ ପହଞ୍ଚିବା ପାଇଁ କେବଳ ପ୍ରତିଭା ନୁହେଁ, ଦକ୍ଷତା ଓ ଯୋଗାଯୋଗ କୌଶଳ ଅତ୍ୟନ୍ତ ଆବଶ୍ୟକ ବୋଲି ପୁରୀର ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି। ସୋମବାର ସରକାରୀ ଯୁବ ଛାତ୍ରାବାସରେ କେ.ଏଲ୍.ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ମତ ପ୍ରକାଶ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଚାଲୁଥିବା ବିଭିନ୍ନ ସଂସ୍କାର ଓ ସରକାରୀ ଯୋଜନା ଫଳରେ ଛାତ୍ରୀଛାତ୍ରମାନେ ଅନେକ ସୁଯୋଗ ପାଉଛନ୍ତି ବୋଲି ସେ କହିଥିଲେ। ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା ବାର୍ଷିକ ୧୦୦ କୋଟି ଟଙ୍କାର ମେଧାବୀ ଛାତ୍ରବୃତ୍ତି ଯୋଜନାକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ମେଧାବୀ ଛାତ୍ରବୃତ୍ତି ପୋଷ୍ଟର ଉନ୍ମୋଚନ କରିଥିଲେ। କେ.ଏଲ୍. ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ଜେ. ଶ୍ରୀନିବାସ ରାଓ କହିଥିଲେ, ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଆଧୁନିକ ପାଠ୍ୟକ୍ରମ, ଶିଳ୍ପମୁଖୀ ପ୍ରଶିକ୍ଷଣ ଓ କ୍ୟାରିୟର ମାର୍ଗଦର୍ଶନ ଯୋଗାଇ ଦେଉଛି, ଯାହାଫଳରେ ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନୀରେ ଉଚ୍ଚ ବାର୍ଷିକ ପ୍ୟାକେଜ୍ ହାସଲ କରୁଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଜୋନାଲ ମୁଖ୍ୟ ଆର୍. ଶିବ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ନଦୀବନ୍ଧ ତଳକୁ ବାଇକ୍ ଖସି ଯୁବକ ମୃତ, ୨ ଆହତ

ନିମାପଡ଼ା,୧୬।୨(ବିଚିତ୍ରାନନ୍ଦ ସାହୁ)

ଶିବ ଦର୍ଶନ ପାଇଁ ଯିବାବେଳେ ବାଟରେ ଛକିଥିଲା ମୃତ୍ୟୁ। ରବିବାର ମହାଶିବରାତ୍ରିରେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଡେଡୁଅଁ ପଞ୍ଚାୟତ ଛେନୁଅ ଗ୍ରାମର କୁଶଭଦ୍ରା ନଦୀବନ୍ଧ ରାସ୍ତାରୁ ତଳକୁ ବାଇକ୍ ଖସପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଛେନୁଅ ଗ୍ରାମର ଲକ୍ଷ୍ମଣ ମହାରଣା (୨୧) ଏବଂ ଆହତ ଦ୍ୱୟ ହେଲେ ଓମ୍‌ପ୍ରକାଶ ସ୍ୱାଇଁ (୧୬) ଓ ଗଣେଶ ସାହୁ (୧୮)।

ସୂଚନା ଅନୁଯାୟୀ, ଛେନୁଅ ଗ୍ରାମର ଏହି ୩ଜଣ ଯୁବକ ଏକ ବାଇକରେ ନିମାପଡ଼ାରୁ କୁଶଭଦ୍ରା ନଦୀବନ୍ଧ ରାସ୍ତାରେ ଡେଣୁଅ ଆଳିପିଙ୍ଗଳ ଗ୍ରାମର ଈଶାନେଶ୍ୱର ମହାଦେବଙ୍କୁ ଦର୍ଶନ ନିମନ୍ତେ ଯାଉଥିଲେ। ତେବେ ଡେଣୁଅ ଫାର୍ମଗଡ଼ା ନିକଟରେ ଗାଡ଼ିଟି କୌଣସି କାରଣରୁ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଥିଲା। ଫଳରେ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଲକ୍ଷ୍ମଣଙ୍କ ଅବସ୍ଥା ଅତି ସଂକଟାପନ୍ନ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଯାଇଥିଲା। ଓମ୍‌ପ୍ରକାଶ ଓ ଗଣେଶ ନିମାପଡ଼ା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣାରେ ବାଇକଟି ଭାଙ୍ଗିରୁଜିଯାଇଛି। ଲକ୍ଷ୍ମଣଙ୍କ ମୃତ୍ୟୁରେ ତାଙ୍କ ପରିବାର ସମେତ ଛେନୁଅ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## 'ଓଡ଼ିଆଙ୍କ ସ୍ପନ୍ଦନରେ ଶ୍ରୀଜଗନ୍ନାଥ ଚେତନା ରୂପ ପାଏ'

**ପଣ୍ଡିତ ସଦାଶିବ ମିଶ୍ରଙ୍କୁ 'ପୂର୍ଣ୍ଣବ୍ରହ୍ମ ସମ୍ମାନ'**

ପୁରୀ,୧୬।୨(ଅଜିତ୍ କୁମାର ମହାନ୍ତି)

ପୂର୍ଣ୍ଣ ଦାସ ଫାଉଣ୍ଡେଶନ ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ 'ଶ୍ରୀଜଗନ୍ନାଥଙ୍କ ସେବାରେ ଦେବଦାସୀ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ଓ ଆଧ୍ୟାତ୍ମିକ କବିତା ଆସର ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ମାର୍ଗଦର୍ଶକ ରାଜକିଶୋର ସାହୁ, ବିଶିଷ୍ଟ ଶିକ୍ଷାବିତ୍ ଡ. ଅଭିମନ୍ୟୁ ଭୂୟାଁ, ବରିଷ୍ଠ ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ନୃତ୍ୟଗୁରୁ ରୂପଶ୍ରୀ ମହାପାତ୍ର ଏବଂ ଶିକ୍ଷାବିତ୍ ପ୍ରଦୀପ୍ତ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆଙ୍କ ପ୍ରାଣର ପ୍ରତିଟି ସ୍ପନ୍ଦନରେ ଶ୍ରୀଜଗନ୍ନାଥ ଚେତନା ରୂପ ପାଇଥାଏ। ସେ ରାଜାଧିରାଜ ଓ ଭୋଜନ ପରେ ବିଡ଼ିଆ ପାନ ସେବାଠାରୁ ଆରମ୍ଭ କରି ଶୟନ ସମୟରେ ଦେବଦାସୀ ସେବା ନୀତି ସମ୍ପାଦନ କରାଯାଏ। ଏହି ଦେବଦାସୀ ସେବା ଏକ ସମର୍ପିତ ସେବା ଓ ତାହା ବର୍ତ୍ତମାନ ବିଲୁପ୍ତ ହୋଇଯାଇଛି। ଏ ସମ୍ପର୍କରେ ପ୍ରଶାସନ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେବା ଉଚିତ୍ ବୋଲି ଅତିଥିମାନେ ମତ ରଖିଥିଲେ। ଏତଦ୍‌ବ୍ୟତୀତ ଦେଶ ବିଦେଶରେ ଅଦିନିଆ ରଥଯାତ୍ରାକୁ ବନ୍ଦ ରଖିବା ପାଇଁ ଦୃଢ଼ ଦାବି କରିଥିଲେ। ଏହି ଅବସରରେ ପଣ୍ଡିତ ସଦାଶିବ ମିଶ୍ରଙ୍କୁ 'ପୂର୍ଣ୍ଣବ୍ରହ୍ମ ସମ୍ମାନ', କବି ହରପ୍ରିୟା ସାହୁଙ୍କୁ 'ଶିଳାବ୍ରହ୍ମ ସମ୍ମାନ' ଏବଂ ବରିଷ୍ଠ ସେବାୟତ ରାଧାନାଥ ପ୍ରତିହାରୀଙ୍କୁ 'ସେବାନିଧି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାହିତ୍ୟିକ ଶିବସୁନ୍ଦର ମିଶ୍ର ସଞ୍ଚାଳନ କରିଥିଲେ। ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ। ଅନେକ କବି ଯୋଗଦେଇ ଆଧ୍ୟାତ୍ମିକ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ. କଲ୍ୟାଣୀ ନନ୍ଦୀ, ସର୍ବାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ।



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ଜାଲ୍ ରସିଦ୍‌ରେ ବ୍ରାଣ୍ଡେଡ କମ୍ପାନୀର ଘଡ଼ି ବିକ୍ରି, ସେଲ୍ସମ୍ୟାନ ଗିରଫ

ଭୁବନେଶ୍ୱର,୧୬।୨(ତ୍ରିନାଥ ମହାନ୍ତି): ଜାଲ୍ ରସିଦ୍ କରି ବ୍ରାଣ୍ଡେଡ କମ୍ପାନୀର ଘଡ଼ିକୁ ବିକ୍ରି କରି ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ସେଲ୍ସମ୍ୟାନ୍‌ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରସୁଲଗଡ଼ରେ ରହୁଥିବା ସମ୍ବିତ ରାୟ। ସମ୍ବିତଙ୍କ ନାମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶାନ୍ତନୁ କୁମାର ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ମଞ୍ଚେଶ୍ୱର ପ୍ଲଟ୍ ନଂ- ୬୫ରେ ଏକ ବ୍ରାଣ୍ଡେଡ ଘଣ୍ଟା କମ୍ପାନୀର ଅଫିସ ରହିଛି। ଅଭିଯୋଗକାରୀ ଉକ୍ତ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଭାବେ କାମ କରନ୍ତି । ଉକ୍ତ କମ୍ପାନୀ ଦକ୍ଷିଣ ଓଡ଼ିଶାରେ ବ୍ରାଣ୍ଡେଡ ହାତଘଡ଼ି ବିକ୍ରୟ ଓ ବିତରଣ ଦେଖାଶୁଣା ପାଇଁ ଅଭିଯୁକ୍ତ ସମ୍ବିତଙ୍କୁ ସେଲ୍ସ ଅଫିସର ଭାବେ ନିଯୁକ୍ତ କରିଥିଲେ। ତାଙ୍କୁ ଷ୍ଟକ୍ ଏବଂ ଡିଲରଙ୍କୁ ବିତରଣ ଦାୟିତ୍ୱ ଦିଆଯାଇଥିଲା। ଅଫିସ କାର୍ଯ୍ୟାଳୟରୁ ଜାରି ହୋଇଥିବା ବୈଧ ବିଲ୍ ମାଧ୍ୟମରେ ବିତରଣ କରିବାକୁ କୁହାଯାଇଥିଲା। ହେଲେ ସେ କମ୍ପାନୀର ବୈଧ ରସିଦ ବିନା ଡିଲରଙ୍କୁ ଘଡ଼ି ଯୋଗାଣ କରିଥିଲେ। ସେ ନକଲି ରସିଦ ପ୍ରସ୍ତୁତ କରି କମ୍ପାନୀର ଅନୁମତି ବିନା ଅନଧିକୃତ ଡିଲରମାନଙ୍କୁ ଘଡ଼ି ବିକ୍ରୟ କରୁଥିଲେ। ଏହି ଅନଧିକୃତ ବିକ୍ରୟରୁ ସେ ଟଙ୍କା ଗ୍ରହଣ କରି ଆତ୍ମସାତ୍ କରିଥିଲେ। ଏହାଦ୍ୱାରା କମ୍ପାନୀର ମୋଟ ୫୧ ଲକ୍ଷ ୪୬ ହଜାର ୧୩୨ ଟଙ୍କା କ୍ଷତି ହୋଇଥିବା ଦର୍ଶାଇ ଥାନାରେ ଅଭିଯୋଗ ହୋଇଥିଲା।

### ନିଃଶୁଳ୍କ ସ୍ୱାସ୍ଥ୍ୟସେବା, ଚକ୍ଷୁ ପରୀକ୍ଷା ଶିବିର

#### ୧୨୫ ଜଣଙ୍କ ଚକ୍ଷୁ ପରୀକ୍ଷା ସହ ମାଗଣା ଚଷମା ବଣ୍ଟନ

ବାଲିଅନ୍ତା,୧୬।୨(ନୀଳମାଧବ ସାହୁ): ବାଲିଅନ୍ତା ବେଣୁପୁରର କୁଶଗାଡ଼ିଆ ମଠ ପରିସରରେ ସିଦ୍ଧି ବିନାୟକ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା ଉଦ୍‌ଘାଟନ କରିଥିଲେ। ଶିବିରରେ ୨୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏଥିସହିତ ୧୬୧ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇ ସେଥିମଧ୍ୟରୁ ୧୨୫ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ସ୍ଥାନୀୟ ଗାଦି ଗୋସାଇଁ ସାଂସ୍କୃତିକ କଳା ପରିଷଦର ବିରଞ୍ଚି ନାରାୟଣ ଜେନା, ଦୀପ୍ତିରଞ୍ଜନ ପରିଡ଼ା, ସୋମେନ୍ଦ୍ର ପରିଡ଼ା ଓ ବିଶ୍ୱଜିତ୍ ଜେନାଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

### ଚାଟ୍ ଖାଇ ଝାଡ଼ାବାନ୍ତିରେ ୨୭ ଆକ୍ରାନ୍ତ

ସାକ୍ଷୀଗୋପାଳ,୧୬।୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ): ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳରେ ଚାଟ୍ ଖାଇ ୨୦ରୁ ଊର୍ଦ୍ଧ୍ୱ ଶିଶୁ ଓ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସମସ୍ତଙ୍କୁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଥିଲା। ଫୁଡ୍ ପଏଜନିଂରୁ ଏଭଳି ଘଟିଥିବା ସନ୍ଦେହ କରାଯାଉଛି। ରବିବାର ସାରଙ୍ଗଯୋଡ଼ି ପଞ୍ଚାୟତ ଅନ୍ତର୍ଗତ ଧ୍ୱଜାମୁଣ୍ଡେଇ ଗ୍ରାମରେ ବାଲୁଙ୍କେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ସହ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେଠାରେ ଖୋଲିଥିବା ଦୋକାନରୁ ଚାଟ୍ ଓ ଫାଷ୍ଟଫୁଡ ଖାଇବା ପରେ ଧ୍ୱଜାମୁଣ୍ଡେଇ, ମଲୁଖି ପାଟଣା ଏବଂ ଗୁଆବାଡ଼ି ଗ୍ରାମର ୨୩ରୁ ଊର୍ଦ୍ଧ୍ୱ ପିଲାଙ୍କ ସମେତ ୪ଜଣ ମହିଳା ଓ ପୁରୁଷ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରେ ପ୍ରିୟାଂଶୁ ବେହେରା, ପ୍ରୀତମ ବେହେରା, ରାହୁଲ ବେହେରା ଓ ବ୍ରଜବନ୍ଧୁ ଭୋଇ ପ୍ରମୁଖ ରହିଥିଲେ। ରାତି ପ୍ରାୟ ୧୦ଟାରେ ସମସ୍ତଙ୍କୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅସୁସ୍ଥମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସେହିପରି ସାକ୍ଷୀଗୋପାଳରୁ ମେଡିକାଲ ଟିମ୍, ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବାଶିଷ ନାୟକ କହିଛନ୍ତି।

# ସୀମା ଟପୁଛନ୍ତି ବାଉନ୍ସର, ତାଲିକା ମାଗିଲେ ଡିସିପି

■ବାର, ପପ୍‌ରେ ଚଢ଼ାଉବେଳେ ସରକାରୀ ଅଧିକାରୀଙ୍କୁ କରୁଛନ୍ତି ଆକ୍ରମଣ

■ଆପରାଧିକ ମାମଲା ଥାଇ ରଖାଗଲେ ସିକ୍ୟୁରିଟ୍ ସଂସ୍ଥା ଉପରେ ହେବ ଆକ୍ସନ

ଭୁବନେଶ୍ୱର,୧୬।୨(ତ୍ରିନାଥ ମହାନ୍ତି)

ସୀମା ଟପିଲେଣି ବିଭିନ୍ନ ବାର୍ ଏବଂ ସଂସ୍ଥାରେ କାର୍ଯ୍ୟ କରୁଥିବା ବାଉନ୍‌ସର। ବାର୍‌ରେ ଚଢ଼ାଉ କଲେ ଅବକାରୀ ବିଭାଗ ଅଧିକାରୀ ଏବଂ ପୋଲିସ କର୍ମଚାରୀଙ୍କୁ ସେମାନେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଏପରି କି ଯଦି କୌଣସି ଗ୍ରାହକ ବାର୍‌ରେ ତାଙ୍କ ସହ କୌଣସି କାରଣକୁ ନେଇ ଯୁକ୍ତି କଲେ ତାଙ୍କୁ ମଧ୍ୟ ନିର୍ଘାତ ମାଡ଼ ମାରୁଛନ୍ତି। ଗତ ୧୪ ତାରିଖ ରାତିରେ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଏବଂ ତାଙ୍କ ଟିମ୍‌କୁ ମ୍ୟାଡ୍ ମୁଲ୍(ଓଡି୦୨) ବାର୍‌ରେ ଯେଉଁଭଳି ଆକ୍ରମଣ କରାଗଲା ତାହା ପୋଲିସକୁ ମଧ୍ୟ ଭୟଭୀତ କରିଛି। ରାତି ଅଧରେ ପୋଲିସ ମଧ୍ୟ ଚଢ଼ାଉ କରିବାକୁ ଭୟ କଲାଣି। ଏଭଳି ଘଟଣା ପରେ ବାଉନ୍‌ସରମାନଙ୍କୁ ସାବାଡ଼ କରିବା ପାଇଁ ଡିସିପି ଜଗମୋହନ ମୀନା ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ରାଜଧାନୀର ସମସ୍ତ ଥାନା ଅଧିକାରୀଙ୍କଠାରୁ ବାର୍, ପପ୍ ଏବଂ ବିଭିନ୍ନ ସିକ୍ୟୁରିଟି ସଂସ୍ଥାରେ କାମ କରୁଥିବା ବାଉନ୍‌ସରଙ୍କ ତଥ୍ୟ ମଗାଯାଇଛି। ଏଥିସହ ଯେଉଁ ବାର କିମ୍ବା ଅନ୍ୟ ସଂସ୍ଥାରେ ରହୁଥିବା ବାଉନ୍‌ସରଙ୍କ ନାମରେ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଥାନା ଅଧିକାରୀ ଏହାକୁ ଅବମାନନା କରନ୍ତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ କୁହାଯାଇଛି। ଥାନା ଅଧିକାରୀ ବାଉନ୍‌ସରଙ୍କ ତାଲିକା ଦେବାପରେ ସେମାନଙ୍କ ନାମରେ ଥିବା ଆପରାଧିକ ମାମଲା ଖୋଜା ଯିବ। ଯାହା ନାମରେ ଏକାଧିକ ମାମଲା ରହିଥିବ ସେମାନଙ୍କୁ ୧୧୦ରେ ବୁକ୍ କରାଯିବ ବୋଲି ଡିସିପି ମୀନା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଯେଉଁଠି ଏଭଳି ବାଉନ୍‌ସରମାନେ ଉତ୍ପାତ କରୁଛନ୍ତି ତୁରନ୍ତ ଥାନାକୁ ଜଣାଇଲେ ସେମାନଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ କରାଯାଇ ଗିରଫ କରାଯିବ।

ପ୍ରକାଶ ଯେ, ସିଆର୍‌ପି ଛକରେ ଜମି ଦଖଲ ହେଉ କିମ୍ବା ଓପିଡି ବାର୍ ସମ୍ମୁଖ ଗଣ୍ଡଗୋଳ ବା ଝାରପଡ଼ା ଅଞ୍ଚଳରେ ଭାଇଗିରି ପାଇଁ ଜମି କବ୍‌ଜା ଅଥବା ପବ୍ ସମ୍ମୁଖରେ ଗଣ୍ଡଗୋଳ ସବୁଠି ବାଉନ୍‌ସରଙ୍କ କାରନାମା ଦେଖିବାକୁ ମିଳୁଛି। ତେଣୁ ସେମାନଙ୍କ ଉପରେ ଲଗାମ ଲଗାଇବା ପାଇଁ କମିଶନରେଟ ପୋଲିସ ପୂର୍ବରୁ ଏକ ଏସ୍‌ଓପି ଆଣିଥିଲା। କିନ୍ତୁ କିଛି ବାର୍ ଓ ପବ୍ ନିୟମ ନ ମାନି ଆପରାଧିକ ପୃଷ୍ଠଭୂମି ଥିବା ଯୁବକଙ୍କୁ ବାଉନ୍‌ସର ଭାବେ ନିୟୋଜିତ କରୁଛନ୍ତି। ପୋଲିସ ଏହାକୁ କଡ଼ାକଡ଼ି ଯାଞ୍ଚ କରୁ ନ ଥିବାରୁ ଏଭଳି ଆପରାଧିକ ଶ୍ରେଣୀଭୁକ୍ତ ଥିବା ବାଉନସରମାନେ ବାର, ପପ୍‌ରେ କାମ କରୁଛନ୍ତି। ଏନେଇ ଖୁବ୍‌ଶୀଘ୍ର କମିଶନରେଟ ପୋଲିସକୁ ଅବକାରୀ ବିଭାଗ ଚିଠି ଲେଖିବ ବୋଲି ଜଣାପଡ଼ିଛି।

## କ'ଣ କହୁଛି 'ପି-ସାରା'

ଘରୋଇ ସିକ୍ୟୁରିଟି ସଂସ୍ଥା ଚଳାଇବାକୁ ହେଲେ ପ୍ରଥମେ ପ୍ରାଇଭେଟ ସିକ୍ୟୁରିଟି ଏଜେନ୍ସିଜ୍ ରେଗୁଲେଶନ ଆକ୍ଟ(ପି-ସାରା)-୨୦୦୫ ଅଧୀନରେ ଲାଇସେନ୍ସ ଜରୁରୀ। ଏହି ଲାଇସେନ୍ସ ୫ବର୍ଷ ପାଇଁ ବୈଧ ଅଟେ। ବାଉନ୍‌ସରମାନେ ପି-ସାରା ଅଧୀନରେ ରେଜିଷ୍ଟରଭୁକ୍ତ ସିକ୍ୟୁରିଟି ସଂସ୍ଥାରେ କାମ କରିବା ଦରକାର। ଚାକିରି ପୂର୍ବରୁ ସେମାନଙ୍କ ପୋଲିସ ଭେରିଫିକେଶନ ଆବଶ୍ୟକ। ଯଦି ପୂର୍ବରୁ କେହି କାମ କରୁଛନ୍ତି ତେବେ ସମ୍ପୃକ୍ତ ଡ୍ୟାନ୍ସ ବାର୍ ମାଲିକ ନିକଟସ୍ଥ ଥାନାରେ ଏନେଇ ଲିଖିତନାମା ଦାଖଲ କରିବେ। ତାଙ୍କ ନାଁରେ ଆପରାଧିକ କାର୍ଯ୍ୟକଳାପ ଅଛି କି ନାହିଁ, ସେନେଇ ତଦନ୍ତ ହେବ। ଅର୍ବାନ ଆକ୍ଟ-୨୦୦୩ର ଧାରା ୫୮ ମୁତାବକ ଯଦି କୌଣସି ବାର୍ ମାଲିକ ଏହି ନିୟମର ଖିଲାପ କରନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକ ପଡ଼ିଲେ ଜିଲାପାଳଙ୍କୁ ମଧ୍ୟ ଅବଗତ କରି ଅବକାରୀ ବିଭାଗ ଲାଇସେନ୍ସ ରଦ୍ଦ କରିପାରେ। ରାଜ୍ୟରେ ବର୍ତ୍ତମାନ ୪ଶହରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ସିକ୍ୟୁରିଟି ସଂସ୍ଥା ରହିଛି। ସେମାନଙ୍କ ସିକ୍ୟୁରିଟିଙ୍କୁ ବାର୍ ଏବଂ ପବ୍‌ରେ ନିୟୋଜିତ କରାଗଲେ, ହୁଏତ ଏଭଳି ଘଟଣାର ପୁନରାବୃତ୍ତି ହୁଅନ୍ତା ନାହିଁ। ପୋଲିସ ଯାଞ୍ଚ କରୁ ନ ଥିବାରୁ ବାର୍ ମାଲିକମାନେ ବଡ଼ ବଡ଼ ବାହୁ ଥିବା କିଛି ଅପରାଧୀଙ୍କୁ ପାଖରେ ରଖୁଛନ୍ତି, ଯେଉଁଥିପାଇଁ ସାଧାରଣ ଲୋକଙ୍କ ସମେତ ସରକାରୀ ଅଧିକାରୀଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି।

## ପଲ୍ଲୀରେ ପ୍ରଶାସନ: ୧୫ ଅଭିଯୋଗ ପଞ୍ଜୀକୃତ



ବାଲକାଟୀ, ୧୬।୨(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୮ଟି ଗ୍ରାମୀଣ ଗୃହ ସମ୍ବନ୍ଧୀୟ, ୪ଟି ପାନୀୟ ଜଳ ବିଭାଗ ସମ୍ବନ୍ଧୀୟ, ୩ଟି ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ଅଭିଯୋଗ ହସ୍ତଗତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ଏମ୍‌ପିଙ୍କ ପ୍ରତିନିଧି ବିଜୟ ମହାରଣା, ସ୍ଥାନୀୟ ସରପଞ୍ଚ ରମାଲତା ନାୟକ, ଓ ବ୍ଲକର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

## ମା' ପୁଅଙ୍କୁ ଆକ୍ରମଣ, ୨ ଗିରଫ

ବାରଙ୍ଗ/ତ୍ରିଶୂଳିଆ,୧୬।୨(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ନନ୍ଦନକାନନ ଥାନା ଅଧୀନ କେନ୍ଦୁପାଟଣା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଘରେ ପଶି ବିଧବା ମା' ଓ ପୁଅଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ଗଣ୍ଡରପୁର ଗ୍ରାମର ରାକେଶ ପଡ଼ିହାରୀ ଓ ଜିତୁ ଓରଫ ସୁମନ ପଡ଼ିହାରୀ। ଏନେଇ ପୋଲିସ ଥାନାରେ ମାମଲା(ନଂ. ୬୮/୨୬) ରୁଜୁ କରିଛି।

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରାକେଶ ଓ ସୁମନ ବିଳମ୍ବିତ ରାତିରେ ଉକ୍ତ ଗ୍ରାମର ବିଧବା ମହିଳା ସୌରି ଦାସଙ୍କ ଘରେ ପଶି ତାଙ୍କ ପୁଅକୁ ମାଡ଼ ମାରିଥିଲେ। ପାଟି ଶୁଣି ପାଖ ଘରେ ଥିବା ମା' ସୌରି ଧାଇଁ ଆସି ରାକେଶ ଓ ସୁମନଙ୍କୁ ପ୍ରତିରୋଧ କରିଥିଲେ। ମାତ୍ର ଉଭୟ ଅଭିଯୁକ୍ତ ସୌରିଙ୍କୁ ମାଡ଼ ମାରି ତାଙ୍କର ୩ଟି ଦାନ୍ତ ଭାଙ୍ଗିଦେଇଥିଲେ।

## ଏକାମ୍ର ନିଳୟରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦ୍‌ଘାଟିତ



ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର ପାଇଁ ଏକ ବୋଲେରୋ ଗାଡ଼ିକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧୬।୨(ବନ୍ଦନା ସେଠୀ)

ବିକାଶ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଅସହାୟ ବ୍ୟକ୍ତିଙ୍କ ଥଇଥାନ କେନ୍ଦ୍ର 'ଏକାମ୍ର ନିଳୟ'ଠାରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏହି ତାଲିମ କେନ୍ଦ୍ର ଅନେକ ଅସହାୟ ବ୍ୟକ୍ତିଙ୍କୁ କୁଶଳୀ କରିବା ସହିତ ଜୀବନ ଜୀବିକା ଯୋଗାଇବାରେ ସହାୟକ ହେବ। ଏଥିସହ ସହରର ପରିମଳ ପରିଚାଳନା କ୍ଷେତ୍ରରେ ମଧ୍ୟ ଏକ ପରିବର୍ତ୍ତନ ଆଣିପାରିବ ବୋଲି ମତ ରଖିଥିଲେ। ଏହି ଅବସରରେ ଏସ୍‌ଟିସିଆଇ ଫାଇନାନ୍ସ ଲିମିଟେଡ୍‌ର ସିଏସ୍‌ଆର୍ ଫଣ୍ଡ ଅଧୀନରେ ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର ପାଇଁ ଦିଆଯାଇଥିବା ଏକ ବୋଲେରୋ ଗାଡ଼ିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଟିସିଆଇ ଫାଇନାନ୍ସ ଲିମିଟେଡର ନିର୍ଦ୍ଦେଶକ ସିଦ୍ଧେଶ୍ୱର ପାତ୍ର କହିଲେ, ବିକାଶ ଦ୍ୱାରା ରାଜ୍ୟର ୮ଟି ଜିଲାରେ ୧୪ଶହ ଜଣ ହିତାଧିକାରୀଙ୍କୁ ଥଇଥାନ କାର୍ଯ୍ୟକ୍ରମ ଏକ ଭଲ ପ୍ରୟାସ। ଆଗାମୀ ଦିନରେ ଏସ୍‌ଟିସିଆଇ ଦ୍ୱାରା ଅନୁଷ୍ଠାନର କାର୍ଯ୍ୟକ୍ରମକୁ ସିଏସ୍‌ଆର୍ ପାଣ୍ଠି ଅଧୀନରେ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବିଏମ୍‌ସି ଡେପୁଟି କମିଶନର ପ୍ରିୟଙ୍କା ମଲ୍ଲିକ, ସାନିଟେଶନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ୱାର୍ଡ ନଂ. ୨୬ କର୍ପୋରେଟର ଭାରତୀ ସିଂହ, ଅନୁଷ୍ଠାନର କାର୍ଯ୍ୟକ୍ରମ ପରିଚାଳକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପାର୍କରେ ଡ୍ରଗ୍ସ ବିକ୍ରି ଅଭିଯୋଗରେ ମହିଳା ଗିରଫ

ଭୁବନେଶ୍ୱର,୧୬।୨(ତ୍ରିନାଥ ମହାନ୍ତି): ପାର୍କରେ ଡ୍ରଗ୍ସ କାରବାର କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ସୁମିତ୍ରା ନାୟକ। ସେ ଖୋର୍ଦ୍ଧାରୁ ବ୍ରାଉନ୍‌ସୁଗାର ଆଣି ଭରତପୁର ଅଞ୍ଚଳରେ ବିକ୍ରି କରୁଥିଲେ। ପୂର୍ବରୁ ଗିରଫ ହୋଇଥିବା କାର୍ତ୍ତିକ ଦାସ ଏବଂ ଲକ୍ଷ୍ମୀ ଦାସ ସୁମିତ୍ରାଙ୍କଠାରୁ ବ୍ରାଉନସୁଗାର ନେଇ ବିକ୍ରି କରନ୍ତି। ଗତ ୧୪ ତାରିଖରେ ଭରତପୁର ଥାନା ପୋଲିସ ଅତର୍କିତ ଜିଏ କଲୋନୀ ନେଚର ପାର୍କ ନିକଟରେ ଚଢ଼ାଉ କରି କାର୍ତ୍ତିକ ଏବଂ ଲକ୍ଷ୍ମୀଙ୍କୁ କାବୁ କରିଥିଲା। ଅଟକ ରଖି ପଚରାଉଚରା କରିବା ପରେ ସୁମିତ୍ରାଙ୍କ ନାମ ପଦାକୁ ଆସିଥିଲା। ସୋମବାର ସେ ଘରେ ଥିବା ସମୟରେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଛି।

## ଟେଲିକମ୍ ବିଭାଗ ଓଡ଼ିଶା ଏଲ୍‌ଏସ୍‌ଏରେ ନାଗରିକ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)

ଯୋଗାଯୋଗ ମନ୍ତ୍ରଣାଳୟ ଅଧୀନ ଟେଲିକମ୍ ବିଭାଗ ଓଡ଼ିଶା ଏଲ୍‌ଏସ୍‌ଏର ଭୁବନେଶ୍ୱର ୟୁନିଟ୍‌ସ୍ଥିତ କାର୍ଯ୍ୟାଳୟରେ ଏକ ନାଗରିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ଏଲ୍‌ଏସ୍‌ଏର ଆଡିଶନାଲ ଡିଜି ମୁରଲୀ କ୍ରିଷ୍ଣା ଏବଂ ଡେପୁଟି ଡାଇରେକ୍ଟର ଜେନେରାଲ(ଆଡମିନ୍ ସିକ୍ୟୁରିଟି) ଡ. ମନୋଜ କୁମାର ପଟେଲ ସଞ୍ଚାର ସାଥୀ ଅଧୀନରେ ଥିବା ବିଭିନ୍ନ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଏହା ସହିତ ସାଇବର ଅପରାଧ ଏକ ବର୍ଦ୍ଧିତ ଚିନ୍ତା ବୋଲି କହିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ଦୂରସଞ୍ଚାର ବିଭାଗ ଏକ କମନ୍ ଆଲର୍ଟିଂ ପ୍ରୋଟୋକଲ ଆଧାରିତ ସମନ୍ୱିତ ସତର୍କତା ପ୍ରଣାଳୀ କାର୍ଯ୍ୟକାରୀ କରିଥିବା କହିଥିଲେ। ବନ୍ୟା, ବାତ୍ୟା, ଭୂକମ୍ପ ଏବଂ ଚରମ ପାଣିପାଗ ପରିସ୍ଥିତି ସମୟରେ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ରିଅଲ୍ ଟାଇମ୍ ଜରୁରୀକାଳୀନ ସତର୍କତା ପ୍ରସାରଣ କରିଥାଏ। 'କଲ୍ ବିଫୋର୍ ୟୁ ଡିଗ୍' ମୋବାଇଲ୍ ଆପ୍ଲିକେଶନ ସମ୍ପର୍କରେ ସୂଚନା ଦେଇ ମୁରଲୀ କ୍ରିଷ୍ଣା କହିଲେ, ଏହି ଆପ୍ଲିକେଶନ ଦେଶସାରା ଅନିୟନ୍ତ୍ରିତ ଖନନ କାର୍ଯ୍ୟ ଯୋଗୁ ହେଉଥିବା କ୍ଷତିକୁ ରୋକିବା, ସହଯୋଗ ବୃଦ୍ଧି କରିବା, ଯୋଗାଯୋଗକୁ ସରଳ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ସୁରକ୍ଷା ପ୍ରଦାନ କରି ସେବା ବ୍ୟାଘାତକୁ ହ୍ରାସ କରୁଛି। ଅନ୍ୟପଟେ ଓଡ଼ିଶାରେ ପିଏମ୍-ୱାନି ୱାଇଫାଇ ହଟସ୍ପଟ୍ ସଂଖ୍ୟା ୩୦୪୧ ଥିବାବେଳେ ବର୍ତ୍ତମାନ ୨୯ଟି ପିଡିଓଏ ପଞ୍ଜୀକୃତ ହୋଇଥିବା ସୂଚନା ଦିଆଯାଇଛି।


ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍

OHPC — ISO 9001-14001 18001 Certified

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**

BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051
Phones:06861-291058(O)/ 291048 (R)< Email- bhep.balimela@gmail.com>/unit.head_balimela@yahoo.com
REGISTERED OFFICE: ODISHA HYDRO POWER CORPORATION LIMITED (A Government of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, 2542826, GRAM:HYDROPOWER,
e-mail:ohpc.co@gmail.com/md@ohpcltd.com, WEB: www.ohpcltd.com, CIN: U40101OR1995SGC003963

TENDER CALL NOTICE

NOTICE INVITING TENDER No.BHEP/64/2025-26, Dated 13.02.2026

No.4001/30/2526:Sealed tenders are invited in single part bid (i.e. Techno-Commercial bid) basis for "Refilling of Fire Extinguishers for BHEP, Balimela for the year 2025-26" from Manufacturers/Authorized dealers for the following.

| Sl. No. | Description of Materials | Estimated Cost | Cost of tender paper (Non-re-fundable) in Rs. | EMD in Rs. | Period of availability of tender at OHPC website | Last Date & Time of receipt of Tender | Date & Time of Opening of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Refilling of Fire Extingusihers of BHEP, Balimela for the year 2025-26 | Rs.4,43,967/- | 2360/- (2000/- GST @ 18%) | 3,800/- | 17.02.2026 To 10.30 Hrs. of 27.02.2026 | Upto 11.30 Hrs. of dated 27.02.2026 | 12.30 Hrs on Dated 27.02.2026 |

For details of the tender documents, terms & conditions please visit our website www.ohpcltd.com.

OIPR-4001/4019/1/25-26/0003 Sd./- C&P Head, BHEP, Balimela



**Bhubaneswar Municipal Corporation**

SWACHH SURVEKSHAN 2025-26

Progress Through Partnership for Better Bhubaneswar

No.9070/Date : 13.02.2026/

xxxxx-II-SBAC 177/2025

**Advertisement Notice**

**No.13001/271/2526** : Bhubaneswar Municipal Corporation (BMC), Bhubaneswar invites the Request for Proposal (RFP) for **Street Sweeping, Bush Cutting, Drain desilting and Collection & Transportation of Collected Waste under 6 work packages,** as reflected hereunder, in conformity with the Detailed Request for Proposal (RFP). The bidders should have the necessary Portal Enrolment (with own Digital Signature Certificate). The bid documents comprising of eligibility criteria, instruction to bidders, scope of the work etc. can be seen / downloaded from e-procurement portal of Govt. of Odisha i.e. www.tendersodisha.gov.in and website of BMC i.e. https://www.bmc.gov.in/. The details are as follows:

| Sl. No. (1) | Name of the Work (2) | Bid Security (3) | Cost of Document (4) | Period of Contact (5) | NIT no. and date (6) |
|---|---|---|---|---|---|
| 1 | Street Sweeping, Bush Cutting, drain desilting and Collection & Transportation of Collected Waste under Package-1 (North Zone-1) ward no. 1,2,3,4,5,6,9,10,11,12,17 & 18 | 5,00,000/- | 10,000/- | 24 months (extendable to further 12 months) | 9026 and 13.02.2026 |
| 2 | Street Sweeping, Bush Cutting, drain desilting and Collection & Transportation of Collected Waste under Package-2 (North Zone-2) ward no. 7,8,13,14,15,16,20,21,22,25,26 and 27 | 5,00,000/- | 10,000/- | 24 months (extendable to further 12 months) | 9032 and 13.02.2026 |
| 3 | Street Sweeping, Bush Cutting, drain desilting and Collection & Transportation of Collected Waste under Package-3 (South West Zone-1) ward no. 44,45,53,54,55,56,57,58,59,60,61 and 67 | 5,00,000/- | 10,000/- | 24 months (extendable to further 12 months) | 9038 and 13.02.2026 |
| 4 | Street Sweeping, Bush Cutting, drain desilting and Collection & Transportation of Collected Waste under Package-4 (South West Zone-1) ward no. 23,24,48,49,50,51,52,62,63,64,65 and 66 | 5,00,000/- | 10,000/- | 24 months (extendable to further 12 months) | 9044 and 13.02.2026 |
| 5 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-5 (South East Zone-1) ward no. 19,30,31,32,33,34,41,42 and 43 | 5,00,000/- | 10,000/- | 24 months (extendable to further 12 months) | 9050 and 13.02.2026 |
| 6 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-6 (South East Zone-2) ward no. 28,29,35,36,37,38,39,40,46 and 47 | 5,00,000/- | 10,000/- | 24 months (extendable to further 12 months) | 9056 and 13.02.2026 |

The Request for Proposal (RFP) shall be available from 17.02.2026 at 11:00 A.M. till 4:00 P.M. on 11.03.2026 (last date and time of submission of proposal). The technical and financial bids must be submitted online in www.tendersodisha.gov.in and shall be opened online on the same date i.e. at 4:30 P.M. on 11.03.2026. A pre-bid meeting is scheduled to be held at 12:00 noon on 24.02.2026.

Sd./- Additional Commissioner
Bhubaneswar Municipal Corporation

OIPR-13001/13002/1/25-26/0030



No.13001/262/2526

**CUTTACK MUNICIPAL CORPORATION**

**"e" PROCUREMENT NOTICE**

Tender Call Notice No.2012 (PW) Date.13.02.2026
Tender ID: 2025_ORULB_123961

Bid Value: Rs.2.48 Lakhs to Rs.48.31 Lakhs

Date and Time Schedule: One Calendar Month to Three Calendar Months.

| Start | End | Opening |
|---|---|---|
| 11.00 AM on dt.17.02.2026 | 5.00 PM on dt.02.03.2026 | 11.00 AM on dt.07.03.2026 |

Tender Details: can be seen from the procurement portal: www.tendersorissa.gov.in

Sd./-
Executive Engineer
City Division-III, CMC

OIPR-13001/13031/1/25-26/0027



**ODISHA BIGYAN ACADEMY**

**No.28001/1/2526:**Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards for the **Award Year 2024 based on scientific contributions up to 31st December, 2023**.

1. **Odisha Young Scientists Award working within the State of Odisha Category - Life Sciences**
2. **Odisha Young Scientists Award working within the State of Odisha Category - Physical Sciences**

(Upper age of Young Scientists must not exceed 35 years on 31st December, 2023)

For detail guidelines and nomination proforma, please log on to Odisha Bigyan Academy website: **www.odishabigyanacademy.nic.in**

The nomination proforma can be downloaded from the above website. Nominations in the duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Odisha Young Scientists Award are required to mention Thomson Reuter Impact Factor against the list of publications and should mention number of total Citations, h index & i 10 index at the top of the publications list.

The last date for receipt of nominations is **05.03.2026 (upto 5.00 pm). Nominations received after due date and time shall not be taken into consideration.**

**Secretary, Odisha Bigyan Academy,**
**B/2, Saheed Nagar, Bhubaneswar-751 007,**
**Odisha (INDIA)**

OIPR-28001/28002/1/25-26/0001



idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES

No.4001/24/2526

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**

Bid Identification No.Civil/EST/29/2025-26
TCN No.3143, Dt.03.02.2026

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Construction of Block level Stadium (with Indoor Hall) in Koida Block under Sundargarh District. 2. Value of the Work: Rs.1364.21 Lakhs. 3. Period of Completion: 9 (Nine) Calendar Months. 4. Availability of tender online for Bidding: i. Start Date: 18.00 Hours of dt.18.02.2026. ii. End Date: 17.00 Hours of dt.05.03.2026. iii. Opening Date: 11.30 Hours of dt.06.03.2026.

Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

**Sd./-Chief General Manager (Civil)**
**IDCO, Bhubaneswar**

OIPR-4001/4075/1/25-26/0006



**THE ODISHA STATE COOPERATIVE BANK LTD.**

Pandit Jawaharlal Nehru Marg, Bhubaneswar-751 001

Ref.No.OSCB/HRDD/5929/ 2025-26 Date:16.02.2026

**TENDER CALL NOTICE**

No.39001/10/2526: Tenders invited from registered and reputed insurance companies/brokers for Group Health Insurance policy of Employees and their dependents of the Odisha State Cooperative Bank, Pandit Jawaharlal Nehru Marg, Bhubaneswar-751001 by quoting premium for a period of 1 (one) year from 07.03.2026 to 06.03.2027.

The detailed list can be obtained only from the official website www.odishascb.com from 17.02.2026 to 27.02.2026. For any queries, please consult the HRD Department of OSCB in the office hours or through No. 0674-2374194/155/156.

OIPR-39001/39012/1/25-26/0001 **Sd./- Managing Director**



**OFFICE OF THE NOTIFIED AREA COUNCIL, CHANDBALI**

Pin : 756133 (Odisha)
E-Mail : chandbalin-hud@gov.in/chandbali.nac@gmail.com

LETTER NO - 779 DT : 13.02.2026

**Corrigendum**

**No.13001/270/2526** : In reference to Tender Call Notice No. 297 dtd. 29.01.2026 (Bid Identification No. EO CHANDBALI & Tender ID 2026_ORULB_125196_1) for "Supplying of Cleaning & Sanitation Manpower and Execution of Road Sweeping, Cleaning & other Sanitation Works in all Chandbali NAC",the following changes shall apply to the Clauses as mentioned below:

**Clause 11. on Page 1** ("As per the Works Department Letter No 5984/Dtd. 27.04.2021, it is hereby decided that, no Provisions regarding Bid Security should be kept in the Bid Documents and only provision for "Bid Security Declaration" should be kept") of DTCN is replaced as mentioned below:

**"The Bid Security/EMD shall be paid at the time of submission of proposal by the bidder."**

Clause 14 "The bidder should not have any record of past blacklisting/ debarment/termination from any Central Govt./State Govt./Govt. organizations/ PSUs." of Page 2 under Eligibility criteria is replaced with the following

**"The bidder should not have any record of blacklisting/debarment/ termination from any Central Govt./State Govt./Govt. organizations/PSUs for a period of last 3 year."**

Under **Annexure III** at page no. 16 the term **"recent past"** shall mean **"for a period of last 3 years."** With the above corrigendum Last date for availability of online bid, receiving of bids & date of opening have been extended as detailed below.

| Sl. No. | Parameter | Date & Time as Notified earlier | Extended Date & time |
|---|---|---|---|
| 1 | Date and time for availability of bids "Online" | 10:00 A.M. of 30.01.2026 to 05:30 P.M. of 17.02.2026 | 10.00 A.M. of 30.01.2026 to 05:30 P.M. of 19.02.2026 |
| 2 | Last Date and Time for received of bids "Online" | 17.02.2026 of 05:30 P.M. | 19.02.2026 05:30 P.M. |
| 3 | Date and Time of Opening of bids | 18.02.2026 by 11:00 A.M. | 20.02.2026 by 11:00 A.M. |

All other terms and conditions remain unchanged.

**Sd./- Executive Officer**
**Chandbali NAC**

OIPR-13001/13129/1/25-26/0008

**ବାଦୀ ପାଲା ପରିବେଷଣ**
ତିରିଆ,(ଜାଫର ଖାଁ): ତିରିଆ ବ୍ଲକ ପାଙ୍ଗାଁ ପଞ୍ଚାୟତରେ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ପଞ୍ଚାନନେଶ୍ୱର ଦେବଙ୍କ ପାଠରେ ରବିବାରଠାରୁ ୬ ଦିନିଆ ବାଦୀପାଲା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଗ୍ରାମର ପଞ୍ଚାନନେଶ୍ୱର ପାଲା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ଜାଗର ଦିନଠୁ ଅନୁଷ୍ଠିତ ହେଉଥିବା ଏହି ପାଲାରେ ଚଳିତବର୍ଷ ରାତିବାର ୨ ସୁନାମଧନ୍ୟ ଗାୟକ ଜ୍ଞାନଭୂଷଣ ଶିଶିର ପାଢ଼ୀ, ଗାୟକ ଜ୍ଞାନ ଚନ୍ଦ୍ରମା ଜେନୁଚରଣ ଦାଶ ଯୋଗଦେଇ ଓଡ଼ିଶାର ସଂସ୍କୃତି, ଐତିହ୍ୟ ସହ ବିଭିନ୍ନ ଐତିହାସିକ ବିଷୟ ବସ୍ତୁ ଉପରେ ପାଲା ପରିବେଷଣ କରୁଥିବା ଅନୁଷ୍ଠାନ ସଭାପତି ସନାତନ ଦାଶ ଓ ସମ୍ପାଦକ ମନୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି ପାଲା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳ ସମେତ ଅନ୍ୟାନ୍ୟ ଗ୍ରାମରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି



## ସଂକ୍ଷେପରେ

### ଭାରସାମ୍ୟ ହରାଇ ସ୍କୁଟି ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

ତିରିଆ,୧୬।୨(ଜାଫର ଖାଁ): ତିରିଆ ଥାନା ଅନ୍ତର୍ଗତ ପାଙ୍ଗାଁ ଓ ସୋମପଡ଼ା ପଞ୍ଚାୟତ ସଂଯୋଗୀକରଣ ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ରବିବାର ରାତିରେ ଭାରସାମ୍ୟ ହରାଇ ଏକ ସ୍କୁଟି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ବଡ଼ଖୁଣ୍ଟ ଗ୍ରାମର ରସାନନ୍ଦ ଦାସ। ରବିବାର ରାତିରେ ଆଠଗଡ଼ ବ୍ଲକ ବଡ଼ଖୁଣ୍ଟ ଗ୍ରାମର ୨ ଜଣ ଯୁବକ ଗୋଟିଏ ସ୍କୁଟି ନେଇ କୌଣସି କାର୍ଯ୍ୟରେ ତିରିଆ ଅଭିମୁଖେ ଆସୁଥିଲେ। ଏହି ସମୟରେ ପାଙ୍ଗାଁରୁ ସୋମପଡ଼ା ରାସ୍ତା ମଧ୍ୟରେ ସ୍କୁଟିଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଶଙ୍କରେ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ଅବସ୍ଥାରେ ରାସ୍ତା କଡରେ ଖସି ପଡ଼ିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଚିକିତ୍ସା ପାଇଁ ପ୍ରଥମେ ତିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉଭୟଙ୍କ ଅବସ୍ଥା ସଂଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ଯିବା ରାସ୍ତାରେ ରସାନନ୍ଦଙ୍କ ମୃତ୍ୟୁ ହୋଇଥିଲା।

### ମା’ ପୁଅଙ୍କୁ ଆକ୍ରମଣ, ୨ ଗିରଫ

ବାରଙ୍ଗ/ତ୍ରିଶୂଳିଆ,୧୬।୨(ଲିଙ୍ଗରାଜ ରାଉତ): ନନ୍ଦନକାନନ ଥାନା ଅଧୀନ କେନ୍ଦୁପାଟଣା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଘରେ ପଶି ବିଧବା ମା’ ଓ ପୁଅଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ଗଣ୍ଡରପୁର ଗ୍ରାମର ରାକେଶ ପଡ଼ିହାରୀ ଓ ଜିତୁ ଓରଫ ସୁମନ ପଡ଼ିହାରୀ। ଏନେଇ ପୋଲିସ ଥାନାରେ ମାମଲା(ନଂ. ୬୮/୨୬) ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରାକେଶ ଓ ସୁମନ ବିଳମ୍ବିତ ରାତିରେ ଉକ୍ତ ଗ୍ରାମର ବିଧବା ମହିଳା ସୌରି ଦାସଙ୍କ ଘରେ ପଶି ତାଙ୍କ ପୁଅକୁ ମାଡ଼ ମାରିଥିଲେ। ପାଟି ଶୁଣି ପାଖ ଘରେ ଥିବା ମା’ ସୌରି ଧାଇଁ ଆସି ରାକେଶ ଓ ସୁମନଙ୍କୁ ପ୍ରତିରୋଧ କରିଥିଲେ। ମାତ୍ର ଉଭୟ ଅଭିଯୁକ୍ତ ସୌରିଙ୍କୁ ମାଡ଼ ମାରି ତାଙ୍କର ୩ଟି ଦାନ୍ତ ଭାଙ୍ଗିଦେଇଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବାରୁ ଉଭୟ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏ ବିଷୟରେ ସୌରି ୧୧୨କୁ କଲ କରି ଜଣାଇବା ପରେ ନନ୍ଦନକାନନ ପିସିଆର ଆସି ଆହତ ମା ଓ ପୁଅଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିବା ଅଭିଯୋଗରେ ଦର୍ଶାଇଯାଇଛି।

### ଜ୍ୟୋତିରେଖାଙ୍କୁ ରାଜ୍ୟ ମହିଳା ବିଜେଡି ଉପସଭାପତି ପଦବୀ



ସାଲେପୁର,୧୬।୨(ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ ଓଡାସିଂ ପଞ୍ଚାୟତ ସରପଞ୍ଚ ତଥା ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକଙ୍କୁ ରାଜ୍ୟ ମହିଳା ବିଜେଡ଼ିର ଉପସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଭାବେ ହେଉ କିମ୍ବା ରାଜ୍ୟ ମହିଳା ବିଜେଡ଼ିର କାର୍ଯ୍ୟକର୍ତ୍ତା ହିସାବରେ ହେଉ ପୂର୍ବରୁ ଜ୍ୟୋତିରେଖା ତାଙ୍କର କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନା କରିଥିବାର ନଜିର ରହିଛି। ତେଣୁ ରାଜ୍ୟ ବିଜେଡ଼ି ସଭାପତି ତଥା ବିରୋଧୀ ଦଳ ନେତା ଜ୍ୟୋତିରେଖାଙ୍କୁ ପୁନର୍ବାର ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ଜ୍ୟୋତିରେଖାଙ୍କୁ ବିଜେଡ଼ର କର୍ମକର୍ତ୍ତା ଓ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଜ୍ୟୋତିରେଖା ରାଜ୍ୟ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ, ରାଜ୍ୟ ମହିଳା ବିଜେଡ଼ି ସଭାପତି ସ୍ନେହାଙ୍ଗିନୀ ଛୁରିଆ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ କୃତଜ୍ଞତା ଜଣାଇବା ସହ ବିଜୁ ଜନତା ଦଳକୁ ତୃଣମୂଳସ୍ତରରୁ ଆହୁରି ମଜଭୁତ କରିବା ପାଇଁ ସର୍ବଦା କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟ, ବର୍ଷାଜଳ ନିଷ୍କାସନକୁ ଗୁରୁତ୍ୱ

## ବାଙ୍କୀ ଏନ୍‌ଏସିର ୨୬ତମ ସାଧାରଣ ବୈଠକ



ବୈଠକରେ ଯୋଗଦେଇଥିବା ବିଧାୟକ ଦେବୀରଞ୍ଜନ ତ୍ରିପାଠି , ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ।

ବାଙ୍କୀ,୧୬।୨(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଏନ୍‌ଏସିର ୨୬ତମ ସାଧାରଣ ବୈଠକ ନଗରପାଳ ମାଣିକ ସାହୁଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ପ୍ରଥମେ ପରିଷଦର ପୂର୍ବତନ ସଭ୍ୟ ପ୍ରତାପ ଚନ୍ଦ୍ର ରାଉତଙ୍କ ବିୟୋଗରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ଅକ୍ଟୋବରଠାରୁ ଡିସେମ୍ବର ପର୍ଯ୍ୟନ୍ତ ଆୟବ୍ୟୟ ହିସାବକୁ ଅନୁମୋଦନ କରାଯାଇଥିଲା। ବିଶେଷକରି ମୁଖ୍ୟମନ୍ତ୍ରୀ ସହର ବିକାଶ ଯୋଜନା, ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଆଦିକୁ ଠିକ ସମୟରେ ସମାପ୍ତ କରିବା ପାଇଁ ବିଧାୟକ ତ୍ରିପାଠୀ ପରାମର୍ଶ ଦେଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଓ ରାସ୍ତାଗୁଡିକର ବର୍ଷା ଦିନ ପୂର୍ବରୁ ମରାମତି, ମୁକୁଳା ଡ୍ରେନ ଉପରେ କଭର ଆଦି କାର୍ଯ୍ୟକୁ ଶୀଘ୍ର କରିବା ପାଇଁ ପରାମର୍ଶ ଦେଇଥିଲେ। ଏମ୍‌ପି ପ୍ରତିନିଧି ସରୋଜ ସାମନ୍ତରାୟ ନୃସିଂହ ଛକଠାରେ ଥିବା ପୁରୁଣା ବିଶ୍ରାମା ଗାରକୁ ଭାଙ୍ଗି ନୂତନ ବିଶ୍ରାମ ଗାର ନିର୍ମାଣ ପାଇଁ କହିଥିଲେ। ଏନଏସିରେ ରଗଡି, କୋଟଦ୍ୱାର, ହରିରାଜପୁର, ଗୋପାଳପୁର, ପାର୍ବତୀପୁର ଆଦିକୁ ସାମିଲ କରି ମ୍ୟୁନିସିପାଲିଟିରେ ପରିଣତ କରିବା ପାଇଁ ବିଧାୟକଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରି ନଗରପାଳ ସାହୁ ଅନୁରୋଧ କରିଥିଲେ। ପରିଷଦ ଅଞ୍ଚଳରେ ଉନ୍ନୟନ କାମ ପାଇଁ ସରକାରୀ ଜାଗାର ଅଭାବ ଥିବାରୁ କୃଷି ବିଭାଗ ଫାର୍ମ ଜାଗାରେ ବସ୍‌ଷ୍ଟାଣ୍ଡ, କଲ୍ୟାଣ ମଣ୍ଡପ, ମାର୍କେଟ କମ୍ପ୍ଲେକ୍ସ, ଲାଇବ୍ରେରି ଆଦି କରିବା ପାଇଁ ବିଧାୟକ ତ୍ରିପାଠୀ ବିଧାନସଭାରେ ପ୍ରସ୍ତାବ ଉଠାଇଥିବାରୁ ଉପନଗରପାଳ ସନ୍ତୋଷ କୁମାର ରଣା ଧନ୍ୟବାଦ ଜଣାଇଥିଲେ। ବୈଠକରେ ସମସ୍ତ କାଉନ୍‌ସିଲର, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକ, ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ, ସହାୟକ ରୁଦ୍ରପତି, ହିସାବରକ୍ଷକ ସୁଶାନ୍ତ କୁମାର ବେହେରା, ଏମ୍‌ପି ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଭାଇଚାରା ବୃଦ୍ଧି କରେ ଜାଗର ମହୋତ୍ସବ

ବାଙ୍କୀ,୧୬।୨( ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତରେ ତୈର୍ଯ୍ୟୋତ୍ରିକ କଳା ସଂସଦ ପକ୍ଷରୁ ରବିବାର ଜାଗର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜାଗର ମହୋତ୍ସବ ଭାଇଚାରା ସୃଷ୍ଟି କରିବା ସହିତ ଗ୍ରାମାଞ୍ଚଳର ଲୁକ୍କାୟିତ କଳାକାରମାନଙ୍କ ନୃତ୍ୟ, ସଙ୍ଗୀତ, ନାଟକ, ମେଳା ଆଦିକୁ ଲୋକଲୋଚନକୁ ଆଣିବାର ଏହା ଏକମାତ୍ର ମାଧ୍ୟମ। ଏବଂ ପ୍ରତ୍ୟେକ କୋଣ ଅନୁକୋଣରେ ଏଭଳି କାର୍ଯ୍ୟକ୍ରମ କରାଗଲେ ଭାଇଚାରା ସୃଷ୍ଟି ହେବା ସହ ସମ୍ପର୍କ ବିସ୍ତାରିତ ହେବ ବୋଲି ମୁଖ୍ୟ ଅତିଥି ଡ. ପଟ୍ଟନାୟକ ବକ୍ତବ୍ୟ ପ୍ରଦାନରେ କହିଥିଲେ। ସମ୍ମାନିତ ଅତିଥିଭାବେ ମହୋତ୍ସବ କମିଟି ସଭାପତି ଦେବିଦତ୍ତ ବିଭୂତିରାୟ, ଉପସଭାପତି ବିଭୁ ପ୍ରସାଦ ସାମଲ, ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡା, ବାବୁଲି ଦଳେଇ, ସୀତାରାମ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନନ୍ତ ରଣା ଓ ରୁଦ୍ର ପ୍ରସାଦ ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱରଞ୍ଜନ ପଣ୍ଡାଙ୍କୁ ଯୁବ ଆଇନଜୀବୀ ସମ୍ମାନରେ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଗ୍ରାମାଞ୍ଚଳ ମହିଳା ଗୋଷ୍ଠୀଙ୍କ ଦ୍ୱାରା ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିବା ବେଳେ କୁନି କଳାକାରମାନେ ବିଭିନ୍ନ ଦେଶାତ୍ମ ବୋଧକ ସଙ୍ଗୀତ, ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ। ଦର୍ଶକ ଓ ପିଲାମାନେ ବିଭିନ୍ନ ପ୍ରକାର ଦୋକାନ ବଜାର ସହ ଦୋଳିର ମଜା ନେଇଥିଲେ। ଉକ୍ତ ଜାଗର ମହୋତ୍ସବକୁ କମିଟିର ସଦସ୍ୟମାନେ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ବିଦ୍ୟାଧ୍ୟୟନ ସହ ଚରିତ୍ର ଗଠନ ପ୍ରତି ଯତ୍ନବାନ ହୁଅନ୍ତୁ ଅଭିଭାବକ

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ତ୍ରିଶୂଳିଆ,୧୬।୨(ତୁଷାର କାନ୍ତ ବେହେରା): ବାରଙ୍ଗ ବ୍ଲକ ଅନ୍ତର୍ଗତ ସାନମୁଣ୍ଡଳୀସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ବରିଷ୍ଠ ବିଜ୍ଞାନ ଶିକ୍ଷକ ଭାସ୍କର ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଭାକର ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ ବିଦ୍ୟାଧ୍ୟୟନ ସହ ଚରିତ୍ର ଗଠନ ପାଇଁ ଅଭିଭାବକମାନେ ଯତ୍ନବାନ ହେବା ଲାଗି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ଯୁବସାମାଜିକ କର୍ମୀ ନଳିନୀ ରାୟ, ଅଶ୍ୱିନୀ ସାହୁ, ସ୍ଥାନୀୟ ସରପଞ୍ଚ କଣ୍ହେଇ ସାହୁ, ଗ୍ରାମ କମିଟି ସଭାପତି ବିଶ୍ୱମ୍ଭର ରାଉତ, ଅବସରପ୍ରାପ୍ତ ଶିକ୍ଷକ କରୁଣାକର ତ୍ୟାଗୀ, ପ୍ରଭାକର ରାଉତ, ଜଗନ୍ନାଥ ମନ୍ଦିର କମିଟି ସଭାପତି ଲିଙ୍ଗରାଜ ବେହେରା, ଶିକ୍ଷୟିତ୍ରୀ ମିତାଲି ପରିଜା, ଜୟନ୍ତୀ ହେମ୍ବ୍ରମ, ଶିକ୍ଷକ ନାରାୟଣ ବେହେରା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀନିବାସ ସେଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅମୂଲ୍ୟ କୁମାର ରାଉତ ମଞ୍ଚ ସଂଚାଳନ କରିଥିଲେ। ବିଦ୍ୟାଳୟର ପୂର୍ବତନ ସଭାପତି ସରୋଜ କୁମାର ସାହୁ, କାର୍ତ୍ତିକ ବେହେରା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁନସୀ ମେଳଣ ପ୍ରସ୍ତୁତି: ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ

ସାଲେପୁର,୧୬।୨(ଅରବିନ୍ଦ ଭୂୟାଁ): ସାଲେପୁର ଐତିହାସିକ ମୁନସୀ ମେଳଣ ଏହାର ଶତ ବାର୍ଷିକ ପାଳନ କରିବ। ଏହି ପରିପେକ୍ଷୀରେ ସାଲେପୁର ଆଦର୍ଶ ଥାନା ଆଇଆଇସି ମହେଶ୍ୱର ବେହେରାଙ୍କ ସଭାପତିତ୍ୱରେ କେଶବ ମଣ୍ଡପ ପରିସରରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ରୀତିନୀତି ଅନୁଯାୟୀ ବିଭିନ୍ନ ବିଭାନଙ୍କୁ ନିମନ୍ତ୍ରଣ, ପୂଜାପାଠ ଯଥାରୀତି ହେବା ସହ ମେଳଣ ଶତବାର୍ଷିକ ଉପଲକ୍ଷେ କିଭଳି ଭାବରେ ସରସ ସୁନ୍ଦର କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ଏସଡିପିଓ ବିରଞ୍ଚି ନାରାୟଣ ପତି ଯୋଗଦେଇ ଚଳିତ ବର୍ଷ ମୁନସୀ ମେଳଣ ଶତବର୍ଷିକରେ ମେଳଣ ପଡିଆ ଓ ସଂଯୋଜିକରଣ ରାସ୍ତାଗୁଡିକୁ ଆଲୋକି କରଣ ଓ ଶାନ୍ତି ଶୃଙ୍ଖଳାର ସହିତ ମେଳଣ କରାଯିବା ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ରବୀନ୍ଦ୍ର ନାଥ କର, ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ଆଇନଜୀବୀ ବିଜୟ କେତନ ନାୟକ, ବରିଷ୍ଠ ଖବରଦାତା ଅକ୍ଷୟ କୁମାର ଦାଶ, ରବୀନ୍ଦ୍ର ନାଥ ପଣ୍ଡା, ଶିକ୍ଷବିତ ଜଗନାଥ ବଡ଼ୁଆ, ସେଣ୍ଟ୍ରାଲ ମାର୍କେଟ ସଭାପତି ନବକିଶୋର କର, ସମ୍ପାଦକ ସୌମ୍ୟ ରଞ୍ଜନ ମଲ୍ଲ, ଗୁରୁଚରଣ ମଲ୍ଲିକ, ଶିବୁ ବେହେରା, ଏସଆଇ ଶ୍ରଦ୍ଧାଞ୍ଜଳୀ ସେନାପତି, ଏଏସଆଇ ମାନଗୋବିନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଜନଶୁଣାଣିରେ ଯୋଗଦେଲେନି ଦୁଲଣରପୁର ପଞ୍ଚାୟତବାସୀ




ପ୍ରଶାସନିକ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି ।

ତାଳବସ୍ତ,୧୬।୨(ସୁବ୍ରତ କୁମାର ନାୟକ): କଟକ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ସୋମବାର ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପଞ୍ଚାୟତଗୁଡ଼ିକରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଉଛି। ମାତ୍ର ପ୍ରଚାର ପ୍ରସାର ଅଭାବରୁ ଏହାର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁ ନାହିଁ। ବାଙ୍କୀ ଡମପଡ଼ା ବ୍ଲକର ତାଳବସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଆୟୋଜିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏଥିରେ ତାଳବସ୍ତ ଗ୍ରାମବାସୀ ଯୋଗଦେଇ ସେମାନଙ୍କର ଅଭିଯୋଗ କରିଥବା ବେଳେ ଦୁଲଣାପୁର ପଞ୍ଚାୟତର କୌଣସି ଲୋକ ଯୋଗଦେଇ ନ ଥିଲେ। ଡମପଡ଼ା ବିଡିଓ ଆଶୁତୋଷ ଦାସ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ଅନ୍ୟ ଅଭିଯୋଗର ଦ୍ୱରିତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଅଧିକାଂଶ ଦିବ୍ୟାଙ୍ଗ, ବିଧବା ଭତ୍ତା ସମ୍ପର୍କିତ ଅଭିଯୋଗ ହୋଇଥିଲା।

ତାଳବସ୍ତରେ ଜନ ଶୁଣାଣି କରାଯାଉଥିବା ବେଳେ କେବଳ ଉକ୍ତ ପଞ୍ଚାୟତର ଲୋକମାନଙ୍କୁ ଦେଖିବାକୁ ମିଳିଥିଲା। ମାତ୍ର ଦୁଲଣାପୁର ଗ୍ରାମ ପଞ୍ଚାୟତ ଲୋକେ ସାମିଲ ନ ହୋଇ ସେମାନଙ୍କ ସ୍ଥାନରେ ସରପଞ୍ଚ ପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସଏସ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଦୁଲଣାପୁର ସରପଞ୍ଚ ସବିତା ସାହୁଙ୍କୁ ପଚାରିବାରୁ ଆମ୍ଭେ ବହୁତ ଲୋକଙ୍କୁ ଜଣାଇବା ସତ୍ତ୍ୱେ ସେମାନେ ଅଭିଯୋଗ କରିବାକୁ ଆସୁ ନାହାନ୍ତି। ଏନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଖୁବ୍ ଶୀଘ୍ର ଦୁଲଣାପୁରରେ ଅନ୍ୟ ଏକ ଅଭିଯୋଗ ଶୁଣାଣି କରାଯିବ।

# ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ ପରଲୋକ

ଭୁବନେଶ୍ୱର,୧୬।୨(ସୌମ୍ୟରଞ୍ଜନ ରାଉତ): ଜ୍ୟୋତିଷଶାସ୍ତ୍ରୀ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ ହୃଦ୍‌ଘାତରେ ସୋମବାର କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୫୧ ବର୍ଷ ହୋଇଥିଲା। ଶ୍ରୀଧରଙ୍କ ଜନ୍ମସ୍ଥାନ କଟକ ଜିଲା ନରସିଂହପୁର ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହୁଥିଲେ। ବେଦ-ବେଦାନ୍ତ ସହ ଜ୍ୟୋତିଷଶାସ୍ତ୍ର ଓ ବାସ୍ତୁଶାସ୍ତ୍ର ଉପରେ ଶ୍ରୀଧରଙ୍କ ଗଭୀର ଦକ୍ଷତା ଥିଲା। ସେ ବିଭିନ୍ନ ସମୟରେ ରାଜ୍ୟ, ଦେଶ ଓ ନେତାଙ୍କର ମଧ୍ୟ ଭବିଷ୍ୟ ଗଣନା କରି ଚର୍ଚ୍ଚାରେ ରହିଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।




ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**

OHPC ISO 9001-14001 18001 Certified

BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051
Phones:06861-291058(O)/ 291048 (R)< Email- bhep.balimela@gmail.com>/unit.head_balimela@yahoo.com
REGISTERED OFFICE: ODISHA HYDRO POWER CORPORATION LIMITED (A Government of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, 2542826, GRAM:HYDROPOWER,
e-mail:ohpc.co@gmail.com/md@ohpcltd.com, WEB: www.ohpcltd.com, CIN: U40101OR1995SGC003963

TENDER CALL NOTICE
NOTICE INVITING TENDER No.BHEP/64/2025-26, Dated 13.02.2026

No.4001/30/2526:Sealed tenders are invited in single part bid (i.e. Techno-Commercial bid) basis for "Refilling of Fire Extinguishers for BHEP, Balimela for the year 2025-26" from Manufacturers/Authorized dealers for the following.

| Sl. No. | Description of Materials | Estimated Cost | Cost of tender paper (Non-re-fundable) in Rs. | EMD in Rs. | Period of avail-ability of tender at OHPC website | Last Date & Time of receipt of Tender | Date & Time of Opening of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Refilling of Fire Extingusihers of BHEP, Balimela for the year 2025-26 | Rs.4,43,967/- | 2360/- (2000/- GST @ 18%) | 3,800/- | 17.02.2026 To 10.30 Hrs. of 27.02.2026 | Upto 11.30 Hrs. of dated 27.02.2026 | 12.30 Hrs on Dated 27.02.2026 |

For details of the tender documents, terms & conditions please visit our website www.ohpcltd.com.
OIPR-4001/4019/1/25-26/0003 Sd./- C&P Head, BHEP, Balimela



**Bhubaneswar Municipal Corporation**
SWACHH SURVEKSHAN 2025-26
Progress Through Partnership for Better Bhubaneswar
No.9070/Date : 13.02.2026/
xxxxx-II-SBAC 177/2025

**Advertisement Notice**

**No.13001/271/2526** : Bhubaneswar Municipal Corporation (BMC), Bhubaneswar invites the Request for Proposal (RFP) for **Street Sweeping, Bush Cutting, Drain desilting and Collection & Transportation of Collected Waste under 6 work packages,** as reflected hereunder, in conformity with the Detailed Request for Proposal (RFP). The bidders should have the necessary Portal Enrolment (with own Digital Signature Certificate). The bid documents comprising of eligibility criteria, instruction to bidders, scope of the work etc. can be seen / downloaded from e-procurement portal of Govt. of Odisha i.e. www.tendersodisha.gov.in and website of BMC i.e. https://www.bmc.gov.in/. The details are as follows:

| Sl. No. (1) | Name of the Work (2) | Bid Security (3) | Cost of Document (4) | Period of Contact (5) | NIT no. and date (6) |
|---|---|---|---|---|---|
| 1 | Street Sweeping, Bush Cutting, drain desilting and Collection & Transportation of Collected Waste under Package-1 (North Zone-1) ward no. 1,2,3,4,5,6,9,10,11,12,17 & 18 | 5,00,000/- | 10,000/- | 24 months (extendable to further 12 months) | 9026 and 13.02.2026 |
| 2 | Street Sweeping, Bush Cutting, drain desilting and Collection & Transportation of Collected Waste under Package-2 (North Zone-2) ward no. 7,8,13,14,15,16,20,21,22,25,26 and 27 | 5,00,000/- | 10,000/- | 24 months (extendable to further 12 months) | 9032 and 13.02.2026 |
| 3 | Street Sweeping, Bush Cutting, drain desilting and Collection & Transportation of Collected Waste under Package-3 (South West Zone-1) ward no. 44,45,53,54,55,56,57,58,59,60,61 and 67 | 5,00,000/- | 10,000/- | 24 months (extendable to further 12 months) | 9038 and 13.02.2026 |
| 4 | Street Sweeping, Bush Cutting, drain desilting and Collection & Transportation of Collected Waste under Package-4 (South West Zone-1) ward no. 23,24,48,49,50,51,52,62,63,64,65 and 66 | 5,00,000/- | 10,000/- | 24 months (extendable to further 12 months) | 9044 and 13.02.2026 |
| 5 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-5 (South East Zone-1) ward no. 19,30,31,32,33,34,41,42 and 43 | 5,00,000/- | 10,000/- | 24 months (extendable to further 12 months) | 9050 and 13.02.2026 |
| 6 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-6 (South East Zone-2) ward no. 28,29,35,36,37,38,39,40,46 and 47 | 5,00,000/- | 10,000/- | 24 months (extendable to further 12 months) | 9056 and 13.02.2026 |

The Request for Proposal (RFP) shall be available from 17.02.2026 at 11:00 A.M. till 4:00 P.M. on 11.03.2026 (last date and time of submission of proposal). The technical and financial bids must be submitted online in www.tendersodisha.gov.in and shall be opened online on the same date i.e. at 4:30 P.M. on 11.03.2026. A pre-bid meeting is scheduled to be held at 12:00 noon on 24.02.2026.

Sd./- Additional Commissioner
Bhubaneswar Municipal Corporation
OIPR-13001/13002/1/25-26/0030



No.13001/262/2526

**CUTTACK MUNICIPAL CORPORATION**
**"e" PROCUREMENT NOTICE**
Tender Call Notice No.2012 (PW) Date.13.02.2026
Tender ID: 2025_ORULB_123961

Bid Value: Rs.2.48 Lakhs to Rs.48.31 Lakhs
Date and Time Schedule: One Calendar Month to Three Calendar Months.

| Start | End | Opening |
|---|---|---|
| 11.00 AM on dt.17.02.2026 | 5.00 PM on dt.02.03.2026 | 11.00 AM on dt.07.03.2026 |

Tender Details: can be seen from the procurement portal: www.tendersorissa.gov.in

Sd./-
Executive Engineer
City Division-III, CMC
OIPR-13001/13031/1/25-26/0027



**ODISHA BIGYAN ACADEMY**

**No.28001/1/2526:**Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards for the **Award Year 2024 based on scientific contributions up to 31st December, 2023**.

1. **Odisha Young Scientists Award working within the State of Odisha Category - Life Sciences**
2. **Odisha Young Scientists Award working within the State of Odisha Category - Physical Sciences**

(Upper age of Young Scientists must not exceed 35 years on 31st December, 2023)

For detail guidelines and nomination proforma, please log on to Odisha Bigyan Academy website: **www.odishabigyanacademy.nic.in**

The nomination proforma can be downloaded from the above website. Nominations in the duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Odisha Young Scientists Award are required to mention Thomson Reuter Impact Factor against the list of publications and should mention number of total Citations, h index & i 10 index at the top of the publications list.

The last date for receipt of nominations is **05.03.2026 (upto 5.00 pm). Nominations received after due date and time shall not be taken into consideration.**

Secretary, Odisha Bigyan Academy,
B/2, Saheed Nagar, Bhubaneswar-751 007,
Odisha (INDIA)
OIPR-28001/28002/1/25-26/0001



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.4001/24/2526

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**
Bid Identification No.Civil/EST/29/2025-26
TCN No.3143, Dt.03.02.2026

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Construction of Block level Stadium (with Indoor Hall) in Koida Block under Sundargarh District. 2. Value of the Work: Rs.1364.21 Lakhs. 3. Period of Completion: 9 (Nine) Calendar Months. 4. Availability of tender online for Bidding: i. Start Date: 18.00 Hours of dt.18.02.2026. ii. End Date: 17.00 Hours of dt.05.03.2026. iii. Opening Date: 11.30 Hours of dt.06.03.2026.
Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd./-Chief General Manager (Civil)
IDCO, Bhubaneswar
OIPR-4001/4075/1/25-26/0006



**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751 001
Ref.No.OSCB/HRDD/5929/ 2025-26 Date:16.02.2026

**TENDER CALL NOTICE**

No.39001/10/2526: Tenders invited from registered and reputed insurance companies/brokers for Group Health Insurance policy of Employees and their dependents of the Odisha State Cooperative Bank, Pandit Jawaharlal Nehru Marg, Bhubaneswar-751001 by quoting premium for a period of 1 (one) year from 07.03.2026 to 06.03.2027.
The detailed list can be obtained only from the official website www.odishascb.com from 17.02.2026 to 27.02.2026. For any queries, please consult the HRD Department of OSCB in the office hours or through No. 0674-2374194/155/156.

OIPR-39001/39012/1/25-26/0001 Sd./- Managing Director



**OFFICE OF THE NOTIFIED AREA COUNCIL, CHANDBALI**
Pin : 756133 (Odisha)
E-Mail : chandbalin-hud@gov.in/chandbali.nac@gmail.com
LETTER NO - 779 DT : 13.02.2026

**Corrigendum**

**No.13001/270/2526** : In reference to Tender Call Notice No. 297 dtd. 29.01.2026 (Bid Identification No. EO CHANDBALI & Tender ID 2026_ORULB_125196_1) for "Supplying of Cleaning & Sanitation Manpower and Execution of Road Sweeping, Cleaning & other Sanitation Works in all Chandbali NAC",the following changes shall apply to the Clauses as mentioned below:

**Clause 11. on Page 1** ("As per the Works Department Letter No 5984/Dtd. 27.04.2021, it is hereby decided that, no Provisions regarding Bid Security should be kept in the Bid Documents and only provision for "Bid Security Declaration" should be kept") of DTCN is replaced as mentioned below:
**"The Bid Security/EMD shall be paid at the time of submission of proposal by the bidder."**

Clause 14 "The bidder should not have any record of past blacklisting/debarment/termination from any Central Govt./State Govt./Govt. organizations/PSUs." of Page 2 under Eligibility criteria is replaced with the following
**"The bidder should not have any record of blacklisting/debarment/termination from any Central Govt./State Govt./Govt. organizations/PSUs for a period of last 3 year."**

Under **Annexure III** at page no. 16 the term **"recent past"** shall mean **"for a period of last 3 years."** With the above corrigendum Last date for availability of online bid, receiving of bids & date of opening have been extended as detailed below.

| Sl. No. | Parameter | Date & Time as Notified earlier | Extended Date & time |
|---|---|---|---|
| 1 | Date and time for availability of bids "Online" | 10:00 A.M. of 30.01.2026 to 05:30 P.M. of 17.02.2026 | 10.00 A.M. of 30.01.2026 to 05:30 P.M. of 19.02.2026 |
| 2 | Last Date and Time for received of bids "Online" | 17.02.2026 of 05:30 P.M. | 19.02.2026 05:30 P.M. |
| 3 | Date and Time of Opening of bids | 18.02.2026 by 11:00 A.M. | 20.02.2026 by 11:00 A.M. |

All other terms and conditions remain unchanged.

Sd./- Executive Officer
Chandbali NAC
OIPR-13001/13129/1/25-26/0008

# ଡକ୍ଟର୍ସ ଲେନ୍-ଫାର୍ମଛକରେ ଟ୍ରାଫିକ୍ ସମସ୍ୟା

ଖୋର୍ଦ୍ଧା,୧୬।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଡାକ ବିଭାଗ କାର୍ଯ୍ୟାଳୟରୁ ଡକ୍ଟର୍ସ ଲେନ୍ ଦେଇ ଗୁରୁଜଙ୍ଗକୁ ସଂଯୋଗ କରୁଥିବା ରାସ୍ତାରେ ଟ୍ରାଫିକ ସମସ୍ୟା ମୁଣ୍ଡବ୍ୟଥା ବଢ଼ାଇଛି। ସଙ୍କୁଚିତ ରାସ୍ତା ଯୋଗୁ ଦୈନିକ ଟ୍ରାଫିକ ସମସ୍ୟା ବଢୁଛି। ସୋମବାର ପୂର୍ବାହ୍ନରେ କୌଣସି ଏକ ଅଞ୍ଚଳରେ ନିଆଁ ଲାଗିଥିବା ଖବରପାଇ ସ୍ଥାନୀୟ ଅଗ୍ନିଶମ ଗାଡ଼ି ଡାକବିଭାଗ ଡକ୍ଟର୍ସ ଲେନ୍ ଦେଇ ଆଗକୁ ଯାଉଥିବା ବେଳେ ସମ୍ମୁଖପଟୁ ଘରୋଇ ବସ୍, ସ୍କୁଲ ବସ୍ ଏବଂ ଇନ୍ଧନ ଗ୍ୟାସ୍ ବୋଝେଇ ଟାଟା ଏସିଇ, ଅନ୍ୟାନ୍ୟ ଛୋଟବଡ ଯାନବାହନ ଆସୁଥିଲା। ଫଳରେ ଅଗ୍ନିଶମ ଗାଡ଼ି ଆଗକୁ ଯାଇପାରି ନ ଥିଲା। ସଙ୍କୁଚିତ ରାସ୍ତା ଯୋଗୁ ସମ୍ମୁଖପଟେ ଥିବା ଗାଡ଼ିଗୁଡିକ



ସଙ୍କୁଚିତ ରାସ୍ତା ଯୋଗୁ ଅଗ୍ନିଶମ ଗାଡ଼ି ଅଟକି ରହିଛି।

ପାର୍ଶ୍ୱକୁ ଘୁଞ୍ଚିବା ଅବସ୍ଥାରେ ମଧ ନ ଥିଲା। ସମ୍ମୁଖପଟେ ଥିବା ଯାନବାହନ ପଛକୁ ପଛ ପ୍ରାୟ ୫ଶହ ମିଟର ଘୁଞ୍ଚି ଅଗ୍ନିଶମ ଗାଡ଼ିକୁ ରାସ୍ତା ଦେଇଥିଲେ। ପ୍ରାୟ ୩୦ମିନିଟ୍ ସମୟ ଲାଗିଥିଲା। ଏହାରି ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଡାକ ବିଭାଗ ଛକଠାରୁ ଗୁରୁଜଙ୍ଗ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଯାନବାହନ ଅଟକି ରହିଥିଲା। ସୂଚନା ମୁତାବକ, ଏହି ରାସ୍ତା ଖୋର୍ଦ୍ଧା-ଗୁରୁଜଙ୍ଗ, ହଳଦିଆ, ମହୁଲ ମାଜଣା, ଅରାଙ୍ଗ ଏବଂ ବାଙ୍କୀକୁ ସଂଯୋଗ କରୁଛି। ଫଳରେ ସବୁ ସମୟରେ ଏହି ରାସ୍ତାରେ ଯାନବାହନ ଚଳାଚଳ ରହିଥାଏ। ସକାଳଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତାୟାତ ପାଇଁ ଲୋକଙ୍କୁ

■ ବସ୍ ପଛକୁ ହଟିବା ପରେ ଅଗ୍ନିଶମ ଗାଡ଼ି ଗଡ଼ିଲା

■ ଭାରିଯାନ ଚଳାଚଳ ଉପରେ କଟକଣା ହେଉ

ନାକେଦମ ହେବାକୁ ପଡୁଛି। ଦୈନନ୍ଦିନ କାର୍ଯ୍ୟ ପାଇଁ ଲୋକେ ଖୋର୍ଦ୍ଧା ଉପରେ ନିର୍ଭରଶୀଳ। ତେବେ ପ୍ରତି ୧୦ମିନିଟରେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ରହୁଛି। ଫଳରେ ଯାତାୟାତ ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀ କାମରେ ଯାଉଥିବା ଲୋକଙ୍କଠାରୁ ରୋଗୀଙ୍କୁ ନେଇ ମେଡିକାଲ ଯାଉଥିବା ଆମ୍ବୁଲାନ୍ସ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହୁଥିବା ଦେଖିବାକୁ ମିଳିଛି। ଘରୋଇ ବସ୍, ସ୍କୁଲ ବସ୍‌ଠାରୁ ମାଲବାହୀ ଟ୍ରକ୍, ହାଇୱା, ଚାରିଚକିଆ ଯାନ ଉଭୟ ପାର୍ଶ୍ୱରୁ ଯାତାୟାତ ବେଳେ ଟ୍ରାଫିକ ସମସ୍ୟା ବଢୁଛି। ବିଶେଷକରି ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତାୟାତ ବେଳେ ଲୋକେ ହଇରାଣ ହେଉଛନ୍ତି। ସଙ୍କୁଚିତ ରାସ୍ତା, ଡ୍ରେନ୍ ଅବରୋଧ ଏବଂ ରାସ୍ତା ଉପରେ ଯାନବାହନ ପାର୍କିଂ ସମସ୍ୟା ବଢ଼ାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଇବା ପାଇଁ ସାଧାରଣରେ ଦାବି ହୋଇଛି। ଏଥିସହିତ ଡାକ ବିଭାଗ କାର୍ଯ୍ୟାଳୟ ଏବଂ ଫାର୍ମ ଛକରେ ଟ୍ରାଫିକ ମୁତୟନ ପାଇଁ ଦାବି ହୋଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ବାଲୁଗାଁ,୧୬।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ କୁମ୍ଭୀରପଡ଼ା ଗ୍ରାମରୁ ସୋମବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ହେଲେ ରୋଜି ମାଝୀ। ସୂଚନା ମୁତାବକ, ସ୍ଥାନୀୟ କାଲୁରୀ ଗ୍ରାମର ରୋଜି ୧୦ବର୍ଷ ପୂର୍ବେ କୁମ୍ଭୀରପଡ଼ା ଗ୍ରାମର ବିଦ୍ୟାଧର ମାଝୀଙ୍କୁ ବିବାହ କରିଥିଲେ। ତାଙ୍କର ଏକ ଝିଅ ଏବଂ ପୁଅ ଅଛନ୍ତି। ତେବେ ସୋମବାର ମଧାହ୍ନରେ କୌଣସି କାରଣକୁ ନେଇ ରୋଜି ପରିବାର ଲୋକଙ୍କ ଅନୁପସ୍ଥିତିରେ ଘରେ ଝୁଲି ପଡ଼ିଥିଲେ। ପରବର୍ତ୍ତୀ ସମୟରେ କବାଟ ଭାଙ୍ଗି ରୋଜିଙ୍କୁ ଉଦ୍ଧାର ପରେ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୬)ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ୧୦୦ ଅଭିଯୋଗରୁ ୭୨ ତତ୍କାଳ ସମାଧାନ




ବୋଲଗଡ଼,୧୬।୨(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବାଙ୍କୋଇଦେଶ ପଞ୍ଚାୟତସ୍ତରୀୟ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ତାରେଶ୍ୱର ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁମନ ସୁଧା କୁଣ୍ଟୁ, ତହସିଲଦାର ବିଜୟ କୁମାର ସେଠୀଙ୍କ ସହ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇ ଲୋକଙ୍କ ସମସ୍ୟା ଶୁଣିବା ସହ ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ମୋଟ୍ ୧୦୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୭୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଆଉ ୨୮ଟି ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ପର୍ଯ୍ୟବେକ୍ଷକଭାବେ ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସ୍ଥାନୀୟ ସରପଞ୍ଚ ରଶ୍ମିତା ରାଉତରାୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନୀତା ମହାପାତ୍ର, ୱାର୍ଡମେମ୍ବର, ସ୍ୱେଚ୍ଛାସେବୀ ଏବଂ ପଞ୍ଚାୟତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୩୮ ଅଭିଯୋଗରୁ ୭ ଗ୍ରାମୀଣ ସମସ୍ୟା



ଜିଲାପାଳ ଅମ୍ରିତ୍ ରତୁରାଜ, ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅନ୍ୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଖୋର୍ଦ୍ଧା,୧୬।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ନାଲିପଡ଼ା ଅର୍ଜୁନପୁର ପଞ୍ଚାୟତରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମ୍ରିତ୍ ରତୁରାଜ, ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୩୮ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିରୁ ୩୧ଟି ବ୍ୟକ୍ତିଗତ ଏବଂ ୭ଟି ଗ୍ରାମୀଣ ସମସ୍ୟା ରହିଥିଲା। ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅନ୍ୟ ଗୋଟିଏ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶୁଣାଣି ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଆବାସ ତଥା ବିଭିନ୍ନ ସେବା ସମ୍ବନ୍ଧିତ ରହିଥିଲା। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ବିଡିଓ କ୍ଷୀରାବ୍ଧି ତନୟା ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୧୬।୨
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ମଲେଶ୍ୱରୀ ଗ୍ରାମରେ ବାବା ମଲିକେଶ୍ୱରୀ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଅଷ୍ଟାଦଶ ବାର୍ଷିକ ଜାଗର ମେଳା ଅବସରରେ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ସୁରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ଦାସ, ମୁଖ୍ୟ ବକ୍ତା ଶିକ୍ଷାବିତ୍ ବ୍ରଜ କିଶୋର ଗୌଡ଼, ସମ୍ମାନିତ ଅତିଥିଭାବେ ଦୂରଦର୍ଶନ କଳାକାର ହରେକୃଷ୍ଣ ବେହେରା, ସଙ୍ଗୀତ ନିର୍ଦ୍ଦେଶକ ଡ.ପ୍ରଭଞ୍ଜନ ଦାସ, ସାମାଜିକ କର୍ମୀ ଗୋପବନ୍ଧୁ ବେହେରା, ବିଦ୍ୟାଧର ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ଦାସ, ବରିଷ୍ଠ ଖବରଦାତା କୈଳାସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା କଳାକାରଙ୍କୁ ଉତ୍ସାହିତ କରିଥିଲେ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ବରିଷ୍ଠ ଏବଂ କନିଷ୍ଠ ବିଭାଗରେ ଗୀତ, ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ହଳଧର ବେହେରା, ଜଗନ୍ନାଥ ଦାସ ବିଚାରକଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଧନୁର୍ଦ୍ଧର ଦାସ ମଞ୍ଚ ପରିଚାଳନା କରିଥିଲେ। ଅଞ୍ଚଳର ବିଶିଷ୍ଟ ଗୀତିକାର, ତଥା ନାଟ୍ୟ ନିର୍ଦ୍ଦେଶକ ହଳଧର ବେହେରାଙ୍କ ରଚିତ 'ଶ୍ରୀଜଗନ୍ନାଥ ଭଜନ ବିଥିକା' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦେଶୀମଦ ଜବତ, ୨ ଗିରଫ

ବାଲୁଗାଁ,୧୬।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ଅଧିକାରୀ ଅଜିତ୍ କୁମାର ପାତ୍ରଙ୍କ ନେତୃତ୍ୱରେ ସୋମବାର ପୃଥକ୍ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଗମ୍ଭାରୀମୁଣ୍ଡା ଛକ ନିକଟରୁ ୫ଲିଟର ଦେଶୀମଦ ଜବତ କରାଯାଇଥିବା ବେଳେ ବ୍ୟବସାୟୀ ଶରତ ବରାଳଙ୍କୁ ଗିରଫ କରାଯାଇଛି। ସେହିପରି ନାରଣଦେଇପୁର ଛକ ନିକଟରୁ ୧୫ଲିଟର ମହୁଲି ମଦ ଜବତ କରାଯିବା ସହ କାନ୍ଥମାଳ ଆଙ୍କୁଲା ଗ୍ରାମର ବ୍ୟବସାୟୀ ବୃନ୍ଦାବନ ଜୁଝାରସିଂହଙ୍କୁ ଗିରଫ କରାଯାଇଛି। ବିଭାଗ ପକ୍ଷରୁ ଏନେଇ ଦୁଇଟି ମାମଲା (ନଂ.୨୮୪, ୨୮୫/୨୫-୨୬) ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସ୍‌ଆଇ ମୀନକେତନ ମାହାଳିକ, କନ୍‌ଷ୍ଟେବଲ ଅଶେଷ କୁମାର ପ୍ରଧାନ, ରଞ୍ଜିତ ପଟେଲ, ସୁନିତା ମହାରଣା, ମନୋଜ ଜୟସିଂହ ପ୍ରମୁଖ ସାମିଲ ହୋଇଥିଲେ।

# ୱାଟ୍‌କୋ ପମ୍ପ ହାଉସରେ ଅଗ୍ନିକାଣ୍ଡ



ଜଟଣୀ,୧୬।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାର ସ୍ଥିତ ୱାଟ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୱାଟ୍‌କୋ ପମ୍ପ ହାଉସ ପରିସରରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ପମ୍ପ ହାଉସ ପରିସରରେ ଥିବା ବିଭିନ୍ନ ପ୍ଲାଷ୍ଟିକ ପାଣି ଟାଙ୍କି, ପାଣିପାଇପ୍ ସହିତ ବହୁ ଜଳଯୋଗାଣ ସାମଗ୍ରୀ ଜଳିଯାଇଛି। କ୍ଷୟକ୍ଷତିର ଆକଳନ କରାଯାଇ ନ ଥିବା ବେଳେ ପ୍ରାଥମିକ ତଦନ୍ତ ଚାଲିଥିବା ଜଟଣୀ ଅଗ୍ନିଶମ ବାହିନୀ ଅଧିକାରୀ ଲକ୍ଷ୍ମଣ ବେହେରା କହିଛନ୍ତି।

## ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଝାଁଲା,୧୬।୨(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ପୋଲିସ ଦୁଇଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିବା ସହ ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ମୁଗୁମଣ୍ଡା ଗ୍ରାମର ସନ୍ତୋଷ ପରିଡ଼ା ଏବଂ ଶହୀଦନଗର ଥାନା ଶୁକ ବିହାର ଭୋଇନଗର ବସ୍ତିର ରାଜେନ୍ଦ୍ର ବେହେରା। ଏମାନଙ୍କ ନିକଟରୁ ୨୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ସୂଚନା ମୁତାବକ, ଗଙ୍ଗପଡ଼ା ଲଟା ଭୁଆସୁଣୀ ମନ୍ଦିର ନିକଟରେ ବ୍ରାଉନ୍‌ସୁଗାର କାରବାର ଚାଲୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଉପରୋକ୍ତ ଦୁଇ ବେପାରୀଙ୍କୁ ଗିରଫ କରିବା ସହ ବ୍ରାଉନ୍‌ସୁଗାର ଏବଂ ଏକ ବାଇକ୍ ଜବତ କରିଥିଲା।

## ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବାଲୁଗାଁ,୧୬।୨(ସଂଗ୍ରାମ ପାଇକରାୟ)

୨୦୧୯ ଫେବୃଆରୀ ୧୪ରେ ପୁଲ୍‌ୱାମାରେ ଜୈଶ୍ ଇ ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ଆତ୍ମଘାତୀ ବିସ୍ଫୋରଣରେ ୪୦ଜଣ ଭାରତୀୟ ଯବାନ ଶହୀଦ ହୋଇଥିଲେ। ଏହି ଦିନକୁ ସାରା ଦେଶରେ ବୀର ଯବାନଙ୍କ ପାଇଁ କଳା ଦିବସ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଗତ ଶନିବାର ବାଲୁଗାଁ ନିକଟ ଛେଡ଼ାପଦର ଗ୍ରାମର ବୁଲେଟ୍ କ୍ଲବ୍ ଆନୁକୂଲ୍ୟରେ କଳା ଦିବସ ପାଳିତ ହୋଇଯାଇଛି। ଗ୍ରାମ ଉପକଣ୍ଠରେ ଥିବା ଶହୀଦ ଦୁଷ୍ମନ୍ତ କୁମାର ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଏହା ପରେ କ୍ଲବର ସଦସ୍ୟମାନେ ଶହୀଦ ବୀର ଯବାନ ଅମର ରହେ ଧ୍ୱନି ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରରେ ଗ୍ରାମର ପୂର୍ବତନ ଆକାଶ ବାହିନୀର ଅଧିକାରୀ ଜଗଦୀଶ ମୁଆଁଖିଆ, ଶହୀଦ ଦୁଷ୍ମନ୍ତଙ୍କ ଭାଇ ଜୟନ୍ତ କୁମାର ସାମନ୍ତ ଏବଂ ଗ୍ରାମର କେତେଜଣ ବୁଦ୍ଧିଜୀବୀଙ୍କ ସହିତ ଯୁବଗୋଷ୍ଠୀ ଯୋଗଦେଇଥିଲେ।

## ମା' ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୧୬।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟଠାରେ ମା'ସରସ୍ୱତୀ ଶିଶୁ ମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏଥିରେ ରାମଚନ୍ଦ୍ର ବୈରୀଗଞ୍ଜନ ସଭାପତିତ୍ୱ କରିଥିଲେ। ମାନସିଂହ ସାହିତ୍ୟ ସଂସଦର ସଭାପତି ଶିକ୍ଷାବିତ୍ ବିଷ୍ଣୁ ପ୍ରସାଦ ଦଳେଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସୈନିକ ଦୀପକ କୁମାର ଜେନା ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଭାରତୀୟ ଶିକ୍ଷା ବିକାଶର ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଶୋଇ ଯୋଗଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ମଥୁରା ମଠାଧୀଶ ସୁନ୍ଦର ରାମଦାସ ମହାରାଜ, ଶିକ୍ଷାବିତ୍ ବ୍ରଜ କିଶୋରଗୌଡ଼, ସଦାନନ୍ଦଗୌଡ଼, ପୂର୍ବତନ ସରପଞ୍ଚ ଅଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ କୁମାର ପଲେଇ ମଞ୍ଚ ପରିଚାଳନା କରିଥିଲେ।

## ମଣ୍ଡଳ ଶିକ୍ଷାଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

ଟାଙ୍ଗୀ,୧୬।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ବଡ଼ପାରୀ କ୍ଲଷ୍ଟର ଅନ୍ତର୍ଗତ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମଣ୍ଡଳ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁ ପହଞ୍ଚି ବିଦ୍ୟାଳୟର ଶିକ୍ଷାଦାନ କାର୍ଯ୍ୟ, ମଧାହ୍ନ ଭୋଜନ ଆଦି ତଦାରଖ କରିଥିଲେ। ଛାତ୍ର ଉପସ୍ଥାନ, ଶିକ୍ଷକ ଉପସ୍ଥାନ, ଦୈନିକ ପାଠ୍ୟ ଟୀକା, ମଧାହ୍ନ ଭୋଜନ ସମ୍ପର୍କିତ ନଥିପତ୍ର ତଦାରଖ କରିଥିଲେ। ପରିଦର୍ଶନ ସମୟରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦୁଃଶାସନ ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମାନସ ରଞ୍ଜନ ସ୍ୱାଇଁ, ସଦସ୍ୟ ରଞ୍ଜିତ୍ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ମଣ୍ଡଳ ଶିକ୍ଷାଧିକାରୀ ଶିଶୁ ବାଟିକାର ୧୦ଜଣ ଶିକ୍ଷାର୍ଥୀଙ୍କୁ ନୂତନ ପୋଷାକ ବଣ୍ଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କୋକିଳ ଦେଇ ଏବଂ ସହକାରୀ ଶିକ୍ଷକ ସନ୍ତୋଷ କୁମାର ବେହେରା ପୋଷାକ ବଣ୍ଟନରେ ସହାୟତା କରିଥିଲେ।


ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍

OHPC

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**

BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051
Phones:06861-291058(O)/ 291048 (R)< Email- bhep.balimela@gmail.com>/unit.head_balimela@yahoo.com
ISO 9001-14001 18001 Certified
REGISTERED OFFICE: ODISHA HYDRO POWER CORPORATION LIMITED (A Government of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, 2542826, GRAM:HYDROPOWER,
e-mail:ohpc.co@gmail.com/md@ohpcltd.com, WEB: www.ohpcltd.com, CIN: U40101OR1995SGC003963

TENDER CALL NOTICE

NOTICE INVITING TENDER No.BHEP/64/2025-26, Dated 13.02.2026

No.4001/30/2526:Sealed tenders are invited in single part bid (i.e. Techno-Commercial bid) basis for "Refilling of Fire Extinguishers for BHEP, Balimela for the year 2025-26" from Manufacturers/Authorized dealers for the following.

| Sl. No. | Description of Materials | Estimated Cost | Cost of tender paper (Non-refundable) in Rs. | EMD in Rs. | Period of availability of tender at OHPC website | Last Date & Time of receipt of Tender | Date & Time of Opening of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Refilling of Fire Extingusihers of BHEP, Balimela for the year 2025-26 | Rs.4,43,967/- | 2360/- (2000/- GST @ 18%) | 3,800/- | 17.02.2026 To 10.30 Hrs. of 27.02.2026 | Upto 11.30 Hrs. of dated 27.02.2026 | 12.30 Hrs on Dated 27.02.2026 |

For details of the tender documents, terms & conditions please visit our website www.ohpcltd.com.

OIPR-4001/4019/1/25-26/0003 Sd./- C&P Head, BHEP, Balimela



**Bhubaneswar Municipal Corporation**
Progress Through Partnership for Better Bhubaneswar
SWACHH SURVEKSHAN 2025-26

No.9070/Date : 13.02.2026/
xxxxx-II-SBAC 177/2025

**Advertisement Notice**

**No.13001/271/2526** : Bhubaneswar Municipal Corporation (BMC), Bhubaneswar invites the Request for Proposal (RFP) for **Street Sweeping, Bush Cutting, Drain desilting and Collection & Transportation of Collected Waste under 6 work packages,** as reflected hereunder, in conformity with the Detailed Request for Proposal (RFP). The bidders should have the necessary Portal Enrolment (with own Digital Signature Certificate). The bid documents comprising of eligibility criteria, instruction to bidders, scope of the work etc. can be seen / downloaded from e-procurement portal of Govt. of Odisha i.e. www.tendersodisha.gov.in and website of BMC i.e. https://www.bmc.gov.in/. The details are as follows:

| Sl. No. (1) | Name of the Work (2) | Bid Security (3) | Cost of Document (4) | Period of Contact (5) | NIT no. and date (6) |
|---|---|---|---|---|---|
| 1 | Street Sweeping, Bush Cutting, drain desilting and Collection & Transportation of Collected Waste under Package-1 (North Zone-1) ward no. 1,2,3,4,5,6,9,10,11,12,17 & 18 | 5,00,000/- | 10,000/- | 24 months (extendable to further 12 months) | 9026 and 13.02.2026 |
| 2 | Street Sweeping, Bush Cutting, drain desilting and Collection & Transportation of Collected Waste under Package-2 (North Zone-2) ward no. 7,8,13,14,15,16,20,21,22,25,26 and 27 | 5,00,000/- | 10,000/- | 24 months (extendable to further 12 months) | 9032 and 13.02.2026 |
| 3 | Street Sweeping, Bush Cutting, drain desilting and Collection & Transportation of Collected Waste under Package-3 (South West Zone-1) ward no. 44,45,53,54,55,56,57,58,59,60,61 and 67 | 5,00,000/- | 10,000/- | 24 months (extendable to further 12 months) | 9038 and 13.02.2026 |
| 4 | Street Sweeping, Bush Cutting, drain desilting and Collection & Transportation of Collected Waste under Package-4 (South West Zone-1) ward no. 23,24,48,49,50,51,52,62,63,64,65 and 66 | 5,00,000/- | 10,000/- | 24 months (extendable to further 12 months) | 9044 and 13.02.2026 |
| 5 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-5 (South East Zone-1) ward no. 19,30,31,32,33,34,41,42 and 43 | 5,00,000/- | 10,000/- | 24 months (extendable to further 12 months) | 9050 and 13.02.2026 |
| 6 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-6 (South East Zone-2) ward no. 28,29,35,36,37,38,39,40,46 and 47 | 5,00,000/- | 10,000/- | 24 months (extendable to further 12 months) | 9056 and 13.02.2026 |

The Request for Proposal (RFP) shall be available from 17.02.2026 at 11:00 A.M. till 4:00 P.M. on 11.03.2026 (last date and time of submission of proposal). The technical and financial bids must be submitted online in www.tendersodisha.gov.in and shall be opened online on the same date i.e. at 4:30 P.M. on 11.03.2026. A pre-bid meeting is scheduled to be held at 12:00 noon on 24.02.2026.

Sd./- Additional Commissioner
Bhubaneswar Municipal Corporation
OIPR-13001/13002/1/25-26/0030



No.13001/262/2526

**CUTTACK MUNICIPAL CORPORATION**
"e" PROCUREMENT NOTICE
Tender Call Notice No.2012 (PW) Date.13.02.2026
Tender ID: 2025_ORULB_123961

Bid Value: Rs.2.48 Lakhs to Rs.48.31 Lakhs
Date and Time Schedule: One Calendar Month to Three Calendar Months.

| Start | End | Opening |
|---|---|---|
| 11.00 AM on dt.17.02.2026 | 5.00 PM on dt.02.03.2026 | 11.00 AM on dt.07.03.2026 |

Tender Details: can be seen from the procurement portal: www.tendersorissa.gov.in

Sd./-
Executive Engineer
City Division-III, CMC
OIPR-13001/13031/1/25-26/0027



**ODISHA BIGYAN ACADEMY**

**No.28001/1/2526:**Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards for the **Award Year 2024 based on scientific contributions up to 31st December, 2023**.

1. **Odisha Young Scientists Award working within the State of Odisha Category - Life Sciences**
2. **Odisha Young Scientists Award working within the State of Odisha Category - Physical Sciences**

(Upper age of Young Scientists must not exceed 35 years on 31st December, 2023)

For detail guidelines and nomination proforma, please log on to Odisha Bigyan Academy website: **www.odishabigyanacademy.nic.in**

The nomination proforma can be downloaded from the above website. Nominations in the duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Odisha Young Scientists Award are required to mention Thomson Reuter Impact Factor against the list of publications and should mention number of total Citations, h index & i 10 index at the top of the publications list.

The last date for receipt of nominations is **05.03.2026 (upto 5.00 pm). Nominations received after due date and time shall not be taken into consideration.**

**Secretary, Odisha Bigyan Academy,**
**B/2, Saheed Nagar, Bhubaneswar-751 007,**
**Odisha (INDIA)**
OIPR-28001/28002/1/25-26/0001



idco Your power to grow | ODISHA NEW OPPORTUNITIES
No.4001/24/2526

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**
Bid Identification No.Civil/EST/29/2025-26
TCN No.3143, Dt.03.02.2026

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**1.Name of the Work:** Construction of Block level Stadium (with Indoor Hall) in Koida Block under Sundargarh District. 2. Value of the Work: Rs.1364.21 Lakhs. 3. Period of Completion: 9 (Nine) Calendar Months. 4. Availability of tender online for Bidding: i. Start Date: 18.00 Hours of dt.18.02.2026. ii. End Date: 17.00 Hours of dt.05.03.2026. iii. Opening Date: 11.30 Hours of dt.06.03.2026.

Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd./-Chief General Manager (Civil)
IDCO, Bhubaneswar
OIPR-4001/4075/1/25-26/0006



**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751 001

Ref.No.OSCB/HRDD/5929/ 2025-26 Date:16.02.2026

TENDER CALL NOTICE

No.39001/10/2526: Tenders invited from registered and reputed insurance companies/brokers for Group Health Insurance policy of Employees and their dependents of the Odisha State Cooperative Bank, Pandit Jawaharlal Nehru Marg, Bhubaneswar-751001 by quoting premium for a period of 1 (one) year from 07.03.2026 to 06.03.2027.

The detailed list can be obtained only from the official website www.odishascb.com from 17.02.2026 to 27.02.2026. For any queries, please consult the HRD Department of OSCB in the office hours or through No. 0674-2374194/155/156.

OIPR-39001/39012/1/25-26/0001 Sd./- Managing Director



**OFFICE OF THE NOTIFIED AREA COUNCIL, CHANDBALI**
Pin : 756133 (Odisha)
E-Mail : chandbalin-hud@gov.in/chandbali.nac@gmail.com
LETTER NO - 779 DT : 13.02.2026

Corrigendum

**No.13001/270/2526** : In reference to Tender Call Notice No. 297 dtd. 29.01.2026 (Bid Identification No. EO CHANDBALI & Tender ID 2026_ORULB_125196_1) for "Supplying of Cleaning & Sanitation Manpower and Execution of Road Sweeping, Cleaning & other Sanitation Works in all Chandbali NAC",the following changes shall apply to the Clauses as mentioned below:

**Clause 11. on Page 1** ("As per the Works Department Letter No 5984/Dtd. 27.04.2021, it is hereby decided that, no Provisions regarding Bid Security should be kept in the Bid Documents and only provision for "Bid Security Declaration" should be kept") of DTCN is replaced as mentioned below:

**"The Bid Security/EMD shall be paid at the time of submission of proposal by the bidder."**

Clause 14 "The bidder should not have any record of past blacklisting/ debarment/termination from any Central Govt./State Govt./Govt. organizations/ PSUs." of Page 2 under Eligibility criteria is replaced with the following

**"The bidder should not have any record of blacklisting/debarment/ termination from any Central Govt./State Govt./Govt. organizations/PSUs for a period of last 3 year."**

Under **Annexure III** at page no. 16 the term **"recent past"** shall mean **"for a period of last 3 years."** With the above corrigendum Last date for availability of online bid, receiving of bids & date of opening have been extended as detailed below.

| Sl. No. | Parameter | Date & Time as Notified earlier | Extended Date & time |
|---|---|---|---|
| 1 | Date and time for availability of bids "Online" | 10:00 A.M. of 30.01.2026 to 05:30 P.M. of 17.02.2026 | 10.00 A.M. of 30.01.2026 to 05:30 P.M. of 19.02.2026 |
| 2 | Last Date and Time for received of bids "Online" | 17.02.2026 of 05:30 P.M. | 19.02.2026 05:30 P.M. |
| 3 | Date and Time of Opening of bids | 18.02.2026 by 11:00 A.M. | 20.02.2026 by 11:00 A.M. |

All other terms and conditions remain unchanged.

Sd./- Executive Officer
Chandbali NAC
OIPR-13001/13129/1/25-26/0008

# ଚାଷୀଙ୍କୁ ସ୍ୱାବଲମ୍ବୀ କରୁଛି ଏକ୍ରିକ୍ ପ୍ରକଳ୍ପ



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥି ।

କାକଟପୁର/ଅସ୍ତରଙ୍ଗ, ୧୬।୨ (ଶୁଭଦର୍ଶନମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଭାରତୀୟ ଉପକୂଳବର୍ତ୍ତୀ ଅଧିବାସୀଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ କାକଟପୁର ତହସିଲ ପଡ଼ିଆରେ ସୋମବାର ଇସିଆର୍‌ଆଇସିସି (ଏକ୍ରିକ୍) ପ୍ରକଳ୍ପରେ ଚାଷୀଙ୍କୁ ଯାନ୍ତ୍ରିକ କୃଷି ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଚାଷୀଙ୍କୁ କୃଷି ଉପକରଣ ବଣ୍ଟନ କରିଛନ୍ତି। ଏହି କୃଷି ଉପକରଣ

## କୃଷି ଉପକରଣ ବଣ୍ଟନ କଲେ ଉପମୁଖ୍ୟମନ୍ତ୍ରୀ

ମାଧ୍ୟମରେ ମହିଳାମାନେ ନିଜ ଜମିରେ ପୋଖରୀ ଖନନ ସହ ସମନ୍ୱିତ ଚାଷ ପଦ୍ଧତି ଆପଣାଇ ନିଜର ଆୟ ବୃଦ୍ଧି କରିପାରିବେ।

ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ଘାସଉପୁଡ଼ା ଯନ୍ତ୍ର, ସ୍ପ୍ରେ ମେସିନ, ତେଲ ଘଣା ମେସିନ, ଓଜନ ଯନ୍ତ୍ର ଓ ପ୍ୟାକେଟିଂ ମେସିନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ଅଞ୍ଚଳର ମହିଳାଙ୍କ କଙ୍କଡ଼ା ଚାଷ ଏବଂ ଓଡ଼ିଶାର ସହନଶୀଳ ଜଳବାୟୁ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଆମ ଭଳି ଶେଷସ୍ତରରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଏଭଳି ସୁବିଧା ସୁଯୋଗ ସହ ସ୍ୱାବଲମ୍ବୀ କରିବା ଅଦ୍ୱିତୀୟ ସୁଯୋଗ ଥିଲା ବୋଲି ବନିତା ମହାନ୍ତି, ଅମିତା ଜେନା ଓ ସ୍ମୃତିରେଖା ନାୟକ ପ୍ରମୁଖ ସେମାନଙ୍କ ଅନୁଭୂତି ପ୍ରକାଶ କରିଥିଲେ। ତାହା ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ହୋଇଥିଲା। ଏକ୍ରିକ୍ ଯୋଜନାରେ ପୁରୀ ସହ ରାଜ୍ୟର ୪ଟି ଜିଲାରେ ଉନ୍ନତ ଧରଣର କାଦୁଅ କଙ୍କଡ଼ା ଚାଷ, ରଙ୍ଗିନ ମାଛ ଚାଷ, ଶ୍ରୀ ପ୍ରଣାଳୀରେ ଧାନ ଚାଷ, ହେନ୍ତାଳ ବୃକ୍ଷ ରୋପଣ ଆଦିକୁ ଗୁରୁତ୍ୱ ଦିଆଯାଉଛି। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ବନଖଣ୍ଡ ଅଧିକାରୀ ମଗର ଧନୋଜୀ ରାସୋ, ଅତିରିକ୍ତ ବନଖଣ୍ଡ ଅଧିକାରୀ ସଞ୍ଜୀବ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସହକାରୀ ବନସଂରକ୍ଷକ ଅଶୋକ ବେହେରା ଧନ୍ୟବାଦ ଦେଇଥିଲେ। ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋଣାର୍କ ରେଞ୍ଜ ଅଧିକାରୀ ସୁଦର୍ଶନ ଦେହୁରୀ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ଜଙ୍ଗଲ ନିଆଁ ସଚେତନତା ରଥକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ଚାଟ୍ ଖାଇ ଝାଡ଼ାବାନ୍ତିରେ ୨୭ ଆକ୍ରାନ୍ତ

ସାକ୍ଷୀଗୋପାଳ, ୧୬।୨ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳରେ ଚାଟ୍ ଖାଇ ୨୦ରୁ ଊର୍ଦ୍ଧ୍ୱ ଶିଶୁ ଓ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସମସ୍ତଙ୍କୁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଫୁଡ୍ ପଏଜନିଂରୁ ଏଭଳି ଘଟିଥିବା ସନ୍ଦେହ କରାଯାଇଛି।

ସୂଚନା ଅନୁଯାୟୀ, ରବିବାର ସାରଙ୍ଗଯୋଡ଼ି ପଞ୍ଚାୟତ ଅନ୍ତର୍ଗତ ଧ୍ୱଜାମୁଣ୍ଡେଇ ଗ୍ରାମରେ ବାଲୁଙ୍କେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ସହ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସେଠାରେ କେତୋଟି ଚାଟ୍ ଓ ଫାଷ୍ଟଫୁଡ ଦୋକାନ ଖୋଲିଥିଲା। ସେହି ଦୋକାନରୁ ଚାଟ୍ ଓ ଫାଷ୍ଟଫୁଡ୍ ଖାଇବା ପରେ ଧ୍ୱଜାମୁଣ୍ଡେଇ, ମଲୁଖ ପାଟଣା ଏବଂ ଗୁଆବାଡ଼ି ଗ୍ରାମର ୨୩ରୁ ଊର୍ଦ୍ଧ୍ୱ ପିଲାଙ୍କ ସମେତ ୪ଜଣ ମହିଳା ଓ ପୁରୁଷ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରେ ପ୍ରିୟାଂଶୁ ବେହେରା, ପ୍ରୀତମ ବେହେରା, ରାହୁଲ ବେହେରା ଓ ବ୍ରଜବନ୍ଧୁ ଭୋଇ ପ୍ରମୁଖ ରହିଥିଲେ। ରାତି ପ୍ରାୟ ୧୦ଟାରେ ସମସ୍ତଙ୍କୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅସୁସ୍ଥମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ସାକ୍ଷୀଗୋପାଳରୁ ମେଡିକାଲ ଟିମ୍, ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବାଶିଷ ନାୟକ କହିଛନ୍ତି।



ଚିକିତ୍ସାଧୀନ ୨ ଶିଶୁ ।

# ଭାର୍ଗବୀ ନଦୀ କୂଳରୁ ବୃଦ୍ଧଙ୍କ ମୃତଦେହ ଜବତ

ବଳଙ୍ଗା, ୧୬।୨ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ବନମାଳୀପୁର ନିକଟ ଭାର୍ଗବୀ ନଦୀ କୂଳରୁ ସୋମବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ବନମାଳୀପୁର ଗ୍ରାମର ଶ୍ୟାମସୁନ୍ଦର ଜେନା (୬୫)। ସୂଚନା ଅନୁଯାୟୀ, ଶ୍ୟାମସୁନ୍ଦର ନଦୀକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ତାଙ୍କର ମୃତଦେହ ପଡ଼ିଥିବା ଦେଖି ଗ୍ରାମର କେତେଜଣ ବ୍ୟକ୍ତି ଦେଖିବାକୁ ପାଇଥିଲେ। ସେମାନେ ତାଙ୍କ ପରିବାରଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ସହ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ଥାନାରେ ୫୬/୨୬) ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ତଦନ୍ତ ଜାରି ରଖିଛି। ହୃଦ୍‌ଘାତ ଯୋଗୁ ଶ୍ୟାମସୁନ୍ଦରଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ହରିହର ଭେଟ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଚାରିଛକ, ୧୬।୨ (ଶିଶିର କୁମାର ସ୍ୱାଇଁ)

ଦୋଳଉତ୍ସବରେ ହରିହର ଭେଟ ନେଇ ବାରଗାଦି ମେଳନ କମିଟି ପକ୍ଷରୁ ସୋମବାର ସଭାମଣ୍ଡପର ରତ୍ନବଟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟି ସମ୍ପାଦକ ଲକ୍ଷ୍ମୀଧର ବେହେରା ସଭାପତିତ୍ୱ କରିଥିଲେ। ଚଳିତବର୍ଷ ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ କିପରି ଚତୁର୍ଦ୍ଦଶୀ ସନ୍ଧ୍ୟାରେ ଶାନ୍ତିଶୃଙ୍ଖଳାର ସହ ଏହି ଉତ୍ସବ ସମ୍ପନ୍ନ କରାଯିବ, ସେ ନେଇ ବୈଠକରେ ଆଲୋଚନା କରାଯାଇଛି। ଚଳିତବର୍ଷର ପାଞ୍ଜି ଅନୁଯାୟୀ ହରିହର ଭେଟ ଅନୁଷ୍ଠିତ ହେଉଥିବା ବ୍ରାହ୍ମମୁହୂର୍ତ୍ତରେ ଗ୍ରହଣ ଯୋଗ ବା ହାଣ୍ଡିଛାଡ଼ ରାତ୍ରି ୩ଟା ୨୦ରେ ପଡୁଥିବାରୁ ସେହି ସମୟ ପୂର୍ବରୁ ଶ୍ରୀଜୀଉମାନେ ସ୍ୱ ମନ୍ଦିରକୁ ପ୍ରବେଶ କିପରି କରିପାରିବେ ସେହି ପ୍ରସଙ୍ଗରେ ଚାରିଠାକୁରଙ୍କ ବାଡ଼ଗ୍ରାହୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଠାକୁରମାନେ ସନ୍ଧ୍ୟା ୬ଟାରୁ ୮ଟା ମଧ୍ୟରେ ଭେଟ ପଡ଼ିଆରେ ପହଞ୍ଚି ରାତ୍ରି ୧୦ଟା ମଧ୍ୟରେ ମେଳନ କାର୍ଯ୍ୟ ସମାପନ କରି ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ବୈଠକରେ ସହମତି ପ୍ରକାଶ ପାଇଥିଲା। ଏଥିରେ ସମସ୍ତ ବାଡ଼ଗ୍ରାହୀଙ୍କ ସହିତ ଅନୁଷ୍ଠାନର କର୍ମକର୍ତ୍ତା ସଭାପତି ସନ୍ତୋଷ କୁମାର ତ୍ରିପାଠୀ, କୈଳାଶ ଚନ୍ଦ୍ର କର, ବ୍ରଜବନ୍ଧୁ କର, ଚକ୍ରଧର ପାଣି, ସନ୍ତୋଷ ମହାପାତ୍ର ଓ ହରେକୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଡ଼ିବର୍ଣ୍ଣି ନୀଳକଣ୍ଠେଶ୍ୱର ପୀଠରେ ଜାଗର ଯାତ୍ରା

ଅସ୍ତରଙ୍ଗ, ୧୬।୨ (ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଗୁଡୁବର୍ଣ୍ଣିର ନୀଳକଣ୍ଠେଶ୍ୱରଙ୍କ ପୀଠରେ ରବିବାର ଜାଗର ଯାତ୍ରା ପାଳିତ ହୋଇଯାଇଛି। ଦୁଇ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ଦୀପ ଜାଳିବା ସହ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ଅଷ୍ଟପ୍ରହର, ନାମଯଜ୍ଞ କରାଯାଇଥିଲା। ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହରାତ୍ର ହରେ ସଂକୀର୍ତ୍ତନ କରିଥିଲେ। ସାକ୍ଷୀଗୋପାଳର ସଂକୀର୍ତ୍ତନ ମଣ୍ଡଳୀଙ୍କ ନୃତ୍ୟ ଓ ସଙ୍ଗୀତ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା।

## କୁମ୍ଭମେଳା ମହୋତ୍ସବ

ଅସ୍ତରଙ୍ଗ, ୧୬।୨ (ମମତା ଜେନା)

କାକଟପୁର ବ୍ଲକ ସାଡେଙ୍ଗା ପାଟପୁର ଗ୍ରାମରେ କୁମ୍ଭମେଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ନୀତିକାନ୍ତିରେ ପୂଜାର୍ଚ୍ଚନା ସହ ହୋମ ଯଜ୍ଞ, ଭଜନ ସମାରୋହରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କୁମ୍ଭମେଳା ବହୁ ପୁରାତନ। ଦେବାସୁର ଲଢେଇ ସହିତ କୁମ୍ଭମେଳା ଯୋଡ଼ିହୋଇ ରହିଛି। ଏଠାରେ ମା' ୨୦୦ ବର୍ଷ ଧରି ପୂଜା ପାଇ ଆସୁଛନ୍ତି। ପ୍ରଥମେ ମା' ଜରି ଗଛମୂଳରେ ପୂଜା ପାଇଆସୁଥିଲେ। ପରେ ଏକ ମନ୍ଦିର ନିର୍ମାଣ କରାଯାଇ ପୂଜା କରାଯାଉଛି। ୪୩ ବର୍ଷ ଧରି ଗ୍ରାମବାସୀଙ୍କ ଦ୍ୱାରା କୁମ୍ଭମେଳା ମହୋତ୍ସବ ଆୟୋଜନ ହୋଇଆସୁଛି।

# ଶୃଙ୍ଖଳା, ସଂସ୍କାର ଶିକ୍ଷା ଗଢ଼େ ଉତ୍ତମ ଛାତ୍ର




ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀମାନେ ।

ପିପିଲି, ୧୬।୨ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

## ପଲ୍ଲବୀ ପବ୍ଲିକ ସ୍କୁଲର ୮ମ ବାର୍ଷିକ ଉତ୍ସବ 'ସଙ୍କଳ୍ପ'

ପିପିଲି ମଠସାହିସ୍ଥିତ ପଲ୍ଲବୀ ପବ୍ଲିକ ସ୍କୁଲର ୮ମ ବାର୍ଷିକ ଉତ୍ସବ 'ସଙ୍କଳ୍ପ' ପାଳିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ମହାରଥୀ ଯୋଗ ଦେଇ ବିଦ୍ୟାଳୟରେ ହେଉଥିବା ମାତାପିତା ପୂଜନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶୃଙ୍ଖଳା ଓ ସଂସ୍କାର ଶିକ୍ଷା ସର୍ବଦା ଉତ୍ତମ ଛାତ୍ର ଗଠନ କରିଥାଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସିଏସ୍‌ଆଇଆର୍ ଅଧ୍ୟକ୍ଷ ଡ. ଉମାକାନ୍ତ ସୁବୁଦ୍ଧି, ଡ. ତପନ କୁମାର ଦାଶ, ଉତ୍କଳ ଶିକ୍ଷା ବିକାଶ ପରିଷଦ ସଭାପତି ମଙ୍ଗୁଲି ଚରଣ ମହାନ୍ତି, ସିଆର୍‌ସିସି ଅକ୍ଷୟ କୁମାର ନାୟକ, ଆସାମର ଶିକ୍ଷାବିତ୍ ଜୟନ୍ତ କୁମାର ବର୍ମନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ବିଶ୍ୱଜିତ ରାୟ ସଭାପତିତ୍ୱ କରିଥିବାବେଳେ ସଭାପତି ଅଭିଷେକ ଆନନ୍ଦ ପରିଡ଼ା ସ୍ୱାଗତ ଭାଷଣ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବୃକ୍ଷ ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟ ପକ୍ଷରୁ ସବୁଜିମା ସୃଷ୍ଟି ପ୍ରୟାସକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ସରୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ସୁବାଷ ଚନ୍ଦ୍ର ପରିଡ଼ା, ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ଲେଖକ ମାନସ ରଞ୍ଜନ ତ୍ରିପାଠୀ, ଶିକ୍ଷାବିତ୍ ଜୟନ୍ତ କୁମାର ବର୍ମନ୍ ଯୋଗଦେଇ ନୈତିକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ହେମନ୍ତ କୁମାର ପ୍ରଧାନଙ୍କୁ ପଲ୍ଲବୀ କୃତୀ ଶିକ୍ଷକ ସମ୍ମାନ, ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ମୁଦୁଲି ଏବଂ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ପଲ୍ଲବୀ କୃତୀ କ୍ରୀଡ଼ା ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିଜ୍ଞାନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଏବଂ 'ବାଜି ରାଉତ' ନାଟକ ସମସ୍ତଙ୍କ ମନ ମୋହିଥିଲା।

## ବଚସାରୁ ଆକ୍ରମଣ: ଯୁବକ ଗୁରୁତର

କଣାସ, ୧୬।୨ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ନିକଟରେ ରବିବାର ସନ୍ଧ୍ୟାରେ ସଂଗ୍ରାମ ବଳିୟାରସିଂହ ନାମକ ଯୁବକଙ୍କୁ ପୂର୍ବବଚସାକୁ ନେଇ ଆକ୍ରମଣ କରାଯାଇଛି। ତାଙ୍କ ବେକ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଆକ୍ରମଣକାରୀ ହତ୍ୟା ଧମକ ମଧ୍ୟ ଦେଇଛନ୍ତି। ଏ ନେଇ ସଂଗ୍ରାମ ରାତିରେ କଣାସ ଥାନାକୁ ଆସିଥିବାବେଳେ ଥାନା ଗେଟ୍ ତାଲା ପଡିଥିବାରୁ ଫେରିଯିବା ସମୟରେ ସମ୍ପୃକ୍ତ ଯୁବକ କାଚ ବୋତଲରେ ଆକ୍ରମଣ କରିଥିଲେ। ସଂଗ୍ରାମ ଆକ୍ରମଣକାରୀ ଯୁବକଙ୍କ ନାମରେ ଏତଲା ଦେଇଛନ୍ତି। ପୋଲିସ ଏକ କେସ୍ (ନଂ. ୩୫/୨୬) ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣକାରୀ ଫେରାର ହୋଇଯାଇଥିବାବେଳେ ତାଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି।

## ଦି କଳିଙ୍ଗ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

ଗୋପ, ୧୬।୨ (ଭାରତୀ ଭୂଷଣ ଉପାଧ୍ୟାୟ)

ଛାତ୍ରୀଛାତ୍ରଙ୍କ ମାନସିକତା ଓ ଦକ୍ଷତା ସେମାନଙ୍କୁ ଭଲ ମଣିଷ କରିଥାଏ ବୋଲି ସୋମବାର ଦି କଳିଙ୍ଗ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ରବିନ୍ଦ୍ର କୁମାର ସିଂହ କହିଛନ୍ତି। ଗୋପ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦି କଳିଙ୍ଗ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ତଥା ସମ୍ପାଦକ ପୁନେଶ କୁମାର ସେନାପତି ସଭାପତିତ୍ୱ କରିଥିଲେ। ନିଗମାନନ୍ଦ ସ୍ମାର୍ଟ ସ୍କୁଲର ବରିଷ୍ଠ ଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ, ଦୀପକ କୁମାର ସେନାପତି ଓ ସ୍କୁଲ ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ସେନାପତି ପ୍ରମୁଖ ଯୋଗଦେଇ ଗୁଣାତ୍ମକ ଶିକ୍ଷା ସହିତ ଇଂଲିଶ ଭାଷା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ବିଜ୍ଞାନ ଶିକ୍ଷୟିତ୍ରୀ ବିଦ୍ୟାଶ୍ରୀ ସୁଜାତା, ବିଦ୍ୟା ବିଭୂଷିତା ଓ ଶ୍ରାବଣୀଙ୍କୁ ପ୍ରକଳ୍ପ ସଂଯୋଜିକା ଭାବେ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍

OHPC ISO 9001-14001 18001 Certified

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**

BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051
Phones:06861-291058(O)/ 291048 (R)< Email- bhep.balimela@gmail.com>/unit.head_balimela@yahoo.com
REGISTERED OFFICE: ODISHA HYDRO POWER CORPORATION LIMITED (A Government of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, 2542826, GRAM:HYDROPOWER,
e-mail:ohpc.co@gmail.com/md@ohpcltd.com, WEB: www.ohpcltd.com, CIN: U40101OR1995SGC003963

TENDER CALL NOTICE

NOTICE INVITING TENDER No.BHEP/64/2025-26, Dated 13.02.2026

No.4001/30/2526:Sealed tenders are invited in single part bid (i.e. Techno-Commercial bid) basis for "Refilling of Fire Extinguishers for BHEP, Balimela for the year 2025-26" from Manufacturers/Authorized dealers for the following.

| Sl. No. | Description of Materials | Estimated Cost | Cost of tender paper (Non-re-fundable) in Rs. | EMD in Rs. | Period of avail-ability of tender at OHPC website | Last Date & Time of receipt of Tender | Date & Time of Opening of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Refilling of Fire Extingusihers of BHEP, Balimela for the year 2025-26 | Rs.4,43,967/- | 2360/- (2000/- GST @ 18%) | 3,800/- | 17.02.2026 To 10.30 Hrs. of 27.02.2026 | Upto 11.30 Hrs. of dated 27.02.2026 | 12.30 Hrs on Dated 27.02.2026 |

For details of the tender documents, terms & conditions please visit our website www.ohpcltd.com.

OIPR-4001/4019/1/25-26/0003 Sd./- C&P Head, BHEP, Balimela



**Bhubaneswar Municipal Corporation**

SWACHH SURVEKSHAN 2025-26

Progress Through Partnership for Better Bhubaneswar

No.9070/Date : 13.02.2026/

xxxxx-II-SBAC 177/2025

**Advertisement Notice**

**No.13001/271/2526** : Bhubaneswar Municipal Corporation (BMC), Bhubaneswar invites the Request for Proposal (RFP) for **Street Sweeping, Bush Cutting, Drain desilting and Collection & Transportation of Collected Waste under 6 work packages,** as reflected hereunder, in conformity with the Detailed Request for Proposal (RFP). The bidders should have the necessary Portal Enrolment (with own Digital Signature Certificate). The bid documents comprising of eligibility criteria, instruction to bidders, scope of the work etc. can be seen / downloaded from e-procurement portal of Govt. of Odisha i.e. www.tendersodisha.gov.in and website of BMC i.e. https://www.bmc.gov.in/. The details are as follows:

| Sl. No. (1) | Name of the Work (2) | Bid Security (3) | Cost of Document (4) | Period of Contact (5) | NIT no. and date (6) |
|---|---|---|---|---|---|
| 1 | Street Sweeping, Bush Cutting, drain desilting and Collection & Transportation of Collected Waste under Package-1 (North Zone-1) ward no. 1,2,3,4,5,6,9,10,11,12,17 & 18 | 5,00,000/- | 10,000/- | 24 months (extendable to further 12 months) | 9026 and 13.02.2026 |
| 2 | Street Sweeping, Bush Cutting, drain desilting and Collection & Transportation of Collected Waste under Package-2 (North Zone-2) ward no. 7,8,13,14,15,16,20,21,22,25,26 and 27 | 5,00,000/- | 10,000/- | 24 months (extendable to further 12 months) | 9032 and 13.02.2026 |
| 3 | Street Sweeping, Bush Cutting, drain desilting and Collection & Transportation of Collected Waste under Package-3 (South West Zone-1) ward no. 44,45,53,54,55,56,57,58,59,60,61 and 67 | 5,00,000/- | 10,000/- | 24 months (extendable to further 12 months) | 9038 and 13.02.2026 |
| 4 | Street Sweeping, Bush Cutting, drain desilting and Collection & Transportation of Collected Waste under Package-4 (South West Zone-1) ward no. 23,24,48,49,50,51,52,62,63,64,65 and 66 | 5,00,000/- | 10,000/- | 24 months (extendable to further 12 months) | 9044 and 13.02.2026 |
| 5 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-5 (South East Zone-1) ward no. 19,30,31,32,33,34,41,42 and 43 | 5,00,000/- | 10,000/- | 24 months (extendable to further 12 months) | 9050 and 13.02.2026 |
| 6 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-6 (South East Zone-2) ward no. 28,29,35,36,37,38,39,40,46 and 47 | 5,00,000/- | 10,000/- | 24 months (extendable to further 12 months) | 9056 and 13.02.2026 |

The Request for Proposal (RFP) shall be available from 17.02.2026 at 11:00 A.M. till 4:00 P.M. on 11.03.2026 (last date and time of submission of proposal). The technical and financial bids must be submitted online in www.tendersodisha.gov.in and shall be opened online on the same date i.e. at 4:30 P.M. on 11.03.2026. A pre-bid meeting is scheduled to be held at 12:00 noon on 24.02.2026.

Sd./- Additional Commissioner
Bhubaneswar Municipal Corporation

OIPR-13001/13002/1/25-26/0030



No.13001/262/2526

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender Call Notice No.2012 (PW) Date.13.02.2026**
**Tender ID: 2025_ORULB_123961**

Bid Value: Rs.2.48 Lakhs to Rs.48.31 Lakhs
Date and Time Schedule: One Calendar Month to Three Calendar Months.

| Start | End | Opening |
|---|---|---|
| 11.00 AM on dt.17.02.2026 | 5.00 PM on dt.02.03.2026 | 11.00 AM on dt.07.03.2026 |

Tender Details: can be seen from the procurement portal: www.tendersorissa.gov.in

Sd./-
Executive Engineer
City Division-III, CMC

OIPR-13001/13031/1/25-26/0027



**ODISHA BIGYAN ACADEMY**

No.28001/1/2526:Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards for the **Award Year 2024 based on scientific contributions up to 31st December, 2023.**

**1.Odisha Young Scientists Award working within the State of Odisha Category - Life Sciences**

**2.Odisha Young Scientists Award working within the State of Odisha Category - Physical Sciences**

(Upper age of Young Scientists must not exceed 35 years on 31st December, 2023)

For detailed guidelines and nomination proforma, please log on to Odisha Bigyan Academy website: **www.odishabigyanacademy.nic.in**

The nomination proforma can be downloaded from the above website. Nominations in the duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Odisha Young Scientists Award are required to mention Thomson Reuter Impact Factor against the list of publications and should mention number of total Citations, h index & i 10 index at the top of the publications list.

The last date for receipt of nominations is **05.03.2026 (upto 5.00 pm). Nominations received after due date and time shall not be taken into consideration.**

**Secretary, Odisha Bigyan Academy,**
**B/2, Saheed Nagar, Bhubaneswar-751 007,**

OIPR-28001/28002/1/25-26/0001 **Odisha (INDIA)**



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.4001/24/2526

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**

Bid Identification No.Civil/EST/29/2025-26
TCN No.3143, Dt.03.02.2026

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Construction of Block level Stadium (with Indoor Hall) in Koida Block under Sundargarh District. 2. Value of the Work: Rs.1364.21 Lakhs. 3. Period of Completion: 9 (Nine) Calendar Months. 4. Availability of tender online for Bidding: i. Start Date: 18.00 Hours of dt.18.02.2026. ii. End Date: 17.00 Hours of dt.05.03.2026. iii. Opening Date: 11.30 Hours of dt.06.03.2026.

Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd./-Chief General Manager (Civil)
IDCO, Bhubaneswar

OIPR-4001/4075/1/25-26/0006



**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751 001

Ref.No.OSCB/HRDD/5929/ 2025-26 Date:16.02.2026

**TENDER CALL NOTICE**

No.39001/10/2526: Tenders invited from registered and reputed insurance companies/brokers for Group Health Insurance policy of Employees and their dependents of the Odisha State Cooperative Bank, Pandit Jawaharlal Nehru Marg, Bhubaneswar-751001 by quoting premium for a period of 1 (one) year from 07.03.2026 to 06.03.2027.

The detailed list can be obtained only from the official website www.odishascb.com from 17.02.2026 to 27.02.2026. For any queries, please consult the HRD Department of OSCB in the office hours or through No. 0674-2374194/155/156.

OIPR-39001/39012/1/25-26/0001 Sd./- Managing Director



**OFFICE OF THE NOTIFIED AREA COUNCIL, CHANDBALI**

Pin : 756133 (Odisha)
E-Mail : chandbalin-hud@gov.in/chandbali.nac@gmail.com

LETTER NO - 779 DT : 13.02.2026

**Corrigendum**

**No.13001/270/2526** : In reference to Tender Call Notice No. 297 dtd. 29.01.2026 (Bid Identification No. EO CHANDBALI & Tender ID 2026_ORULB_125196_1) for "Supplying of Cleaning & Sanitation Manpower and Execution of Road Sweeping, Cleaning & other Sanitation Works in all Chandbali NAC",the following changes shall apply to the Clauses as mentioned below:

**Clause 11. on Page 1** ("As per the Works Department Letter No 5984/Dtd. 27.04.2021, it is hereby decided that, no Provisions regarding Bid Security should be kept in the Bid Documents and only provision for "Bid Security Declaration" should be kept") of DTCN is replaced as mentioned below:

**"The Bid Security/EMD shall be paid at the time of submission of proposal by the bidder."**

Clause 14 "The bidder should not have any record of past blacklisting/debarment/termination from any Central Govt./State Govt./Govt. organizations/PSUs." of Page 2 under Eligibility criteria is replaced with the following

**"The bidder should not have any record of blacklisting/debarment/termination from any Central Govt./State Govt./Govt. organizations/PSUs for a period of last 3 year."**

Under **Annexure III** at page no. 16 the term **"recent past"** shall mean **"for a period of last 3 years."** With the above corrigendum Last date for availability of online bid, receiving of bids & date of opening have been extended as detailed below.

| Sl. No. | Parameter | Date & Time as Notified earlier | Extended Date & time |
|---|---|---|---|
| 1 | Date and time for availability of bids "Online" | 10:00 A.M. of 30.01.2026 to 05:30 P.M. of 17.02.2026 | 10.00 A.M. of 30.01.2026 to 05:30 P.M. of 19.02.2026 |
| 2 | Last Date and Time for received of bids "Online" | 17.02.2026 of 05:30 P.M. | 19.02.2026 05:30 P.M. |
| 3 | Date and Time of Opening of bids | 18.02.2026 by 11:00 A.M. | 20.02.2026 by 11:00 A.M. |

All other terms and conditions remain unchanged.

Sd./- Executive Officer
Chandbali NAC

OIPR-13001/13129/1/25-26/0008

# ବିଧାନସଭା ସୁରକ୍ଷାରେ ରହିବେ ବ୍ଲାକ୍ କମାଣ୍ଡୋ

**ବଜେଟ ଅଧିବେଶନ ପାଇଁ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା**

**ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଡିଜିପି, କମିଶନର**

ଭୁବନେଶ୍ୱର,୧୬।୨(ତ୍ରିନାଥ ମହାନ୍ତି)

ବିଧାନସଭା ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପୋଲିସ ଡିଜି ୱାଇବି ଖୁରାନିଆ, ସିପି ଏସ. ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଦିନବେଳେ ସିପି ଏବଂ ଡିସିପି ସୁରକ୍ଷା ଯାଞ୍ଚ କରିଥିବାବେଳେ ସନ୍ଧ୍ୟାରେ ଡିଜିପି ଖୁରାନିଆ ବିଧାନସଭା ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଧିବେଶନ ସମୟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ରହିବ। ଏଥିପାଇଁ ୩୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ ଷ୍ଟ୍ରାଇକିଂ ଫୋର୍ସ, ଏସ୍‌ଟିଫ୍, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍ ଓ ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିବେ। ଏଥର ସୁରକ୍ଷା ବ୍ୟବସ୍ଥାରେ ବ୍ଲାକ୍ କମାଣ୍ଡୋ ସାମିଲ ହୋଇଛନ୍ତି। ସେମାନେ ବିଧାନସଭା ଗେଟ୍ ସମ୍ମୁଖରେ ନିୟୋଜିତ ହେବେ। ଏଥର ସୁରକ୍ଷା ବ୍ୟବସ୍ଥାରେ ସାଇରନ ବାଜିବ। ସାଇରନ୍ ବାଜିବା ମାତ୍ରେ କେଉଁ ଗେଟ୍‌ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ ଏବଂ କାହାର କ'ଣ ଦାୟିତ୍ୱ ରହିବ ସେମାନେ ସାଇରନରୁ ଜାଣିପାରିବେ।

ଡିସିପି ସୁରକ୍ଷା ତଦାରଖ ଦାୟିତ୍ୱରେ ଥିବା ବେଳେ ତାଙ୍କ ଅଧୀନରେ ୮ ଜଣ ଅତିରିକ୍ତ ଡିସିପି, ୨୪ ଏସିପି, ୨୭ ଇନ୍ସପେକ୍ଟର, ୧୧୦ ଏସ୍‌ଆଇ ଓ ଏଏସ୍‌ଆଇ ଦାୟିତ୍ୱରେ ରହିବେ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଖଞ୍ଜାଯାଇଛି। ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ୍ ମଧ୍ୟ ଖୋଲାଯାଇଛି। ଅଧିବେଶନ ଆରମ୍ଭ ପୂର୍ବରୁ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୋଲିସ ଛାଉଣି କରାଯିବା ସହ ବ୍ୟାରିକେଡିଂ କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟ ଭିତରେ ରହିବ ବିଧାନସଭା। ଲୋୟର ପିଏମ୍‌ଜିରେ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଜାରି କରାଯିବ। ସିସିଟିଭି ସର୍ଭେଲାନ୍ସ ଦ୍ୱାରା ବିଧାନସଭା ଓ ତାକୁ ଲାଗି ରହିଥିବା ସଂଲଗ୍ନ ସ୍ଥାନଗୁଡ଼ିକୁ ରଖାଯିବ। ଆହୁରି ମଧ୍ୟ ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଛି। ସେମାନେ ଯେପରି ବିଧାନସଭା ଅଭିମୁଖେ ଯାଇ ନ ପାରିବେ ସେଥିଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯେଉଁମାନେ ଏଭଳି କରିବାକୁ ଉଦ୍ୟମ କରନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିପି ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।



ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସୋମବାର ବିଧାନସଭା ସୁରକ୍ଷା ସ୍ଥିତି ଯାଞ୍ଚ ଅବସରରେ ସୁରକ୍ଷାକର୍ମୀଙ୍କୁ ଉତ୍ସାହିତ କରୁଛନ୍ତି।

# ବିଶ୍ୱର ୪ ବିଶିଷ୍ଟ ବ୍ୟକ୍ତିଙ୍କୁ 'କିଟ୍ ଜୀବନବ୍ୟାପୀ ସାଧନା ପୁରସ୍କାର'



ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଅତିଥିଭାବେ ଯୋଗ ଦେଇଥିବା ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତି।

**କିଟ୍ ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର,୧୬।୨(ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ ସୋମବାର ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅତିଥି ଭାବେ କଲମ୍ୱିଆ ହସ୍‌ପିଟାଲିଟିର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଜନ୍ ଓପେନ୍‌ହାଇମର୍, କଲମ୍ବୋ ହୁନୁପିଟିଆ ଗଙ୍ଗାରାମାୟ ମନ୍ଦିରର ମୁଖ୍ୟ ପଦାଧିକାରୀ ଡ. କିରିଣ୍ଡେ ଆସାଜି ନାୟକ ଥେରୋ, ଦି ପ୍ରିଣ୍ଟର୍ସ (ମହୀଶୂର) ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଏବଂ ପ୍ରେସ୍ ଟ୍ରଷ୍ଟ ଅଫ ଇଣ୍ଡିଆ ବୋର୍ଡର ପୂର୍ବତନ ନିର୍ଦ୍ଦେଶକ କେ.ଏନ୍. ଶାନ୍ତ କୁମାର ଏବଂ ତିବ୍ବତୀୟ ବୌଦ୍ଧ ଧର୍ମଗୁରୁ ତଥା ସ୍ୱିଜରଲ୍ୟାଣ୍ଡସ୍ଥିତ ରିପା ଇଣ୍ଟରନ୍ୟାଶନାଲ ସେଣ୍ଟରର ଆଧ୍ୟାତ୍ମିକ ନିର୍ଦ୍ଦେଶକ ଗେଟରୁଲ୍ ଜିଗ୍‌ମେ ରିନ୍‌ପୋଚେ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା ଦିବସ ବକ୍ତୃତ ପ୍ରଦାନ କରିଥିଲେ। ଏହି ଅବସରରେ ସେମାନଙ୍କୁ 'କିଟ୍ ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯାଇଥିଲା। ଓପେନ୍‌ହାଇମର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ କହିଲେ, ନିଜ ସମ୍ପ୍ରଦାୟ, ପରିବାର, ଦେଶ ଓ ବିଶ୍ୱକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଏବଂ ଅବଦାନ ଦେବାର ସୁଯୋଗ ଛାତ୍ରୀଛାତ୍ରଙ୍କ ନିକଟରେ ରହିଛି। ସେମାନେ ନିଜ ହୃଦୟକୁ ଅନୁସରଣ କରିବା ଉଚିତ। କାରଣ ହୃଦୟ ନିଜ ଲକ୍ଷ୍ୟ ସହିତ ଯୋଡି ରଖିବା ସହ ନିଷ୍ପତ୍ତି ନେବା ସହଜ କରିଦିଏ। ବିଶିଷ୍ଟ ସାମ୍ବାଦିକ କେ.ଏନ୍. ଶାନ୍ତ କୁମାର କହିଲେ, କିଟ କେବଳ ଅନୁଷ୍ଠାନ ନୁହେଁ, ଏହା ଏକ ଦୃଷ୍ଟିକୋଣ। ସାମ୍ବାଦିକତାରେ ଚାରି ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତାରୁ ସେ କହିଲେ, ଗଣମାଧ୍ୟମର ଦୃଶ୍ୟପଟ ନାଟକୀୟ ଭାବରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଏହାର ମୌଳିକ ମୂଳଦୁଆ ସ୍ଥିର ରହିଛି। ଆଜି, ପ୍ରତ୍ୟେକ ମିନିଟରେ ଖବର ପ୍ରକାଶ ପାଏ। ମାତ୍ର ସତ୍ୟ, ବିଶ୍ୱସନୀୟତା, ଯାଞ୍ଚ ଓ ନୈତିକ ଖବର ପରିବେଷଣ କରିବା ସାମ୍ବାଦିକତାର ମୂଳଦୁଆ ହୋଇ ରହିଛି ବୋଲି ସେ କହିଥିଲେ। ଡ. କିରିଣ୍ଡେ ଆସାଜି ନାୟକ ଥେରୋ କିଟ୍‌ର ପ୍ରତିଷ୍ଠା ଦିବସକୁ ଇତିହାସର ଆଧ୍ୟାତ୍ମିକ ପୁନର୍ମିଳନ ଭାବରେ ବର୍ଣ୍ଣନା କରିଥିଲେ। ରିନ୍‌ପୋଚେ କହିଲେ, ସଫଳତା ହାସଲ କରୁଥିବା ଅନେକ ଲୋକ ଅଛନ୍ତି, କିନ୍ତୁ ବହୁତ କମ୍ ଲୋକ ନମ୍ର ହୋଇ ରୁହନ୍ତି। ତେବେ କିଟ୍ ପକ୍ଷରୁ ମିଳିଥିବା ସମ୍ମାନ ମୋ ପାଇଁ ପ୍ରକୃତ ସଫଳତା ବୋଲି ସେ କହିଥିଲେ। ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ନୀରବ, ଦୃଢ଼, ସଂକଳ୍ପ ଓ ଏକ ଦୂରଦୃଷ୍ଟି ସହିତ କିଟ୍‌ର ଯାତ୍ରା ଆରମ୍ଭ ହୋଇଥିଲା। ଏହାକୁ ପଛକୁ ଫେରି ଚାହିଁ ଦେଖିଲେ, ଆମେ ଯାହା କିଛି ସଫଳତା ହାସଲ କରିଛୁ ତାହା କିଟ, କିସ୍ ଓ କିମ୍‌ସର କର୍ମଚାରୀ, ଛାତ୍ରଛାତ୍ରୀଙ୍କ ମିଳିତ ପ୍ରୟାସ ଯୋଗୁ ହିଁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ।

# ଆଜି ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ

ଭୁବନେଶ୍ୱର,୧୬।୨
(ସୁଚିସ୍ମିତା ସାହୁ)

**ଭାରତରେ ଦୃଶ୍ୟମାନ ହେବ ନାହିଁ**

ବର୍ଷର ପ୍ରଥମ ବଳୟ ସୂର୍ଯ୍ୟୋପରାଗ ମଙ୍ଗଳବାର ସଙ୍ଗଠିତ ହେବ। ଆଫ୍ରିକାର ଦକ୍ଷିଣ ପାର୍ଶ୍ୱ, ଦକ୍ଷିଣ ଆମେରିକାର ଦକ୍ଷିଣ ପାର୍ଶ୍ୱ, ପ୍ରଶାନ୍ତ ମହାସାଗର, ଆଟ୍‌ଲାଣ୍ଟିକ ଓ ଭାରତ ମହାସାଗରର କିଛି ଅଞ୍ଚଳରେ ଆଂଶିକ ସୂର୍ଯ୍ୟୋପରାଗ ଦେଖିବାକୁ ମିଳିବ। ଭାରତୀୟ ସମୟ ଅନୁସାରେ ଅପରାହ୍ନ ୩ଟା ୨୬ରୁ ପରାଗ ଆରମ୍ଭ ହେବ ଓ ଅପରାହ୍ନ ୫ଟା ୪୨ରେ ସର୍ବାଧିକ ଗ୍ରହଣ ଦେଖିବାକୁ ମିଳିବ। ଭାରତୀୟ ସମୟ ସନ୍ଧ୍ୟା ୭ ଟା ୫୭ରେ ଗ୍ରହଣ ଶେଷ ହେବ। ତେବେ ଭାରତ ଏବଂ ଓଡ଼ିଶାରେ ସୂର୍ଯ୍ୟୋପରାଗ ଦୃଶ୍ୟମାନ ହେବନାହିଁ। ତେବେ ଆସନ୍ତା ମାର୍ଚ୍ଚ ୨ ରାତିରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବ। ଏହା ଖୁବ୍ ଅଳ୍ପ ସମୟ ପାଇଁ ସମଗ୍ର ଭାରତରେ ଆଂଶିକ ଭାବେ ଦେଖାଯିବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଆଶଙ୍କାରେ ହାଣ୍ଡିଭଙ୍ଗା ଯାତ୍ରା

ପୁରୁଣା ଭୁବନେଶ୍ୱର,୧୬।୨
(ସୁବାସ ଚନ୍ଦ୍ର ପ୍ରଧାନ)

**ଶ୍ରୀଲିଙ୍ଗରାଜ ମନ୍ଦିର**



ଚଳିତ ବର୍ଷ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗରଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ତେବେ ମହାଶିବରାତ୍ରି ଯିବାର ପ୍ରଥମ ଶନିବାର ଠାକୁରଙ୍କ ହାଣ୍ଡିଭଙ୍ଗା ଯାତ୍ରା ୨୦୧୪ ମସିହାରୁ ବନ୍ଦ ରହିଛି। କପିଳେଶ୍ୱର ମନ୍ଦିରରେ ମଳିଆ ଏବଂ ଖୁଣ୍ଟିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁ ଶ୍ରୀଲିଙ୍ଗରାଜଙ୍କ ୯୦୦ବର୍ଷର ହାଣ୍ଡି ଭଙ୍ଗା ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ଅବହେଳା ଯୋଗୁ ଏପର୍ଯ୍ୟନ୍ତ ଠାକୁରଙ୍କ ଏହି ପରମ୍ପରାରେ ସୁଧାର ଆସି ପାରିନାହିଁ। ତେବେ ଚଳିତ ବର୍ଷ ହାଣ୍ଡି ଭଙ୍ଗା ଯାତ୍ରା ହେବ କି ନାହିଁ ସେନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଏନେଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଏଡିଏମ୍ ରମେଶ ଚନ୍ଦ୍ର ଜେନା କହିଛନ୍ତି, ହାଣ୍ଡି ଭଙ୍ଗା ଯାତ୍ରାକୁ ନେଇ ମଙ୍ଗଳବାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ହାଣ୍ଡି ଭଙ୍ଗା ଯାତ୍ରାରେ ସୁଧାର ଆଣିବାକୁ ଚେଷ୍ଟା ଚାଲିଛି ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଦୀପା



@ ଜୟପ୍ରକାଶ



@ ରାକେଶ



@ ସୂର୍ଯ୍ୟକାନ୍ତ



@ ସୂର୍ଯ୍ୟପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମନ୍ଦିରକୁ ନେଇ ୨ ଗାଁ ମଧ୍ୟରେ ସଂଘର୍ଷ



ସଂଘର୍ଷରେ ଆହତ ବ୍ୟକ୍ତିମାନେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

**୨୨ ଆହତ, ପୋଲିସ ମୁତୟନ**

ସାକ୍ଷୀଗୋପାଳ,୧୬।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ମୂଳଅଲସା ଗ୍ରାମପଞ୍ଚାୟତର ବଗୁଲାପାରି ଓ ତେନ୍ତୁଳିଆ ଗ୍ରାମର ଗ୍ରାମଦେବୀ ନାରାୟଣୀ ଠାକୁରାଣୀଙ୍କ ମନ୍ଦିରକୁ ନେଇ ଦୀର୍ଘଦିନ ଧରି ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଲାଗିରହିଥିବା ବିବାଦ ସୋମବାର ଉଗ୍ରରୂପ ନେଇଛି। ସନ୍ଧ୍ୟାରେ ମନ୍ଦିର ନିକଟରେ ଏହି ଦୁଇ ଗ୍ରାମର ଲୋକଙ୍କ ମଧ୍ୟରେ ବଚସାରୁ ଟେକା ପଥର ମାଡ଼ ସହ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୨୨ ଜଣ ଆହତ ହୋଇଛନ୍ତି। ଗ୍ରାମରେ ଉତ୍ତେଜନା ଲାଗିରହିଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ୫ ଜଣଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି।

ସୂଚନା ଅନୁଯାୟୀ, ସନ୍ଧ୍ୟାରେ ତେନ୍ତୁଳିଆ ଗ୍ରାମର ମହିଳାମାନେ ମା' ନାରାୟଣୀ ମନ୍ଦିରକୁ ଦୀପ ଜଳାଇବା ନିମନ୍ତେ ଯାଇଥିଲେ। ଏହାକୁ ବଗୁଲାପାରି ଗ୍ରାମବାସୀ ବିରୋଧ କରିଥିଲେ। ଏପରିକି ସେମାନେ ତେନ୍ତୁଳିଆ ଗ୍ରାମର ସିଲୁନା ସାହୁ (୨୮)ଙ୍କୁ ଉଠାଇ ନେଇଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହେବା ହୋଇଥିଲା। ଉଭୟ ପକ୍ଷ ପରସ୍ପରକୁ ଟେକାପଥର ଓ କାଠଫାଳିଆ ମାଡ଼ ସାଙ୍ଗକୁ ଠେଙ୍ଗା, ଲୁହାପାଇପ୍, ଲୁହାରଡ଼ରେ ଆକ୍ରମଣ କରିଥିଲେ। ଏଥିରେ ତେନ୍ତୁଳିଆ ଗ୍ରାମର ଗଦାଧର ବେହେରା (୫୨), ବିକ୍ରମ ପରିଡା (୩୯), ଅପର୍ତ୍ତି ବେହେରା (୪୨), ପ୍ରମୋଦ ପରିଡା, (୪୪) କାଞ୍ଚିକା କାବେରୀ ସାହୁ (୩୭), ସୁଦର୍ଶନ ବେହେରା (୫୫), ଚଞ୍ଚଳା ବେହେରା (୪୭), ସିଲୁ ସାହୁ (୨୮), ରଞ୍ଜନ କୁମାର ଜେନା (୧୬), ସୀତା ପ୍ରଧାନ (୪୭) ଏବଂ ବାବୁନା ଭଞ୍ଜ (୨୮) ଆହତ ହୋଇଛନ୍ତି। ସେହିପରି ବଗୁଲାପାରି ଗ୍ରାମର ୧୧ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ଆହତମାନଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ଥିବାରୁ ୨ଜଣଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଠାକୁରଙ୍କ ରୋଷଘର କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଆହତମାନଙ୍କୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅନ୍ୟ କେତେଜଣ ଆହତ ଚନ୍ଦନପୁର ଓ ପୁରୀକୁ ଚିକିତ୍ସା ପାଇଁ ଯାଇଥିଲେ। ଉତ୍ତେଜନା ଯୋଗୁ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ଉଲ୍ଲେଖ ଥାଉ କି, ବଗୁଲାପାରି ଗ୍ରାମମୁଣ୍ଡରେ ଥିବା ନାରାୟଣୀ ଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନାକୁ ନେଇ ପୂର୍ବରୁ ମଧ୍ୟ ବିବାଦ ସୃଷ୍ଟି ହୋଇଥିଲା। କିଛିଦିନ ତଳେ ଏହି ବିବାଦକୁ ନେଇ ଉଭୟ ଗ୍ରାମବାସୀ ସତ୍ୟବାଦୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଉଭୟ ପକ୍ଷ ଗଣ୍ଡଗୋଳ ନ କରିବାକୁ ପୋଲିସ ଉପସ୍ଥିତିରେ ଆଲୋଚନା କରାଯାଇଥିଲା।

# କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଶେଷକୃତ୍ୟ ସମ୍ପନ୍ନ

କଟକ,୧୬।୨(କାର୍ତ୍ତିକ ସାହୁ)

**୩ ଘଣ୍ଟାର ଅପେକ୍ଷା, ଦିଆଗଲାନି ଗାର୍ଡ ଅଫ୍ ଅନର**

ଓଡ଼ିଆ ସଙ୍ଗୀତ ଜଗତର ସୁନାମଧନ୍ୟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଶେଷକୃତ୍ୟ ସତୀଚଉରା ଶ୍ମଶାନରେ ସୋମବାର ସମ୍ପନ୍ନ ହୋଇଛି। ତାଙ୍କ ସମ୍ପର୍କୀୟ ଭାଇ ସାରଦା ପାତ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ପଟ୍ଟନାୟକଙ୍କୁ ସରକାରୀ ଭାବେ ଗାର୍ଡ ଅଫ୍ ଅନର ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ପ୍ରାୟ ୩ ଘଣ୍ଟା ଅପେକ୍ଷା ପରେ ବି ତାଙ୍କୁ ସେହି ଶେଷ ସମ୍ମାନ ଦିଆଯାଇପାରି ନ ଥିଲା। ଏତେ ସମୟ ଅପେକ୍ଷା ପରେ ଗାର୍ଡ ଅଫ୍ ଅନର ଦିଆଯିବନି ବୋଲି କୁହାଯିବାରୁ ଶେଷକୃତ୍ୟରେ ଉପସ୍ଥିତ ବ୍ୟକ୍ତିମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ସୂଚନାନୁସାରେ, ସ୍ୱର୍ଗତା ପଟ୍ଟନାୟକଙ୍କ ମରଶରୀରକୁ କାଫଲାବଜାର ମହାନ୍ତିପଡ଼ାସ୍ଥିତ ବାସଭବନରୁ ଶୋଭାଯାତ୍ରାରେ ସତୀଚଉରା ଶ୍ମଶାନ ଯାଏ ଅଣାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମେୟର ସୁବାସ ସିଂ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ଗୀତିକାର ଶୀର୍ଷାନନ୍ଦ ଦାସକାନୁନଗୋ, କଣ୍ଠଶିଳ୍ପୀ ତୃପ୍ତି ଦାସ, ସ୍ୱାମୀ କ୍ରିଷ୍ଣା ଗୋପାଳ ବାତ୍ରା, ଭିଶୋଇ ପ୍ରଦୋଷ ପଟ୍ଟନାୟକ, କ୍ୟାମେରାମ୍ୟାନ ଅଶୋକ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ଗୀତା ପଟ୍ଟନାୟକଙ୍କର ମସ୍ତିଷ୍କାଘାତ ଯୋଗୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୭୩ ବର୍ଷ ବୟସରେ ରବିବାର ସନ୍ଧ୍ୟା ପ୍ରାୟ ୬ଟା ୧୮ ମିନିଟ୍ ସମୟରେ ପରଲୋକ ଘଟିଥିଲା। ଓଡ଼ିଆ ସିନେ ଜଗତର ଜଣେ ପ୍ରତିଷ୍ଠିତ ପ୍ରଚ୍ଛଦପଟ ଗାୟିକା ଭାବେ ସେ ଓଡ଼ିଶା ସମେତ ଦେଶ ବିଦେଶରେ ସୁପରିଚିତ ଥିଲେ।



କଟକ ସତୀଚଉରା ଶ୍ମଶାନରେ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି।

# ୧୭୦ ବୋତଲ କଫ୍‌ସିରପ୍ ଜବତ, ମହିଳାଙ୍କ ସମେତ ୩ ଗିରଫ

**ବାଇକ୍, ମୋବାଇଲ ଫୋନ ଜବତ**

ଖୋର୍ଦ୍ଧା,୧୬।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଅବକାରୀ ୟୁନିଟ୍ ପୃଥକ ଭାବେ ଚଢ଼ାଉ କରି ୧୭୦ ବୋତଲ କଫ୍‌ସିରପ୍ ଜବତ କରିଥିବା ବେଳେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଆଇଣ୍ଠ ଥାନା ଅନ୍ତର୍ଗତ ପଲ୍ଲା ମଣ୍ଡିସାହିର ମୋନାଲିସା ସାହୁ(୨୯), ଶ୍ୱଶୁର ବିଜୟ ସାହୁ ଏବଂ ତାଙ୍କ ସହଯୋଗୀ ତ୍ରିନାଥ ସାହୁ(୪୦)। ତେବେ ମୋନାଲିସାଙ୍କ ସ୍ୱାମୀ ରଞ୍ଜିତ୍ ସାହୁ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ଗୋଟିଏ ବାଇକ୍(ଓଡି ୦୨ଏମ୍ ୯୬୮୨) ଏବଂ ମୋବାଇଲ ଫୋନ ଜବତ କରାଯାଇଛି। କୋଡେନ୍ ଫସ୍‌ଫେଟଯୁକ୍ତ କଫ୍‌ସିରପ ବିକ୍ରି ଅଭିଯୋଗରେ ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଅବକାରୀ ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ କହିଛନ୍ତି।



ଜବତ କଫ୍‌ସିରପ ସହ ଗିରଫ ୩ ଅଭିଯୁକ୍ତ।

ସୂଚନା ମୁତାବକ, ରବିବାର ମହାଶିବରାତ୍ରି ପାଇଁ ସବୁଆଡ଼େ ଉତ୍ସାହର ମାହୋଲ ରହିଥିବା ବେଳେ ପଲ୍ଲାରେ କଫ୍‌ସିରପ ବିକ୍ରି ଚାଲିଥିବା ଖବରପାଇ ଅବକାରୀ ବିଭାଗର ଏକ ୟୁନିଟ୍ ଚଢ଼ାଉ କରିଥିଲା। ଏହି ସମୟରେ ମୋନାଲିସା ଘର ପଛପଟେ ଲୁଚାଇ ରଖିଥିବା ୫୦ ବୋତଲ କଫ୍‌ସିରପ୍ ଜବତ ହୋଇଥିଲା। ତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ କଂଟା ଛକରେ ଥିବା ଜଳଖିଆ ଦୋକାନରେ ଚଢ଼ାଉ ସମୟରେ ଶ୍ୱଶୁର ବିଜୟ ଏବଂ ସହଯୋଗୀ ତ୍ରିନାଥଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୧୨୦ ବୋତଲ କଫ୍‌ସିରପ୍ ଜବତ କରିଥିଲେ। ତେବେ ଚଢ଼ାଉ ସମୟରେ ସ୍ୱାମୀ ରଞ୍ଜିତ ଫେରାର ହୋଇଯାଇଥିଲେ। ଏହି ଚଢ଼ାଉରେ ମୋବାଇଲ ୟୁନିଟ ଆଇଆଇସି ତପସ୍ୱିନୀ ବରାଳ, ଏସ୍ଆଇ ମିତ୍ରବିନ୍ଦ ପରିଡ଼ା, କନ୍‌ଷ୍ଟେବଲ ସଞ୍ଜୟ କୁମାର ରାଉତ, ଏଏସ୍ଆଇ ଜିତେନ୍ଦ୍ର ହେମ୍ବ୍ରମ, ସଦାନନ୍ଦ ମାଝି, ବିକାଶ ଚନ୍ଦ୍ର ରାଉତ, ଟୁଟୁ ସାହୁ, ସାନନ୍ଦ କୁଅଁର, ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ।

# ଆର୍‌ଡିଏକ୍ସ ଭଳି ରାସାୟନିକ ପଦାର୍ଥ ବ୍ୟବହାର ସୂଚନା

**ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣା**

- ସୋସିଆଲ ମିଡିଆରେ ଭାଇରାଲ ହେଉଛି ଛାତିଥରା ବିସ୍ଫୋରଣ ଭିଡିଓ
- ରାଜ୍ୟ ବାହାର ଲିଙ୍କ୍ ଆଶଙ୍କାରେ ହେବ ଆକାଉଣ୍ଟ ଲିଙ୍କ୍
- ଶେହନୱାଜ, ତାଙ୍କ ମା'ଙ୍କ ମୃତ୍ୟୁ ପରେ ମିଳୁନି ତଥ୍ୟ

ଭୁବନେଶ୍ୱର,୧୬।୨ (ତ୍ରିନାଥ ମହାନ୍ତି)



ସୁନ୍ଦରପଦା ଆଜାଦନଗରରେ ଗତ ୨୭ତାରିଖରେ ହୋଇଥିବା ବିସ୍ଫୋରଣରେ ଆର୍‌ଡିଏକ୍ସ ଭଳି କୌଣସି ରାସାୟନିକ ପଦାର୍ଥ ବ୍ୟବହାର ହୋଇଥିଲା। ଏନ୍ଆଇଏ ବିସ୍ଫୋରଣସ୍ଥଳ ଛାତ ଉପରେ ଯାଞ୍ଚ କରିବା ପରେ ରାସାୟନିକ ପଦାର୍ଥ ମିଳିଥିବା ଜଣାପଡ଼ିଛି। ଏହି ପଦାର୍ଥ ମୃତ ଶେହନୱାଜ ମଲ୍ଲିକ ଓରଫ ମୁଫି କେଉଁଠୁ ଆଣିଥିଲେ ତାହା ସନ୍ଦେହ ଘେରକୁ ଆସିଛି। ଏନ୍ଆଇଏ ଏବଂ ପୋଲିସ ସେହି ଦିଗକୁ ନେଇ ତଦନ୍ତ କରୁଥିଲେ ମଧ୍ୟ କିଛି ସୁରାକ ପାଉ ନାହାନ୍ତି। କାରଣ ଚିକିତ୍ସାଧୀନ ଅବସ୍ଥାରେ ମୁଫି ଏବଂ ତାଙ୍କ ମା' ଲିଜାତୁନ ବିବିଙ୍କ ମୃତ୍ୟୁ ଘଟିଥିବାବେଳେ ଚିକିତ୍ସାଧୀନ ମୁଫିଙ୍କ ବାନ୍ଧବୀ ଏବଂ ସହଯୋଗୀଙ୍କୁ ଏନ୍ଆଇଏ ଜେରା କରିଥିଲେ ମଧ୍ୟ ସେମାନେ ଏ ସମ୍ପର୍କରେ କିଛି ଜାଣି ନ ଥିବା କହୁଛନ୍ତି। ଆରଡିଏକ୍ସ ଭଳି ପଦାର୍ଥ ଲିଙ୍କ୍ ଆସିବା ପରେ ରାଜ୍ୟ ବାହାର ଲିଙ୍କ୍ ଆଶଙ୍କାରେ ମୁଫିଙ୍କ ପରିବାର ସଦସ୍ୟଙ୍କ ଆକାଉଣ୍ଟ ଯାଞ୍ଚ କରାଯିବ ବୋଲି ଏନ୍ଆଇଏର ଜଣେ ଅଧିକାରୀ କହିଛନ୍ତି।

ଅନ୍ୟପଟରେ ସୁନ୍ଦରପଦା ଆଜାଦନଗର ବିସ୍ଫୋରଣର ସିସିଟିଭି ଫୁଟେଜ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ୩ଟି ପାଣିଟାଙ୍କି ପଛରେ ୪ଜଣ ରହିଥିବାବେଳେ ବୋମା ମୁଫି ଭିଡୁଥିଲେ। ମୁଫିଙ୍କ ମା' ମଝିରେ ମଝିରେ ଏଣେତେଣେ ଅନାଉଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳୁଛି। ଏହାପରେ ଟ୍ରେନ୍ ଯିବା ଶବ୍ଦ ଶୁଭିବା ପରେ ୧୪ଟା ୪୫ ମିନିଟ ୫୫ ସେକେଣ୍ଡରେ ଭୟଙ୍କର ବିସ୍ଫୋରଣ ହେଉଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ପାଣିଟାଙ୍କି ପଛପଟ ଧୂଆଁମୟ ହୋଇଯାଇଥିଲା। ଏହାପରେ ମୁଫିଙ୍କ ହାତ ଛିଣ୍ଡି ଯାଇଥିବାବେଳେ ଗୋଡରୁ ମାଂସ ଉଡ଼ି ପଳାଇଥିଲା। ନିଆଁ ଲାଗିଥିବା ଅବସ୍ଥାରେ ସେ ପାଣିଟାଙ୍କି ଆଗକୁ ଆସି ବସିପଡ଼ି ପାଣି ଖୋଲିଦେଇଥିଲେ। ସେହି ସମୟରେ ମୁଫିଙ୍କ ମା' ନିଆଁଲଗା ଅବସ୍ଥାରେ ଦୌଡ଼ି ଆସିବା ସମୟରେ ମୁଫି ତାଙ୍କ ଦେହରୁ କପଡ଼ା କାଢ଼ି ଦେଇଥିଲେ। ମୁଫିଙ୍କ ବାନ୍ଧବୀ ଚିତ୍କାର କରି ତାଙ୍କ ନିକଟକୁ ଆସିବାପରେ ସେ ତାଙ୍କୁ ପାଣି ଟ୍ୟାପ୍ ଖୋଲିବାକୁ କହୁଥିବା ଭିଡିଓରେ ଦେଖିବାକୁ ମିଳିଛି।

ତେବେ ବିସ୍ଫୋରଣସ୍ଥଳରୁ ଆର୍‌ଡିଏକ୍ସ ଭଳି ରାସାୟନିକ ପଦାର୍ଥ ମିଳିଥିବାରୁ କୌଣସି ସ୍ଥାନରେ ବଡ଼ ବିସ୍ଫୋରଣ ପାଇଁ ମୁଫି ଯୋଜନା କରୁଥିବାନେଇ ଆଶଙ୍କା କରାଯାଉଛି। ହତ୍ୟା ଉଦ୍ୟମ, ବେଆଇନ ଅସ୍ତ୍ରଶସ୍ତ୍ର ଭଳି ସଙ୍ଗିନ ମାମଲା ରହିଛି ମୁଫିଙ୍କ ବିରୋଧରେ। ଆଉ ଏବେ ବିସ୍ଫୋରଣର ତୀବ୍ରତା ସହ ଆର୍‌ଡିଏକ୍ସ ଭଳି ସନ୍ଦିଗ୍ଧ ପଦାର୍ଥର ଲିଙ୍କ୍ ସାମ୍ନାକୁ ଆସିଛି। ଗତ ୪ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ମୁଫିଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ ତାରିଖରେ ୫୧ ବର୍ଷୀୟା ମା' ଲିଜାତୁନ ବିବିଙ୍କ ମୃତ୍ୟୁ ଘଟିଛି। ବିସ୍ଫୋରଣବେଳେ ଉପସ୍ଥିତ ଥିବା ମୁଫିଙ୍କ ବାନ୍ଧବୀ ତୃପ୍ତିମୟୀ ମହଲା ଏବଂ ସହଯୋଗୀ ଅମିୟ ମଲ୍ଲିକ ଚିକିତ୍ସାଧୀନ ଅଛନ୍ତି। ଘଟଣା ଦିନ ବିସ୍ଫୋରଣର ପ୍ରଭାବ ଏତେ ଭୟଙ୍କର ଥିଲା ଯେ, ସ୍ଥାନୀୟ ଅଞ୍ଚଳ ଥରହର ହୋଇଥିଲା।

# ନକଲି ମାଓବାଦୀ ଆତ୍ମସମର୍ପଣ ଯୋଜନା ପଣ୍ଡ, ୪ ଗିରଫ

ରାୟଗଡ଼ା,୧୬।୨ (ଆଶିଷ ରଞ୍ଜନ ପଣ୍ଡା)

ମାଓବାଦୀଙ୍କ ନାଁରେ ପୋଷ୍ଟର ମାରିବା ଏବଂ ନକଲି ମାଓବାଦୀଙ୍କୁ ଆତ୍ମସମର୍ପଣ କରାଇ ସରକାରୀ ଅର୍ଥ ଲୁଟ ପାଇଁ ଉଦ୍ୟମ କରିବା ଘଟଣାରେ ରାୟଗଡ଼ା ପୋଲିସ ରବିବାର ୱେବ୍ ଖବରଦାତା ରଞ୍ଜୁ ଓରଫ୍ ଅନୁବ୍ରତ ବାରା ଓ ବଳି ମାଝିଙ୍କୁ ଗିରଫ କରିଥିଲା। ଏହି ଘଟଣାର ଅଧିକା ତଦନ୍ତ କରି ସେମାନଙ୍କ ଆଉ ୨ ସାଥୀ ବିଷମକଟକ ଥାନା ଅର୍ନ୍ତଗତ ସୀମାଞ୍ଚଳ କୁଟୁକା ଏବଂ ଆପନା ମାଣ୍ଡାଙ୍ଗି ଓରଫ୍ ମାଣ୍ଡିକାଙ୍କୁ ସୋମବାର ଗିରଫ କରିଥିବା ଜିଲା ପୋଲିସ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ୱାଥି ଏସ୍.କୁମାର ସୂଚନା ଦେଇଛନ୍ତି।

# ହୋଟେଲ ମାଲିକଙ୍କୁ ହତ୍ୟା

ସିମୁଳିଆ, ୧୬।୨ (ସନ୍ତୋଷ ନାୟକ)

ମହାଶିବରାତ୍ରି ଲାଗି ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡିଥିବା ବେଳେ ରବିବାର ବିଳମ୍ବିତ ରାତିରେ ଘଟିଛି ଏକ ବୀଭତ୍ସ ହତ୍ୟାକାଣ୍ଡ। ବାଲେଶ୍ୱର ଜିଲା ଜାମୁଝାଡ଼ି ଛକ ନିକଟସ୍ଥ ୧୬ନଂ. ଜାତୀୟ ରାଜପଥ କଡ଼ରେ ଥିବା ଏକ ହୋଟେଲ ମାଲିକଙ୍କୁ ହତ୍ୟା କରାଯାଇଛି। ଶିବରାତ୍ରି ପାଇଁ ହୋଟେଲ ବନ୍ଦ ରହିଥିବା ବେଳେ ଏହି କାଣ୍ଡ ଘଟିଛି। ତେବେ ହତ୍ୟାକାଣ୍ଡ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ସିମୁଳିଆ ଥାନାଠାରୁ ୩କି.ମି. ଦୂରରେ ରହିଛି ଗଜେନ୍ଦ୍ର ପଣ୍ଡା (୫୮)ଙ୍କ ଜୟ ମା' ଦୁର୍ଗା ହୋଟେଲ। ଶିବରାତ୍ରି ପାଇଁ କର୍ମଚାରୀମାନେ ଛୁଟିରେ ଥିଲେ। ଗଜେନ୍ଦ୍ର ଏକାକୀ ହୋଟେଲ ପରିସରରେ ଥିବା ରୁମ୍‌ରେ ରହିଥିଲେ। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ହୋଟେଲରେ ପଶି ଗଜେନ୍ଦ୍ରଙ୍କୁ ଶୋଇଥିବା ଅବସ୍ଥାରେ ହତ୍ୟା କରିଛନ୍ତି। ତାଙ୍କ ମୁଣ୍ଡ ଓ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଛି। ଏପରିକି ହୋଟେଲ ମାଲିକଙ୍କ ସ୍କୁଟିକୁ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ସୋମବାର ସକାଳୁ ହୋଟେଲ୍ କର୍ମଚାରୀ ଆସିବା ବେଳକୁ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ପୋଲିସକୁ ଖବର ଦେବା ପରେ ସିମୁଳିଆ ଥାନାଧିକାରୀ ଦେବରାଜ ଜେନା ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଛନ୍ତି। ଏହି ହୋଟେଲରେ କାର୍ଯ୍ୟ କରୁଥିବା ୨ ଜଣ କର୍ମଚାରୀଙ୍କୁ ପଚରାଉଚରା ପରେ ପୋଲିସ ସେମାନଙ୍କୁ ଛାଡ଼ିଦେଇଛି। ଏ ସମ୍ପର୍କରେ ଗଜେନ୍ଦ୍ରଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. (୫୬/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମାର୍କୋଣା ଡାକବଙ୍ଗଳା ନିକଟରେ ଥିବା କାଳିକା ହୋଟେଲ୍‌କୁ ଗଜେନ୍ଦ୍ର ଲିଜ୍ ସୂତ୍ରରେ ଚଳାଉଥିଲେ। ସେଠାରେ ହୋଟେଲକୁ ବନ୍ଦ କରି ୨ମାସ ପୂର୍ବରୁ ଏହି ହୋଟେଲ୍‌କୁ ପୁଣି ଲିଜ୍‌ରେ ନେଇ ବ୍ୟବସାୟ କରୁଥିଲେ। ତେବେ ସେ ବହୁ ଟଙ୍କା ଧାରକରଜ କରି ଋଣରେ ବୁଡ଼ି ରହିଥିବା ଜଣାପଡ଼ିଛି। ଧାରକରଜ ଟଙ୍କାକୁ କେନ୍ଦ୍ରକରି କିମ୍ବା ଅନ୍ୟ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି, ବିଭିନ୍ନ ଦିଗକୁ ନେଇ ପୋଲିସ ଖୋଳତାଡ଼ କରୁଛି। ତେବେ ହତ୍ୟାକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଜେନା ସୂଚନା ଦେଇଛନ୍ତି।

# ମେଡିକାଲରୁ ଜେଲ ଫେରିଲେ ବିକ୍ରମ

**ସୁସ୍ଥ ନ ହେଉଣୁ ଛାଡ଼ି ଦିଆଯାଇଥିବା ଅଭିଯୋଗ**

ବ୍ରହ୍ମପୁର,୧୬।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ସୋମବାର ଏମ୍‌କେସିଜି ମେଡିକାଲରୁ ଡିସଚାର୍ଜ କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସି ନ ଥିବା ବେଳେ ଜୋର ଜବରଦସ୍ତ ଡିସଚାର୍ଜ କରି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏମ୍‌କେସିଜି ମେଡିକାଲରୁ ବିକ୍ରମଙ୍କୁ ପୁଣି ଥରେ ବ୍ରହ୍ମପୁର ମଣ୍ଡଳ କାରଗାରକୁ ପଠାଇ ଦିଆଯାଇଛି। ଏହି ଅମାନବୀୟ କାର୍ଯ୍ୟକଳାପକୁ ନେଇ ପରିବାର ଲୋକେ କୋର୍ଟଙ୍କ ଆଶ୍ରୟ ନେବେ ବୋଲି କହିଛନ୍ତି। ଜେଲରେ ଥିବା ସମୟରେ ବିକ୍ରମଙ୍କ ପେଟରେ ଯନ୍ତ୍ରଣା ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପାଇଁ ଏକ ବିଶେଷଜ୍ଞ ଡାକ୍ତରୀ ଟିମ ଗଠନ କରାଯାଇଥିଲା। ବିକ୍ରମଙ୍କ ଗଲ୍ ବ୍ଲାଡର୍ ଷ୍ଟୋନ ଏବଂ ପାଇଲ୍ସ ଭଳି ସମସ୍ୟା ଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଥିଲା। ସୋମବାର ମେଡିକାଲ ପକ୍ଷରୁ ବିକ୍ରମଙ୍କ ଅସ୍ତ୍ରୋପଚାର ପାଇଁ ତାଙ୍କ ଅନୁମତି ଲୋଡ଼ା ଯାଇଥିଲା। ୧ ଘଣ୍ଟା ଭିତରେ ପରିବାର ଲୋକଙ୍କ ସହ କଥା ହୋଇ ଜଣାଇବି ବୋଲି ବିକ୍ରମ କହିଥିଲେ। ହେଲେ ହଠାତ୍ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରି ଦିଆଯାଇଥିଲା। ଏ ନେଇ ଏମ୍‌କେସିଜି ସୁପରିଣ୍ଟେଣ୍ଡେଣ୍ଟ ଡା. ଦୁର୍ଗାମାଧବ ଶତପଥୀଙ୍କୁ ପଚାରିବାରେ ବିକ୍ରମଙ୍କ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି ବୋଲି କହିଛନ୍ତି।

## Business

# ଏନ୍‌ପିସିଆଇର 'ୟୁପିଆଇ ୱାନ୍ ୱାର୍ଲ୍ଡ' ୱାଲେଟ୍

**ବିଦେଶୀ ଅତିଥିଙ୍କ ପାଇଁ ସେବା**

ଭୁବନେଶ୍ୱର,୧୬।୨ (ଅନୁରାଧା ମହାରଣା)

ନୂଆଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ଚାଲିଥିବା ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ହୋଇଛି। ନ୍ୟାଶନାଲ ପେମେଣ୍ଟ୍ସ କର୍ପୋରେଶନ ଅଫ ଇଣ୍ଡିଆ (ଏନ୍‌ପିସିଆଇ) ବିଦେଶୀ ଡେଲିଗେଟ୍ସଙ୍କ ପାଇଁ 'ୟୁପିଆଇ ୱାନ ୱାର୍ଲଡ୍' ନାମକ ଏକ ନୂତନ ପ୍ରିପେଡ ୱାଲେଟ ସେବା ଆରମ୍ଭ କରିଛି। ଏହି ସୁବିଧା ମାଧ୍ୟମରେ ବିଦେଶରୁ ଆସୁଥିବା ଅତିଥିମାନେ ଭାରତରେ ବିନା କୌଣସି ଭାରତୀୟ ବ୍ୟାଙ୍କ ଆକାଉଣ୍ଟ କିମ୍ବା ଲୋକାଲ ମୋବାଇଲ ନମ୍ବର ବ୍ୟବହାର କରି ସିଧାସଳଖ କ୍ୟୁଆର୍ କୋଡ୍ ସ୍କାନ କରି ରିୟଲ-ଟାଇମ ପେମେଣ୍ଟ କରିପାରିବେ। ଏହି ପାଇଲଟ ପ୍ରୋଜେକ୍ଟ ବର୍ତ୍ତମାନ ସମିଟରେ ଭାଗ ନେଉଥିବା ୪୦ରୁ ଅଧିକ ଦେଶର ଡେଲିଗେଟ୍ସ ପାଇଁ ଉପଲବ୍ଧ ରହିଛି। 'ୟୁପିଆଇ ୱାନ ୱାର୍ଲଡ୍' ୱାଲେଟ ବିଦେଶୀ ଯାତ୍ରୀମାନଙ୍କୁ ଏୟାରପୋର୍ଟରୁ ଟ୍ୟାକ୍ସି ଭଡ଼ା, ହୋଟେଲ ବିଲ୍, ଦୋକାନରେ କିଣାକିଣି ଆଦି ସବୁ ପାଇଁ ନଗଦ କିମ୍ବା କରେନ୍ସି ଏକ୍ସଚେଞ୍ଜର ସମସ୍ୟା ବିନା ଡିଜିଟାଲ ପେମେଣ୍ଟ କରିବାର ସୁବିଧା ଦେଉଛି। ଏହି ୱାଲେଟ ନୂଆଦିଲ୍ଲୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଅଧିକୃତ କାଉଣ୍ଟରଗୁଡ଼ିକରେ ଓ ସମିଟ ସ୍ଥଳ ଭାରତ ମଣ୍ଡପମରେ ଥିବା ଏନପିସିଆଇ ପାଭିଲିଅନରେ ପ୍ରାପ୍ତ ହେବ। ଡେଲିଗେଟ୍ସ ନିଜର ଇଣ୍ଟରନ୍ୟାଶନାଲ ଡେବିଟ କିମ୍ବା କ୍ରେଡିଟ କାର୍ଡ ବ୍ୟବହାର କରି ୱାଲେଟରେ ଟଙ୍କା ଲୋଡ କରିପାରିବେ ଏବଂ ତା'ପରେ ଯେକୌଣସି ୟୁପିଆଇ କ୍ୟୁଆର୍ କୋଡ ସ୍କାନ କରି ପେମେଣ୍ଟ କରିପାରିବେ। ଗୋଟିଏ ଟ୍ରାଞ୍ଜାକ୍ସନରେ ସର୍ବାଧିକ ୨୫,୦୦୦ ଟଙ୍କା ଲୋଡ କରାଯାଇପାରିବ ଏବଂ ମାସିକ ସର୍ବାଧିକ ଲିମିଟ ୫୦,୦୦୦ ଟଙ୍କା ରହିଛି। ଯାତ୍ରା ଶେଷରେ ବଳକା ରାଶି ଫରେନ ଏକ୍ସଚେଞ୍ଜ ନିୟମ ଅନୁଯାୟୀ ମୂଳ ସୋର୍ସକୁ ଫେରସ୍ତ ହେବ। ଏନ୍‌ପିସିଆଇ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର (ଗ୍ରୋଥ) ସୋହିନୀ ରାଜୋଲା କହିଛନ୍ତି, ୟୁପିଆଇ ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ରିୟଲ-ଟାଇମ ପେମେଣ୍ଟ ସିଷ୍ଟମ ହୋଇଛି ଏବଂ ଜାନୁଆରୀ ୨୦୨୬ରେ ଏହା ୨୧.୭୦ ବିଲିୟନ ଟ୍ରାନ୍ସାକ୍ସନ ପ୍ରୋସେସ କରିଛି। ଏହି ପଦକ୍ଷେପ ଭାରତର ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚରର ଶକ୍ତିକୁ ବିଶ୍ୱସ୍ତରୀୟ ମଞ୍ଚରେ ପ୍ରଦର୍ଶନ କରୁଛି ଏବଂ ଏହା ପ୍ରମାଣ କରୁଛି ଯେ 'ମେଡ ଇନ ଇଣ୍ଡିଆ' ଟେକ୍ନୋଲୋଜି ଏବେ ଗ୍ଲୋବାଲ ହୋଇଛି, କ୍ରସ-ବର୍ଡର୍ ପେମେଣ୍ଟ ସରଳ ହୋଇପାରିବ ଏବଂ କ୍ୟାଶଲେସ ଇକୋନୋମି ଦେଶର ସୀମା ବାହାରେ ଯାଇପାରିବ। ବିଦେଶୀ ଯାତ୍ରୀମାନଙ୍କ ପାଇଁ ଏହା ବଡ଼ ଆଶ୍ୱସ୍ତି ସୃଷ୍ଟି କରୁଛି ଏବଂ ଭାରତ ପାଇଁ ଏହା ଏକ ପ୍ରତ୍ୟକ୍ଷ ବ୍ରାଣ୍ଡିଙ୍ଗ ସୁଯୋଗ ହୋଇଛି। ଯଦି ଏହି ପାଇଲଟ ପ୍ରୋଜେକ୍ଟ ସଫଳ ହୁଏ ତେବେ ଭବିଷ୍ୟତରେ ଏହାକୁ ସାଧାରଣ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ଲାଗୁ କରାଯାଇପାରିବ।

# ଶିବରାତ୍ରିରେ ଓମ୍‌ଫେଡ୍‌ର ରେକର୍ଡ ବିକ୍ରି

ଭୁବନେଶ୍ୱର,୧୬।୨ (ଅନୁରାଧା ମହାରଣା)

ପବିତ୍ର ଜାଗର ଯାତ୍ରା ଅବସରରେ ରବିବାର ଓମ୍‌ଫେଡ୍ ୧୨ ହଜାର ଲିଟରରୁ ଅଧିକ ଘିଅ ବିକ୍ରି କରିଛି। ଗୋଟିଏ ଦିନରେ ଏତେ ପରିମାଣର ଘିଅ ବିକ୍ରି କରି ଏକ ନୂତନ ରେକର୍ଡ ସୃଷ୍ଟି କରିଛି। କେବଳ ଘିଅ ନୁହେଁ, ଦହି ମଧ୍ୟ ଆଶାତୀତ ଭାବେ ବିକ୍ରି ହୋଇଛି। ଆଜି ଗୋଟିଏ ଦିନରେ ୧୦୦ ମେଟ୍ରିକ ଟନ୍ ବା ଏକ ଲକ୍ଷ ଲିଟରରୁ ଅଧିକ ଓମ୍‌ଫେଡ୍ ଦହି ବିକ୍ରି ହୋଇଛି। ଦୀର୍ଘ ୪୫ ବର୍ଷ ହେଲା ଓଡ଼ିଶାବାସୀ ଓମଫେଡ୍ ଜାଣିଛନ୍ତି ଏବଂ ଭଲ ପାଉଥିବା ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି। ଓମଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି, ଏହି ଶ୍ରେୟ ଓଡ଼ିଶାର ଅଗଣିତ ଦୁଗ୍ଧ ଚାଷୀ ଓ ଗ୍ରାହକଙ୍କ ନିକଟକୁ ଯାଉଛି। ଆମେ ଓଡ଼ିଶାର ଗ୍ରାହକଙ୍କୁ ଉଚ୍ଚ ଗୁଣମାନର ଉତ୍ପାଦ ଯୋଗାଇ ଆସୁଛୁ। ଆଗାମୀ ଦିନରେ ଏହି ଧାରା ଜାରି ରହିବ। ଓମଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଉତ୍ପାଦର ଗୁଣାତ୍ମକ ମାନରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି କହିଛନ୍ତି।

# ଟିପିସିଓଡିଏଲ୍‌ର 'ବିଲ୍ ପେ ଆଣ୍ଡ ଉଇନ୍' ଯୋଜନା



ଭୁବନେଶ୍ୱର,୧୬।୨ (ଅନୁରାଧା ମହାରଣା)

**୫୦୦ ଉପଭୋକ୍ତା ପୁରସ୍କାର ପାଇଁ ମନୋନୀତ**

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଠିକ୍ ସମୟରେ ବିଜୁଳି ବିଲ୍ ପୈଠ କରିବା ଏବଂ ଡିଜିଟାଲ୍ କାରବାରକୁ ବୃଦ୍ଧି କରିବା ପାଇଁ 'ବିଲ୍ ପେ ଆଣ୍ଡ ଉଇନ୍' କାର୍ଯ୍ୟକ୍ରମ ଜାରି ରହିଛି। ବିଶେଷ କରି ଯେଉଁ ଗ୍ରାହକମାନେ କୌଣସି ବକେୟା ନ ରଖି ନିୟମିତ ଭାବେ ଡିଜିଟାଲ୍ ମାଧ୍ୟମରେ ବିଲ୍ ପୈଠ କରୁଛନ୍ତି, ସେମାନଙ୍କୁ ଏହି ଯୋଜନା ମାଧ୍ୟମରେ ସମ୍ମାନିତ କରାଯାଉଛି। ଫେବୃଆରୀ ୧୪ରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୨୦୨୫ ଜୁଲାଇରୁ ଡିସେମ୍ବର ସମୟ ପାଇଁ ୬ଟି ଭିନ୍ନ ଭିନ୍ନ ବର୍ଗରେ ୫୦୦ ଜଣ ଗ୍ରାହକଙ୍କୁ ପୁରସ୍କାର ପ୍ରଦାନ ନିମନ୍ତେ ମନୋନୀତ କରାଯାଇଛି। ଟିପିସିଓଡିଏଲ୍‌ର ଏମଡିସିଠାରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ଭୁବନେଶ୍ୱରର ୧୫ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି, ଆମର 'ବିଲ୍ ପେ ଆଣ୍ଡ ଉଇନ୍' ଯୋଜନା କେବଳ ଡିଜିଟାଲ୍ କାରବାର ବା ଠିକ୍ ସମୟରେ ବିଲ୍ ପୈଠ କରିବାକୁ ପ୍ରୋତ୍ସାହିତ କରୁନାହିଁ ବରଂ ଏହା ଦାୟିତ୍ୱବାନ ଗ୍ରାହକମାନଙ୍କୁ ଏକ ସ୍ୱଚ୍ଛ ପଦ୍ଧତିରେ ଚୟନ କରି ସମ୍ମାନିତ କରିବାର ଏକ ନିଆରା ପ୍ରୟାସ। ସୂଚନାଥାଉକି, ୨୦୨୬ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ 'ମେଗା ବିଲ୍ ପେ ଆଣ୍ଡ ଉଇନ୍' ଯୋଜନା ଏବେ ଜାରି ରହିଛି, ଯେଉଁଥିରେ ଗ୍ରାହକମାନେ ଆକର୍ଷଣୀୟ ପୁରସ୍କାର ଏବଂ କ୍ୟାଶବ୍ୟାକ୍ ଜିତିବାର ସୁଯୋଗ ପାଇପାରିବେ। ଏହା ସହିତ କମ୍ପାନୀ ପକ୍ଷରୁ 'ନୋ ଲାଇନ୍ ଜଷ୍ଟ ଅନଲାଇନ୍' ଶୀର୍ଷକ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି, ଯାହା ଗ୍ରାହକଙ୍କୁ ବିନା କୌଣସି ଅସୁବିଧାରେ ଘରେ ବସି ସେବା ପାଇବାରେ ସହାୟକ ହେବ।

# ଓ ରୋମିଓ ଚଳଚ୍ଚିତ୍ର, ଡା. ଅର୍ଥୋ ମଧ୍ୟରେ ସହଭାଗିତା




ଭୁବନେଶ୍ୱର,୧୬।୨ (ଅନୁରାଧା ମହାରଣା)

ନିର୍ଦ୍ଦେଶକ ବିଶାଳ ଭରଦ୍ୱାଜଙ୍କ ହିନ୍ଦୀ ଆକ୍ସନ-ଥ୍ରିଲର ଚଳଚ୍ଚିତ୍ର 'ଓ ରୋମିଓ' ଶୁକ୍ରବାର ଥିଏଟରରେ ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରରେ ଶାହିଦ କପୁର, ତୃପ୍ତି ଡିମ୍ରି ଏବଂ ନାନା ପାଟେକର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଚଳଚ୍ଚିତ୍ରର ପ୍ରଚାର ପ୍ରସାର ପାଇଁ ନିବେଶକ ଡ. ସଞ୍ଜୀବ ଜୁନେଜା ଡା. ଅର୍ଥୋ ଆୟୁର୍ବେଦିକ ଅଏଲ ବ୍ରାଣ୍ଡକୁ କୋ-ବ୍ରାଣ୍ଡିଂ ପାର୍ଟନର ଭାବେ ଯୋଡ଼ିଛନ୍ତି। ଡ. ଜୁନେଜା କହିଛନ୍ତି, ଚଳଚ୍ଚିତ୍ରର ନାୟକ ଯେପରି କଷ୍ଟକର ପରିସ୍ଥିତିରେ ଦୃଢ଼ତାର ସହ ଠିଆ ହୁଅନ୍ତି, ସେହିପରି ଡ. ଅର୍ଥୋ ଆୟୁର୍ବେଦିକ ଅଏଲ ମାଂସପେଶୀ ଓ ଗଣ୍ଠି ଯନ୍ତ୍ରଣା ବିରୋଧରେ ଦୃଢ଼ ଭାବେ ଲଢ଼େଇ କରିଥାଏ। ଦିବିଶା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ମୁଖପାତ୍ର କହିଛନ୍ତି, ଡା. ଅର୍ଥୋ ଆୟୁର୍ବେଦିକ ଅଏଲ ଗ୍ରାହକଙ୍କ ବିଶ୍ୱାସ ଓ ଆଶାକୁ ସର୍ବଦା ପୂରଣ କରିଆସିଛି। ଆଜି ଭାରତର ପ୍ରାୟ ପ୍ରତ୍ୟେକ ଘରେ ଡା. ଅର୍ଥୋର କୌଣସି ନା କୌଣସି ଉତ୍ପାଦ ରହିଛି, ଯାହା ବ୍ରାଣ୍ଡ ପାଇଁ ବଡ଼ ଗର୍ବର ବିଷୟ।

# ସିଜିୟୁରେ 'ସକ୍ଷମ' ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୬।୨ (ଅନୁରାଧା ମହାରଣା)

ଗେଲ (ଇଣ୍ଡିଆ) ଲିମିଟେଡର ସହଯୋଗରେ ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ)ରେ ନିକଟରେ ଏକ ସଂରକ୍ଷଣ କ୍ଷମତା ମହୋତ୍ସବ -ସକ୍ଷମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଅଧୀନରେ ପାଳନ କରାଯାଉଥିବା ଜାତୀୟ ଅଭିଯାନର ଅଂଶଭାବେ ଇନ୍ଧନ ସଂରକ୍ଷଣ ଓ ସ୍ଥାୟୀ ଶକ୍ତି ବ୍ୟବହାର ପ୍ରଚାର କରିବା ପାଇଁ କରାଯାଇଥିଲା। ସିଜିୟୁ ଓ ପଲିଟେକ୍ନିକର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ତେଲ ଓ ଗ୍ୟାସ ସଂରକ୍ଷଣ ଏବଂ 'ଗୋଗ୍ରିନ' ପ୍ରଚାର ବିଷୟରେ ଅନୁଷ୍ଠିତ ତର୍କବିତର୍କ ଓ ପୋଷ୍ଟର ପ୍ରତିଯୋଗିତାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ବିଜେତାମାନଙ୍କୁ ଗେଲ ଡିଜିଏମ୍ ନିଗମାନନ୍ଦ ମିଶ୍ର, କୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରୋ-ଭାଇସ ଚାନ୍ସେଲର ପ୍ରଫେସର ଗୁଡ଼ାଶ୍ରୀଦେବୀ, ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ଓସିଭିଆରପି ପ୍ରଧାନ ଡ . ଆର୍. କେ. ପୃଷ୍ଟିଙ୍କ ଉପସ୍ଥିତିରେ ସମ୍ମାନିତ କରାଯାଇଥିଲା।

# ଭାଇବ୍ରାନ୍ସ, ଅପ୍ଟିମାର ବଜାର ପ୍ରବେଶ କଲା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ

ଭୁବନେଶ୍ୱର,୧୬।୨ (ଅନୁରାଧା ମହାରଣା)

AM/NS INDIA
ArcelorMittal Nippon Steel India

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ନିଜର ବିଶ୍ୱସ୍ତରୀୟ ଉତ୍ପାଦ ଭାଇବ୍ରାନ୍ସ ଏବଂ ଏଏମ୍‌ଏନ୍‌ଏସ୍ ଅପ୍ଟିମାର ବଜାର ପ୍ରବେଶ ସହିତ ମୂଲ୍ୟବର୍ଦ୍ଧିତ ପୋର୍ଟଫୋଲିଓକୁ ସୁଦୃଢ଼ କରିଛି। ଏହି ଦୁଇଟି ପ୍ରିମିୟମ ବ୍ରାଣ୍ଡେଡ ଇସ୍ପାତ ସମାଧାନକୁ ଘରୋଇ ଉପକରଣ ଏବଂ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ମୂଳ ଉପକରଣ ନିର୍ମାତା (ଓଇଏମ) ମାନଙ୍କର ବର୍ଦ୍ଧିତ ଡିଜାଇନ-ସମ୍ପର୍କିତ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଦୁଇଟି ବ୍ରାଣ୍ଡେଡ ଉତ୍ପାଦ ବର୍ତ୍ତମାନ ଏକ ମୂଲ୍ୟବର୍ଦ୍ଧିତ ଉତ୍ପାଦ ପୋର୍ଟଫୋଲିଓର ଅଂଶ ହୋଇଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନିର୍ଦ୍ଦେଶକ ତଥା ବିକ୍ରୟ ଏବଂ ବିପଣନ ବିଭାଗର ଉପ ସଭାପତି ରଞ୍ଜନ ଧର କହିଛନ୍ତି, ଏଏମ୍‌ଏନ୍‌ଏସ୍ ଭାଇବ୍ରାନ୍ସ ଓଇଏମଗୁଡ଼ିକ ଉପକରଣ ପାଇଁ ଏକ ପ୍ରିମିୟମ ରଙ୍ଗ-ପ୍ରଲେପଯୁକ୍ତ ଇସ୍ପାତ ସମାଧାନ, ଯାହା ଶକ୍ତି, ସଠିକତା ଏବଂ ଉତ୍କୃଷ୍ଟ ପୃଷ୍ଠ ସୌନ୍ଦର୍ଯ୍ୟର ଏକ ମିଶ୍ରଣ। ଯେହେତୁ ଉପକରଣଗୁଡ଼ିକ ଘର ଏବଂ ବାଣିଜ୍ୟିକ ପରିବେଶରେ କ୍ରମଶଃ ଦୃଶ୍ୟମାନ ଡିଜାଇନ ବୈଶିଷ୍ଟ୍ୟ, ନିର୍ମାତାମାନଙ୍କୁ ଏପରି ଏକ ସାମଗ୍ରୀ ଆବଶ୍ୟକ ହୁଏ, ଯାହା ସ୍ଥିର ରଙ୍ଗ, ନିୟନ୍ତ୍ରିତ ଚମକ ଏବଂ ପରିଷ୍କୃତ ଫିନିଶ ସହିତ ଦୀର୍ଘସ୍ଥାୟିତ୍ୱ ଏବଂ ଦକ୍ଷ ଉତ୍ପାଦନକ୍ଷମତାକୁ ମିଶ୍ରଣ କରିଥାଏ। ନିର୍ମିତ ଉପକରଣଗୁଡ଼ିକର ଆକର୍ଷଣୀୟ ଏବଂ ଦୀର୍ଘସ୍ଥାୟିତ୍ୱକୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଭାଇବ୍ରାନ୍ସ ସୁନିଶ୍ଚିତ କରିଥାଏ। ଏହା ରେଫ୍ରିଜରେଟର, ୱାଶିଂ ମେଶିନ, ମାଇକ୍ରୋୱେଭ ଓଭାନ ଏବଂ ୱାଟର ଡିସ୍ପେନସର ସମେତ ବିବିଧ ଉପକରଣ ପ୍ରୟୋଗ ପାଇଁ ବେଶ୍ ଉପଯୁକ୍ତ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ମୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାକିସ୍ତାନ କ୍ରିକେଟ ଇତିହାସର ଅନ୍ଧକାର ସମୟ

**କଲମ୍ବୋ,୧୬।୨**

ଭାରତ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ପରେ ପାକିସ୍ତାନ ଦଳ ଓ ଦଳୀୟ ଖେଳାଳିଙ୍କୁ ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଧାରାରେ ଯୋଡ଼ି ହୋଇ ପୂର୍ବତନ ବ୍ୟାଟର ମହମ୍ମଦ ୟୁସୁଫ ଏହାକୁ ପାକିସ୍ତାନ କ୍ରିକେଟ ଇତିହାସର ସବୁଠୁ ଅନ୍ଧକାର ସମୟ ବୋଲି ଟୁଇଟ୍ କରିଛନ୍ତି।

"ଶାହିନ, ବାବର ଓ ଶଦାବଙ୍କ ସମୟ ଶେଷ ହୋଇଛି। ପାକିସ୍ତାନ ଟି୨୦ ଦଳକୁ ନୂଆ ପ୍ରଦର୍ଶନକାରୀ ଦରକାର। ଦୁର୍ବଳ ଦଳ ବିପକ୍ଷରେ ଖାଲି ବିଜୟ ଦରକାର ନାହିଁ। ଯେଉଁ ପର୍ଯ୍ୟନ୍ତ ଆମେ ପାକିସ୍ତାନ କ୍ରିକେଟରୁ ରାଜନୈତିକ ପ୍ରଭାବ ଓ ବ୍ୟକ୍ତିଗତ ଏଜେଣ୍ଡାକୁ ନ ହଟାଇବା ସେ ପର୍ଯ୍ୟନ୍ତ ଆମେ ପୂର୍ବ ଭଳି ଶକ୍ତିଶାଳୀ ଦଳ ହୋଇପାରିବା ନାହିଁ। ଏହା ପାକିସ୍ତାନ କ୍ରିକେଟ ଇତିହାସର ସବୁଠୁ ଅନ୍ଧାକାର ସମୟ। ଅଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରଶାସନ ଓ ଦଳରୁ ହଟାଇବାକୁ ପଡ଼ିବ" ବୋଲି ୟୁସୁଫ ଟୁଇଟ୍ କରିଛନ୍ତି। ସେହିଭଳି ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ ପୋଷ୍ଟ କରିଛନ୍ତି ଯେ, ଯଦି ମୋ ହାତରେ ଥାଆନ୍ତା, ତେବେ ମୁଁ ବାବର, ଶଦାବ ଓ ଶାହିନଙ୍କୁ ପୁଣି ଥରେ ଟି୨୦ ଦଳରେ ଚୟନ କରି ନ ଥାନ୍ତି। ସେମାନଙ୍କୁ ପାକିସ୍ତାନ ପାଇଁ ପ୍ରଚୁର ସୁଯୋଗ ମିଳିଥିଲା। ହେଲେ ସେମାନେ ବିଫଳ ହୋଇଛନ୍ତି।

# ବାବର, ଶାହିନଙ୍କୁ ଦଳରୁ ବାଦ୍ ଦିଆଯିବ

**କରାଚୀ,୧୬।୨(ପି.ଟି.)**

ଭାରତ ବିପକ୍ଷ ଟି୨୦ ବିଶ୍ୱକପ୍‌ର ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ପାକିସ୍ତାନ ଦଳର ସିନିୟର ଖେଳାଳିଙ୍କୁ ପରବର୍ତ୍ତୀ ମ୍ୟାଚ୍‌ରୁ ବାଦ୍ ଦିଆଯିବ। ଆସନ୍ତା ୧୮ ତାରିଖରେ ପାକିସ୍ତାନ ତା'ର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ନାମ୍ବିଆକୁ ଭେଟିବ। ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ପାକିସ୍ତାନକୁ ଏହି ମ୍ୟାଚ୍‌ରେ ବିଜୟ ଦରକାର। ତେବେ ଟିମ ମ୍ୟାନେଜମେଣ୍ଟ ସୂତ୍ରରୁ ଜଣାପଡ଼ିଛି ଯେ, ଭାରତଠାରୁ ୬୧ ରନରେ ଶୋଚନୀୟ ପରାଜୟ ପରେ ପାକିସ୍ତାନ ଦଳର ପ୍ରଦର୍ଶନକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକ୍‌ଭି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ନକ୍‌ଭି ପାକିସ୍ତାନ ଦଳର ପରାଜୟ ନିଶ୍ଚିତ ଜାଣିବା ପରେ ମ୍ୟାଚ୍ ବେଳେ ଷ୍ଟାଡିୟମରୁ ଚାଲି ଯାଇଥିଲେ। ପରେ ପିସିବିର ଜଣେ ବରିଷ୍ଠ ଅଧିକାରୀ ଦଳର ଏଭଳି ପ୍ରଦର୍ଶନ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଏଥିଯୋଗୁ ଦଳୀୟ ମ୍ୟାନେଜମେଣ୍ଟ ବାବର ଓ ଶାହିନଙ୍କୁ ଦଳରୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଛି। ଫଖର ଜମନଙ୍କ ସହ ସଲମାନ ମିର୍ଜା କିମ୍ବା ନସିମ ଶାହାଙ୍କୁ ବୁଧବାର ଚୂଡ଼ାନ୍ତ ଦଳରେ ସାମିଲ କରାଯିବ।




ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପର ପୁରୁଷ ବର୍ଗରେ ଚାମ୍ପିୟନ କଟକ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ପୁରୁଷ ବର୍ଗରେ କଟକ, ମହିଳାରେ କିଟ୍ ଚାମ୍ପିୟନ

**ଶରତ ସାହୁ ସ୍ମାରକୀ ରାଜ୍ୟ କବାଡି**

**କଟକ,୧୬।୨(କୁମାରଶ୍ରୀ)**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ କଟକ ୩୭-୧୨ ପଏଣ୍ଟରେ ଢ଼େଙ୍କାନାଳକୁ ଏବଂ ମହିଳା ବର୍ଗରେ କିଟ୍ ୪୮-୧୦ରେ ଖୋର୍ଦ୍ଧାକୁ ହରାଇ ଚାମ୍ପିୟନ ହୋଇଛି। ପୁରୁଷ ବର୍ଗରେ କରୁଣାକର ବେହେରା ଓ ମହିଳା ବର୍ଗରେ ସାକିନା ଦାଶ ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ଗୌତମ ସାହୁ ଓ ବିଶ୍ୱଜିତ ଜେନା ଶ୍ରେଷ୍ଠ ରେଡ୍‌ର ଭାବେ ପୁରସ୍କୃତ ହୋଇଛନ୍ତି। ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରାଙ୍କ ସଂଯୋଜନା ଓ ଉପାଧ୍ୟକ୍ଷ ପାର୍ଥବୀର ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଟକ ମହାନଗର ନିଗମ କମିଶନର କିରଣଦୀପ କୌର ସହୋତା, ଭାରତୀୟ କବାଡି ମହାସଂଘ ଯୁଗ୍ମ ସମ୍ପାଦିକା ଜୟଶ୍ରୀ ସ୍ୱାଇଁ, ରାଜ୍ୟ କବାଡି ସଂଘ ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ରବି ନାରାୟଣ ମହାପାତ୍ର, ପ୍ରିଲ୍ୟୁଟ ଇଭେଣ୍ଟ ପରିଚାଳକ ସାନୁ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରକାଶଥାଉକି, ଓଡ଼ିଶା କବାଡି ସଂଘ, କଟକ ଜିଲ୍ଲା ଆଥଲେଟିକ ଆସୋସିଏଶନ ଏବଂ ବାରବାଟୀ କବାଡି କ୍ଲବ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୩ ଦିନିଆ ଚାମ୍ପିୟନଶିପ୍‌ର ପୁରୁଷ ବର୍ଗରେ ୩୬ଟି ଏବଂ ମହିଳା ବର୍ଗରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ।

# ଅଲିପ୍ସା ଅଧିନାୟିକା

**କଟକ,୧୬।୨(କୁମାରଶ୍ରୀ)**

ମାର୍ଚ୍ଚ ୩ରୁ ୨୩ବର୍ଷରୁକମ୍ ମହିଳା ଏକଦିବସୀୟ ଟ୍ରଫି ଆରମ୍ଭ ହେବ। ଏ ନେଇ ସୋମବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହିଳା ଦଳ ଚୟନ କମିଟି ଅଧକ୍ଷା ସସ୍ମିତା ପଟ୍ଟନାୟକ, ମୁଖ୍ୟ କୋଚ୍ ସ୍ୱାଗତିକା ରଥ ଉପସ୍ଥିତ ରହି ଦଳ ଘୋଷଣା କରିଛନ୍ତି। ଘୋଷିତ ୧୮ ଜଣିଆ ରାଜ୍ୟ ଦଳରେ ଅଲିପ୍ସା ବିଶ୍ୱାଳଙ୍କୁ ନେତୃତ୍ୱ ମିଳିଛି। ଅନନ୍ୟା ମିଶ୍ର, ଦିବ୍ୟା ରାଉତରାୟ, ଜିଏମ ଅଲକାନନ୍ଦା, ଜୟସ ନାୟକ, ଜ୍ୟୋତି କୁମାରୀ ପ୍ରସାଦ, ଲେଖା ଲୋୟଲକା, ମେଘନା ପାଢ଼ୀ, ମିତାଲୀ ଶର୍ମା, ପ୍ରାର୍ଥନା ପ୍ରତିଶ୍ରୁତି, ପୂଜାରାଣୀ ଦାସ, ଏସ୍‌ବି ଲରେନ୍ସ, ସାଇ କ୍ରୀପା, ସାରଦା ମହାନନ୍ଦ, ସୋନାଲିସା ସାହୁ, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ସୁଚିସ୍ମିତା ପଣ୍ଡା ଏବଂ ସୁଲଗ୍ନା ନାୟକ ଦଳରେ ସ୍ଥାନ ପାଇଛନ୍ତି। ପୁନେର ଡେକାନ ଜିମଖାନା ଗ୍ରାଉଣ୍ଡରେ ଉତରପ୍ରଦେଶ ବିପକ୍ଷରେ ଓଡ଼ିଶା ପ୍ରଥମ ଲିଗ୍ ମ୍ୟାଚ୍ ଖେଳିବ।

# ଜମ୍ମୁ କଶ୍ମୀରକୁ ଆହୁରି ୧୩୧ ରନ ଆବଶ୍ୟକ

**କଲ୍ୟାଣୀ, ୧୬।୨ (ପି.ଟି.):** ସ୍ଥାନୀୟ ବେଙ୍ଗଲ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଏକ ସେମିଫାଇନାଲ ମ୍ୟାଚରେ ବେଙ୍ଗଲର ପ୍ରଥମ ଇନିଂସ ସ୍କୋର ୩୨୮ ଜବାବରେ ଜମ୍ମୁ କଶ୍ମୀର ସୋମବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୫ଉଇକେଟ ବିନିମୟରେ ୧୯୮ ରନ କରିଛି। ଅବଦୁଲ୍ ସମଦ ୮୨ ଓ ପାରସ ଡୋଗ୍ରା ୫୮ ରନ କରିଛନ୍ତି। ପ୍ରଥମ ଇନିଂସରେ ଅଗ୍ରଣୀ ପାଇଁ ଭ୍ରମଣକାରୀ ଦଳ ଆହୁରି ୧୩୧ ରନ ଆବଶ୍ୟକ କରୁଛି।


## ପ୍ରଥମ ଜନ୍ମଦିନର ଶୁଭେଚ୍ଛା




**ସମର୍ଥ ସାହୁ (ମୋନୁ)**
କାରକା, ଧର୍ମଶାଳା, ଯାଜପୁର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା।
ଶୁଭେଚ୍ଛା ସହ: ଜେଜେ-ଜେଜେମା, ବାପା-ମା, ବଡ଼ବାପା-ବଡ଼ମା, ବନ୍ଧୁ ଓ ପରିବାରବର୍ଗ
ଧ-୩୪୦୨

## ଜନ୍ମଦିନ ଶୁଭେଚ୍ଛା





**ଆରାଧ୍ୟା ସାହୁ (ପୁଚୁ)**
VIM-519, Sailashree Vihar, BBSR
ଆଜି ତୋର ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ତଥା ଶୁଭକାମନା। ତୋର ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ ଏହାହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ: ପାପା, ମାମା, ଜେଜେବାପା, ଜେଜେମା, ଦାଦା, ଖୁଡ଼ି, ବଡଅଜା, ବଡଆଈ, ସାନଅଜା, ସାନଆଈ, ମାମୁଁ ମାନେ ଓ ପରିବାରବର୍ଗ।
ଧ-୩୪୦୬


# କାନବେରା ହୋଟେଲ ମାମଲା: ଅଡୁଆରେ ପାକିସ୍ତାନ ହକି ମହାସଂଘ

**କରାଚୀ, ୧୬।୨ (ପି.ଟି.)**

କାନବେରା ହୋଟେଲ ମାମଲାରେ ଏବେ ଅଡୁଆରେ ପଡ଼ିଛି ପାକିସ୍ତାନ ହକି ମହାସଂଘ (ପିଏଚ୍ଏଫ୍)। ଖବର ଅନୁସାରେ ଅଷ୍ଟ୍ରେଲିଆରେ ଜାତୀୟ ଦଳର ରହଣୀ ଖାଦ୍ୟପେୟ ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ଦ୍ୱାରା ପରିଚାଳିତ ପାକିସ୍ତାନ ସ୍ପୋର୍ଟସ ବୋର୍ଡ (ପିଏସ୍‌ବି) ୧୦ନିୟୁତ ଟଙ୍କାରୁ ଉର୍ଦ୍ଧ୍ୱ ପିଏଚ୍ଏଫ୍‌କୁ ଦେଇଥିଲେ ମଧ ସିଡ୍‌ନୀ ବିମାନବନ୍ଦରରେ ପାକିସ୍ତାନ ହକି ଦଳକୁ ୧୩ରୁ ୧୪ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ବିମାନ ଯୋଗେ କାନ୍‌ବେରା ଯିବା ପୂର୍ବରୁ ଖେଳାଳି କିମ୍ବା ଅଫିସିଆଲଙ୍କ ଲାଗି ମହାସଂଘ ତରଫରୁ ରହଣୀ କିମ୍ବା ଖାଦ୍ୟର ବ୍ୟବସ୍ଥା କରାଯାଇ ନ ଥିଲା। ଏକଥା ପଦାକୁ ଆସିବା ପରେ ପିଏଚ୍ଏଫ୍ ଓ ପିଏସ୍‌ବି ମଧ୍ୟରେ ଛକାପଞ୍ଝା ଚାଲିଛି। ଏହାର ପ୍ରଭାବ ପାକିସ୍ତାନର ଏଫ୍ଆଇଏଚ୍ ପ୍ରୋ-ଲିଗ୍ ଅଭିଯାନରେ ପଡ଼ିଛି। ପ୍ରୋ-ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଖେଳିବା ଲାଗି ପାକିସ୍ତାନ ଖେଳାଳି ଏବଂ ସେମାନଙ୍କ ସପୋର୍ଟ ଷ୍ଟାଫ୍‌ଙ୍କୁ ଲାହୋରରୁ ଅଷ୍ଟ୍ରେଲିଆ ରାଜଧାନୀ ପାଖାପାଖି ୨୪ଘଣ୍ଟା ଯାତ୍ରା କରିବାକୁ ପଡ଼ିଥିଲା। ସେମାନଙ୍କୁ ଏକ ୪ତାରକା ହେଟେଲରେ ପହଞ୍ଚିବାକୁ ନିର୍ଦ୍ଦେଶ ଥିଲା। ମାତ୍ର ସେଠାରେ ପହଞ୍ଚିବା ପରେ ସେମାନଙ୍କ ନାମରେ କୌଣସି ବୁକିଂ ହୋଇ ନ ଥିବା ସେମାନଙ୍କୁ କୁହାଯାଇଥିଲା। କାନବେରାରେ କେତେଜଣ ପ୍ରବାସୀ ପାକିସ୍ତାନୀ ଶସ୍ତାରେ ରହଣୀ ବ୍ୟବସ୍ଥା କରିବା ପୂର୍ବରୁ ଖେଳାଳିମାନଙ୍କୁ ହୋଟେଲ ବାହାରେ ସେମାନଙ୍କ ଜିନିଷପତ୍ର ସହ ଘଣ୍ଟା ଘଣ୍ଟା ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ପରଦିନ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚରେ ପାକିସ୍ତାନ ୩-୦ ଗୋଲରେ ପରାଜିତ ହୋଇଥିଲା। ପିଏସ୍‌ବି ତରଫରୁ ବର୍ତ୍ତମାନ ହୋଟେଲ ରହଣୀ ପାଇଁ ଜାନୁଆରୀ ୨୮ରେ ପିଏଚ୍ଏଫ୍‌ପାଇଁ ମଞ୍ଜୁର ହୋଇଥିବା ୧୦ ନିୟୁତ ଓ ୫ ଲକ୍ଷ ଟଙ୍କା ଚେକ୍‌ର ଏକ ଫଟୋ କପି ଇସୁ କରାଯାଇଛି। ଏହାଦ୍ୱାରା ପିଏସ୍‌ବି ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ଦଳ ପାଇଁ ବିମାନ ଟିକେଟ, ହେଟେଲରେ ରହଣୀ ଏବଂ ଆଗୁଆ ଦୈନିକ ଭତ୍ତା ବାବଦରେ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟୁର୍ନାମେଣ୍ଟ ପାଇଁ ସରକାର ୩୦ ନିୟୁତରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିବା ପିଏସ୍‌ବି ଦର୍ଶାଇଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆରେ ଖେଳାଳି ଓ ଅଫିସିଆଲମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଯାହା କୁହାଯାଉଛି ତାହାର ଖଣ୍ଡନ କରିଛି। ଦଳର ମନୋବଳ ଭାଙ୍ଗିବା ପାଇଁ ଏହା ଏକ ହୀନ ପ୍ରୟାସ ବୋଲି କହିଛି।


# Classified Everyday
0674-2580101, 9692975378



**REAL ESTATE**

**SALE**

ଭୁବନେଶ୍ୱର **GITA Engineering College** ନିକଟ **Infocity- 2** ପାଖରେ ଘରବାରି, **Boundary** ଥାଇ ପ୍ଲଟ୍ ବିକ୍ରିହେବ। **6372753860, 7008095537.** D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348



**CONSTRUCTION**

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190




Newly open Jyoti SPA positively health benefits (Expert therapist). Contact- 8458067955. D-76955

**LOST**

By virtue of an affidavit sworn before the Executive Magistrate, Mahakalapada, I, Swarnalata Behera, aged about 56 years, W/o.- Rabindra Behera, Vill.- Gadaromita, P.O.-Gatanai, P.S.- Marshaghai, Dist.- Kendrapada declare that I have lost my original land RSD No. 1756 executed on Dated- 23.06.1997 at Mouza- Gadaromita, SRO, Marshaghai while I was going from home to Tahashil Marshaghai on 02.01.2026. The affidavit will produce before concerned authorities for necessary information & favourable action. D-3401

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Executive Magistrate, Kujang, 10.01.2026, I, Sri Ananda Das, S/o- Jogeswor Das, At- Jagannath Colony, Madhuban, Paradeep Model, P.S.- Jagatsinghpur, Odisha, my Aadhaar Card No.- XXXX XXXX 5161 name wrongly mention Lalu Das. I have corrected my name Ananda Das to all future purposes. D-3405

By virtue of an affidavit (Dtd. 10.02.2026) before the Executive Magistrate, Bhubaneswar, I have changed my name from Kupuli Santilata Reddy to N.Santilata Reddy in my Aadhaar Card (No.- 825828952647). Henceforth, I shall be known as N.SANTILATA REDDY for all purposes. D-3404

By virtue of affidavit No.- 365 sworn in before the Notary Public, Bargarh, I, Puspanjali Sharma, D/o- Mukesh Sharma, resident of Padhanpali do hereby declare that from now onwards I shall be known as Nimrat Kaur for all purposes. D-3403

**LEGAL NOTICE**

ମାନ୍ୟବର ସଭ୍ୟ, ରାଜସ୍ୱ ପାର୍ଷଦ, ଓଡ଼ିଶା, କଟକ ମହୋଦୟଙ୍କ
ଇଜିଲାସ କ୍ୟାମ୍ପ ଅଫିସ୍, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.୨୧୬/୨୦୨୩

ସପ୍ନା ଶର୍ମା, ସ୍ୱା-ବିମଳ ପ୍ରସାଦ ଶର୍ମା, ୪୭ ଏ, ପ୍ରେଷ୍ଟିଜ୍, ଗ୍ରୀନ୍, ପୋଖରିପୁଟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ......... ବାଦୀ

୧୫. ସିତା ବେଓ୍ୱା, ସ୍ୱାମୀ-ଗିରିଧାରୀ ମହାକୁଡ଼, ୧୬. ଅଚ୍ଛୁତି ବେହେରା, ପିତା-ବିର ବେହେରା, ୧୭.ବାଞ୍ଛା ବେହେରା, ପିତା-ବିର ବେହେରା, ୧୮. ନଟ ବେହେରା, ପିତା-ଦାସ ବେହେରା, ୧୯. ଭୋବାନୀ ବେହେରା, ପିତା-ବୃନ୍ଦାବନ ବେହେରା, ୨୦. ଉଛବ ବେହେରା, ପିତା-ମଣି ବେହେରା, ୨୧. ଧ୍ରୁବ ବେହେରା, ପିତା-ଗୋପି ବେହେରା, ୨୨. ଅଇଣ୍ଠା ଦେଇ, ସ୍ୱାମୀ-କୁବେରା ବେହେରା କ୍ର.ନଂ.୧୫ଠାରୁ ୨୨ଙ୍କ ସା-ପଥରଗାଡ଼ିଆ, ପୋ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୨୩.ସୁରେନ୍ଦ୍ର ନାଥ ମଲ୍ଲିକ, ପିତା-ଦୈତାରୀ ମଲ୍ଲିକ, ସା-ମେହେନ୍ଦିପୁର, ଥାନା-କିଶାନନଗର, ଜିଲ୍ଲା-କଟକ .........ପ୍ରତିବାଦୀ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନରେ ଦର୍ଶାଯାଇଥିବା ତଫସିଲ ଜମିକୁ ରେଜେଷ୍ଟ୍ରି ଦଲିଲ ମାଧ୍ୟମରେ କ୍ରୟ ଦୃଷ୍ଟେ ମାନ୍ୟବର ରାଜସ୍ୱ ପରିଷଦ ସଭ୍ୟଙ୍କ ଇଜିଲାସରେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନ୍, ୧୯୫୮ର ଧାରା ୧୫ (ଖ) ଅନୁଯାୟୀ ଉପରୋକ୍ତ ରିଭିଜନ କେସ୍ ଦାୟର କରିଅଛନ୍ତି । ଏହି ରିଭିଜନ କେସ୍ ସମ୍ବନ୍ଧୀୟ ନୋଟିସ ଆପଣମାନଙ୍କର ଦର୍ଶାଯାଇଥିବା ଠିକଣାରେ ଯାଇ ବିଭିନ୍ନ କାରଣ ଯୋଗୁ ଫେରସ୍ତ ଆସିଥିବାରୁ ଆପଣମାନଙ୍କ ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଉପର ଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ରାଜସ୍ୱ ପାର୍ଷଦ ସଭ୍ୟଙ୍କର ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ, (ୟୁନିଟ୍-୫, କେଶରୀ ନଗର, ରାଜୀବ ଭବନ ପଛପାର୍ଶ୍ୱରେ ଅବସ୍ଥିତ) କାର୍ଯ୍ୟାଳୟଠାରେ ଆସନ୍ତା ତା.୦୫.୦୩.୨୦୨୬ରିଖ (ଗୁରୁବାର) ଦିବା ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ତଫସିଲଯୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଜମିର ବିବରଣୀ

ମୌଜା- ପଥରଗାଡ଼ିଆ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

| ସାବିକ ଖାତା ନଂ. | ସାବିକ ପ୍ଲଟ ନଂ. | ଦାବି ରକବା | ହାଲ ଖାତା ନଂ. | ହାଲ ପ୍ଲଟ ନଂ. |
|---|---|---|---|---|
| ୨୨୦ | ୧୩୯୩/୨୪୬୯ | ଏ.୦.୫୦ | ୧୧୩୬ | ୬୩୨୨ |

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ତଦ୍‌ବୀର କରିବେ, ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ ।

ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ,
ଓଡ଼ିଶା, କଟକଙ୍କ ଆଦେଶକ୍ରମେ
ଶ୍ରୀ ଶଶାଙ୍କ ଶେଖର ମିଶ୍ର, ଅନୁସଚିବ (ବିଚାର)
ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ
D-3407

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


# ଦେବଦତ୍ତ ପଡିକଲଙ୍କ ଦ୍ୱିଶତକ



ଦ୍ୱିଶତକ ହାସଲ ପରେ ଦେବଦତ୍ତ ପଡିକଲ।

**ରଣଜୀ ଟ୍ରଫି ସେମିଫାଇନାଲ**

**ଲକ୍ଷ୍ନୌ, ୧୬।୨ (ପି.ଟି.)**

ଉତ୍ତରାଖଣ୍ଡ ବିପକ୍ଷ ରଣଜୀ ଟ୍ରଫି ସେମିଫାଇନାଲରେ ବିଶାଳ ସ୍କୋର ଛିଡ଼ା କରିବାକୁ ଯାଉଛି କର୍ଣ୍ଣାଟକ। ପୂର୍ବଦିନର ଅସମାପ୍ତ ସ୍କୋର ୩୫୫/୨ରୁ ଖେଳ ଆରମ୍ଭ କରିଥିବା ଏହି ଦଳ ଅଧିନାୟକ ଦେବଦତ୍ତ ପଡ଼ିକଲଙ୍କ ପ୍ରଥମଶ୍ରେଣୀ ଦ୍ୱିଶତକ ଏବଂ ରବିଚନ୍ଦ୍ରନ ସ୍ମରଣଙ୍କ ଶତକ ସହାୟତାରେ ସୋମବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୬୮୯ ରନ କରିଛି। ପଡ଼ିକଲ ତାଙ୍କ ଇନିଂସରେ ୩୩୦ ବଲ୍‌ର ସାମ୍ନା କରି ୨୯ ଚୌକା ଓ ୩ ଛକା ସହ ୨୩୨ ରନ କରିଥିଲେ। ଅନ୍ୟପକ୍ଷରେ ରବିଚନ୍ଦ୍ରନ ୧୯୧ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ସହ ୧୨୧ ରନ ଏବଂ ତାଙ୍କ ସହିତ ବିଦ୍ୟାଧର ପାଟିଲ ୩୫ ରନ କରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ଦିବସ ଖେଳ ଆରମ୍ଭରେ ପଡ଼ିକଲ ଓ କରୁଣ ନାୟର (୧୦୫ ବଲ୍‌ରୁ ୬୦ରନ) ତୃତୀୟ ଉଇକେଟ ପାର୍ଟନରଶିପ୍‌ରେ ୧୨୯ରନ ଯୋଗ କରିଥିଲେ। ପଡିକଲ ୨୮୮ ବଲ୍‌ରେ ତାଙ୍କର ପ୍ରଥମ ଦ୍ୱିଶତକ ହାସଲ କରିଥିଲେ। ତେବେ ସ୍ମରଣଙ୍କ ସହ ୫୯ରନ ଯୋଗ କରିବା ପରେ ସେ ଲକ୍ଷ୍ୟ ରାଇଚନ୍ଦାନୀଙ୍କ ବଲ୍‌ରେ ଉଇକେଟକିପର ରାଓ୍ୱତଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଯାଇଥିଲେ। ଅଧିନାୟକଙ୍କ ଉଇକେଟ ପତନ ପରେ ସ୍ମରଣଙ୍କ ଉପଯୋଗୀ ପାର୍ଟନର ଭାବେ ଉଭା ହୋଇଥିଲେ ଉଇକେଟକିପର କୃତୀକ୍ କ୍ରିଷ୍ଣା। ତାଙ୍କ ସହିତ ଏହି ୨୨ ବର୍ଷୀୟ ବିସ୍ଫୋରକ ବ୍ୟାଟର ୬ଷ୍ଠ ଉଇକେଟରେ ୧୨୩ ରନ ଯୋଗ କରି ଉତ୍ତରାଖଣ୍ଡକୁ ପୁଣି ହତାଶ କରିଥିଲେ। ଏହି ମ୍ୟାଚରେ କ୍ରିଷ୍ଣା ୧୦୩ ବଲ୍‌ରୁ ୧ ଛକା ଓ ୬ ଚୌକା ସହ ୬୦ରନ କରିଥିଲେ। ଅଫ୍-ସ୍ପିନର ଅଭିନିଶ ସୁଧା କ୍ରିଷ୍ଣାଙ୍କୁ ବୋଲ୍ଡ କରି ଏହି ପାର୍ଟନରଶିପ୍‌କୁ ଭାଙ୍ଗି ଦେଇଥିଲେ। ତଥାପି ଉତ୍ତରାଖଣ୍ଡର ଯନ୍ତ୍ରଣା ଶେଷ ହୋଇ ନ ଥିଲା। ପରେ ବ୍ୟାଟିଂ କରିବାକୁ ଆସିଥିବା ସିମ୍ ବୋଲର ବିଦ୍ୟାଧର ପାଟିଲ (୩୫*) ସ୍ମରଣଙ୍କ ସହ ୭ମ ଉଇକେଟରେ ୮୧ରନର ଅପରାଜିତ ଭାଗୀଦାରି କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

କର୍ଣ୍ଣାଟକ ପ୍ରଥମ ଇନିଂସ: ୬୮୯/୬ (ଦେବଦତ୍ତ ପଡ଼ିକଲ-୨୩୨, କେ.ଏଲ ରାହୁଲ-୧୪୧, ସ୍ମରଣ ରବିଚନ୍ଦ୍ରନ-୧୨୧*, କୃତୀକ କ୍ରିଷ୍ଣା-୬୦; ଆଦିତ୍ୟ ରାଓ୍ୱତ-୩/୧୩୨)।

# ନୀରବ ଭଲପାଇବା

ଦାମ୍ପତ୍ୟରେ ସନ୍ତାନ ଆସିବା ପରେ ବଦଳିଯାଏ ପ୍ରେମର ପରିଭାଷା। ଖୋଲାଖୋଲି ରୋମାନ୍ସରେ ଲାଗେ ବ୍ରେକ୍। କେବେ ଆଖିରେ ତ କେବେ ଇସାରାରେ, ଏମିତି ଚୁପ୍‌ଚାପ୍ ନିଜ ଭିତରେ ମଗ୍ନ ରହିବାକୁ ହୁଏ। ସମ୍ପର୍କ ମଜଭୁତ କରିବାକୁ ସେମାନେ ଆପଣେଇ ନିଅନ୍ତି ନୀରବ ଭଲପାଇବାକୁ...



କେବେ କେବେ ଘର ଲୋକଙ୍କ ଭିଡ଼ରେ ତ ଆଉ କେବେ ପିଲାଙ୍କ ଲାଳନପାଳନ ଭିତରେ ପତ୍ନୀପତିଙ୍କୁ ପରସ୍ପର ପାଇଁ ସମୟ ମିଳେନାହିଁ। ପରସ୍ପର ସହ ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇ ହୁଏନି କି ମନଖୋଲା କଥାବାର୍ତ୍ତା କରିହୁଏନି। ଏମିତି ଧୀରେ ଧୀରେ ସେମାନଙ୍କ ମଧ୍ୟରେ ଦୂରତା ବଢ଼ିଚାଲେ। ହେଲେ ଏଭଳି ପରିସ୍ଥିତିରେ ସମ୍ପର୍କକୁ ଅଧିକ ମଜଭୁତ କରିବାକୁ ହେଲେ ଦରକାର ସାଇଲେଣ୍ଟ ରୋମାନ୍ସ ନୀରବ ଭଲପାଇବା। ଏମିତି ହେଲେ ପରିବାରରେ ସମସ୍ତଙ୍କ ସହ ସମ୍ପର୍କ ଭଲ ରହେ ଓ ଠିକ୍ ଭାବରେ ପିଲାଙ୍କ ଲାଳନପାଳନ ସହ ପତ୍ନୀପତିଙ୍କ ମଧ୍ୟରେ ପ୍ରେମ ବି ପୂର୍ବ ପରି ରହିଥାଏ। ତେଣୁ ପିତାମାତା ହେବା ପରେ କପଲମାନଙ୍କ କ୍ଷେତ୍ରରେ ସାଇଲେଣ୍ଟ ରୋମାନ୍ସ ନିହାତି ଜରୁରୀ କହିଲେ ଭୁଲ୍ ହେବ ନାହିଁ।



**ସୀମା ଭିତରେ:** ମାତାପିତା ହେବା ପରେ କପଲମାନେ ପରସ୍ପର ମଧ୍ୟରେ ପ୍ରେମ ସମ୍ପର୍କକୁ ଏକ ନିର୍ଦ୍ଦିଷ୍ଟ ଶାଳୀନତା ଭିତରେ ରଖିବାକୁ ଚେଷ୍ଟା କରନ୍ତି। ତେଣୁ ପରସ୍ପର ମଧ୍ୟରେ ଥିବା ପ୍ରେମ ପରିପ୍ରକାଶ କରିବାର ସୁଯୋଗ କମ୍ ପାଆନ୍ତି। ସବୁ ସମ୍ପର୍କର ସୀମା ଭିତରେ ଏକ ଶାଳୀନତାର ପରିସୀମା ଭିତରେ ସେମାନେ ରୋମାନ୍ସର ବିଭିନ୍ନ ମାଧ୍ୟମକୁ ଆପଣେଇ ପାରିବେ। ଅର୍ଥାତ୍ ପାଟି ନ ଖୋଲି ପାଖରେ ଥିବା କାହାକୁ କିଛି ନ ଜଣାଇ ପରସ୍ପର ମଧ୍ୟରେ ପ୍ରେମଭାବ ଆଦାନ ପ୍ରଦାନ କରିହେବ। ଏଥିପାଇଁ କେବେ ପରସ୍ପରକୁ ଚାହିଁ ମୁରୁକି ହସ ତ କେବେ ପୁଣି ଆଖିରେ ଇସାରା ବି ଯଥେଷ୍ଟ।

**କାହିଁକି ଜରୁରୀ:** ଚୁପ୍ ରହି ବି ପରସ୍ପର ମଧ୍ୟରେ ପ୍ରେମ ଭାବକୁ ମଜଭୁତ କରିବା ନିମନ୍ତେ ଏଭଳି ଭଲପାଇବା ଜରୁରୀ। ପରସ୍ପର ମଧ୍ୟରେ ଭାବନାତ୍ମକ ବନ୍ଧନରେ ଯୋଡ଼ି ହୋଇ ରହିବା, ପରସ୍ପରକୁ ବୁଝିବା ସହ ବିଭିନ୍ନ ପ୍ରକାର ଚିନ୍ତା ଓ ଅବସାଦରୁ ଦୂରେଇ ରହିବାରେ ଏହା ସାହାଯ୍ୟ କରିଥାଏ। କପଲମାନଙ୍କ ଭିତରେ ବୁଝାମଣା ରକ୍ଷାକରେ। ବେଳେବେଳେ କଥାବାର୍ତ୍ତା ବିନା ଏହା ପରସ୍ପରର ବିଭିନ୍ନ ଆବଶ୍ୟକତା ପୂରାକରେ। ବୁଝାମଣା ରହିବା ଫଳରେ ମତଭେଦ ହୋଇ ନ ଥାଏ।

ପ୍ରତିଦିନର ବ୍ୟସ୍ତବହୁଳ କର୍ମମୟ ଜଞ୍ଜାଳ ଭିତରେ ଏଭଳି ରୋମାନ୍ସ ଅନ୍ତରଙ୍ଗତା ବଢ଼ାଇଥାଏ ଓ ସମ୍ପର୍କରେ ଏକ ମାଧୁର୍ଯ୍ୟ ପୂର୍ବପରି ରହିଥାଏ।

**ଘରେ ସବୁ ସମ୍ପର୍କକୁ ସମ୍ମାନ:** ସନ୍ତାନ ହେବା ପରେ ଅଧିକ ଦାୟିତ୍ୱ ସହ ଘର, ପରିବାର ଓ ଅଫିସ କାମ ଭିତରେ ପରସ୍ପରକୁ ଅଧିକ ସମୟ ଦେଇପାରନ୍ତି ନାହିଁ ପତ୍ନୀପତି। ଘରେ ସବୁ ସମ୍ପର୍କକୁ ସମ୍ମାନ ଦେଇ ନିଜ ଭିତରେ ମଧୁରତା ବଜାୟ ରଖିବାକୁ ହେଲେ ସାଇଲେଣ୍ଟ ରୋମାନ୍ସ ଦରକାର ହୁଏ। ଏଇ ମାଧ୍ୟମରେ ପରିବାରରେ ସମ୍ପର୍କର ଡୋରକୁ ମଜଭୁତ କରିହେବ। ତେବେ କପଲମାନଙ୍କ ଭିତରେ ବି ଏହା ଏକ ଫ୍ରେଶ୍ ଅନୁଭବ ଦେବ ଓ ମାନସିକ ଚାପକୁ କମ୍ କରିବ। ଏହା ଫଳରେ ଯେକୌଣସି କାମକୁ ବେଶ୍ ଉତ୍ସାହର ସହ କରିହେବ।

**କ'ଣ କରିବେ**

– ପରସ୍ପର ପାଇଁ ସମୟ ବାହାର କରନ୍ତୁ।







କେଉଁ ସମୟରେ ଉଭୟେ ପରସ୍ପରକୁ ଏକାନ୍ତ ସମୟ ଦେଇପାରିବେ ସେ ନେଇ ପ୍ରସ୍ତୁତି କରନ୍ତୁ।

– ପିଲାମାନେ ଯଦି ପରିବାରର ଅନ୍ୟ କାହା ପାଖରେ ଅଛନ୍ତି ତେବେ ସେ ସମୟରେ ପ୍ରାଇଭେଟ୍ ଟାଇମ୍ ପ୍ଲାନ୍ କରନ୍ତୁ।

– ପିଲାଙ୍କୁ ଯେମିତି ପ୍ରେମର ସ୍ପର୍ଶ ଦେଉଛନ୍ତି ସାଥୀଙ୍କୁ ବି ସେପରି ବ୍ୟବହାର କରନ୍ତୁ। ଫଳରେ ପିଲାମାନଙ୍କ ଆଗରେ ଆପଣ ଏକ ସୁନ୍ଦର ବାତାବରଣ ଭିତରେ ରହିପାରିବେ। ଲଭ୍ ନୋଟ୍, ଇସାରା ଏସବୁ ଛୋଟ କଥା ହେଲେ ବି ସମ୍ପର୍କ ଉପରେ ମଧ୍ୟ ବେଶ୍ ପ୍ରଭାବ ପଡ଼ିଥାଏ, ଏକଥା ଭୁଲନ୍ତୁ ନାହିଁ।

## ଏମାନେ କ'ଣ କରନ୍ତି

### ସମ୍ପର୍କ ମଜଭୁତ ହୋଇଛି



ଆମର ପୁଅ ହେବା ପରେ ଆମ ଭିତରେ ସମ୍ପର୍କରେ କିଛି ପ୍ରଭାବ ପଡ଼ିନାହିଁ। ପରସ୍ପର ଭିତରେ କେବେ ଭଲପାଇବା କମ୍ ହୋଇନାହିଁ। କାହିଁକିନା ଭାରତୀୟ ମର୍ଯ୍ୟାଦା ଭିତରେ ରହି ଆମ ଭିତରେ ସାଇଲେଣ୍ଟ ରୋମାନ୍ସ ବି ରହିଛି। ଏସବୁ ଆହୁରି ଅଧିକ ରୋମାଣ୍ଟିକ୍ ଲାଗିଥାଏ। ତେଣୁ ଆମ ଭିତରେ ସମ୍ପର୍କ ଆହୁରି ଅଧିକ ମଜଭୁତ ହୋଇପାରିଛି। ଭାରତୀୟ ପରମ୍ପରାରେ ସବୁ ଦମ୍ପତିଙ୍କ ଭିତରେ ଏଭଳି ଭଲପାଇବା ରହିବା ନିହାତି ଜରୁରୀ।

– ***ସ୍ମିତାଶ୍ରୀ ସିଂ ସୁନ୍ଦରାୟ,*** *ଗୃହିଣୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*

### ସମ୍ପର୍କରେ ବୁଝାମଣା ରହିଛି

ପରସ୍ପର ଭିତରେ ବୁଝାମଣା ରହିଲେ ସମ୍ପର୍କ ଭଲ ରହିବ। ସେଥିପାଇଁ ନିଜ ପାଇଁ ସମୟ ବାହାର କରିଥାଉ। ସପ୍ତାହକୁ ଥରେ ଦୁଇଜଣ ମିଶି ବାହାରକୁ ବୁଲିବାକୁ ଯାଉ। ଯଦି ସମୟ ନ ମିଳେ ତେବେ ଘରର ମାର୍କେଟିଂ ଓ ଅନ୍ୟ କାମ ସବୁ ଏକାଠି କରୁ। ଏମିତି ଭାବରେ ଆମେ ପରସ୍ପର ସହ କିଛି ସମୟ କଥାବାର୍ତ୍ତା ହେବାର ସୁଯୋଗ ପାଉ। ସେଇ ସମୟରେ ଆମେ ନିଜ ବିଷୟରେ ଏକାନ୍ତରେ କଥାବାର୍ତ୍ତା ହେବାର ସୁଯୋଗ ପାଇଥାଉ। ତା' ଛଡ଼ା ଅନ୍ୟ ସମୟରେ ଘରଲୋକ ଓ ପିଲାଙ୍କ ସହ ମୁଁ ବେଶ୍ ଖୁସିରେ ସମୟ କଟାଇଦିଏ। ଏପରି ହେବା ଫଳରେ ସମସ୍ତଙ୍କ ସହ ମୁଁ ସମୟକୁ ଖୁବ୍ ଏଞ୍ଜୟ କରେ। ସେଥିପାଇଁ ମୋର ପରିବାରର ସମସ୍ତଙ୍କ ସହିତ ଓ ସ୍ୱାମୀ ତଥା ପିଲାମାନଙ୍କ ସହ ସମ୍ପର୍କରେ ଗୋଟେ ସୁନ୍ଦର ସମନ୍ୱୟ ରହିପାରିଛି।



– **ଶୈଳବାଳା ଲେଙ୍କା,** ଗୃହିଣୀ, ନିଆଳି, କଟକ

# ଶୀତବସ୍ତ୍ର ସଫା କରୁଥିଲେ...

ୱାଶିଂ ମେଶିନରେ ସ୍ୱେଟର, ଜ୍ୟାକେଟ୍ ଓ ଅନ୍ୟ ଶୀତବସ୍ତ୍ର ଆଦି ଧୋଇବା ସମୟରେ କେଉଁ ସବୁ ଦିଗକୁ ଧ୍ୟାନଦେବାକୁ ହେବ ଜାଣନ୍ତୁ...



- ମେଶିନରେ ସ୍ୱେଟର ଓ ଜ୍ୟାକେଟ୍ ଆଦି ଧୋଉଥିଲେ ସେସବୁକୁ ପ୍ରଥମେ ଓଲଟା କରି ଦିଅନ୍ତୁ। ଫଳରେ ଅନ୍ୟ କପଡ଼ା ସହ ଏହା ମିଶିଯିବ ନାହିଁ। ଏହା ସହିତ ସେଥିରେ ଯଦି ବଟମ୍ କିମ୍ବା ଜିପ୍ ଥାଏ ତେବେ ତାକୁ ବନ୍ଦ କରିଦିଅନ୍ତୁ। ଏହା ଫଳରେ କପଡ଼ା ଭଲଭାବେ ସଫାହେବା ସହ ଖରାପ ହେବ ନାହିଁ।
- କଳା କିମ୍ବା ଧଳା ରଙ୍ଗର ପୋଷାକ ସହ ସ୍ୱେଟରକୁ ଏକାଠି ସଫା କରନ୍ତୁ ନାହିଁ।
- ଉଲ୍ କପଡ଼ା ଧୋଉଥିଲେ ମେଶିନରେ ଥଣ୍ଡା ପାଣି ବ୍ୟବହାର କରନ୍ତୁ। ଗରମ ପାଣିରେ ଉଲ୍ ପୋଷାକ ଢିଲା ହୋଇଯାଏ। ତେଣୁ ପାଣିର ମୋଡ୍ ଠିକ୍ ଚୟନ କରନ୍ତୁ।
- ଉଲ୍ କପଡ଼ା ଧୋଇବା ପାଇଁ ଲିକୁଇଡ୍ ଡିଟରଜେଣ୍ଟର ବ୍ୟବହାର କରନ୍ତୁ। ପୋଷାକର ରଙ୍ଗ ଖରାପ ହେବ ନାହିଁ।
- ଉଲ୍ ପୋଷାକ ସବୁକୁ ଅଲଗାକରି ମେଶିନରେ ଧୋଇଲେ ଭଲ। କାରଣ ୱାଶିଂ ମେଶିନରେ ଉଲେନ୍ ମୋଡ୍ ରହିଛି। ଯଦି ଉଲେନ୍ ମୋଡ୍ ନ ଥାଏ ତେବେ କିଛି ହାଲ୍‌କା ମୋଡ୍ ବ୍ୟବହାର କରନ୍ତୁ। କାରଣ ଏହିସବୁ କପଡ଼ା ଶୀଘ୍ର ସଫା ହୋଇଯାଏ ଓ ରଙ୍ଗ ଖରାପ ହୁଏ ନାହିଁ।

# ମାଇଗ୍ରେନ୍‌ର ଘରୋଇ ଉପଚାର



- ମାଇଗ୍ରେନ୍ ଭଲ କରିବା ପାଇଁ ଯୋଗ ଓ ମେଡିଟେଶନ କରନ୍ତୁ। ଏହା ବ୍ୟତୀତ ଜୋରରେ ନିଃଶ୍ୱାସ ପ୍ରଶ୍ୱାସ ନିଅନ୍ତୁ। ଏଭଳି ଭାବରେ ମନକୁ ଶାନ୍ତ କରିହେବ। ନିୟମିତ ଅଭ୍ୟାସ କଲେ ମାଇଗ୍ରେନ୍ ମଧ୍ୟ ଭଲ ହୋଇଯିବ।
- ଦିନକୁ ଅତିକମ୍‌ରେ ୭–୮ ଘଣ୍ଟା ଶୁଅନ୍ତୁ। ମନକୁ ଶାନ୍ତ ଓ ଚିନ୍ତାମୁକ୍ତ କରିବାରେ ଏହା ସାହାଯ୍ୟ କରିଥାଏ।
- ପ୍ରଚୁରମାତ୍ରାରେ ପାଣି ପିଅନ୍ତୁ। ଶରୀର ଡିହାଇଡ୍ରେଟ୍ ହେଲେ ମାଇଗ୍ରେନ୍ ସମସ୍ୟା ଦେଖାଦେବା ଆଶଙ୍କା ରହିଥାଏ।
- ଲହୁଣି, ପ୍ରୋସେସ୍‌ଡ ଫୁଡ୍, ରେଡ୍ ୱାଇନ୍ ଓ ପ୍ରିଜରଭେଟିଭ୍ ଫୁଡ୍ ଖାଆନ୍ତୁ ନାହିଁ।
- ଋତୁ ଅନୁସାରେ ଫଳ ଓ ପନିପରିବା ଅଧିକ ଖାଆନ୍ତୁ। ଉପଯୁକ୍ତ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇଲେ ଶରୀର ସୁସ୍ଥ ରହେ। ବାତ, ପିତ ଓ କଫ ଭଳି ତ୍ରିଦୋଷ ମଧ୍ୟ କମ୍ ହୋଇଥାଏ। ଫଳରେ ମାଇଗ୍ରେନ୍ ସମସ୍ୟା ହୋଇ ନ ଥାଏ।
- ବ୍ରାହ୍ମୀ, ଅଶ୍ୱଗନ୍ଧା, ଅଦା, ତୁଳସୀ, ଦେଶୀଘିଅ, ବାଦାମ ଆଦି ଖାଦ୍ୟରେ ସାମିଲ କରନ୍ତୁ। ଏହା ମଧ୍ୟ ମାଇଗ୍ରେନ୍‌କୁ ଭଲ କରିବାରେ କେତେକାଂଶରେ ସହାୟକ ହୋଇଥାଏ।
- ଆୟୁର୍ବେଦର ପଞ୍ଚକର୍ମ ଥେରାପୀ ଆପଣାନ୍ତୁ। ଏହି ମାଧ୍ୟମରେ ଶରୀରରେ ଥିବା ଟକ୍ସିକ୍ ସବୁ ବାହାରି ଯାଇଥାଏ।



# ଫୁଲକୋବି ପତ୍ରପୋଡ଼ା

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ–** ଫୁଲକୋବି– ୧ଟି, କଦଳୀପତ୍ର– ୨ ଖଣ୍ଡ, ସୋରିଷ– ୨ ବଡ଼ ଚାମଚ, ପୋସ୍ତ– ୧ ଚାମଚ, ଅଦା– ୨ ଖଣ୍ଡ, ରସୁଣ– ୭ରୁ ୮ କୋଲା, ନଡ଼ିଆ କୋରା– ୨ ଚାମଚ, କାଜୁ– ୫ଟି, ଶୁଖିଲା ଲଙ୍କା– ୨ଟି, ଟମାଟୋ– ୧ଟି, ସୋରିଷ ତେଲ, ଲୁଣ ଓ ହଳଦୀ ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଏକ ଫୁଲକୋବିକୁ ବଡ଼ ବଡ଼ ଖଣ୍ଡରେ କାଟି ଦିଅନ୍ତୁ। ଏହାପରେ ପାତ୍ରରେ ପାଣି ଫୁଟାଇ ସେଥିରେ କିଛି ଲୁଣ ମିଶାଇ ଫୁଲକୋବିକୁ ପକାନ୍ତୁ। ୨ ରୁ ୩ ମିନିଟ୍ ଫୁଟିବା ପରେ କୋବି ଦରସିଝା ହୋଇଯିବ। ଏହା ପରେ କୋବିକୁ ପାଣିରୁ ବାହାର କରିଦିଅନ୍ତୁ। ମସଲା ପାଇଁ ଥିବା ସୋରିଷ, ପୋସ୍ତ, ଅଦା, ରସୁଣ, କାଜୁ, ଲଙ୍କା ଓ ନଡ଼ିଆ କୋରାକୁ ଭଲଭାବେ ବାଟି ରଖନ୍ତୁ। ମସଲାକୁ ବହଳିଆକରି ବାଟନ୍ତୁ। ଏଥିରେ ଏବେ କିଛି ହଳଦୀ ଗୁଣ୍ଡ କଶ୍ମୀରୀ ଲଙ୍କାଗୁଣ୍ଡ, ଆବଶ୍ୟକ ଅନୁସାରେ ଲୁଣ ଓ ଅଧା ଚାମଚ ଚିନି ମିଶାନ୍ତୁ। ଏବେ ଏଥିରେ ଟମାଟୋକୁ ଛୋଟ ଛୋଟ କାଟି ପକାନ୍ତୁ। ଶେଷରେ ସୋରିଷ ତେଲ ୧ ଚାମଚ ପକାନ୍ତୁ।

କଦଳୀପତ୍ରକୁ ଧୋଇ ଛୋଟ ଛୋଟ କରି ରଖନ୍ତୁ। ଏହାକୁ ଚୁଲିରେ ଟିକେ ଦେଖାଇ ନରମ କରିଦିଅନ୍ତୁ। ଅନ୍ୟପଟେ ଅଧା ସିଝା ହୋଇଥିବା କୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏହାକୁ ମସଲାରେ ଗୋଳାଇ ନିଅନ୍ତୁ। ଏବେ ଏହାକୁ କଦଳୀପତ୍ର ଉପରେ ରଖନ୍ତୁ। ଦୁଇଟି କଞ୍ଚା ଲଙ୍କାକୁ ଦୁଇଫାଳ କରି ରଖନ୍ତୁ। ଏବେ ପତ୍ରକୁ ଭଲଭାବେ ବାନ୍ଧି ଦିଅନ୍ତୁ।

କଡ଼େଇରେ ସୋରିଷତେଲ ଗରମକରି ପତ୍ରପୋଡ଼ାକୁ ରଖି ଘୋଡ଼ାଇ ଦିଅନ୍ତୁ। କମ୍ ଆଞ୍ଚରେ ଏହାକୁ ଓଲଟପାଲଟ କରନ୍ତୁ। ପ୍ରାୟ ଅଧଘଣ୍ଟା ପରେ ଏହା ହୋଇଯିବ। ଏବେ ଏହାକୁ ତଳକୁ ଆଣି ପତ୍ର ବାହାରକରି ଖାଆନ୍ତୁ। ବହୁତ ସ୍ୱାଦିଷ୍ଟ ଲାଗିବ। ଏହାକୁ ଭାତ କିମ୍ବା ରୁଟି ସହ ଖାଇପାରିବେ।



ସୌନ୍ଦର୍ଯ୍ୟ

# କେଶ ପାଇଁ ଭୃସଙ୍ଗପତ୍ର

କେଶକୁ ଅଧିକ ଘନ ଲମ୍ବା ଓ ସୁନ୍ଦର କରିବା ପାଇଁ ଭୃସୁଙ୍ଗପତ୍ରର ବ୍ୟବହାର କରିପାରିବେ। ଜାଣନ୍ତୁ ସେ ସମ୍ପର୍କରେ...



**ଭୃସଙ୍ଗପତ୍ର ଓ ଦହି:** ଦହି ସହ କିଛି ଭୃସଙ୍ଗପତ୍ର ମିଶାଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହାକୁ କେଶ ମୂଳରେ ଭଲଭାବରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଏହାପରେ ଭଲଭାବେ ଶାମ୍ପୁ କରି ଦିଅନ୍ତୁ।

**ନଡ଼ିଆତେଲ ଓ ଭୃସଙ୍ଗପତ୍ର :** ନଡ଼ିଆତେଲ କେଶ ନିମନ୍ତେ ବହୁତ ଭଲ। ଏହା କେଶକୁ ପୋଷଣ ଦେଇଥାଏ। ତେଣୁ ନଡ଼ିଆ ତେଲରେ ଭୃସଙ୍ଗପତ୍ର ମିଶାଇ ୫ ରୁ ୭ ମିନିଟ୍ ଗରମ କରନ୍ତୁ। ଏହାପରେ ତେଲକୁ ଥଣ୍ଡାକରି ଛାଣିଦିଅନ୍ତୁ। ଏହାକୁ କେଶମୂଳରେ ଲଗାଇ ୧ ଘଣ୍ଟାରୁ ଅଧିକ ସମୟ ରଖନ୍ତୁ। ଏହାପରେ ଶାମ୍ପୁ କରିଦିଅନ୍ତୁ।

**ଭୃସଙ୍ଗପତ୍ର ଗୁଣ୍ଡ:** କେଶ ମୂଳରେ ଭୃସଙ୍ଗପତ୍ର କୁ ବାଟି ଲଗାନ୍ତୁ। ପ୍ରାୟ ଅଧଘଣ୍ଟା ରଖିବା ପରେ କେଶ ଧୋଇଦିଅନ୍ତୁ। ଏପରି କରିବା ଫଳରେ କେଶ ମଜଭୁତ ହେବା ସହ ସୁନ୍ଦର କରିଥାଏ। ଏହି ପତ୍ରକୁ ଚାହିଁଲେ ଆପଣ ଶୁଖାଇ ଗୁଣ୍ଡକରି ରଖିପାରିବେ। ଏହି ଗୁଣ୍ଡକୁ ପାଣିରେ ଗୋଳାଇ ଲଗାଇପାରିବେ।

**ଅଁଳା:** ଭୃସଙ୍ଗପତ୍ର ଓ ଅଁଳାକୁ ଗ୍ରାଇଣ୍ଡିଂକରି କେଶମୂଳରେ ଲଗାନ୍ତୁ। ୨ଘଣ୍ଟା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏଭଳି ହେୟାର ମାସ୍କ ଲଗାଇଲେ କେଶ ମଜଭୁତ ହେବା ସହ କୋମଳ ଓ ସୁନ୍ଦର ହୋଇଯିବ।

**ମେଥି:** ଅଧାକପ୍ ମେଥି, ଅଧାକପ୍ ଭୃସଙ୍ଗପତ୍ର ଓ ୩–୪ଟି ଅଁଳାକୁ ଏକାଠି ଗ୍ରାଇଣ୍ଡିଂ କରି କେଶମୂଳରେ ଲଗାନ୍ତୁ। ପ୍ରାୟ ୧ ଘଣ୍ଟା ଏହି ହେୟାର ମାସ୍କକୁ ରଖିବା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ଲଗାଇଲେ କେଶ ଅଧିକ ଘନ ଓ କୋମଳ ହେବ।



ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୭/୨୦୨୬ Bhubaneswar, Tuesday, February 17/ 2026




# ଟି୨୦ ବିଶ୍ୱକପ୍: ସୁପର-୮ରେ ଇଂଲଣ୍ଡ

**କୋଲକାତା, ୧୬।୨**

ଇଂଲଣ୍ଡ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସୁପର-୮ରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୨୪ ରନରେ ଇଟାଲିକୁ ପରାସ୍ତ କରିଛି। ୱିଲ ଜ୍ୟାକ୍ସଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୨୦୨ ରନ କରିଥିଲା। ଜବାବରେ ଇଟାଲି ୧୮ ଓଭର ପର୍ଯ୍ୟନ୍ତ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଶେଷ ଦୁଇ ଓଭରରେ ଖରାପ ପ୍ରଦର୍ଶନକରି ୨୦ ଓଭରରେ ୧୭୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଇଂଲଣ୍ଡ ଇନିଂସ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବା ୱିଲ ଜ୍ୟାକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ସହ ଗ୍ରୁପ୍ 'ସି'ରୁ ୱେଷ୍ଟଇଣ୍ଡିଜ ପରେ ଦ୍ୱିତୀୟ ଦଳଭାବେ ଇଂଲଣ୍ଡ ସୁପର-୮ ଖେଳିବା ନିଶ୍ଚିତ କରିଛି। ଅନ୍ୟପକ୍ଷରେ ଟୁର୍ନାମେଣ୍ଟରେ ଉତ୍ସାହଜନକ ପ୍ରଦର୍ଶନ କରିଥିବା ଇଟାଲି ଗ୍ରୁପ୍ ପର୍ଯ୍ୟାୟରୁ ଏଲିମିନେଟ ହୋଇଯାଇଛି। ଇଂଲଣ୍ଡ ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇଥିବାବେଳେ ଇଟାଲି ୩ ମ୍ୟାଚରୁ ୨ ପଏଣ୍ଟରେ ସ୍ଥିର ରହିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ କୌଣସି ଉଇକେଟରେ ବଡ଼ ପାର୍ଟନରଶିପ୍ ଗଢ଼ିପାରି ନ ଥିଲେ ମଧ୍ୟ ଅଧିକାଂଶ ବ୍ୟାଟରଙ୍କ ଉପଯୋଗୀ ଅବଦାନକୁ ନେଇ ୨୦୦ରୁ ଊର୍ଦ୍ଧ୍ୱ ସ୍କୋର କରିବାରେ ସକ୍ଷମ ହୋଇଥିଲା। ୭ ନମ୍ବର ବ୍ୟାଟର ଜ୍ୟାକ୍ସ ବିସ୍ଫୋରକ ବ୍ୟାଟିଂକରି ଦଳ ପକ୍ଷରୁ ସର୍ବାଧିକ ୫୩ (୨୨ ବଲ, ୩ ଚୌକା, ୪ ଛକା) ରନ କରିଥିଲେ। ଫିଲିପ୍ ସଲ୍ଟ ୨୮, ଜ୍ୟାକବ ବେଥେଲ ୨୩, ଟମ୍ ବାଣ୍ଟନ ୩୦, ସାମ୍ କୁରାନ ୨୫ ଓ ଜେମି ଓଭର୍ଟନ ୧୫ ରନ କରିଥିଲେ। ଜ୍ୟାକ୍ସ ଓ କୁରାନଙ୍କ ୬ଷ୍ଠ ଉଇକେଟ ଯୋଡ଼ିରେ ସର୍ବାଧିକ ୫୩ ରନ ସଂଗୃହୀତ ହୋଇଥିଲା। ଇଟାଲି ପକ୍ଷରୁ ଗ୍ରାଣ୍ଟ ଷ୍ଟିୱାର୍ଟ ଓ କ୍ରିଶନ କାଲୁଗାମାଗେ ୨ଟି ଲେଖାଏ ଏବଂ ଜେ.ଜେ. ସ୍ମୁଟ୍ସ, ଅଲୀ ହାସନ ଓ ବେନ୍ ମାନେଣ୍ଟି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଇଟାଲି ୨୨ ରନ ମଧ୍ୟରେ ୩ ଉଇକେଟ ହରାଇଥିଲେ ହେଁ ୪ର୍ଥ ଉଇକେଟରେ ବେନ୍ ମାନେଣ୍ଟି ଓ ଜଷ୍ଟିନ ମୋସ୍କାଙ୍କ ୯୨ ରନର ଭାଗୀଦାରି ବଳରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଶେଷ ଭାଗରେ ଗ୍ରାଣ୍ଟ ଷ୍ଟିୱାର୍ଟ ଦୃଢ଼ ବ୍ୟାଟିଂକରି ଚ୍ୟାଲେଞ୍ଜ ଦେଇଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଦଳ ପକ୍ଷରୁ ମାନେଣ୍ଟି ସର୍ବାଧିକ ୬୦, ଷ୍ଟିୱାର୍ଟ ୪୫ ଓ ମୋସ୍କା ୪୩ ରନ କରିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଜେମି ଓଭର୍ଟନ ଓ ସାମ୍ କୁରାନ ୩ଟି ଲେଖାଏ, ଜୋଫ୍ରା ଆର୍ଚରର ୨ଟି ଏବଂ ୱିଲ ଜ୍ୟାକ୍ସ ଓ ଆଡିଲ ରଶିଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ ଇଂଲଣ୍ଡର ୱିଲ ଜ୍ୟାକ୍ସ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୨୦୨/୭ (ୱିଲ ଜ୍ୟାକ୍ସ-୫୩*, ଟମ୍ ବାଣ୍ଟନ-୩୦, ଗ୍ରାଣ୍ଟ ଷ୍ଟିୱାର୍ଟ -୨/୫୧, କ୍ରିଶନ କାଲୁଗାମାଗେ-୨/୪୧ ଏବଂ ଜେ.ଜେ. ସ୍ମୁଟ୍ସ-୧/୨୪, ଅଲୀ ହାସନ-୧/୩୭, ବେନ୍ ମାନେଣ୍ଟି-୧/୩୭)। ଇଟାଲି ୨ ଓଭରରେ ୧୭୮/ଅଲଆଉଟ (ବେନ୍ ମାନେଣ୍ଟି-୬୦, ଗ୍ରାଣ୍ଟ ଷ୍ଟିୱାର୍ଟ-୪୫, ଜଷ୍ଟିନ ମୋସ୍କା-୪୩, ଜେମି ଓଭର୍ଟନ-୩/୧୮, ସାମ୍ କୁରାନ-୩/୨୨, ଜୋଫ୍ରା ଆର୍ଚର-୨/୩୫, ୱିଲ ଜ୍ୟାକ୍ସ-୧/୩୪, ଆଡିଲ ରଶିଦ-୧/୪୩)।

## ଟି୨୦ ବିଶ୍ୱକପ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | |
| ଭାରତ | ୩ | ୩ | ୦ | ୬ | +୩.୦୫୦ |
| ଆମେରିକା | ୪ | ୨ | ୨ | ୪ | +୦.୭୮୮ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୪୦୩ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | -୧.୩୫୨ |
| ନାମିବିଆ | ୩ | ୦ | ୩ | ୦ | -୨.୪୪୩ |
| **ଗ୍ରୁପ୍ 'ବି'** | | | | | |
| ଶ୍ରୀଲଙ୍କା | ୩ | ୩ | ୦ | ୬ | +୨.୪୬୨ |
| ଜିମ୍ବାୱେ | ୨ | ୨ | ୦ | ୪ | +୧.୯୮୪ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | +୦.୪୧୪ |
| ଆୟର୍ଲାଣ୍ଡ | ୩ | ୧ | ୨ | ୨ | +୦.୧୫୦ |
| ଓମାନ | ୩ | ୦ | ୩ | ୦ | -୪.୫୪୬ |
| **ଗ୍ରୁପ 'ସି'** | | | | | |
| ୱେଷ୍ଟଇଣ୍ଡିଜ | ୩ | ୩ | ୦ | ୬ | +୧.୮୨୦ |
| ଇଂଲଣ୍ଡ | ୪ | ୩ | ୧ | ୬ | +୦.୨୦୧ |
| ସ୍କଟଲାଣ୍ଡ | ୩ | ୧ | ୨ | ୨ | +୦.୩୫୯ |
| ଇଟାଲି | ୩ | ୧ | ୨ | ୨ | -୦.୫୮୮ |
| ନେପାଳ | ୩ | ୦ | ୩ | ୦ | -୧.୯୪୨ |
| **ଗ୍ରୁପ୍ 'ଡି'** | | | | | |
| ଦ.ଆଫ୍ରିକା | ୩ | ୩ | ୦ | ୬ | +୧.୪୭୭ |
| ନ୍ୟୁଜିଲାଣ୍ଡ | ୩ | ୨ | ୧ | ୪ | +୦.୭୦୧ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | -୦.୨୧୫ |
| ୟୁଏଇ | ୩ | ୧ | ୨ | ୨ | -୦.୭୯୭ |
| କାନାଡ଼ା | ୨ | ୦ | ୨ | ୦ | -୧.୫୨୬ |

# ଏଲିମିନେଶନ ଦ୍ୱାରରେ ଅଷ୍ଟ୍ରେଲିଆ

## ନିଶଙ୍କାଙ୍କ ଶତକ: ସୁପର-୮ରେ ଶ୍ରୀଲଙ୍କା



ଶତକ ହାସଲ ପରେ ଶ୍ରୀଲଙ୍କାର ପଥୁମ ନିଶଙ୍କା।

**ପାଲିକେଲ,୧୬।୨**

ପଥୁମ ନିଶଙ୍କାଙ୍କ ବିସ୍ଫୋରକ ଶତକ ବଳରେ ଶ୍ରୀଲଙ୍କା ସୋମବାର ଅନୁଷ୍ଠିତ ଟି୨୦ ବିଶ୍ୱକପ୍ କ୍ରିକେଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୮ ଉଇକେଟରେ ପରାସ୍ତ କରିଛି। ଏଥିସହ ଶ୍ରୀଲଙ୍କା ସୁପର-୮ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଥିବା ବେଳେ ଅଷ୍ଟ୍ରେଲିଆ ଗ୍ରୁପ୍ ପର୍ଯ୍ୟାୟରୁ ଏଲିମିନେଶନ ଦ୍ୱାରରେ ପହଞ୍ଚିଛି। ମଙ୍ଗଳବାର ଜିମ୍ବାୱେ ଓ ଆୟର୍ଲାଣ୍ଡ ମଧ୍ୟରେ ହେବାକୁ ଥିବା ଗ୍ରୁପ୍-ବି' ମ୍ୟାଚ୍ ଉପରେ ଅଷ୍ଟ୍ରେଲିଆର ଭାଗ୍ୟ ନିର୍ଭର କରିବ। ଅଷ୍ଟ୍ରେଲିଆ ଦ୍ୱାରା ପ୍ରଦତ୍ତ ୧୮୨ ରନର ଟାର୍ଗେଟ୍‌କୁ ଶ୍ରୀଲଙ୍କା ୧୮ ଓଭରରେ ୨ ଉଇକେଟରେ ହାସଲ କରି ନେଇଥିଲା। ଟାର୍ଗେଟର ପିଛା କରିବା ଦୃଷ୍ଟିରୁ ଏହା ଶ୍ରୀଲଙ୍କା ଲାଗି ଟି୨୦ ବିଶ୍ୱକପ୍‌ରେ ସବୁଠୁ ବଡ଼ ବିଜୟ। ସେହିଭଳି ଟି୨୦ ବିଶ୍ୱକପ୍ ଇତିହାସରେ ନିଶଙ୍କା ପ୍ରଥମ ବ୍ୟାଟର ଭାବେ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ହାସଲ କରିଛନ୍ତି। ଚଳିତ ବିଶ୍ୱକପରେ ମଧ୍ୟ ଏହା ପ୍ରଥମ ଶତକ।

ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆକୁ ଟ୍ରାଭିସ ହେଡ୍ ଓ ମିଚେଲ ମାର୍ଶ ୧୦୩ ରନ ଆରମ୍ଭ ପ୍ରଦାନ କରିଥିଲେ। ହେଡ୍ ୨୯ ବଲରେ ୫୬ (୭ ଚୌକା ଓ ୩ ଛକା) ଓ ମାର୍ଶ ୨୭ ବଲରେ ୫୪ (୮ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। ଦୁଇ ଓପନର ଆଉଟ୍ ହେବା ସହ ଶ୍ରୀଲଙ୍କା ମ୍ୟାଚ୍‌କୁ ଫେରିଥିଲା। ଶେଷ ଆଡ଼କୁ ଗ୍ଲେନ ମ୍ୟାକ୍ସୱେଲ ୨୨ ଓ ଜୋଶ ଇଙ୍ଗଲିସ ୨୭ ରନ କରିଥିଲେ। ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଶ୍ରୀଲଙ୍କା ପକ୍ଷରୁ ଦୁଶାନ ହେମନ୍ତ ୩ ଓ ଦୁସ୍ମନ୍ତ ଚାମିରା ୨ଟି ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ଆରମ୍ଭରୁ କୁଶାଲ ପେରେରା(୧)ଙ୍କ ଉଇକେଟ ହରାଇଥିଲା। ହେଲେ ପଥୁମ ନିଶଙ୍କା ଓ କୁଶାଲ ମେଣ୍ଡିସ ଦ୍ୱିତୀୟ ଉଇକେଟରେ ୬୬ ବଲରେ ୯୭ ରନ ଯୋଡ଼ିଥିଲେ। ମେଣ୍ଡିସ ୫୧ (୬ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। ଏହା ଚଳିତ ବିଶ୍ୱକପ୍‌ରେ ତାଙ୍କର କ୍ରମାଗତ ତୃତୀୟ ଅର୍ଦ୍ଧଶତକ ଥିଲା। ଏହାପରେ ନିଶଙ୍କା ଓ ପବନ ରତ୍ନାୟକେ ଅସମାପ୍ତ ତୃତୀୟ ଉଇକେଟରେ ୩୪ ବଲରେ ଦ୍ରୁତ ୭୯ ରନ ଯୋଡ଼ି ଦଳକୁ ଜିତାଇଥିଲେ। ନିଶଙ୍କା ୫୨ ବଲରେ ୧୦୦ (୧୦ ଚୌକା ଓ ୫ ଛକା) ଓ ପବନ ୧୫ ବଲରେ ୨୮ (୬ ଚୌକା) ରନ କରି ଅପରାଜିତ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମାର୍କୁସ ଷ୍ଟୋଇନିସ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୧/ଅଲଆଉଟ୍ (ଟ୍ରାଭିସ ହେଡ୍-୫୬, ମିଚେଲ ମାର୍ଶ-୫୪, ଜୋଶ ଇଙ୍ଗଲିସ, ଦୁଶାନ ହେମନ୍ତ-୩/୩୭, ଦୁସ୍ମନ୍ତ ଚମିରା-୨/୩୫)। ଶ୍ରୀଲଙ୍କା ୧୮ ଓଭରରେ ୧୮୪/୨ (ପଥୁମ ନିଶଙ୍କା-୧୦୦, କୁଶାଲ ମେଣ୍ଡିସ-୫୧, ପବନ ରତ୍ନାୟକେ-୨୮*, ମାର୍କୁସ ଷ୍ଟୋଇନିସ-୨/୪୬)।

# ବରୋଦାକୁ ହରାଇଲା ଓଡ଼ିଶା

**କଟକ,୧୬।୨(କୁମାରଶ୍ରୀ)**

ଚଳିତ ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ୪ର୍ଥ ବିଜୟ ହାସଲ କରିଛି। ରାଜକୋଟର ସନସୋରା କ୍ରିକେଟ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ବରୋଦାକୁ ୨ ଉଇକେଟରେ ପରାସ୍ତ କରିଛି। ଟସ୍ ହାରି

**ସିନିୟର ମହିଳା ଏକଦିବସୀୟ କ୍ରିକେଟ**

**ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବରୋଦା ଇନିଂସ୍ ୨୨୫ରନରେ ସୀମିତ ରହିଥିଲା। ଜେ. ମୋହିତେ ସର୍ବାଧିକ ୫୦ରନ କରିଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ୪ଟି, ନିବେଦିତା ଜନ ନାଏକ ଏବଂ ଜ୍ୟୋତି କେ. ପ୍ରସାଦ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରାରମ୍ଭିକ ଉଇକେଟ ପତନ ସତ୍ତ୍ୱେ ଅଧିନାୟିକା ସୁଶ୍ରୀ ୮୩ବଲରୁ ୭୮ରନର ଧୈର୍ଯ୍ୟପୂର୍ଣ୍ଣ ଇନିଂସ୍ ଖେଳି ଓଡ଼ିଶାବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତରଣା ୧୧ବଲରୁ ୨୧ରନର ଅପରାଜିତ ଇନିଂସ ଖେଳି ଦଳକକୁ ବିଜୟୀ କରିଥିଲେ। ୪ର୍ଥ ବିଜୟ ସହ ୧୬ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଏଲିଟ ଗ୍ରୁପ-ଏ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ସମାନ ସଂଖ୍ୟକ ପଏଣ୍ଟ ପାଇ ଉତ୍ତରପ୍ରଦେଶ ୩ୟରେ ଥିବା ବେଳେ ମହାରାଷ୍ଟ୍ର ଏବଂ କର୍ନାଟକ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୮ ତାରିଖରେ ମହାରାଷ୍ଟ୍ର ବିପକ୍ଷରେ ଓଡ଼ିଶା ଶେଷ ଲିଗ୍ ମ୍ୟାଚ୍ ଖେଳିବ।


ସୁଶ୍ରୀ ଦିବ୍ୟଦର୍ଶିନୀ

# ୟୁଏଇକୁ ହରାଇଲା ଆଫଗାନିସ୍ତାନ

**ନୂଆଦିଲ୍ଲୀ, ୧୬।୨ (ପି.ଟି.)**

ଅଜ୍‌ମାତୁଲ୍ଲାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସହାୟତାରେ ଆଫଗାନିସ୍ତାନ ଏଠାରେ ସୋମବାର ଖେଳାଯାଇଥିବା ୟୁଏଇ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ ୫ ଉଇକେଟରେ ବିଜୟ ଲାଭ କରିଛି। ଓମାରଜାଇ ୪ଉଇକେଟ ଅକ୍ତିଆର କରିବା ସହ ୪୦ ରନ କରି ଅପରାଜିତ ରହିଥିଲେ। ଏହି ବିଜୟ ଦ୍ୱାରା ଆଫାଗାନିସ୍ତାନ ଟୁର୍ନାମେଣ୍ଟରେ ଏହାର ଖାତା ଖୋଲିଛି। ଗ୍ରୁପ୍ 'ଡି'ରୁ ସୁପର-୮କୁ ଉନ୍ନୀତ ହେବା ଲାଗି ଦଳର ସାମାନ୍ୟ ଆଶା ସଞ୍ଚାର ହୋଇଛି। ଦକ୍ଷିଣ ଆଫ୍ରିକା ୬ ପଏଣ୍ଟ ସହ ଗ୍ରୁପ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଏହାପଛକୁ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଏବଂ ଆଫଗାନିସ୍ତାନ ତୃତୀୟ ସ୍ଥାନରେ ରହିଛି। ପରାଜିତ ହେବା ଦ୍ୱାରା ୟୁଏଇ ଚତୁର୍ଥ ସ୍ଥାନକୁ ଖସିଆସିଛି। ଓମାରଜାଇ ଲାଇନ୍ ଲେନ୍ଥ ବଜାୟ ରଖି ତାଙ୍କ ୪ ଓଭର ବୋଲିଂରେ ୧୫ରନ ବିନିମୟରେ ୪ଉଇକେଟ ନେଇଥିବା ବେଳେ ୟୁଏଇ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ହରାଇ ୧୬୦ ରନ କରିଥିଲା। ଦଳର ଟପ୍ ସ୍କୋରର ସୋହେବ ଖାନ୍ ୪୮ ବଲ୍‌ରୁ ୬୮ ରନ କରିଥିଲେ। ଜବାବରେ ଆଫଗାନିସ୍ତାନ ଆରମ୍ଭରୁ ଶୀଘ୍ର ଉଇକେଟମାନ ହରାଇ ବସିଥିଲା। ହେଲେ ୧୯.୨ ଓଭରରେ ୫ଉଇକେଟ ବିନିମୟରେ ୧୬୨ ରନ କରି ମ୍ୟାଚ ଜିତିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ୟୁଏଇ: ୨୦ ଓଭରରେ ୧୬୦/୯ (ସୋହେବ ଖାନ୍-୬୮, ଆଲିଶାନ ଶାରାଫୁ-୪୦ ; ଅଜମାତୁଲ୍ଲା ଓମାରଜାଇ ୪/୧୫)। **ଆଫଗାନିସ୍ତାନ:** ୧୯.୨ ଓଭରରେ ୧୬୨/୫ (ଇବ୍ରାହିମ୍ ଜାଦ୍ରାନ-୫୩ ; ଅଜମାତୁଲ୍ଲା ଓମାରଜାଇ-୪୦* ; ମହମ୍ମଦ ଆର୍ଫାନ-୨/୩୦, ଜୁନେଦ ସିଦ୍ଦିକି-୨/୨୩)।

## ଟି୨୦ ବିଶ୍ୱକପ୍

**(ଆଜିର ମ୍ୟାଚ୍)**

**କାନାଡ଼ା ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ: ଚେନ୍ନାଇ
ସମୟ: ପୂର୍ବାହ୍ନ ୧୧ଟା

**ଆୟର୍ଲାଣ୍ଡ ବନାମ ଜିମ୍ବାୱେ**
ସ୍ଥାନ: ପାଲିକେଲ
ସମୟ: ଅପରାହ୍ନ ୩ଟା

**ନେପାଳ ବନାମ ସ୍କଟଲାଣ୍ଡ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ଯୁବା ବାସ୍କେଟବଲ: କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର, ୧୬।୨ (ତପନ ସ୍ୱାଇଁ)**

ସନ୍‌ସାଇନ୍ ଯୁବା ସଙ୍ଗଠନ ଆନୁକୂଲ୍ୟରେ ଇନ୍ଦିରାପାର୍କ ପରିସରରେ ଚାଲିଥିବା ଓପନ ବାସ୍କେଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯଥାକ୍ରମେ ମେଟ୍ରୋ ୫୮-୫୬ରେ ଏମଏକୁ, ପୁରୀ ୬୫-୪୭ରେ ସିବିଏକୁ, ପୋଲିସ ଟିମ୍ ୫୯-୩୯ରେ ରିଜଲର୍ସକୁ ଏବଂ ବ୍ଲୁଲାଇନ୍ ୭୧-୫୪ରେ ଆରଏସପିକୁ ପରାସ୍ତ କରିଛି। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆଦିତ୍ୟ ଆର୍ଯ୍ୟ ସାହୁ, କର୍ପୋରେଟର ରାଜକିଶୋର ଦାସ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର, ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ସବ୍ୟସାଚୀ ଚକ୍ର, ସହିଦ ନଗର ଦୁର୍ଗାପୂଜା ସମିତିର ସଭାପତି ବିଶ୍ୱ ପ୍ରସାଦ ମହାନ୍ତି, ସମ୍ପାଦକ ହରିଶ ରଥ, ବିଶ୍ୱ ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ